52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 7/2026 | Page 16 | ₹ 7.00 | DHENKANAL
୫୨ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 101 | ମୂଲ୍ୟ ₹୭/-



## ୨୫୦ କୋଟିର ଭରଣପୋଷଣ

ରାଜନେତା ପାଲଟିଥିବା ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟ୍ ଛାଡ଼ପତ୍ର ପ୍ରସଙ୍ଗର ସୋହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଲାଗି ସ୍ତ୍ରୀ ସଙ୍ଗୀତା ସୋର୍ନାଲିଙ୍ଗମ୍‌ଙ୍କୁ ୨୫୦କୋଟି ଟଙ୍କା ଭରଣପୋଷଣ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି।

୦୨

୧୬

## ଆଇସିସି ଶର୍ଟ ଲିଷ୍ଟରେ ସାମସନ

ଟି୨୦ ବିଶ୍ୱକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଁ ଆଇସିସି ଶର୍ଟଲିଷ୍ଟରେ ସ୍ଥାନ ପାଇଛନ୍ତି ଭାରତୀୟ ବ୍ୟାଟର ସଞ୍ଜୁ ସାମସନ।



# ଉନ୍ନତି ପଥରେ ଡବଲ୍ ଇଞ୍ଜିନ ସରକାର: ଶାହା

## 'ଇଫ୍‌କୋର ନାନୋ ତରଳ ସାର ବିଦେଶକୁ ରପ୍ତାନି ହେବା ଗର୍ବର ବିଷୟ'



ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଶୁକ୍ରବାର ସଲ୍‌ଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ବିଶାଳ ଫୁଲହାର ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ପାରାଦୀପ,୬।୩ (ଶରତ ରାଉତ)**

୨୦୦୫ରେ ପାରାଦୀପର ଏକ ଘରୋଇ କମ୍ପାନୀଠାରୁ ଇଫ୍‌କୋ ଯେତେବେଳେ ସାର କାରଖାନାକୁ ୨୫୦୦ କୋଟି ଟଙ୍କାରେ କିଣିଥିଲା, ସେତେବେଳେ ବାର୍ଷିକ ଉତ୍ପାଦନ ଥିଲା ମାତ୍ର ୭.୫ ମିଲିୟନ ଟନ୍। ଏବେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୨୨ ଲକ୍ଷ ମେଟ୍ରିକ ଟନ୍। ବିଶ୍ୱର ପ୍ରଥମ ନାନୋ ତରଳ ସାର ଏହି କାରଖାନାରୁ ଉତ୍ପାଦନ ହେଉଛି। ଏବେ ବିଶ୍ୱର ଅନେକ ଦେଶକୁ ଇଫ୍‌କୋ ଏହି ନାନୋ ତରଳ ସାର ରପ୍ତାନି କଲାଣି। ଏହା ଆମ ଦେଶ ପାଇଁ ଗର୍ବର ବିଷୟ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀ ଶାହା ସଲ୍‌ଫ୍ୟୁରିକ ଏସିଡ୍ କାରଖାନା ୩ର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି। ଜୟ ଜଗନ୍ନାଥରୁ ଶାହା ତାଙ୍କ ଅଭିଭାଷଣ ଆରମ୍ଭ କରି କହିଛନ୍ତି, ସାଧାରଣ ନିର୍ବାଚନ ପରେ ଏହା ତାଙ୍କର ପ୍ରଥମ ସାର୍ବଜନିକ ଗସ୍ତ। ଏବେ ଡବଲ ଇଞ୍ଜିନ ସରକାର ଉନ୍ନତି ପଥରେ ଆଗେଇ ଚାଲିଛି। ଓଡ଼ିଶା ଦେଖୁଦେଖୁ ବିକଶିତ ହୋଇଯିବ ବୋଲି ସେ ଭରସା ଦେଇଛନ୍ତି।

ଶାହା ଆହୁରି କହିଛନ୍ତି ଯେ, ଓଡ଼ିଶାର ମାଟି ତଳେ ଅନେକ ସମ୍ପଦ ରହିଛି। ମହାନଦୀ ପାଖରେ ଉର୍ବର ଜମି, ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ଏବଂ ଚିଲିକା ରହିଛି। ନୂଆ ସରକାର ଏହାର ଭିତ୍ତିଭୂମିର ବିକାଶ ପାଇଁ ଖସଡ଼ା କଲେଣି। ଆସନ୍ତା ଦିନରେ ଗୁଜରାଟ ଭଳି ଓଡ଼ିଶାର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସିଇଓ ଅପେକ୍ଷାରେ**






ଦିଲ୍ଲୀରେ ଆଜି



ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ମହିଳା ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ସ୍ୱିଗି ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ 'ସି ଦି ଚେଞ୍ଜ୍-ଫ୍ରମ୍ ଭିଜନ ଟୁ ଭେଞ୍ଚର' ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

## ଓସ୍କାର ପୁରସ୍କାର ପ୍ରଦାନ ବେଳେ ଉପସ୍ଥାପିକା ହେବେ ପ୍ରିୟଙ୍କା ଚୋପ୍ରା

ଲସ୍ ଏଞ୍ଜେଲ୍ସ,୬।୩(ପି.ଟି.)

୯୮ତମ ଓସ୍କାର ପୁରସ୍କାର ବିତରଣ ଉତ୍ସବ ଓଭେଶନ ହଲିଉଡ୍‌ସ୍ଥିତ ଡୋଲ୍‌ବି ଥିଏଟର୍ସରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏବିସିରେ ମାର୍ଚ୍ଚ ୧୫ରେ ଏହାର ସିଧା ପ୍ରସାରଣ ହେବ। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଏହି ଉତ୍ସବରେ ଅନ୍ୟତମ ଉପସ୍ଥାପକ ଭାବେ ଉପସ୍ଥିତ ରହିବେ ବୋଲି ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ସହ ୱିଲ୍ ଆର୍ନେଟ୍, ରବର୍ଟ ଡାଉନି ଜୁନିୟର, ଆନ୍ନେ ହାଥାୱେ, ପଲ୍ ମେସ୍କାଲ ଏବଂ ଗିନେଥ୍ ପାଲ୍‌ଥ୍ରୋ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜକ ରାଜ କପୁର ପ୍ରମୁଖ ଉପସ୍ଥାପକ ଭାବେ ଯୋଗଦେବେ। ପ୍ରିୟଙ୍କା ପ୍ରଥମ ଥର ପାଇଁ ଓସ୍କାରରେ ଭାଗ ନେଉନାହାନ୍ତି। ୨୦୨୧ରେ ୯୩ତମ ଏକାଡେମୀ ପୁରସ୍କାର ପାଇଁ ସେ ଓ ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ମନୋନୀତ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିଥିଲେ।

ନିକଟରେ ସହଅଭିନେତା କାର୍ଲ ଉର୍ବାନ ଅଭିନୀତ 'ଦି ବ୍ଲଫ୍' ଚଳଚ୍ଚିତ୍ରରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସେ ଜନ୍ ଚେନା ଏବଂ ଇଦ୍ରିସ୍ ଏଲ୍‌ବାଙ୍କ ସହ 'ହେଡ୍ସ ଅଫ୍ ଷ୍ଟେଟ୍' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପ୍ରିୟଙ୍କା ହଲିଉଡ୍‌ରେ ଆମାଜନ୍‌ର ସ୍ପାଏ ଥ୍ରିଲର ସିରିଜ୍



'ସିଟାଡେଲ', 'ଦି ମାଟ୍ରିକ୍ସ ରିସରେକ୍ସନ୍ସ', 'ଲଭ୍ ଏଗେନ୍' ଏବଂ ଏବିସି ଥ୍ରିଲର ସିରିଜ୍ କ୍ୱାଣ୍ଟିକୋରେ ଅଭିନୟ କରିଥିଲେ। ଆଗାମୀ ଦିନରେ ସିଟାଡେଲ୍‌ର ଦ୍ୱିତୀୟ ସଂସ୍କରଣରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିବ।

## ବାଚସ୍ପତିଙ୍କ ବହିଷ୍କାର ପ୍ରସ୍ତାବ: କଂଗ୍ରେସ, ଭାଜପାର ହ୍ୱିଇପ୍ ଜାରି

ନୂଆଦିଲ୍ଲୀ,୬।୩

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବହିଷ୍କାର ପ୍ରସ୍ତାବ ଉପରେ ଆସନ୍ତା ସପ୍ତାହରେ ଆଲୋଚନା ହୋଇପାରେ। ଏଥିପାଇଁ ଲୋକ ସଭାରେ କଂଗ୍ରେସ ଏମ୍‌ପିମାନେ ମାର୍ଚ୍ଚ ୯ରୁ ୧୧ ଉପସ୍ଥିତ ରହିବା ପାଇଁ ଦଳ ପକ୍ଷରୁ ହ୍ୱିଇପ୍ ଜାରି କରାଯାଇଛି। ସେହିପରି ଭାଜପା ମଧ୍ୟ ଏହାର ସମସ୍ତ ଏମ୍‌ପିଙ୍କୁ ୯ ଓ ୧୦ ତାରିଖରେ ଉପସ୍ଥିତ ରହିବା ପାଇଁ ହ୍ୱିଇପ୍ ଜାରି କରିଛି।

ମାର୍ଚ୍ଚ ୯ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଅତ୍ୟନ୍ତ ପକ୍ଷପାତ ନୀତି ଆପଣାଉଥିବା ଅଭିଯୋଗରେ ବିର୍ଲାଙ୍କ ବହିଷ୍କାର ପାଇଁ ଗତ ମାସରେ ବିରୋଧୀ ଦଳଗୁଡ଼ିକ ନୋଟିସ ଦେଇଥିଲେ। ନିମ୍ନ ସଦନରେ ଆସନ୍ତା ୯ ତାରିଖରୁ ଉକ୍ତ ପ୍ରସ୍ତାବକୁ ଆଲୋଚନା ପାଇଁ ନିଆଯାଇପାରେ। ତେଣୁ ପ୍ରଥମ ୩ ଦିନ ଲୋକ ସଭାରେ ଏମ୍‌ପିମାନେ ନିଶ୍ଚିତ ଉପସ୍ଥିତ ରହିବା ପାଇଁ କଂଗ୍ରେସ ୩ ଧାଡ଼ିର ହ୍ୱିଇପ୍ ଜାରି କରିଛି। ନିମ୍ନ ସଦନରେ ସାଧାରଣ ସଂଖ୍ୟାଗରିଷ୍ଠତାରେ ବିଲ୍ ଗୃହୀତ ହେଲେ ବାଚସ୍ପତି ବହିଷ୍କୃତ ହୋଇପାରିବେ। ସମ୍ବିଧାନର ଅନୁଚ୍ଛେଦ ୯୪ସିରେ ଏହି ବ୍ୟବସ୍ଥା ରହିଛି। ତେବେ ବାଚସ୍ପତି ଗୃହରେ ନିଜ ସପକ୍ଷରେ ଯୁକ୍ତି ରଖିବାକୁ ଅନୁଚ୍ଛେଦ ୯୬ ଅନୁମତି ଦେଇଛି।

## ବାୟୁସେନା ବିମାନ ଦୁର୍ଘଟଣା: ୨ ପାଇଲଟ୍ ମୃତ





ନୂଆଦିଲ୍ଲୀ,୬।୩(ପି.ଟି.)

ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ଗୁରୁବାର ରାତିରେ ଆସାମର କାର୍ବି ଆଙ୍ଗଲଙ୍ଗ୍ ଜିଲାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ସ୍କ୍ୱାଡ୍ରନ୍ ଲିଡର ଅନୁଜ ଏବଂ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ପୂର୍ବେଶ ଦୁରାଗକର ପ୍ରାଣ ହରାଇଥିବା ବାୟୁସେନା ଶୁକ୍ରବାର ସ୍ପଷ୍ଟ କରିଛି। ଗୁରୁବାର ରାତିରେ ଜୋର୍‌ହାଟ ଏୟାରବେସ୍‌ରୁ ବିମାନଟି ପ୍ରଶିକ୍ଷଣ ଉଡ଼ାଣରେ ଯାଇଥିବାବେଳେ କିଛି ସମୟ ପରେ ରାଡାର ପରଦାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୂର୍ବେଶ ଦୁରାଗକର ଅପରେଶନ ସିନ୍ଦୂରରେ ଭାଗ ନେଇଥିଲେ। ପୂର୍ବେଶ ଜଣେ ଉତ୍ସର୍ଗୀକୃତ ଅଫିସର, ଯିଏ ନିଜ ଦେଶ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଥିଲେ ବୋଲି ତାଙ୍କ ବାପା ରବୀନ୍ଦ୍ର ଦୁରାଗକର ଗଣମାଧ୍ୟମକୁ କହିଛନ୍ତି। ୨ ପାଇଲଟ୍‌ଙ୍କ ମୃତ୍ୟୁରେ ବାୟୁସେନାର ସମସ୍ତ ଯବାନ ଶୋକବ୍ୟକ୍ତ କରିବା ସହ ଏହି ଦୁଃଖଦ ସମୟରେ ସେମାନଙ୍କ ପରିବାର ସହ ଦୃଢ଼ ଭାବେ ଛିଡ଼ାହେବେ ବୋଲି କହିଛନ୍ତି।

# ଇରାନ୍‌ର ଆତ୍ମସମର୍ପଣ ଲୋଡ଼ିଲେ ଟ୍ରମ୍ପ

## ତେହରାନ୍, ବେରୁଟ୍ ଆକାଶରେ ଇସ୍ରାଏଲୀ ଯୁଦ୍ଧବିମାନ

**ଇରାନ୍ ରାଜଧାନୀ ତେହରାନ୍ ଓ ଲେବାନନ୍ ରାଜଧାନୀ ବେରୁଟ୍ ଆକାଶରେ ଉଡ଼ୁଛି ଇସ୍ରାଏଲୀ ଯୁଦ୍ଧବିମାନ। ଯେଉଁଠି ଆବଶ୍ୟକ ସେଇଠି ଖସୁଛି ମିଶାଇଲ୍, ବର୍ଷୁଛି ବୋମା। ଯୁଦ୍ଧର ସପ୍ତମ ଦିନରେ ଇସ୍ରାଏଲ୍ ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଇରାନ୍‌ର ଦୁଃସାହିକ ପଦକ୍ଷେପ ବିରୋଧରେ ଏହା ହେଉଛି ସଦ୍ୟ ଘଟଣାକ୍ରମ। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ସହ ଆଲୋଚନା କରିବାକୁ ମନା କରିଦେଇଛନ୍ତି। ଏଥିସହ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ସେ ତେହରାନ୍‌କୁ ଆହ୍ୱାନ ଦେଇଛନ୍ତି।**

ୱାଶିଂଟନ୍/ଦୁବାଇ,୬।୩

ଇରାନ୍ ବିରୋଧୀ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଇରାନ୍‌ର ନିଃସର୍ତ୍ତ ଆତ୍ମସମର୍ପଣ ଦାବି କରିଛନ୍ତି। ତେହରାନ୍ ଆତ୍ମସମର୍ପଣ ନ କଲେ ଯୁଦ୍ଧର ପରିସମାପ୍ତି ପାଇଁ ଆଲୋଚନା କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯୁଦ୍ଧାବସାନ ପାଇଁ ପ୍ରଥମ କୂଟନୈତିକ ପ୍ରୟାସ ସ୍ୱରୂପ କେତେକ ରାଷ୍ଟ୍ର ପକ୍ଷରୁ ମଧ୍ୟସ୍ଥତା ଉଦ୍ୟମ ଆରମ୍ଭ ହୋଇଥିବା ନେଇ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍ ଘୋଷଣା କରିବା ପରେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି, ନିଃସର୍ତ୍ତ ଆତ୍ମସମର୍ପଣ ବିନା ଇରାନ୍ ସହ କୌଣସି ଡିଲ୍ ହେବନାହିଁ। ଆତ୍ମସମର୍ପଣ ପରେ ଇରାନ୍‌ରେ ସମସ୍ତଙ୍କ ପାଇଁ ଜଣେ ମହାନ୍ ଓ ଗ୍ରହଣୀୟ ନେତା ଅବସ୍ଥାପିତ ହେବେ। ସେହି ନେତା ଧ୍ୱଂସାଭିମୁଖୀ ଇରାନ୍‌କୁ ବିକାଶ ଦିଗରେ ଅଗ୍ରସର କରାଇବେ। ଇରାନ୍ ଆର୍ଥିକ ଦୃଷ୍ଟିରୁ ଆହୁରି ବଡ଼, ଉନ୍ନତ ଓ ଶକ୍ତିଶାଳୀ ହୋଇ ଉଭା ହେବ, ଯାହାକି ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଏହା ପୂର୍ବରୁ ଟ୍ରମ୍ପ ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁଅ ମୋଜ୍‌ତାବା ଖାମେନେଇଙ୍କୁ ସୁପ୍ରିମ ଲିଡର କରାଯିବା ପ୍ରସ୍ତାବକୁ ଖାରଜ କରିସାରିଛନ୍ତି।

### ବୃହତ୍ ମାନବୀୟ ଏମର୍ଜେନ୍ସି ଘୋଷଣା କଲା ଜାତିସଂଘ

ସେପଟେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଲେବାନନ୍‌ବାସୀଙ୍କୁ ବେରୁଟ୍ ଖାଲି କରିବାକୁ ଆହ୍ୱାନ ଦେବା ସହ ସମ୍ପୃକ୍ତ ଅଞ୍ଚଳରେ ବଡ଼ଧରଣର ଆକ୍ରମଣ କରିଛି। ସେହିପରି ଇରାନ୍‌କୁ ମଧ୍ୟ ଆହୁରି ୫୦ ଯୁଦ୍ଧବିମାନ ପଠାଇଛି। ଇରାନ୍ ଆକ୍ରମଣର ଜବାବ ଦେବାକୁ ଯାଇ ଆମେରିକା ଓ ଇସ୍ରାଏଲ୍ ତେହରାନ୍‌ର ସାମର୍ଥ୍ୟ, ନେତୃତ୍ୱ ଓ ଆଣବିକ କାର୍ଯ୍ୟକ୍ରମକୁ ଟାର୍ଗେଟ କରିଥିବାବେଳେ ଯୁଦ୍ଧର ପରିସୀମା ବଢ଼ିବାରେ ଲାଗିଛି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇଛି। ଏହା ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକୁ ଧରାଶାୟୀ କରିଦେବ ବୋଲି କାତାର ଶକ୍ତିମନ୍ତ୍ରୀ ସାଦ୍ ଅଲ୍-କାବି ସତର୍କ କରାଇଛନ୍ତି। ଉପସାଗରୀୟ କ୍ଷେତ୍ରରୁ ଶକ୍ତି ରପ୍ତାନି ବନ୍ଦ ହୋଇଗଲେ ତୈଳ ବ୍ୟାରେଲ ପିଛା ୧୫୦ ଆମେରିକୀୟ ଡଲାରରେ ପହଞ୍ଚିବ। ଯୁଦ୍ଧ ତତ୍କାଳ ବନ୍ଦ ହେଲେ ମଧ୍ୟ ତୈଳ ଦର ସ୍ୱାଭାବିକ ହେବା ପାଇଁ ୨ ସପ୍ତାହ ଲାଗିଯିବ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଇରାନ୍ ପକ୍ଷରୁ ଇସ୍ରାଏଲ୍ ସମେତ କୁଏଟ୍, କାତାର, ସାଉଦି ଆରବ ଓ ବାହାରିନ୍‌ରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକରେ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣ କରାଯାଇଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ୍‌ରେ ୧,୨୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଲେବାନନ୍‌ରେ ମୃତ୍ୟୁସଂଖ୍ୟା ୧୨୦ରୁ ଅଧିକ ରହିଛି। ଏଥିରେ ୬ ଆମେରିକୀୟ ସୈନ୍ୟ ନିହତ ହୋଇଛନ୍ତି। ଏଭଳି ସ୍ଥିତିରେ ଜାତିସଂଘ ମାନବ ଅଧିକାର ହାଇକମିଶନ୍ ଭୋଲ୍‌କର ତୁର୍କ ଉତ୍ତେଜନା ହ୍ରାସ ସହ ସଂଯମ ହେବାକୁ ସବୁ ସମ୍ପୃକ୍ତ ଦେଶକୁ ପରାମର୍ଶ ଦେଇଛନ୍ତି। ଏହିଅଗ୍ନି ତୁରନ୍ତ ନିର୍ବାପନ ହେବା ବିଶ୍ୱ ତତ୍କାଳ ଦେଖିବାକୁ ଚାହେଁ ବୋଲି ସେ କହିଛନ୍ତି। ଇରାନରେ ଏକ ବଡ଼ ଧରଣର ମାନବୀୟ ସଙ୍କଟପୂର୍ଣ୍ଣ ସ୍ଥିତି ଉପୁଜିଥିବା ଜାତିସଂଘ ଶରଣାର୍ଥୀ ଏଜେନ୍ସି (ୟୁଏନ୍‌ଏଚ୍‌ସିଆର୍) ପକ୍ଷରୁ ଘୋଷଣା କରାଯାଇଛି।



ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ଲେବାନନ୍‌ର ସିଡୋନ୍ ସହରସ୍ଥିତ ଏକ କୋଠାର ଭଙ୍ଗାକାଚ ଫାଙ୍କରୁ ଦୃଶ୍ୟମାନ ସ୍ଥାନୀୟ ସୁରକ୍ଷା ବଳ।

## ପଶ୍ଚିମ ଏସିଆ ସ୍ଥିତି ଉପରେ ସଂସଦରେ ଆଲୋଚନା ହେଉ: କଂଗ୍ରେସ

ନୂଆଦିଲ୍ଲୀ,୬।୩(ପି.ଟି.)


ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାର ଆରମ୍ଭ ହେଉଥିବାବେଳେ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ସ୍ୱଳ୍ପ ସମୟ ଆଲୋଚନା ପାଇଁ ଶୁକ୍ରବାର କଂଗ୍ରେସ ଦାବି କରିଛି। ସରକାରଙ୍କ ତରଫରୁ ଦିଆଯାଇଥିବା ସ୍ୱତଃପ୍ରବୃତ୍ତ ବିବୃତି ଯଥେଷ୍ଟ ହେବ ନାହିଁ ବୋଲି ବିରୋଧୀ ଦଳ କହିଛି। କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ ଗଣମାଧ୍ୟମକୁ କହିଛନ୍ତି, ନରେନ୍ଦ୍ର ମୋଦି ସରକାରଙ୍କ ଆଜିର ଆଭିମୁଖ୍ୟ ସଙ୍କୁଚିତ ହୋଇଛି, ଯାହାକି ପୂର୍ବରୁ କେବେ ଏଭଳି ଦୁର୍ବଳ ନ ଥିଲା। ସରକାର ଭାରତକୁ କେବଳ ଆମେରିକାର ନୁହେଁ, ଇସ୍ରାଏଲ୍ ଅଧୀନରେ ଗୌଣ ଭୂମିକା ନିଭାଇବାକୁ ବାଧ୍ୟ କରିଥିବା ଜୟରାମ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ୧୭ କାର୍ଯ୍ୟଦିବସ ଥିବାବେଳେ ଅର୍ଥ ବିଲ୍ ଏବଂ ବିନିଯୋଗ ବିଧେୟକ ଉପରେ ଆଲୋଚନା ହେବ। ଏହା ବ୍ୟତୀତ ୪/୫ଟି ମନ୍ତ୍ରଣାଳୟର କାର୍ଯ୍ୟ ପରିଚାଳନା ଉପରେ ମଧ୍ୟ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା, ରୁଷିଆରୁ ତୈଳ କିଣାକୁ ନେଇ ଆମେରିକାର କ୍ରମାଗତ ବ୍ଲାକ୍‌ମେଲ୍, ଇରାନ ସୁପ୍ରିମ ଲିଡରଙ୍କୁ ହତ୍ୟା ଆଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି।

## ନିଖୋଜ ଏପ୍‌ଷ୍ଟିନ୍ ଫାଇଲ୍ ଜାରି

### ଟ୍ରମ୍ପଙ୍କ ବିରୋଧରେ ନାବାଳିକା ଯୌନ ନିର୍ଯାତନା ଅଭିଯୋଗ

ୱାଶିଂଟନ,୬।୩

ଯୌନ କେଲେଙ୍କାରୀ ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ସମ୍ପୃକ୍ତ କେତେକ ନିଖୋଜ ଦସ୍ତାବିଜ୍‌କୁ ଆମେରିକା ନ୍ୟାୟ ବିଭାଗ ଗୁରୁବାର ଜାରି କରିଛି। ସେଥିରେ ଜଣେ ଅଜଣା ମହିଳାଙ୍କ ସହ ସାକ୍ଷାତ୍‌କାରର ଏଫ୍‌ବିଆଇ ରେକର୍ଡ ରହିଛି। ମହିଳା ଜଣକ ନାବାଳିକା ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ପୂର୍ବରୁ ଜାରି ହୋଇଥିବା ଏପ୍‌ଷ୍ଟିନ୍ ଫାଇଲ୍‌ରୁ ଉକ୍ତ ଦସ୍ତାବିଜ୍ ଗାଏବ ହୋଇଯାଇଥିଲା। ମହିଳା ଜଣକ ୨୦୧୯ରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)କୁ ସାକ୍ଷାତ୍‌କାର ଦେଇ କହିଥିଲେ, ତାଙ୍କ ବୟସ ୧୩ରୁ ୧୫ ବର୍ଷ ହୋଇଥିବାବେଳେ ନ୍ୟୁୟର୍କ କିମ୍ବା ନ୍ୟୁଜର୍ସିରେ ଏପ୍‌ଷ୍ଟିନ୍ ତାଙ୍କୁ ଟ୍ରମ୍ପଙ୍କ ସହ ପରିଚିତ କରାଇଥିଲେ। ଏହା ପରେ ଟ୍ରମ୍ପ ଏବଂ ଏପ୍‌ଷ୍ଟିନ୍ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଟ୍ରମ୍ପ ମୁଖ ମୈଥୁନ କରିବାକୁ ବାଧ୍ୟ କରିବାରୁ ସେ ତାଙ୍କୁ କାମୁଡ଼ି ଦେଇଥିଲେ ବୋଲି ମହିଳା ଜଣକ ସାକ୍ଷାତ୍‌କାରରେ କହିଥିଲେ। ତାଙ୍କୁ ନୀରବ ରହିବା ପାଇଁ କେତେବର୍ଷ ପର୍ଯ୍ୟନ୍ତ ଧମକପୂର୍ଣ୍ଣ ଫୋନ୍‌କଲ୍ ଆସୁଥିଲା। ଏହିସବୁ ଧମକ ସହ ଏପ୍‌ଷ୍ଟିନ୍ ସମ୍ପୃକ୍ତ ଥିବା ସେ ବିଶ୍ୱାସ କରନ୍ତି ବୋଲି ମହିଳା ଜଣକ କହିଥିଲେ। ତେବେ ଅଭିଯୋଗକୁ ଟ୍ରମ୍ପ ଖଣ୍ଡନ କରିବା ସହ ସେ କୌଣସି ଭୁଲ୍ କରି ନ ଥିବା କହିଆସୁଥିଲେ।



ଜେଫ୍ରି ଏପ୍‌ଷ୍ଟିନ୍

## ୨୫୦ କୋଟିର ଭରଣପୋଷଣ



ଥାଲାପତି ବିଜୟ

ମୁମ୍ବାଇ

ରାଜନେତା ପାଲଟିଥିବା ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟ ଏବଂ ସ୍ତ୍ରୀ ସଙ୍ଗୀତା ସୋର୍ନାଲିଙ୍ଗମଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଜୋର୍ ଧରିଛି। ସଙ୍ଗୀତା ସମ୍ପ୍ରତି ଚେଙ୍ଗଲପଟ୍ଟୁ ପରିବାର କୋର୍ଟରେ ସେମାନଙ୍କ ବୈବାହିକ ଜୀବନର ସମସ୍ୟା ସମ୍ପର୍କିତ ଅଭିଯୋଗ ଆଣି ଛାଡ଼ପତ୍ର ଆବେଦନ କରିଛନ୍ତି। ବିଜୟ କୋର୍ଟରୁମ୍ ବାହାରେ ଏହି ମାମଲାକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ କରିବାକୁ ଚାହୁଁଛନ୍ତି। ସେ ସଙ୍ଗୀତାଙ୍କୁ ୨୫୦ କୋଟି ଟଙ୍କା ଭରଣପୋଷଣ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ସଙ୍ଗୀତାଙ୍କ ଆବେଦନରେ ବିଜୟଙ୍କ ନାଁରେ ଅନେକ ଗମ୍ଭୀର ଅଭିଯୋଗ ଅଣାଯାଇଛି। ଏଥିରେ ଜଣେ ଅଭିନେତ୍ରୀଙ୍କ ସହିତ ସମ୍ପର୍କ ଥିବା ଅଭିଯୋଗ ମଧ୍ୟ ରହିଛି। ସଙ୍ଗୀତା ଗତ ଦୁଇ ବର୍ଷ ଧରି ବିଜୟଙ୍କଠାରୁ ଅଲଗା ରହୁଛନ୍ତି। ବିଜୟଙ୍କ ପ୍ରସ୍ତାବ ସୂଚାଇ ଦେଉଛି ଯେ, ସେ ଏହି ମାମଲାକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ବିନା ବ୍ୟକ୍ତିଗତ ଭାବରେ ସମାଧାନ କରିବାକୁ ଚାହାନ୍ତି। ଛାଡ଼ପତ୍ର ମାମଲାରେ ପ୍ରାୟତଃ ଭରଣପୋଷଣ ବିବାଦ ଲମ୍ବିଥାଏ, କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସହିତ ସମସ୍ତଙ୍କ ନଜର ସଙ୍ଗୀତାଙ୍କ ପ୍ରତିକ୍ରିୟା ଏବଂ ପରବର୍ତ୍ତୀ ଆଇନଗତ ନିଷ୍ପତ୍ତି ଉପରେ ରହିଛି।



କଟକ ଖାନ୍‌ନଗରସ୍ଥିତ ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠର ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହ ମରାମତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର ଓ ଅଭିଭାବକ ଖାନ୍‌ନଗର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଗାଁଦାଣ୍ଡରେ ଛାତ୍ରୀଙ୍କୁ ବ୍ଲେଡ୍‌ରେ ଗଳା କାଟି ହତ୍ୟା ଉଦ୍ୟମ

### ଯୁକ୍ତ୨ ପରୀକ୍ଷା ଦେବାକୁ ଯାଉଥିବାବେଳେ ଅଘଟଣ

ଗୋପ,୬।୩(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁରସାହି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଦାଣ୍ଡରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଦ୍ୱାରା ହତ୍ୟା ଉଦ୍ୟମ କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରେ ନାଗପୁରସାହି ଗ୍ରାମର ଚରଣ ବିଶ୍ୱାଳଙ୍କ ଝିଅ ରାନୀ ବିଶ୍ୱାଳ (୧୭) ଗୋପ ମହାବିଦ୍ୟାଳୟକୁ ଯୁକ୍ତଦୁଇ ବାର୍ଷିକ ପରୀକ୍ଷା ଦେବାକୁ ସାଇକେଲ ଯୋଗେ ବାହାରିଥିଲେ। ସେ ନିଜ ଘରଠାରୁ ମାତ୍ର ୩ ଶହ ମିଟର ଦୂରରେ ପହଞ୍ଚିଥିବା ବେଳେ କୁହୁଡ଼ିର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କୁ ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ବେକ, ଅଣ୍ଟା, ପିଠି ଆଦି ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ମୁଗୁରିଆସାହି ଗ୍ରାମ ନିକଟରେ ମାତ୍ର ଦୁଇ ମିନିଟ ମଧ୍ୟରେ ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଆକ୍ରମଣ ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ଦେଖି ପାଟି କରିବାରୁ ଅଭିଯୁକ୍ତଜଣଙ୍କ ମୋଟରସାଇକେଲ ଯୋଗେ ଫେରାର ହୋଇଯାଇଥିଲେ। ଖବର ପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ରାନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଏହି ଘଟଣା ଯୋଗୁ ରାନୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାବେଳେ ସେ ପଦାର୍ଥ ବିଜ୍ଞାନ ପରୀକ୍ଷା ଦେଇପାରିନାହାନ୍ତି। ପୋଲିସ ଚରଣଙ୍କ ଅଭିଯୋଗ ଭିତ୍ତିରେ ଏକ କେସ୍ (ନଂ. ୭୭/୨୬) ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଉପରୁ ପରଦା ଉଠିପାରି ନ ଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

# ଭାରତକୁ ରୁଷୀୟ ତୈଳ କିଣିବାକୁ ଅନୁମତି

**ରୁଷିଆରୁ ଭାରତ ତୈଳ କିଣିବାକୁ ଆମେରିକା ୩୦ ଦିନ ପାଇଁ ଅନୁମତି ଦେଇଛି। ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି, ଯେଉଁଥିରେ ଭାରତକୁ ଅନୁମତି ଲୋଡ଼ିବାକୁ ପଡ଼ିଛି। ପୂର୍ବରୁ ରୁଷିଆଠାରୁ ଭାରତ ତେଲ କିଣି ଆସୁଥିଲା। କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଜାରି ରହିଥିବାରୁ ଭାରତ ମସ୍କୋରୁ ତେଲ କିଣି ଯୁଦ୍ଧ ଅପରାଧରେ ସାମିଲ ହେଉଥିବା ଅଭିଯୋଗ ଆଣି ନୂଆଦିଲ୍ଲୀ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇଥିଲା। ଇତିମଧ୍ୟରେ, ଆମେରିକା ଚାପରେ ଭାରତ ସମ୍ପୂର୍ଣ୍ଣ ଭାବେ ରୁଷିଆଠାରୁ ତେଲ କିଣିବା ବନ୍ଦ କରିଦେଇଥିବା ଏବର ଅନୁମତିରୁ ବୁଝାପଡୁଛି। ପୂର୍ବରୁ ସମ୍ଭବତଃ ଏଭଳି ଦୁର୍ବଳତା ଭାରତରେ ଦେଖାଦେଇ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଯଦି ୩୦ ଦିନ ମଧ୍ୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ହୋଇ ତେଲ କାରବାର ସାଧାରଣ ହେବ ନାହିଁ, ତେବେ ଭାରତ ଏହି ଅନୁମତିର ଅବଧି ବୃଦ୍ଧି ପାଇଁ ପୁଣି ଆମେରିକାକୁ ଅନୁମତି ମାଗିବାକୁ ପଡ଼ିପାରେ ବୋଲି ଆଶଙ୍କା ସୃଷ୍ଟି ହେଉଛି।**

ନ୍ୟୁୟର୍କ/ନୂଆଦିଲ୍ଲୀ,୬।୩ (ପି.ଟି./ରଏଟର୍ସ)

ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁ ଭାରତ ଦୈନିକ ଅନେକ ନିୟୁତ ବ୍ୟାରେଲ ରୁଷୀୟ କ୍ରୁଡ୍ ଅଏଲ୍ କିଣୁଛି। ଇରାନ୍ ସହ ଘମାଘୋଟ ଲଢ଼େଇ ଜାରି ରଖିଥିବା ଆମେରିକା ଶୁକ୍ରବାର ଭାରତକୁ ରୁଷୀୟ ତୈଳ କ୍ରୟ ପାଇଁ ୩୦ ଦିନ ଲାଗି ଅନୁମତି ଦେଇଛି। ଏହି ସାମୟିକ ରିହାତି ପ୍ରଦାନ ସମ୍ପର୍କରେ ଆମେରିକା ଟ୍ରେଜେରି ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକ୍‌ମେଲ୍ କରୁଥିବା ଦର୍ଶାଇ ବିରୋଧୀ କଂଗ୍ରେସ ସମାଲୋଚନା କରିଛି।

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଇରାନ୍ ଏହାର ଜବାବ ଦେବାକୁ ଯାଇ ମଧ୍ୟପ୍ରାଚ୍ୟର ବିଭିନ୍ନ ରାଷ୍ଟ୍ରରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଆକ୍ରମଣ କରିଚାଲିଛି। ଏହି ଭୟାବହ ସଂଘର୍ଷ ଯୋଗୁ ମଧ୍ୟପ୍ରାଚ୍ୟର ତୈଳ ପ୍ରାଚୁର୍ଯ୍ୟ ଅଞ୍ଚଳରୁ ଭାରତକୁ କ୍ରୁଡ୍ ଆମଦାନୀ ବହୁଳ ପ୍ରଭାବିତ ହୋଇଛି। ବିଶେଷକରି ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଓ ପେଟ୍ରୋଲିୟମ୍ ଉତ୍ପାଦ ମହଙ୍ଗା ହେବା ଆଶଙ୍କା ଉପୁଜିଛି। ସମ୍ପ୍ରତି ଭାରତରେ ୭୫ ଦିନର ଘରୋଇ ଆବଶ୍ୟକତା ପୂରଣ କରିହେବା ଭଳି ତୈଳ ମହଜୁଦ ଥିବା ସରକାରୀ ସୂତ୍ରରୁ ପ୍ରକାଶ। ଗଚ୍ଛିତ ତୈଳ ଶେଷ ହୋଇଯିବା ପରେ ପୁଣି ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଚଢ଼ା ଦରରେ କ୍ରୁଡ୍ କିଣାଗଲେ ଭାରତର ସାଧାରଣ ଉପଭୋକ୍ତାଙ୍କ ଉପରେ ବୋଝ ବଢ଼ିଯିବ। ଏଥିଯୋଗୁ ସାଧାରଣ ପରିବହନ ସହ ଅନ୍ୟ ଆବଶ୍ୟକ ସାମଗ୍ରୀଗୁଡ଼ିକ ମଧ୍ୟ ମହଙ୍ଗା ହୋଇଯିବ। ଏଭଳି ସ୍ଥିତିରେ ଆମେରିକା ଭାରତକୁ ଦୟା କଲା ଭଳି ଏକ ପଦକ୍ଷେପ ନେଇଛି। ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତି କାର୍ଯ୍ୟସୂଚୀ (ଏନର୍ଜି ଏଜେଣ୍ଡା) ତୈଳ ଓ ବାଷ୍ପ ଉତ୍ପାଦନକୁ ସର୍ବୋଚ୍ଚ ସ୍ତରକୁ ନେଇଯାଇଛି। ବିଶ୍ୱ ବଜାରକୁ ତୈଳର ସ୍ରୋତ ଅବ୍ୟାହତ ରଖିବା ପାଇଁ ଟ୍ରେଜେରି ବିଭାଗ ପକ୍ଷରୁ ଏକ ଅସ୍ଥାୟୀ ୩୦ ଦିନିଆ ଆଶ୍ୱସ୍ତି ଦିଆଯାଇଛି। ଏହାଦ୍ୱାରା ଭାରତୀୟ ରିଫାଇନର୍ସ ଆସନ୍ତା ୩୦ ଦିନ ଧରି ରୁଷୀୟ ତୈଳ କ୍ରୟ କରିପାରିବେ। ତେବେ ଏହି ସୁଚିନ୍ତିତ ଓ ସ୍ୱଳ୍ପକାଳୀନ ପଦକ୍ଷେପ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ରୁଷିଆକୁ ଇନ୍ଧନ ଯୋଗାଇବ ନାହିଁ। ଏଥିରୁ ରୁଷିଆ ବିଶେଷ ଆର୍ଥିକ ଲାଭ ପାଇପାରିବ ନାହିଁ। କାରଣ ସମୁଦ୍ରରେ ଫସିରହିଥିବା ଜାହାଜଗୁଡ଼ିକରେ ଥିବା ତୈଳକୁ ହିଁ ଅନୁମତି ଦିଆଯାଇଛି। ଭାରତ ଆମେରିକାର ଏକ ଅପରିହାର୍ଯ୍ୟ ସହଯୋଗୀ। ନୂଆଦିଲ୍ଲୀ ଆମେରିକାଠାରୁ ତୈଳ କ୍ରୟର ପରିମାଣ ବୃଦ୍ଧି କରିବ ବୋଲି ଆମେ ଆଶାବାଦୀ। ଇରାନ୍ ଯେପରି ଭାବେ ଗ୍ଲୋବାଲ ଏନର୍ଜିକୁ ପଣବନ୍ଦୀ କରିବାକୁ ଉଦ୍ୟମ ଚଳାଇଥିଲା, ୱାଶିଂଟନ୍‌ର ଏହି ପଦକ୍ଷେପ ଯୋଗୁ ତାହା ସଫଳ ହୋଇପାରିବ ନାହିଁ ବୋଲି ବେସେଣ୍ଟ Xରେ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃଆରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଏହା ପରଠୁ ଭାରତ ରୁଷିଆଠାରୁ ରିହାତି ମୂଲ୍ୟରେ କ୍ରୁଡ୍ ଅଏଲ୍ କିଣିବା ବଢ଼ାଇଦେଇଥିଲା। ରୁଷିଆ କ୍ରୁଡ୍ ବିକ୍ରିରୁ ପାଉଥିବା ଅର୍ଥକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ଲଗାଉଥିବା ଟ୍ରମ୍ପ୍ ଅଭିଯୋଗ ଆଣିବା ସହ ଭାରତ ଉପରେ ୨୦୨୫ ଅଗଷ୍ଟରେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ସନ୍ତୁଳନ ବଜାୟ ରଖିବା ପାଇଁ ଟ୍ରମ୍ପ୍ ନରମ ଆଭିମୁଖ୍ୟ ଦେଖାଇଛନ୍ତି। ତେବେ ଏହି 'ଅଥରାଇଜିଂ ଦି ଡେଲିଭରି ଆଣ୍ଡ ସେଲ୍ ଅଫ୍ କ୍ରୁଡ୍ ଅଏଲ୍ ଆଣ୍ଡ ପେଟ୍ରୋଲିୟମ୍ ପ୍ରଡକ୍ଟସ ଅଫ୍ ରଷିଆନ୍ ଫେଡେରେଶନ୍ ଅରିଜିନ୍ ଲୋଡେଡ୍ ଅନ୍ ଭେସେଲ୍ସ ଆଜ୍ ଅଫ୍ ମାର୍ଚ୍ଚ ୫, ୨୦୨୬ ଟୁ ଇଣ୍ଡିଆ' ଶୀର୍ଷକ ବିବୃତିରେ ରୁଷିଆ ସହ ଭାରତର ଅନ୍ୟ ତୈଳ କାରବାର ଉପରେ ରୋକ ଲଗାଯାଇଛି।

ଭାରତ କେଉଁ ଦେଶରୁ ତୈଳ କିଣିବ ତାହା ସମ୍ପୂର୍ଣ୍ଣ ଭାବେ ନୂଆଦିଲ୍ଲୀ ଉପରେ ନିର୍ଭରକରେ। କିନ୍ତୁ ଆମେରିକା ଗୋଟିଏ ଯୁଦ୍ଧ ଆଳରେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଦଣ୍ଡାତ୍ମକ ଶୁଳ୍କ କଷିବା ଏବଂ ଆଉ ଗୋଟିଏ ଯୁଦ୍ଧ ଭିତ୍ତିରେ ସେହି କ୍ରୟ ପାଇଁ ପୁନଃ ଅନୁମତି ଦେବା ପ୍ରଥମ ଘଟଣା। ପୂର୍ବରୁ କେବେ ଏପରି ଦେଖାଯାଇ ନ ଥିଲା। ତେଣୁ ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇନାହାନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ଭାରତର ସାମ୍ପ୍ରତିକ ବହିର୍ବ୍ୟାପାର ନୀତି ହେଉଛି ଜଣେ ସାଲିସକାରୀଙ୍କ ଶୋଷଣର ପରିଣାମ। ଭାରତର ବହିର୍ବ୍ୟାପାର ନୀତି ଆମ ଇତିହାସ, ଭୂଗୋଳ ଓ ସତ୍ୟ-ଅହିଂସା ଆଧାରିତ ଆଧାତ୍ମିକତା ସହ ଜଡ଼ିତ। କିନ୍ତୁ ଆଜି ତାହା ସାଲିସକାରୀ ବ୍ୟକ୍ତିଙ୍କ ଯୋଗୁ ହୁଗୁଳା ହୋଇଯାଇଛି। ଆମେ କେଉଁଠୁ ତେଲ କିଣିବା ବା ନ କିଣିବା ତାହା ଆମ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବା ପରିବର୍ତ୍ତେ ଆମେରିକା ଆମକୁ ନିର୍ଦ୍ଦେଶ ଦେବା ବିଷୟରୁ ଏହା ସ୍ପଷ୍ଟ ହୋଇଯାଇଛି। ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ବେଳେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉ ବୋଲି କଂଗ୍ରେସ ଦାବି କରିଛି।

## ଦୁଇଦିନ ବର୍ଷା ସହ ଝଡ଼ତୋଫାନ ସମ୍ଭାବନା

ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)

ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳୁ ପ୍ରବଳ ଖରା ସହ ମଧ୍ୟାହ୍ନରୁ ଝାଞ୍ଜି ପବନ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଇତିମଧ୍ୟରେ ପାରଦ ୩୯ ଡିଗ୍ରୀ ଡେଇଁଥିବାବେଳେ ଆଗାମୀ ୩ଦିନ ମଧ୍ୟରେ ଆହୁରି ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏପରିସ୍ଥିତିରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଏକ ଘୂର୍ଣ୍ଣବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରବିବାର ଓ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଝଡ଼ତୋଫାନ ସମ୍ଭାବନା ରହିଛି। ବର୍ଷା, ବିଜୁଳି, ଘଡ଼ଘଡ଼ି ଏବଂ ପବନ ବହିବା ନେଇ ମଧ୍ୟ ସୂଚନା ଜାରି କରାଯାଇଛି। ବିଶେଷକରି ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାରେ ବିଜୁଳି ଘଡ଼ଘଡ଼ି ମାରିବା ସହିତ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଏବଂ ମାଲକାନଗିରି ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାକୁ କୁହୁଡ଼ି ନେଇ ସତର୍କ ସୂଚନା ଦିଆଯାଇଛି। ☞ପୃଷ୍ଠା-୭

# ଅନୁଜ ଅଗ୍ନିହୋତ୍ରୀ ଟପ୍ପର

### ସିଭିଲ ସର୍ଭିସ୍ ପରୀକ୍ଷା


ଅନୁଜ ଅଗ୍ନିହୋତ୍ରୀ

ନୂଆଦିଲ୍ଲୀ,୬।୩(ପି.ଟି.)

୨୦୨୫ର ସିଭିଲ ସର୍ଭିସ୍ ପରୀକ୍ଷାରେ ଏମ୍‌ବିବିଏସ୍ ସ୍ନାତକ ଅନୁଜ ଅଗ୍ନିହୋତ୍ରୀ ଟପ୍ପର ହୋଇଛନ୍ତି। କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଶୁକ୍ରବାର ଫଳାଫଳ ଘୋଷଣା କରାଯାଇଛି। ରାଜେଶ୍ୱରୀ ସୁଭେ ଏମ୍ ଏବଂ ଆକାଂଶ ଧୁଲେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପରୀକ୍ଷାରେ ମୋଟ ୯୫୮ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କୁ ବିଭିନ୍ନ କେନ୍ଦ୍ରୀୟ ସିଭିଲ ସର୍ଭିସ୍‌ରେ ନିଯୁକ୍ତି ପାଇଁ ସୁପାରିସ୍ କରାଯାଇଥିବା କମିଶନ କହିଛି। ସିଭିଲ ସର୍ଭିସ୍ ପରୀକ୍ଷା ପ୍ରତିବର୍ଷ ୩ଟି ପର୍ଯ୍ୟାୟ ଯଥା ପ୍ରିଲିମିନାରି, ମେନ୍ ଏବଂ ଇଣ୍ଟରଭ୍ୟୁରେ ହୋଇଥାଏ ଏବଂ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଏବଂ ଭରତୀୟ ପୋଲିସ ସେବା (ଆଇପିଏସ୍) ☞ପୃଷ୍ଠା-୭


ସାତ୍ତ୍ୱିକ୍ ସତ୍ୟକାମ ଦେବତା

## ସାତ୍ତ୍ୱିକ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୬।୩ (ସୁଚିସ୍ମିତା ସାହୁ)

ୟୁପିଏସ୍‌ସି ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ରେ ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ ଦେବତା ସର୍ବଭାରତୀୟସ୍ତରରେ ୧୦୦ତମ ସ୍ଥାନରେ ରହି ରାଜ୍ୟ ଟପ୍ପର ହୋଇଛନ୍ତି। ଓଡ଼ିଶାରୁ ୧୩ ଜଣରୁ ଅଧିକ ପରୀକ୍ଷାର୍ଥୀ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ଟପ୍ପର ହୋଇଥିବା ସାତ୍ତ୍ୱିକ ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଛାତ୍ର ହୋଇଥିବାବେଳେ ଏହି ଶିକ୍ଷାନୁଷ୍ଠାନର ଅମ୍ରିତ ମହାପାତ୍ର ୧୨୧, ବିଶାଳ ପଟ୍ଟନାୟକ ୩୪୧ ଏବଂ ଦେବବ୍ରତ ପ୍ରମାଣିକ ୪୬୭ତମ ସ୍ଥାନରେ ରହିଛନ୍ତି। ସେହିପରି ☞ପୃଷ୍ଠା-୭

# ନୂତନ ପ୍ରଜାତିର ଆମ୍ଫିପୋଡ ଚିହ୍ନଟ

ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ଉଭୟଚର ପ୍ରାଣୀ ଛୋଟ ଚିଙ୍ଗୁଡ଼ି ଆମ୍ଫିପୋଡ ଚିହ୍ନଟ ହୋଇଛି। ଗତ ଅକ୍ଟୋବରରେ ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ଶ୍ରୀରାଜ ନାହାକ, ଗୀତାଞ୍ଜଳି ଭୋଇ ଓ ସୁମନ ପାତ୍ର ଗବେଷଣା ପାଇଁ ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିକୁ ଯାଇଥିବା ବେଳେ ସେଠାରୁ ଏହି ପ୍ରଜାତିର ଆମ୍ଫିପୋଡକୁ ଏକ ପଥୁରିଆ ଅଞ୍ଚଳରୁ ପାଇଥିଲେ। ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପରୀକ୍ଷାଗାରକୁ ଆଣି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ବିଭାଗର ପରୀକ୍ଷାଗାରର ମୁଖ୍ୟ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର ନିରୀକ୍ଷକ ଭାବେ ରହିଥିଲେ। ପୂର୍ବରୁ ଏହି ପ୍ରଜାତିର ଆମ୍ଫିପୋଡ ମାଲେସିଆରୁ ଚିହ୍ନଟ ହୋଇଥିବା ବେଳେ ଏହାର ନାମକରଣ ଷ୍ଟିନୋଥୋଇ ଲୋରି ରହିଥିଲା। ବର୍ତ୍ତମାନ ଭାରତୀୟ ଉପକୂଳରେ ଏହା ପ୍ରଥମ ଥର ଚିହ୍ନଟ ହୋଇଥିବାରୁ ନାମକରଣ ଷ୍ଟିନୋଥୋଇ ଲୋରି ରହିଛି। ଏହି ପ୍ରଜାତିମାନେ ପଥରିଆ ସ୍ଥାନ ଏବଂ ଉଭୟ ଜଳ ଓ ସ୍ଥଳରେ ସନ୍ତସନ୍ତିଆ ସ୍ଥାନରେ ରହିଥାନ୍ତି। ଏମାନେ ଶିଉଳି, ପଚି ଯାଇଥିବା ଜିନିଷକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଛୋଟ ମାଛ, କଙ୍କଡା, ପକ୍ଷୀ ଓ ସାମୁଦ୍ରିକ ପ୍ରାଣୀ ଏମାନଙ୍କୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପତ୍ରିକା ଜୋନାଲ ଅଫ ଦ ମେରାଇନ ବାୟୋଲୋଜି ଆସୋସିଏଶନରେ ଏହା ପ୍ରକାଶିତ ହୋଇଛ। ଏନେଇ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର କହିଛନ୍ତି, ଗବେଷଣା ପାଇଁ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଇନୋଭେଶନ ଏକ୍ସଟ୍ରାମୁରାଲ ପ୍ରୋଗ୍ରାମ (ଏମ୍‌ଆର୍‌ଆଇପି) ଦ୍ୱାରା ଅନୁଦାନ ମିଳିଥିବାରୁ ଗବେଷିକା ଗବେଷକମାନେ ଆଣି ଏହାର ପରୀକ୍ଷା ନିରୀକ୍ଷା କରିଥିଲେ। ଏହା ଭିନ୍ନ ପ୍ରଜାତିର ହୋଇଥିବାରୁ ଏହା ଉପରେ ଅଧିକ ଗବେଷଣା କରି ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

## ରାଜ୍ୟ ସଭା ନିର୍ବାଚନ: ମଇଦାନରେ ୫ ପ୍ରାର୍ଥୀ

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନ ମଇଦାନରେ ୫ ପ୍ରାର୍ଥୀ ରହିଲେ। ଶୁକ୍ରବାର ନାମାଙ୍କନ ଦାଖଲ କରିଥିବା ୬ ଜଣଙ୍କର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପ୍ରକ୍ରିୟାରେ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା କାନ୍ତେ ସାୟନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଜଣେ ପ୍ରାର୍ଥୀଙ୍କ ପାଇଁ ୧୦ ଜଣ ବିଧାୟକ ପ୍ରସ୍ତାବକ ରହିବା କଥା, ଯାହା ସାୟନାଙ୍କ ପ୍ରାର୍ଥିପତ୍ରରେ ନ ଥିଲା। ଅନ୍ୟପଟେ ଭାଜପା ପ୍ରାର୍ଥୀ ହୋଇଥିବା ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳର ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେହିପରି ବିଜେଡିରୁ ପ୍ରାର୍ଥୀ ହୋଇଥିବା ସଂତୃପ୍ତ ମିଶ୍ର ଏବଂ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ମିଳିତ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଏହିପରି ୪ ଆସନ ପାଇଁ ମୋଟ୍ ☞ପୃଷ୍ଠା-୭

# ଜିଲାପାଳଙ୍କ ଅଫିସ୍ ପରିସରରୁ ଧାନ ଗାଏବ

ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)

ଧାନ ବିକ୍ରି ହେଉ ନ ଥିବା ପ୍ରତିବାଦରେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀ ଧାନ ଗଦା କରିବା ଘଟଣା ଏବେ ରୋଚକ ମୋଡ଼ ନେଇଛି। ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଗୁରୁବାର ରାତିରେ ଚାଷୀମାନେ ଗଦା କରିଥିବା ୧୫ ପ୍ୟାକେଟ୍ ଧାନ ଗାଏବ ହୋଇଯାଇଛି। ଶୁକ୍ରବାର ଏହା ଜଣାପଡିବା ପରେ ଚାଷୀ ନୀଳାଞ୍ଚଳ ଦେହେରୀ, ତିଳରାମ ଦେହେରୀ, ପ୍ରଭାତ ଦେହେରୀ, ଦେବେନ୍ଦ୍ର ଛୁରିଆ, କିଶୋର ଦେହେରୀ, ବୀରେନ୍ଦ୍ର ଦେହେରୀ, ଅଶ୍ୱିନୀ ଦେହେରୀ ପ୍ରମୁଖ ବରଗଡ଼ ଟାଉନ ଥାନାରେ ଧାନ ଚୋରି ସମ୍ପର୍କରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନ ତଥା ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ବିଭାଗୀୟ ଅଧିକାରୀମାନେ ସେହି ଧାନକୁ ଅନ୍ୟତ୍ର ସୁରକ୍ଷିତ ରଖିଥିବା ଚର୍ଚ୍ଚା ଚାଲିଛି। ତେବେ ଖବର ଲେଖା ହେବା ସୁଦ୍ଧା ସେ ନେଇ ବିଭାଗୀୟ ଅଧିକାରୀ ମୁହଁ ଖୋଲିନାହାନ୍ତି। ଏ ସମ୍ପର୍କରେ ଜାଣିବାକୁ ସମବାୟ ଉପନିବନ୍ଧକ ଯୁଗଳ କିଶୋର ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲା। ସେ ଫୋନ୍ କଲ୍ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।


ବରଗଡ଼ ଟାଉନ ଥାନାରେ ଚାଷୀମାନେ ଏତଲା ଦେଉଛନ୍ତି।

ସୂଚନା ଅନୁଯାୟୀ, ପଞ୍ଜୀକରଣରୁ ବାଦ୍ ପଡିଥିବା ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଭେଡେନ ବ୍ଲକ ସହରାଚିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଏପର୍ଯ୍ୟନ୍ତ ଗତ ଖରିଫରେ ଅମଳ ଧାନ ବିକ୍ରି କରିପାରିନାହାନ୍ତି। ସହରାଚିକ୍ରା ମଣ୍ଡିରେ ବିକ୍ରି ଅପେକ୍ଷାରେ ପ୍ରାୟ ୩୦ହଜାର ପ୍ୟାକେଟ୍ ଧାନ ପଡି ରହିଛି। ଏହି ଧାନ ବିକ୍ରି ପାଇଁ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନ ଗଦା କରି ଧାରଣାରେ ବସିଥିଲେ। ☞ପୃଷ୍ଠା-୭

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କ୍ରାନ୍ତିକାରୀ ଫାଉଣ୍ଡେଶନ ସହଯୋଗରେ ୟୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ ସ୍ତ୍ରୀଶକ୍ତି କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର କନଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ''ନାରୀ ମୁକ୍ତି, ସମ୍ମାନ ଓ ସୁରକ୍ଷା'' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଖାରବେଳନଗରସ୍ଥିତ ରାଜ୍ୟଦପ୍ତର (ଟ୍ରେଜେରି ସମ୍ମୁଖ), ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ବିଦ୍ୟାଧର ବାରିକ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୱିମେନ୍ ଲିଡରଶିପ୍ ପ୍ରୋଗ୍ରାମ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ସମୟ: ଅପରାହ୍ନ ୪ଟା।
- ନାରୀଶକ୍ତି ଓ ନାରୀକୃତିତ୍ୱକୁ ସମ୍ମାନ ଜଣାଇବା ପାଇଁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ହୋଟେଲ ମେ'ଫେୟାର, ସମୟ: ଅପରାହ୍ନ ୫ଟା।

## କଟକ

- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୯ତମ ସ୍ମୃତି ଉତ୍ସବ, ସ୍ଥାନ: କାୟସ୍ଥ ବୋର୍ଡିଂ, କାଠଗଡ଼ାସାହି, ସମୟ: ଅପରାହ୍ନ ୪ଟା।
- ରେଏଜ ଫାଉଣ୍ଡେଶନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ୫ମ ସ୍ୱୟଂସିଦ୍ଧା, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୪ଟା।

ରାଧାଶ୍ୟାମ ରାଉଳଙ୍କ ରଚିତ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ,ସ୍ଥାନ:ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର,ସମୟ: ସକାଳ ୭ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା,ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଳପୁର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କମେଳା-୨୦୨୬ର ପ୍ରସ୍ତୁତି ବୈଠକ,ସ୍ଥାନ: ଚନ୍ଦନେଶ୍ୱର ଯାତ୍ରୀ ନିବାସ, ଭୋଗରାଇ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ସୋରିଷ ଚାଷ ପ୍ରଶିକ୍ଷଣ ଶିବିର,ସ୍ଥାନ:ମା' ଭଗିଆଶୁଣୀ ମନ୍ଦିର ପରିସର, ଭଗିଆ, ସିମୁଳିଆ,ସମୟ:ଅପରାହ୍ନ ୪ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ତୃତୀୟ ଦିବସ,ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଶୁଣ୍ଢୀରା ବାରପଡ଼ା ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଶୁଣ୍ଢୀରା ବଜାର, ଖଇରା,ସମୟ: ସନ୍ଧ୍ୟା ୬ଟା।
- ଧୋବଗଡ଼ିଆରେ ମେଳନ ଉତ୍ସବ,ସ୍ଥାନ:ଧୋବଗଡ଼ିଆ, ସିମୁଳିଆ,ସମୟ:ସନ୍ଧ୍ୟା ୭ଟା।
- କୁରୁଣ୍ଟା ଦୋଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ: କୁରୁଣ୍ଟା ପଞ୍ଚାୟତ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟିଲୋ କପ୍‌ର ୨ୟ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶନି ମନ୍ଦିରରେ ମେଳା, ଭଜନ ସଙ୍କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳାଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ନେତୃତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହ୍ୟାଣ୍ଡ ବଲ ପଡ଼ିଆ, କେନ୍ଦୁଝର ସମୟ: ପୂର୍ବାହ୍ନ ୯ଟା।
- ବଡ଼ବିଲ ବାର ଆସୋସିଏଶନ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ବିକ୍ରୟ ଓ ଦାଖଲ ଆରମ୍ଭ, ସ୍ଥାନ : ବଡ଼ବିଲ ବାର ଆସୋସିଏଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଆବାସ ଯୋଜନାର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ତତ୍ତ୍ୱମାସୀ ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଦିବସ, ସ୍ଥାନ: ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପରିସର, ବାରିପଦା,ସମୟ: ଅପରାହ୍ନ ୪ଟା।
- ମା'ବାସନ୍ତୀ ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସେହ୍ନା ତୁଳସୀ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଲାନକୋ ଜମିହରା ପ୍ରଜାଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଦୋଳଯାତ୍ରା ପାଳନ, ସ୍ଥାନ: ଆଠମଲ୍ଲିକ ବ୍ଲକର ଠାକୁରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଦୋଳ ମେଲଣ କମିଟି ପକ୍ଷରୁ ରାମଲୀଳା, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ ଟା।

## କେନ୍ଦ୍ରାପଡ଼ା

- ମାଇଁ ଭାରତ ପକ୍ଷରୁ ଅସ୍ମିତା ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଚିଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଜିଲା ଶିକ୍ଷା ବିଭାଗର ଡିଆରଏମ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଐତିହାସିକ ୧୪୯ତମ ଧର୍ମଶାଳା ମୁନିସୀ ମେଲଣ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଧର୍ମଶାଳା ହାଟପଡ଼ିଆ, ସମୟ: ଅପରାହ୍ନ ୨ଟା।
- ୮୯ତମ ଅଷ୍ଟ ପ୍ରହର ନାମ ଯଜ୍ଞର ନଗର ଭ୍ରମଣ, ସ୍ଥାନ : ବ୍ୟାସନଗରର ଚୋରଦା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପରିସର, ସମୟ : ଅପରାହ୍ନ ୨ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଚତୁର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଆନ୍ତର୍ଜାତିକ ମହିଳା ଦିବସର ୨ୟ ଦିବସ, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ୩୦ରୁ ସକାଳ ୯ଟା ୩୦ ।
- ତିନି ଦୋଳର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବସନ୍ତପୁର ଶିବ ମନ୍ଦିର , ସମୟ: ସକାଳ ୭ଟା ।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ଭାଜପା ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଜିସି ହାଇସ୍କୁଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରପୁର ଆଦିବାସୀ ସମାଜର ନୂତନ ସଂଘ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: କୁଡୁଡୁକୁପା ଗ୍ରାମ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମହିଳାଙ୍କ ଆତ୍ମସୁରକ୍ଷା କର୍ମଶାଳା, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୭ଟା।
- ଝରିଗାଁ ପୋଲିସର ଜନ ସମ୍ପର୍କ ଶିବିର, ସ୍ଥାନ: ଚେପେଟିଆମ୍ବା, ସମୟ: ସକାଳ ୯ଟା।

## କୋରାପୁଟ

- ମହିଳାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନେଇ ସଚେତନତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ବ୍ଲକସ୍ତରୀୟ କୃଷି ଉତ୍ପାଦନ କ୍ଲଷ୍ଟର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ଶ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀସ୍ଥିତ ଲଳିତ କଳା ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ପ୍ରଜ୍ଞାନ ମିଶନ ସମ୍ବଲପୁର ଶାଖା ଆୟୋଜିତ ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ମହିଳା ସମନ୍ୱୟ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ସଂସ୍କୃତି ପୁରୁଷ ମୁରାରି ପ୍ରସାଦ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଏକଦିବସୀୟ ଜାତୀୟ ସେମିନାର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା।

## ରାଉରକେଲା

- ୪ର୍ଥ ଆନ୍ତଃ ଜିଲାସ୍ତରୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଜାତୀୟ ସ୍ତରୀୟ କ୍ରେ ତାଲିମ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଭୂମିକା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଦ ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ ଉପରେ କାର୍ଯ୍ୟକ୍ରମ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୧ଟା।
- ସରସ ସ୍ୱଦେଶୀ ମେଳାରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ, ସମୟ: ସକାଳ ୬ଟା୩୦, ସ୍ଥାନ: ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସ,ସୁନ୍ଦରଗଡ

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୬ଟା ୩୦।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ ସହିତ ସେମିନାର,ସ୍ଥାନ: ଅଞ୍ଚଳ ମହାବିଦ୍ୟାଳୟ,ପଦ୍ମପୁର,ସମୟ: ଅପରାହ୍ନ ୧୦ଟା୩୦।

## କଳାହାଣ୍ଡି

- ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସୂଚନା ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ମା'କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଦ୍ୱିତୀୟ ଦିବସ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୭ଟା।
- ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ: ଗଡଭିତର, ବିନିକା, ସମୟ: ପୂର୍ବାହ୍ନ ୯ଟା।
- ମହିଳା ସ୍ନାତକ ମହାବିଦ୍ୟାଳୟ ୭ମ ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ୍ ବିନିକା, ସମୟ: ଅପରାହ୍ନ ୪ଟା।
- ତରଭା ସହର ନୂଆପଡା ଓ କୁମ୍ଭାରପଡା ଶନି ମନ୍ଦିରରେ ପୂଜା ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ଗାଁ, ସମୟ: ସକାଳ ୮ଟା।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ବିଶ୍ୱମୟୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦିଆମୁଣ୍ଡା ଗାଁ ଉପରପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡା ସଦର ବ୍ଲକ କେରମେଲି ଗାଁ, ସମୟ: ପ୍ରାତଃ ୫ଟା ୧୦।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମେରା ଯୁବା ଭାରତ ନୂଆପଡା ଓ ରୋକାଲ ଜୟ ଜଗନ୍ନାଥ ଯୁଥ କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବୋଡେନ ବ୍ଲକ ରୋକାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଏଚ୍ ପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆତ୍ମରକ୍ଷା ପାଇଁ ସ୍ୱତନ୍ତ୍ର କରାଟେ ଶିକ୍ଷା, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ସୁନ୍ଦରୀଲୋ ଚହଟ ଗୋରୀ**
**ଆଗେ ତୋତେ ହେଲି ବିଭା**
**ଏବେ ଯହୁଁ ଧନ ବୟସ ସରିଲା**
**ଦାଣ୍ଡେ ବସାଉଛୁ ସଭା।**

ଅନେକ କ୍ଷେତ୍ରରେ ଧନ ଏବଂ ଯୌବନ ସରିଆସୁଥିବାବେଳେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଥାଏ। ନାରୀର ସ୍ୱାର୍ଥପର ମନୋଭାବର ଚିତ୍ର ଉତ୍ତର ବୟସରେ ଏହିଭଳି ପ୍ରକଟିତ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଅଦେଇ ଅଦେଇ କହୁଛ ମୋତେ**
**ମୁଁ କାହାକୁ ନ ଦିଏ କିସ?**
**ଧୁଆ ଚାଉଳକୁ କୁଆକୁ ଦେଇ**
**ଚୁଲିକି ଝିଣ୍ଟି ଏ ତୋଷ।**

ଧୁଆ ଚାଉଳକୁ କୁଆକୁ ଦେବା ଦାନ ନୁହେଁ। ଯେମିତି ଏହା ଅସତର୍କତାର ପରିଚୟ ହୋଇଥାଏ ସେମିତି ଚୁଲିକି ଗୋବରରେ ଲିପି ତାକୁ ତୋଷ କରାଉଥିବା କହିବା ହାସ୍ୟାସ୍ପଦ କଥା। ଭେଳିକି ଦେଖାଇ କୃପଣ ବ୍ୟକ୍ତି ନିଜ ଦାତାପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନେପାଳ ନିର୍ବାଚନ: ବୃହତ୍ ବିଜୟ ଦିଗରେ ଆର୍‌ଏସ୍‌ପି

**କାଠମାଣ୍ଡୁ,୬।୩(ପି.ଟି.)**

ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ହିଂସାତ୍ମକ ଜେନ୍ ଜି ଆନ୍ଦୋଳନ ଯୋଗୁ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରର ପତନ ଘଟିଥିଲା। ଏହାର ୬ ମାସ ପରେ ସେଠାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ରାପରରୁ ରାଜନେତା ହୋଇଥିବା ବଲେନ୍ଦ୍ର ଶାହଙ୍କ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, ଭୋଟ ଗଣତି ଜାରି ରହିଥିବାବେଳେ ଅପରାହ୍ନ ସୁଦ୍ଧା ୯୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ୭୦ଟିରେ ଆର୍‌ଏସ୍‌ପି ଆଗରେ ରହିଛି। ଅନ୍ୟପକ୍ଷରେ ନେପାଳୀ କଂଗ୍ରେସ, ସିପିଏନ୍-ୟୁଏମ୍‌ଏଲ୍ ଏବଂ ନେପାଳୀ କମ୍ୟୁନିଷ୍ଟ ପାର୍ଟି ୬ଟି ଲେଖାଏ ଆସନରେ ଆଗରେ ଅଛନ୍ତି। କାଠମାଣ୍ଡୁର ମେୟର ଥିବା ବଲେନ୍ଦ୍ର ଝାପା-୫ ନିର୍ବାଚନ ମଣ୍ଡଳୀରେ ୪ ଥରର ପ୍ରଧାନମନ୍ତ୍ରୀ ତଥା ସିପିଏନ୍-ୟୁଏମ୍‌ଏଲ୍ ଅଧ୍ୟକ୍ଷ ଓଲିଙ୍କଠାରୁ ଆଗରେ ଅଛନ୍ତି। ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି, ପ୍ରୋଗେସିଭ୍‌ଡେମୋକ୍ରାଟିକ୍‌ପାର୍ଟି, ଶ୍ରମ ସଂସ୍କୃତି ପାର୍ଟି ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଗୋଟିଏ ଲେଖାଏ ଆସନରେ ଆଗରେ ରହିଛନ୍ତି।

# ଅବଶିଷ୍ଟାଂଶ

## ଉନ୍ନତି ପଥରେ ଡବଲ୍...

ବିକାଶ ହେବ। ସମବାୟ ଜରିଆରେ ଗ୍ରାମୀଣ ମହିଳା, ଜନଜାତି, ଓବିସି ଓ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯିବ। ଏହି ବ୍ୟବସ୍ଥାରେ ପ୍ରତି ଗାଁରେ ଡେଏରୀ ପହଞ୍ଚିବ। ଗୁଜରାଟ ଅମୁଲର ଉଦାହରଣ ଦେଇ ସେ କହିଥିଲେ ଯେ, ୩୬ ଲକ୍ଷ ଗ୍ରାମୀଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ବାର୍ଷିକ ୧ ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟବସାୟ କରୁଛି। ସେହିଭଳି ଓଡ଼ିଶାର ଗ୍ରାମୀଣବର୍ଗଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ବୋଲି ଶାହା କହିଛନ୍ତି। ଇଫ୍‌କୋ ପ୍ରସଙ୍ଗରେ ଶାହା କହିଛନ୍ତି, ଏହି କମ୍ପାନୀ ହେଉଛି ଦୁନିଆର ସବୁଠାରୁ ବଡ଼ ସମବାୟ ସଂସ୍ଥା। ଏହା ଅଧୀନରେ ଥିବା ୩୬ ହଜାର ସମବାୟ ୟୁନିଟ୍ ଓ ୫ କୋଟି କୃଷକ ହେଉଛନ୍ତି ଅସଲ ମାଲିକ। ଏହି ସଂସ୍ଥାରୁ ମିଳୁଥିବା ବାର୍ଷିକ ୩୮ଶହ କୋଟି ଟଙ୍କାର ଲାଭାଂଶ ଦେଶର ୫ କୋଟି କୃଷକ ପାଇଥାନ୍ତି। ଏହା ହିଁ ଇଫ୍‌କୋର ଅସଲି ଶକ୍ତି। ଏବେ ଇଫ୍‌କୋ ସଲ୍‌ଫ୍ୟୁରିକ ଏସିଡ୍ ପାଇଁ ଆଉ ବିଦେଶ ଉପରେ ନିର୍ଭରଶୀଳ ହେବନାହିଁ। ଉକ୍ତ ପ୍ରକଳ୍ପ ପାଇଁ ୭୫୦ କୋଟି ଟଙ୍କା ବ୍ୟୟ ହୋଇଛି । ଆଗାମୀ ଦିନରେ ଇଫ୍‌କୋ ସମସ୍ତ ସାର କାରଖାନାର ସଲ୍‌ଫ୍ୟୁରିକ ଆବଶ୍ୟକତା ପୂରଣ କରିବ ବୋଲି ଶାହା ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କୁ ପାରାଦୀପ ପୋର୍ଟ ସହର ସ୍ୱାଗତ କରୁଛି। ପାରାଦୀପ ହେଉଛି ଉଦୀୟମାନ ସହର ଓ ସମୃଦ୍ଧିର ପ୍ରତିବିମ୍ବ। ଦେଶର ପଣ୍ୟ କାରବାର କ୍ଷେତ୍ରରେ ଏବେ ପାରାଦୀପ ବନ୍ଦର ପ୍ରଥମ ସ୍ଥାନରେ ରହିଛି । ଆଗକୁ ଏହା ଏସିଆ ମହାଦେଶର ଗେଟ୍ ୱେ (ପ୍ରବେଶ ପଥ)ହେବାକୁ ଯାଉଛି। ପାରାଦୀପ ଓଡ଼ିଶା ବିକାଶର ପ୍ରୟୋଗଶାଳା। ଏଥିସହ ୟୁରିଆ ସାର ଉତ୍ପାଦନ କ୍ଷେତ୍ରରେ ଇଫ୍‌କୋ ଦେଶରେ ଅଗ୍ରଣୀ ଭୂମିକା ନେଉଥିବା ସେ ପ୍ରକାଶ କରିଥିଲେ। ଆଗକୁ ସମବାୟ ଯୁଗର ଆରମ୍ଭ ହେବାକୁ ଯାଉଛି ବୋଲି ମାଝୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପାରାଦୀପରୁ ତାଳଚେର ପର୍ଯ୍ୟନ୍ତ ନଦୀପଥ ବିକାଶ ସହ ଅନେକ ଯୋଜନା ହାତକୁ ନିଆଯାଇଛି। ସମବାୟ ଜରିଆରେ ସବୁ ବର୍ଗର ଲୋକଙ୍କୁ ଯୋଡ଼ାଯିବାକୁ ଯୋଜନା କରାଯାଇଛି। ଆଗକୁ ଗ୍ରାମୀଣ ଲୋକେ ସମବାୟ ମାଧ୍ୟମରେ ମାଲିକ ହେବେ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ, କେନ୍ଦ୍ର ସମବାୟ ସଚିବ ଆଶିଷ କୁମାର ଭୁଟାନୀ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲ ସ୍ୱାଗତ ବକ୍ତବ୍ୟ ରଖିବା ସହ ଇଫ୍‌କୋ ସଲଫ୍ୟୁରିକ ଏସିଡ୍ କାରଖାନା ସମ୍ପର୍କରେ ସୂଚନା ଦେଇଥିଲେ। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଂଘାନୀ ଇଫ୍‌କୋର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଶେଷରେ ପାରାଦୀପ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଇଫ୍‌କୋ ନିର୍ଦ୍ଦେଶକ ମଣ୍ଡଳୀ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ଭାଗ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରେ ଥିବାରୁ ନୂତନ ଯୋଜନାରମ୍ଭ କରିବାକୁ ମନ ବଳାଇପାରନ୍ତି। ଆତ୍ମୀୟଙ୍କ ସହଯୋଗରେ ଧାର୍ମିକ କାର୍ଯ୍ୟ ସକାଶେ ପୂର୍ବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଏଇ ଅଳ୍ପ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ।

**ବୃଷ**
ରବିଙ୍କ କୋଣସ୍ଥାନରେ ଦେବଗୁରୁ ବୃହସ୍ପତି ହେତୁ କାର୍ଯ୍ୟସିଦ୍ଧି,ଅର୍ଥନୈତିକ ଅଭିବୃଦ୍ଧି,ସାମାଜିକ ପ୍ରତିଷ୍ଠାଦି ପ୍ରଦାନ କରିବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝମେଲା କାରଣରୁ ମନଟା ଭଲ ରହି ନ ପାରେ। ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇଲେ ଅନର୍ଥର କାରଣ ହେବ।

**ମିଥୁନ**
ତୃତୀୟାଧିପତି ସ୍ୱଭାବକୁ ଦେଖୁଥିବାରୁ ବନ୍ଧୁ ପରିଜନଙ୍କ ସହାୟତାରେ ଅର୍ଥ ସମ୍ପର୍କୀତ ସୁବିଧା ପାଇବେ। ଅଟକି ରହିଥିବା କାମ ସହଜରେ ସମ୍ପନ୍ନ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ ଯଦ୍ୱାରାକି କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**କର୍କଟ**
ଚନ୍ଦ୍ର ଚତୁର୍ଥ କେନ୍ଦ୍ରରେ ରହିଥିବାରୁ ଆଜିର କାର୍ଯ୍ୟପଦ୍ଧତି,ଟଙ୍କା ପଇସା କାରବାର ପାଇଁ ଅସୁବିଧା ରହିବନାହିଁ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**ସିଂହ**
କେନ୍ଦ୍ରରେ ବୃହସ୍ପତି ଓ ରବି ଆପଣଙ୍କ ସମସ୍ତ କାର୍ଯ୍ୟକୁ ଆଶାତୀତ ଭାବରେ ସଫଳତା ପ୍ରଦାନ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିପାରନ୍ତି। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। କଳା,ସାହିତ୍ୟ,ରଚନାତ୍ମକ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କଲେ ମଧ୍ୟ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଏକାଦଶସ୍ଥ ବୃହସ୍ପତିଙ୍କ ପ୍ରଭାବରେ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
କର୍ମାଧିପ ଷଷ୍ଠାଧିପତିଙ୍କ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ସଂକଟଜନକ ସ୍ଥିତି ଉପୁଜିବ। ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ,ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇବେ। ପରିଜନଙ୍କ ସହାୟତାରେ ବକେୟା ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା**
କେନ୍ଦ୍ରସ୍ଥ ରାଜଯୋଗ କାରଣରୁ ଦୀର୍ଘ ଦିନର ଅଭିଳାଷ ପୂରଣ ହେବାରୁ ଖୁସି ରହିବେ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବାରେ ଲାଗିବ ଏବଂ ବନ୍ଧୁଙ୍କ ଆଗମନର ସୂଚନା ଖୁସି କରାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୀତି ଓ ଗବେଷଣାରେ ଉନ୍ନତି କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର ସୁଅବସର ପାଇବାର ସୂଚନା ରହିଛି।

**ମକର**
କର୍ମାଧିପ ଉଚ୍ଚସ୍ଥାନରେ ଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବାରେ ଅସୁବିଧା ରହିବ ନାହିଁ। ରାହୁଙ୍କ ପ୍ରଭାବରେ ବିବାଦ ଓ ପ୍ରତିବନ୍ଧକ ଯୁକ୍ତ କାମଠାରୁ ଦୂରେଇ ରହିବା ଭଲ। ପରିବାର ସଦସ୍ୟ ପଡ଼ୋଶୀଙ୍କ କୁଟମନ୍ତ୍ରଣାରେ କ୍ରୋଧ କରିପାରନ୍ତି। ରପ୍ତାନି, କ୍ରୀଡ଼ା, ସାହିତ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ପରୋକ୍ଷ ଶତ୍ରୁତାରୁ ପ୍ରତିରୋଧ ଭିତରେ ଆଜିର କାମ ସମ୍ପନ୍ନ ହେବ। ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। ଆଇନ ସହାୟତା ଲାଭ କରିବାପୂର୍ବକ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ, ତଥାପି ଟେନ୍‌ସନ ଲାଗି ରହିପାରେ।

**ମୀନ**
ବୃହସ୍ପତିଙ୍କ ସୁପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆପଣଙ୍କ ଉଦାର ମନୋଭାବ କାରଣରୁ ସମସ୍ୟା ସମାଧାନ କରିନେବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତିରେ ସଫଳତା ହାସଲ କରିବେ।

ଆଜି ମାର୍ଚ୍ଚ ୭ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, ଚୈତ୍ରକୃଷ୍ଣ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର-ଦିବା ଘ.୧୧।୧୬ ମି. ଗତେ, ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୯ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୧ ଗତେ ଘ.୧୦।୨୯ ମଧ୍ୟେ ରାହୁ କାଳ।

# ସାମୁଦ୍ରିକ ବନ୍ଦର ଜଗିବ ସିଆଇଏସ୍ଏଫ୍: ଶାହ

କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍) ଏଣିକି ସାମୁଦ୍ରିକ ବନ୍ଦର ଜଗାରଖା ଦାୟିତ୍ୱ ହାତକୁ ନେବ ବୋଲି ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଣ୍ଡଳିଠାରେ କହିଛନ୍ତି। ସିଆଇଏସ୍ଏଫ୍ ଦେଶରେ ଶିଳ୍ପ ପ୍ରତିଷ୍ଠାନ ସହ ୭୧ଟି ବିମାନବନ୍ଦର, ପାର୍ଲାମେଣ୍ଟ କମ୍ପ୍ଲେକ୍ସ ଆଦି ସୁରକ୍ଷାରେ ନିୟୋଜିତ ହୋଇଛି। ଭାରତରେ ବିମାନବନ୍ଦରରେ ନିତିଦିନିଆ ଯାତ୍ରୀ ଓ ସାମଗ୍ରୀ ଚିହ୍ନିବା ସମୟରେ ଅସ୍ୱାଭାବିକ ସ୍ଥିତି ଉପୁଜୁ ହେଉଛି। ସେହି ସମୟରେ ଯାତ୍ରୀଙ୍କ ସହ ବ୍ୟବହାର ଅତ୍ୟନ୍ତ କଦର୍ଯ୍ୟ ରହୁଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ସାମୁଦ୍ରିକ ବନ୍ଦର ଜଗିବା ପାଇଁ ଏହି ବାହିନୀକୁ ମୁତୟନ କରାଗଲେ ତା' ଉପରେ ଅଧିକ ବୋଝ ପଡ଼ିପାରେ ବୋଲି କୁହାଯାଉଛି।



କଟକର ମୁଣ୍ଡଳିଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଅଛନ୍ତି।

## ମୁଣ୍ଡୁଳିଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)

କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ(ସିଆଇଏସ୍ଏଫ୍) ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ। ସିଆଇଏସ୍ଏଫ୍ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଦୃଢ଼ ଭାବରେ ଠିଆ ହୋଇଛି। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସ୍ଏଫ୍ ଉପରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ମୁଣ୍ଡୁଳିଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶାହା କହିଥିଲେ, ସିଆଇଏସ୍ଏଫ୍ ଦେଶର ୭୦ଟି ବିମାନବନ୍ଦର ସମେତ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ସିଆଇଏସ୍ଏଫ୍‌କୁ ଡ୍ରୋନ୍ ସୁରକ୍ଷା ପାଇଁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ମଧ୍ୟ ଦିଆଯାଇଛି। ଗତ ଏକ ବର୍ଷ ମଧ୍ୟରେ, ସିଆଇଏସ୍ଏଫ୍‌କୁ କର୍ତ୍ତବ୍ୟ ଭବନ, ସେବା ତୀର୍ଥ, ନଏଡା ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ବିମାନବନ୍ଦର, ଲେଙ୍ଗପୁଇ ବିମାନବନ୍ଦର, ଜବାହରପୁର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଭାକ୍ରା ନଦୀବନ୍ଧ ପ୍ରକଳ୍ପ ସମେତ ଅନେକ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ସିଆଇଏସ୍ଏଫ୍‌କୁ ଏବେ ସାମୁଦ୍ରିକ ବନ୍ଦର ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ଏବେ ଦେଶର ବିଶାଳ ସାମୁଦ୍ରିକ ସୀମାରେ ଥିବା ବନ୍ଦରଗୁଡ଼ିକୁ ମଧ୍ୟ ସୁରକ୍ଷା ଯୋଗାଇବ। ଶାହା ଆହୁରି କହିଥିଲେ, ୫୬ ବର୍ଷ ପୂରଣ କରିଥିବା ସିଆଇଏସ୍ଏଫ୍ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି। ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି। ସିଆଇଏସ୍ଏଫ୍ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାରର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି। ସିଆଇଏସ୍ଏଫ୍ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି। ସିଆଇଏସ୍ଏଫ୍ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି। ଶାହା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଜନତାଙ୍କ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ରଖିଛନ୍ତି। ୨୦୪୭ ସୁଦ୍ଧା ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ନିର୍ମାଣ କରିବା, ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱର ପ୍ରଥମ ସ୍ଥାନରେ ପହଞ୍ଚିବା ଏବଂ ୨୦୨୭ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ହେବା। ସିଆଇଏସ୍ଏଫ୍ ଏହି ଲକ୍ଷ୍ୟ ହାସଲ କରିବାରେ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛି। ଶାହା କହିଥିଲେ, ଚାରି ବର୍ଷ ପୂର୍ବେ, ଏକ ହାଇବ୍ରିଡ୍ ମଡେଲ୍ ବିକଶିତ କରିବା ଏବଂ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆମେ ସିଆଇଏସ୍ଏଫ୍‌କୁ କହିଥିଲୁ। ବର୍ତ୍ତମାନ ସବୁଠାରୁ ଆଧୁନିକ ଉପକରଣ ସହିତ ସିଆଇଏସ୍ଏଫ୍ ଏଥିପାଇଁ ପ୍ରସ୍ତୁତ ହୋଇଛି। ଆଗାମୀ ଦିନରେ, ସିଆଇଏସ୍ଏଫ୍ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକୁ ମଧ୍ୟ ହାଇବ୍ରିଡ୍ ମୋଡରେ ସୁରକ୍ଷା ପ୍ରଦାନ କରିବ। ଏହି ଅବସରରେ ମୁଣ୍ଡୁଳିଠାରେ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସ୍ଏଫ୍‌ର ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ୍ ଏବଂ ସିହୋର) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସିଆଇଏସ୍ଏଫ୍‌ର ମହାନିର୍ଦ୍ଦେଶକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭାଜପା କାର୍ଯ୍ୟାଳୟରେ ୧ ଘଣ୍ଟା

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଳମ୍ବିତ ସନ୍ଧ୍ୟାରେ ନୂଆଦିଲ୍ଲୀ ଫେରିଯାଇଛନ୍ତି। ଶାହା ତାଙ୍କ ଗସ୍ତ କାଳରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଏକ ସରକାରୀ ସଭାରେ ଉଦ୍‌ବୋଧନ ଦେବା ଅବସରରେ ପୂର୍ବ ବିଜେଡି ସରକାର ଏବଂ କଂଗ୍ରେସକୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଶାହା ତାଙ୍କ ଗସ୍ତ ସମୟରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବିତାଇଥିବା ପାଖାପାଖି ୧ ଘଣ୍ଟା ବିଷୟକୁ ନେଇ ବିଶେଷ ଆଲୋଚନା ହେଉଛି। ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଶାହା ସିଧାସଳଖ ଦଳୀୟ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ତାଙ୍କୁ ଦଳ ପକ୍ଷରୁ ବହୁ ନେତା ଓ କର୍ମୀମାନେ ସ୍ୱାଗତକରିବା ପାଇଁ ପୂର୍ବରୁ ଉପସ୍ଥିତ ରହିଥିଲେ। ଶାହା ଏହି ସମୟରେ ରାଜ୍ୟ ସଭା ନିର୍ବାଚନ ଏବଂ ଦଳର ଅନ୍ୟାନ୍ୟ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା କରିଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ଶାହା ଆସିଲା ପରେ ରାଜ୍ୟ ସଭାର ସବୁ ଆସନ ଭାଜପାର ବୋଲି ତାଙ୍କ ଦଳ ନେତାମାନେ ଦମ୍ଭୋକ୍ତି ଦେଖାଇବା ଆରମ୍ଭ କରିଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସରକାର ଏବଂ ସଙ୍ଗଠନ ନେଇ ଆଲୋଚନା ହୋଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି, ରାଜ୍ୟ ସଭାରେ ଭାଜପା ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲୀପ ରାୟ ନିଶ୍ଚିତ ବିଜୟୀ ହେବେ। ସରକାର, ସଙ୍ଗଠନ ଏବଂ ରାଜ୍ୟ ସଭା ନିର୍ବାଚନ ନେଇ ଆଲୋଚନା ହେଲା। ଏମ୍‌ପି ଏବଂ ବିଧାୟକମାନଙ୍କ ସହ ଭାଜପା କୋର୍ କମିଟି ବୈଠକ ହେଲା। ୩ ରାଜ୍ୟ ସଭା ପ୍ରାର୍ଥୀ କିପରି ବିଜୟୀ ହେବେ ସେନେଇ ଶାହା ପରାମର୍ଶ ଦେଲେ ବୋଲି ପୁରୋହିତ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ବିଧାୟକ ଏବଂ ଏମ୍‌ପିମାନଙ୍କୁ ଭେଟିବା ପରେ ଶାହା କେତେଜଣ ବରିଷ୍ଠ ନେତାଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହି ଅବସରରେ ରାଜ୍ୟ ସଭା ନିର୍ବାଚନ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେପରି ନିଗମ ଓ ବୋର୍ଡରେ ଖାଲିଥିବା ପଦବୀ ପୂରଣ ନେଇ ପ୍ରସ୍ତୁତ ହୋଇସାରିଥିବା ତାଲିକାକୁ ତୁରନ୍ତ ଅନୁମୋଦନ ଦେବା ଉପରେ ଚର୍ଚ୍ଚା ହୋଇଥିଲା। ସରକାର ଏବଂ ସଙ୍ଗଠନ ଏକାଠି କିପରି କାର୍ଯ୍ୟ କରିବେ ସେନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି। ସ୍ୱାଧୀନ ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଦିଲୀପ ରାୟ ମଧ୍ୟ ଏହି ଅବସରରେ ଶାହାଙ୍କୁ ଭେଟିଛନ୍ତି। ଭାଜପା ପାଖରେ ୪ର୍ଥ ଆସନ ଲାଗି ୨୨ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ରହିଛି। ବିଜେଡିରୁ ବିଦାହୋଇଥିବା ୨ ବିଧାୟକଙ୍କ ସମର୍ଥନ ଦିଲୀପଙ୍କୁ ମିଳିପାରେ ବୋଲି କୁହାଯାଉଛି। ହେଲେ ବଳକା ଭୋଟ କିପରି ମିଳିବ ସେ ବିଷୟରେ ଶାହା କ'ଣ ଗୁରୁମନ୍ତ୍ର ଦେଇଛନ୍ତି ସେକଥା ବାହାରକୁ ଜଣାପଡ଼ି ନାହିଁ। ଶାହା କିନ୍ତୁ ଆସିବା ପରେ ରାଜ୍ୟ ସଭାର ୩ୟ ପ୍ରାର୍ଥୀ ନିଶ୍ଚିତ ଜିତିଯିବେ ବୋଲି ତାଙ୍କ ଦଳର ନେତାମାନେ ଦମ୍ଭୋକ୍ତି ଦେଖାଇବା ଆରମ୍ଭ କରିଦେଇଛନ୍ତି।

# ଗିରଫ କୋଟିପତି ଖଣି ଅଧିକାରୀଙ୍କ ଭଡ଼ାଘରେ ଭିଜିଲାନ୍ସ ଚଢ଼ାଉ

ଫୁଲବାଣୀ,୬।୩(ରାକେଶ କୁମାର ରାଉତ)

କଟକ ସର୍କଲର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ କିଛି ଦିନ ତଳେ ୧୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଶୁକ୍ରବାର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ ଦେବବ୍ରତଙ୍କ ଫୁଲବାଣୀ ନାରାୟଣୀ ସାହିସ୍ଥିତ ଭଡାଘରେ ଚଢ଼ାଉ କରିଛି। ଚଢାଉ ବେଳେ ନଗଦ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ଜଣାପଡ଼ିଛି। ଚଢ଼ାଉର ଫଳାଫଳ ସମ୍ପର୍କରେ ସବିଶେଷ ସୂଚନା ମିଳି ନ ଥିଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ ହୋଇଥିବା ଜଣାପଡ଼ିଛି।

# 'ମାର୍ଚ୍ଚ ୩୧ ସୁଦ୍ଧା ଦେଶ ହେବ ମାଓବାଦୀମୁକ୍ତ'




ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ୧୭୩ ଯୋଜନାର ଶିଳାନ୍ୟାସ ଓ ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)

ମାଓବାଦୀଙ୍କ ବିରୋଧରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା ତାହା ଏବେ ସଫଳ ହେବାକୁ ଯାଉଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେବ। କେବଳ ଓଡ଼ିଶା ନୁହେଁ, ଏହି ଅବଧି ମଧ୍ୟରେ ସାରା ଦେଶ ମଧ୍ୟ ମାଓବାଦୀମୁକ୍ତ ହେବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଶାହା କହିଛନ୍ତି, ସାରା ଦେଶ ମାଓବାଦୀମୁକ୍ତ ହେବା ପରେ ପ୍ରଭାବିତ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ। ଏହି ଅବସରରେ ଶାହା ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି କହିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ୩ ନ୍ୟାୟ ସଂହିତା ଲୋକାର୍ପଣ କରାଯାଇଛି; ଯଦ୍ୱାରା ସିଧାସଳଖ ନାଗରିକମାନେ ନ୍ୟାୟ ପାଇପାରିବେ। ସ୍ୱାଧୀନତାର ଦୀର୍ଘବର୍ଷ ଧରି ଦେଶରେ ଇଂଲିଶ ନିୟମ ପ୍ରଚଳିତ ଥିବାବେଳେ ଏବେ ଏଥିରେ କେନ୍ଦ୍ର ସରକାର ସଂସ୍କାର ଆଣିଛନ୍ତି। ଏହାଦ୍ୱାରା ଦେଶର କୋଣଅନୁକୋଣରେ ଯେଉଁଠାରେ ବି ଏତଲା ରୁଜୁ ହେବ, ତା'ର ଠିକ୍ ୩ବର୍ଷ ମଧ୍ୟରେ ପୀଡ଼ିତଙ୍କୁ ନିଶ୍ଚିତ ନ୍ୟାୟ ମିଳିବ। ତେବେ ଏହି ନ୍ୟାୟ ସଂହିତାରେ ଫୋରେନ୍ସିକ ସାଇନ୍ସ ଲ୍ୟାବ୍‌ର ସହଯୋଗ ନିଆଯିବ; ଯଦ୍ୱାରା ପ୍ରକୃତ ଅପରାଧୀ ନିଶ୍ଚିତ ଭାବେ ଦଣ୍ଡିତ ହେବେ। ଏହି ନ୍ୟାୟ ସଂହିତା ମାଧ୍ୟମରେ ୮୭ ପ୍ରତିଶତ ଅପରାଧୀ ନିଶ୍ଚିତ ଭାବେ ଦଣ୍ଡିତ ହେବେ ବୋଲି ଶାହା କହିଛନ୍ତି।

ଶାହା ଆହୁରି କହିଛନ୍ତି, ଓଡ଼ିଶାରେ ଦୁଇ ଦଶକଠାରୁ ଅଧିକ ସମୟ ଶାସନ ଗାଦିରେ ରହିଲା ପରେ ମଧ୍ୟ ଓଡ଼ିଶାରେ ବିକାଶ ହୋଇନାହିଁ। ଏଠାରେ ବାରମ୍ବାର ଶାସନ ଗାଦିରେ ରହିବା ପରେ ମଧ୍ୟ ଜନାଦେଶକୁ ଜନତାଙ୍କ ବାଧ୍ୟବାଧକତା(ମଜ୍‌ବୁରି) ବୋଲି ପୂର୍ବ ସରକାର ଭାବୁଥିଲେ। ହେଲେ ଆଜି ମୁଁ କହୁଛି, ଜନାଦେଶ ଜନତାଙ୍କ ପାଇଁ ମଜ୍‌ବୁରି ନୁହେଁ, ଏହା ଲୋକଙ୍କ ପାଇଁ ଆଶୀର୍ବାଦ। ଓଡ଼ିଶାର ଲୋକଙ୍କୁ ହୃଦୟରୁ ଧନ୍ୟବାଦ୍ ଜଣାଉଛି। ୨୧ରୁ ୨୦ ଏମ୍‌ପି ମୋଦିଙ୍କ ମୁଣାରେ ଅଜାଡ଼ି ଦେଇଛନ୍ତି। ଓଡ଼ିଶାରେ ବାରମ୍ବାର ଜନାଦେଶ ପାଇବା ସତ୍ତ୍ୱେ ନବୀନ ସରକାର ସେଭଳି କିଛି ଉନ୍ନତି କରିପାରି ନାହାନ୍ତି। ଗତ ଦୁଇ ଦଶକ ମଧ୍ୟରେ ଓଡ଼ିଶାକୁ ଯେଉଁ କ୍ଷତି ହୋଇଛି, ତାହାକୁ ମାତ୍ର ୫ବର୍ଷରେ ପୂରଣ କରାଯିବ। ୨୦୨୪ ସାଧାରଣ ନିର୍ବାଚନବେଳେ ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା, ତାହାକୁ ପୂରଣ କରି ଚାଲିଛି। ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳୁଥିବା ବେଳେ ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ପୂର୍ବରୁ ବଡମ୍ବା ଚିନିକଳର ପୁନରୁଦ୍ଧାର କରିବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଆଜି ପୂରଣ ହୋଇଛି। ଆଗାମୀ ଦିନରେ ନୟାଗଡ଼ ଚିନିକଳର ପୁନରୁଦ୍ଧାର ହେବ। ପୂର୍ବ ସରକାର ଓଡ଼ିଆ ବୁଝିପାରୁ ନ ଥିଲା, ମାତ୍ର ଏବେକାର ସରକାର ଓଡ଼ିଆଙ୍କ କଥା ବୁଝିପାରୁଛନ୍ତି, ତେଣୁ ରାଜ୍ୟର ସମସ୍ତ ଚିନିକଳର ପୁନରୁଦ୍ଧାର କରାଯିବ। ସେ କହିଛନ୍ତି, ଆଜି 'ଡେଏରି' ଗଠନ ପାଇଁ ବିଶେଷ ଅଭିଯାନ କରାଯିବ; ଯାହାଦ୍ୱାରା ଓଡ଼ିଶାର ଗ୍ରାମୀଣ ଲୋକେ ତଥା ମା' ଭଉଣୀମାନେ ଉପକୃତ ହୋଇପାରିବେ। ଗୁଜରାଟରେ ଯେଭଳି ୩୬ଲକ୍ଷ ମହିଳା ଡେଏରି କୋ-ପରେଟିଭ ସୋସାଇଟି ଦ୍ୱାରା ଲାଭାର୍ଥୀ ହୋଇପାରୁଛନ୍ତି, ଠିକ୍ ସେହିପରି ଓଡ଼ିଶାରେ କରାଯିବ। ସବୁଥିରେ କଂଗ୍ରେସ ନକାରାତ୍ମକ ରାଜନୀତି କରିବାର ପ୍ରୟାସ କରୁଛି। ନିକଟରେ ଦିଲ୍ଲୀରେ ଅନୁଷ୍ଠିତ 'ଏଆଇ' ସମ୍ମିଳନୀ ବେଳେ ୮୦ ଦେଶର ପ୍ରତିନିଧି ସାମିଲ ଥିଲେ। ପୂରା ବିଶ୍ୱ ଭାରତର ଏଆଇ ପ୍ରଗତି କାର୍ଯ୍ୟକ୍ରମ ସମ୍ପର୍କରେ କଥା କହୁଥିବାବେଳେ କଂଗ୍ରେସ କର୍ମକର୍ତ୍ତାମାନେ ଯେଭଳି ଶାର୍ଟ ଖୋଲି ଭାରତକୁ ବଦ୍‌ନାମ କରିବାର ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ୨୦ଟି କାର୍ଯ୍ୟକ୍ରମରେ ରାହୁଲ ଫେଲ୍ ମାରିଲେଣି। ଯଦି ଏହିପରି କାର୍ଯ୍ୟକ୍ରମ ଜାରି ରଖନ୍ତି, ତେବେ ୧୦୦ ପର୍ଯ୍ୟନ୍ତ ରାହୁଲଙ୍କ ନମ୍ବର ଆସିବ ନାହିଁ ବୋଲି ଶାହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



❝ ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା । ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ । ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ । **–ଶ୍ରୀଅରବିନ୍ଦ**



# ସିଇଓ ଅପେକ୍ଷାରେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗ ସିଇଓ ଭାବେ ବିଭିଆର୍ ସୁବ୍ରମଣ୍ୟମଙ୍କ ବୃଦ୍ଧି ହୋଇଥିବା କାର୍ଯ୍ୟକାଳ ଏବେ ଶେଷ ହୋଇଛି । ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ପରବର୍ତ୍ତୀ ସିଇଓ କିଏ ହେବେ ତାହାକୁ ନେଇ ଆଭ୍ୟନ୍ତରୀଣ ଆଲୋଚନା ଚାଲିଛି । ବର୍ତ୍ତମାନ ପାଇଁ ନିଧି ଛିବର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅମଲାତନ୍ତ୍ରିକ ଭାଷାରେ ଏହାର ଅର୍ଥ ହେଉଛି, ''କାହାକୁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହେବାଯାଏ ବ୍ୟବସ୍ଥାକୁ ନିଷ୍କ୍ରିୟ ରଖନ୍ତୁ ।'' କିନ୍ତୁ ଏହା କେବଳ ନାମଫଳକ ବଦଳାଇବା ବିଷୟରେ ନୁହେଁ । ଯୋଜନା ଆୟୋଗ ସ୍ଥାନରେ ନୀତି ଆୟୋଗ ହୋଇଥାଇପାରେ, କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହାର ନୀତିଗତ ମହତ୍ତ୍ୱାକାଂକ୍ଷା ରହିଛି । ସିଇଓ ସଂସ୍କାର, ସଂଘୀୟ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାକୁ ଗୁରୁତ୍ୱ ଦେଇଥାନ୍ତି । ଏଥିପାଇଁ ଆବଶ୍ୟକ ବୈଚାରିକ ସମନ୍ୱୟ । ସୁବ୍ରମଣ୍ୟମ୍ ଦାୟିତ୍ୱରେ ଥିବାବେଳେ ଗତିଶୀଳତା ଓ ସ୍ୱଚ୍ଛତା ସାମ୍ନାକୁ ଆଣିଥିଲେ । ପରବର୍ତ୍ତୀ ସିଇଓ ସରକାରଙ୍କ ଏବକାର ଭାବନାକୁ ପ୍ରକାଶ କରିବେ । ଏହା କ'ଣ ଜଣେ ସାହସୀ ସଂସ୍କାରବାଦୀ ବ୍ୟକ୍ତି ଚାହେଁ? ଜଣେ ସ୍ଥିର ସଂସ୍ଥାଗତ ପରିଚାଳକ? କିମ୍ବା ଜଣେ ବିଶ୍ୱସ୍ତ କର୍ମଚାରୀ ଯିଏ ଖବର ତୁଳନାରେ କାର୍ଯ୍ୟାନ୍ୱୟନକୁ ପସନ୍ଦ କରନ୍ତି? ଏବର ଶାସନ ବ୍ୟବସ୍ଥାରେ, 'ଥିଙ୍କ ଟ୍ୟାଙ୍କ' ପ୍ରାୟ ଏକ ଭୁଲ୍ ନାମ । କାରଣ ନୀତି ଆୟୋଗ କେବଳ ଚିନ୍ତା କରେ ନାହିଁ; ଏହା ଉତ୍ସାହିତ କରେ, ସମନ୍ୱୟ ରକ୍ଷା କରେ, ବେଳେବେଳେ ପ୍ରୋତ୍ସାହିତ କରେ । ସିଇଓଙ୍କ ପଦବୀ ଭାରତର ଭବିଷ୍ୟତ ବିଷୟରେ କେବଳ ପରାମର୍ଶ ଦିଏ ନାହିଁ, ବରଂ ପ୍ରମୁଖ ଯୋଜନାଗୁଡ଼ିକ ଯେମିତି ଆନ୍ତଃ–ମନ୍ତ୍ରଣାଳୟ ବିଭେଦ ମଧ୍ୟରେ ସତ୍ତା ନ ହରାଏ ତାହା ନିଶ୍ଚିତ କରିଥାଏ । ପରବର୍ତ୍ତୀ ସିଇଓ କେବଳ ଏକ ନୀତିଗତ ସଂସ୍ଥା ଚଳାଇବେ ନାହିଁ; ଶାସନର ଏକ ପର୍ଯ୍ୟାୟକୁ ଗ୍ରହଣ କରିବେ ।

### ଶୃଙ୍ଖଳାଗତ ନାଟକ

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ଆଦେଶ ଆଇଆର୍‌ଏସ୍ ଅଧିକାରୀ ସମୀର ୱାଙ୍ଖେଡେଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ କିଛି ସମୟ ପାଇଁ ରୋକି ଦେଇଥିଲେ । ନିକଟରେ ଦିଲ୍ଲୀ ହାଇକୋର୍ଟ ଏହି ଆଦେଶକୁ ଖାରଜ କରିଦେଇଛନ୍ତି । ଅର୍ଥାତ୍ ଚାର୍ଜ ମେମୋ ବା କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଚିଠି ବଳବତ୍ତର ରହିଛି ଏବଂ ତଦନ୍ତ ପାଇଁ ବାଟ ଖୋଲା ରହିଛି । ଚାର୍ଜ ମେମୋ ଅର୍ଥ ଦୋଷୀ ସାବ୍ୟସ୍ତ ନୁହେଁ । ଏହା ପ୍ରାରମ୍ଭିକ ସଙ୍କେତ । ହାଇକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି , ଯଦି ଏଥିରେ କିଛି ବେଆଇନ କାର୍ଯ୍ୟ ହୋଇଛି ତେବେ ବିଭାଗୀୟ ପ୍ରକ୍ରିୟାକୁ ତା' ବାଟରେ ଯିବାକୁ ଦିଅନ୍ତୁ । ତଦନ୍ତ ଗତିଶୀଳ ହେବା ପୂର୍ବରୁ ଏହାକୁ ବନ୍ଦ କରନ୍ତୁ ନାହିଁ । ସିଏଟି ପୂର୍ବରୁ ବହୁତ ନାଟକୀୟ ଦୃଷ୍ଟିକୋଣ ନେଇ ପଦକ୍ଷେପ ପଛରେ ଥିବା ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ପକ୍ଷପାତିତା ପ୍ରତି ଇଙ୍ଗିତ କରିଥିଲେ । ଏହା କୌଣସି ଛୋଟ ମନ୍ତବ୍ୟ ନ ଥିଲା । କିନ୍ତୁ ହାଇକୋର୍ଟ କହିଛନ୍ତି, ଦ୍ୱେଷ ବା ପକ୍ଷପାତ ଅଭିଯୋଗକୁ ବିଚାର ଆରମ୍ଭରୁ ଗ୍ରହଣ କରାଯାଇପାରିବ ନାହିଁ । ତେବେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ କେବଳ ୨୦୨୧ କ୍ରୁଜ ଡ୍ରଗ୍ସ ମାମଲାର ପରବର୍ତ୍ତୀ ଝଟକା ନୁହେଁ, ବରଂ ତଦନ୍ତ ପୂର୍ବରୁ ଟ୍ରିବ୍ୟୁନାଲ ଏବଂ କୋର୍ଟମାନେ ସର୍ଭିସ ମାମଲାରେ କେତେଦୂର ପଦକ୍ଷେପ ନେବା ଉଚିତ, ତାହାକୁ ସୂଚିତ କରେ । ଯଦି ଆରମ୍ଭରୁ ପ୍ରତ୍ୟେକ ଚାର୍ଜ ମେମୋକୁ ନ୍ୟାୟିକ ଭାବରେ ବିଶ୍ଳେଷଣ କରାଯାଏ, ତେବେ ବିଭାଗୀୟ ଅନୁଶାସନ ସକ୍ରିୟ ହୋଇଯାଏ । ଯଦି କୌଣସିଟି ହେବନାହିଁ, ତେବେ ନ୍ୟାୟ ପ୍ରକ୍ରିୟାରେ ନିଷ୍ପକ୍ଷତାକୁ ଅଣଦେଖା କରାଯିବାର ଆଶଙ୍କା ରହେ । ପୂର୍ବରୁ ୱାଙ୍ଖେଡେଙ୍କ ମାମଲା ବିଭିନ୍ନ ଖବର କୋର୍ଟ ରୁମ ଏବଂ ଆଲୋଚନାଭିତ୍ତିକ ସ୍ତମ୍ଭ ଦେଇ ଗତି କରିସାରିଛି । ବର୍ତ୍ତମାନ ଏହା ଆଭ୍ୟନ୍ତରୀଣ ତଦନ୍ତକୁ ଫେରିଯାଇଛି । ତେବେ ଏହି ପ୍ରକ୍ରିୟାର ଶେଷ କେବେ ତାହା ଅଜଣା ।

### ପ୍ରଶାସନିକ ବିଶ୍ୱସ୍ତ

ଯଦି ଅମଲାତନ୍ତ୍ରିକ କାର୍ଯ୍ୟକାଳ ବୃଦ୍ଧି ଏକ ଖେଳ ହୋଇଥାନ୍ତା, ତେବେ ଅବନୀଶ କୁମାର ଅୱସ୍ତି ନିଶ୍ଚିତ ଭାବେ ମଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମୁଖ୍ୟ ପରାମର୍ଶଦାତା ଭାବରେ ୧୯୮୭ ବ୍ୟାଚର ଏହି ଅଭିଜ୍ଞ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ କାର୍ଯ୍ୟକାଳ ଚତୁର୍ଥ ଥର ପାଇଁ ବୃଦ୍ଧି କରାଯାଇଛି । ସେ ଆସନ୍ତା ବର୍ଷ ଫେବୃଆରୀ ପର୍ଯ୍ୟନ୍ତ କ୍ଷମତାରେ ରହିବେ । ଅନେକ ଦଶନ୍ଧିର କ୍ୟାରିୟର ପରେ ଅୱସ୍ତି ଅଗଷ୍ଟ ୨୦୨୨ରେ ଆନୁଷ୍ଠାନିକ ଭାବେ ଚାକିରିରୁ ଅବସର ନେଇଥିଲେ । ଚାକିରି କାଳ ମଧ୍ୟରେ ସେ ଗୃହ ବିଭାଗ, ସୂଚନା ବିଭାଗ ସମେତ ୟୁପିର କିଛି ସବୁଠାରୁ ଶକ୍ତିଶାଳୀ ଅମଲାତନ୍ତ୍ରିକ ଗଡ଼ର ନେତୃତ୍ୱ ନେଇଥିଲେ । କିନ୍ତୁ ଅବସର ପରେ ତାଙ୍କୁ ଏକ ନୂତନ ଓ 'ଅସ୍ଥାୟୀ' ଦାୟିତ୍ୱରେ ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ରୂପେ ନିଯୁକ୍ତ କରାଯାଇଥିଲା । ସେହି ଦାୟିତ୍ୱକୁ ଏବେ ଚତୁର୍ଥ ଥର ପାଇଁ ବୃଦ୍ଧି କରାଯାଇଛି । ଅନ୍ୟ ବାବୁମାନେ ଅବସର ନେଉଛନ୍ତି, କିନ୍ତୁ ଅୱସ୍ତିଙ୍କ କାର୍ଯ୍ୟକାଳ ବଢ଼ିଚାଲିଛି । ରାଜନୈତିକ ଦୃଷ୍ଟିରୁ ୨୦୨୭ରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଏବେ ପୁନର୍ବାର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ତେବେ ଜଣେ ନିକଟତମ ପ୍ରଶାସନିକ ବିଶ୍ୱସ୍ତଙ୍କୁ ପାଖରେ ରଖିବା ବିଶେଷକରି ନୀତି ଏବଂ ରାଜନୈତିକ ପରିଚାଳନାରେ ଅଧିକ ଉପଯୋଗୀ ହୋଇପାରେ । ଯେତେବେଳେ ଏକ ସରକାର ଜଣେ ଅବସରପ୍ରାପ୍ତ ବାବୁଙ୍କୁ ଲଗାତର ଦାୟିତ୍ୱରେ ରଖନ୍ତି ସେତେବେଳେ ଏହା କ'ଣ ସୂଚିତ କରେ? ଏହା କ'ଣ ଏକ ପ୍ରକାର ଚାକିରି ସୁରକ୍ଷା? ଯାହା ହେଉ, ଲକ୍ଷ୍ନୌରେ ପରାମର୍ଶଦାତା ନିଯୁକ୍ତି ଏକ ଖୋଲା ଚୁକ୍ତି ଭଳି ମନେହେଉଛି ।

Email: dilipcherian@gmail.com

# ସରକାର ଠିକାରେ ଚାଲିଛି



ସହଦେବ ସାହୁ

ଏକ ଚୁକ୍ତିବଦ୍ଧ କାମ ବା ସର୍ତ୍ତ ଆରୋପିତ କାର୍ଯ୍ୟକୁ ଠିକା କୁହାଯାଏ । ଯିଏ ସର୍ତ୍ତ ଅନୁଯାୟୀ କାମ ନ କରେ ତା'ଠାରୁ କାମ ଛଡାଇ ନିଆଯାଏ, ଏ ସର୍ତ୍ତ ରାଜନୈତିକ ଦଳର ମେମ୍ବରମାନଙ୍କ ପ୍ରତି ଲାଗୁ ହେଉନାହିଁ ବୋଲି ଦେଶରେ ଭ୍ରଷ୍ଟାଚାର ବଢୁଛି । ସେମାନେ ସରକାର ବନେଇବା ଠିକା ନେଇଛନ୍ତି ବୋଲି ଫରାସୀ ଦାର୍ଶନିକ ଜାଁ ଜାକ୍ ରଷୋ ତାଙ୍କ 'ସୋସିଆଲ୍ କଣ୍ଟ୍ରାକ୍ଟ' (୧୭୬୨) ବହିରେ ବୁଝାଇଛନ୍ତି: ମଣିଷ ଆଜନ୍ମ ମୁକ୍ତ ବା ସ୍ୱାଧୀନ । ନିଜର ଭଲ ପାଇଁ, ପରସ୍ପରର ସୁରକ୍ଷା ପାଇଁ ଓ ସମସ୍ତଙ୍କ ମଙ୍ଗଳ ପାଇଁ ମଣିଷ ତା'ର ମୁକ୍ତ ଜୀବନକୁ, ତା'ର ପ୍ରାକୃତିକ ସ୍ୱାଧୀନତାକୁ ସର୍ବସାଧାରଣ–ଇଚ୍ଛା ଉପରେ ଛାଡିଦେଇଛି, ଏହି ଇଚ୍ଛାର ପରିପ୍ରକାଶ ହେଉଛି ରାଷ୍ଟ୍ର । ରାଷ୍ଟ୍ରର ବୈଧ କ୍ଷମତା ସମସ୍ତ ନାଗରିକଙ୍କ ଦ୍ୱାରା ସମ୍ମତ ଏକ ଚୁକ୍ତିନାମା (କଣ୍ଟ୍ରାକ୍ଟ) ଉପରେ ଆଧାରିତ । ମଣିଷ ତା'ର ବାସସ୍ଥାନ ଭିତରେ ପ୍ରତିନିଧି ପଠାଇ ରାଷ୍ଟ୍ରକୁ ଚଳାଇବାର ସରକାର ଗଢେ । ତେଣୁ ସରକାର ଏକ ସାମାଜିକ ଠିକା (ସୋସିଆଲ୍ କଣ୍ଟ୍ରାକ୍ଟ) । ପ୍ରତିନିଧିମାନେ ଏ ଠିକାକୁ ଠିକ୍ ବାଟରେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ଜାଣିବାକୁ ମଝିରେ ମଝିରେ ସେମାନଙ୍କ ଉପରେ ଲୋକଙ୍କର ଆସ୍ଥା ଅଛି କି ନାହିଁ ଜାଣିବାକୁ ପଡିବ । ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ସାନି ଲୋକ–ମତ ଜାଣିବାକୁ ପ୍ରତିନିଧିମାନଙ୍କୁ ଏକ ନିର୍ବାଚନର ସମ୍ମୁଖୀନ ହେବାକୁ ପଡିବ । ତେଣୁ ଗଣତନ୍ତ୍ରର ମୂଳଦୁଆ ହେଉଛି ନିର୍ବାଚନ: ନିର୍ବାଚନ ଜରିଆରେ ନାଗରିକମାନେ ମତ ପ୍ରକାଶ କରନ୍ତି ଯେଉଁମାନେ ଶାସନ ଭାର ସମ୍ଭାଳିବାର ଠିକା ନେଇଥିଲେ ସେମାନେ ରହିବେ ନା ନୂଆ ପ୍ରତିନିଧି ପଶିବେ । ଭୋଟ ଜରିଆରେ ତାହା ନିଶ୍ଚିତ କର ।

ରଷୋଙ୍କ ରଚନା କହେ, ଲୋକେ ନିଜର ମଙ୍ଗଳ ପାଇଁ ସରକାର ଚଳାଇବାର ଠିକା ସେମାନଙ୍କ ପ୍ରତିନିଧିମାନଙ୍କୁ ଦେଇଛନ୍ତି । ଏ ହେଉଛି ଗଣତନ୍ତ୍ରର ମୂଳକଥା । ସରକାର ଗଢିଥିବା ଆମ ପ୍ରତିନିଧିମାନେ ସରକାର କିପରି ଚାଲିବ ତାହାର ନିୟମ କରନ୍ତି । ସବୁ ନିୟମର ମୂଳ ବା ଆଧାର ହେଉଛି ସମ୍ବିଧାନ, ତା ଅନୁସରଣରେ ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଆଇନ ବା ସ୍ୱତନ୍ତ୍ର ନିୟମ ତିଆରି କରନ୍ତି ଏବଂ ସେଗୁଡିକର ଯଥାଯଥ ସମ୍ପାଦନ ପାଇଁ ଅନୁଷ୍ଠାନ ତିଆରି କରନ୍ତି ଏବଂ କର୍ମଚାରୀ ନିଯୁକ୍ତ କରନ୍ତି । ଆମ ସମ୍ବିଧାନରେ ପୂରାପୂରି ଅଧ୍ୟାୟଟିଏ ଅଛି କେମିତି କର୍ମଚାରୀ ବଛା ହେବେ ଓ ରହିବେ: 'ଭାଗ ୧୪, ଧାରା ୩୦୮ରୁ ୩୨୩'– 'କେନ୍ଦ୍ର ସରକାର ଓ ରାଜ୍ୟ ସରକାରରେ ସେବା' ପାଇଁ ନିଯୁକ୍ତି ସମ୍ପର୍କରେ । କର୍ମଚାରୀ ନିଯୁକ୍ତି ପାଇଁ ଲୋକପ୍ରତିନିଧିମାନେ ଆଇନ ପ୍ରଣୟନ କରିବେ । ସବୁ ନିଯୁକ୍ତି ଆରମ୍ଭରେ ଚୁକ୍ତିଭିତ୍ତିକ, ସର୍ତ୍ତ ପୂରଣ ହୋଇଗଲେ ବୈଧାନିକ ନିଯୁକ୍ତିଗୁଡିକ ସ୍ଥାୟୀ ନିଯୁକ୍ତିରେ




ପରିଣତ ହୁଏ । ଆଇଏଏସ୍, ଆଇପିଏସ୍ ଭଳି ସାମ୍ବିଧାନିକ ଚାକିରିର ଆରମ୍ଭ ହୁଏ ଏକ ଚୁକ୍ତିମୂଳକ ପତ୍ରରୁ, ତାହା କୌଣସି ଗୁଣରେ ଠିକା–ଚାକିରିରୁ କମ୍ ନୁହେଁ: ସର୍ତ୍ତରେ ରାଜି ନ ହେଲେ ନିଯୁକ୍ତି ମିଳିବ ନାହିଁ । ଯଦି ରାଜି ହେଲେ ପ୍ରଥମେ ପରୀକ୍ଷାମୂଳକ ଚାକିରି (ପ୍ରୋବେଶନ୍) ମିଳିବ, ଭଲ ଫଳ ଦେଖାଇଲେ ସ୍ଥାୟୀ ନିଯୁକ୍ତି ମିଳିବ । ତା'ପରେ ମଧ୍ୟ ଆଚରଣ ବିଧି ଓ ଅନ୍ୟ ସର୍ତ୍ତାବଳୀ ନ ମାନିଲେ ଚାକିରି ଗଲା । ରଷୋଙ୍କ ଭାଷାରେ ଠିକା(ସର୍ତ୍ତ)ରେ ଗଢାହୋଇଥିବା ସରକାର ମନଇଚ୍ଛା ଠିକା ନିଯୁକ୍ତି ଦେଉଛନ୍ତି, ଦିନ ମଜୁରିଆ ଭଳି– ପୁଣି ଆଉ ଗୋଟିଏ ମଧ୍ୟସ୍ଥ ରଖିଛନ୍ତି – ଠିକାଦାର ବା କଣ୍ଟ୍ରାକ୍ଟର, ଯିଏ ପ୍ରାର୍ଥୀ ବାଛିବ ତା ମନମୁତାବକ, ଅର୍ଥାତ୍ ବିଧାୟକଙ୍କ ମନଲାଖି ବା ନିୟନ୍ତ୍ରଣକାରୀ ଅଫିସରଙ୍କ ଜରିଆରେ ବିଧାୟକଙ୍କ ମନଲାଖି ହୋଇଥିବ । ସିଏ ଦାଦନ କର୍ମଚାରୀଠାରୁ କେଉଁ ଗୁଣରେ ଭଲ ବ୍ୟବହାର ପାଏ? ସରକାରୀ ନିଯୁକ୍ତିରେ ମନଇଚ୍ଛା ଠିକା କର୍ମୀ ବା ଶ୍ରମିକ ରଖିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ବାରମ୍ବାର କହିଆସୁଛନ୍ତି, କିନ୍ତୁ ତାଙ୍କ ରାୟକୁ ଭ୍ରୂକ୍ଷେପ କରୁନାହାନ୍ତି ନାଗରିକମାନଙ୍କଠାରୁ ୫ ବର୍ଷର ଠିକା ପାଇଥିବା ବିଧାୟକ ଓ ସାଂସଦମାନେ । ସମ୍ବିଧାନରେ ଧାରା ୩୦୯ରେ ଥିବା ସୁରକ୍ଷା ଠିକା କର୍ମଚାରୀଙ୍କ ପାଇଁ ନାହିଁ । ପୁଣି ଠିକାରେ ଗୁଡାଏ ଲୋକ ରଖିଲେ ଜଣେ ଠିକାଦାର ଦରକାର, ସିଏ ସତେ ଯେପରି ଗୋଟିଏ ଗୋଟିଏ ପବ୍ଲିକ୍ ସର୍ଭିସ୍ କମିଶନ୍ । 'ଠିକା କର୍ମଚାରୀ' ଆଉ 'ଠିକାଦାର ମାଧ୍ୟମରେ କର୍ମଚାରୀ' ଭିତରେ ବହୁତ ପ୍ରଭେଦ, ପ୍ରଥମଟିରେ ନିୟମାବଳୀ ଅନୁଯାୟୀ ଯୁକ୍ତିଦାତା ବାଛିବ, ଦ୍ୱିତୀୟଟିରେ ଠିକାଦାର ଯାହାଙ୍କୁ ବାଛିଥିବ ତାହାକୁ ବା ସେହିମାନଙ୍କ ଭିତରୁ ଜଣକୁ ନିଯୁକ୍ତିଦାତା ନିଯୁକ୍ତ କରିବ । ତେଣୁ ନିଯୁକ୍ତିଦାତା ଯାହାକୁ ନେବ ବୋଲି ଇଙ୍ଗିତ କରିଥିବ ତାହାରି ନାଁ ହିଁ ଠିକାଦାର ପଠାଇବ । ତେଣୁ ଠିକାଦାର ଜରିଆରେ କର୍ମୀ ଆଣିବା ଏକ ଭ୍ରଷ୍ଟାଚାର । ଯୁଦ୍ଧ କାମ ଭଳି ସାମୟିକ ବା ମୃତ୍ୟୁମୁଖୀୟ ବିପଦ ଥିବା କର୍ମଚାରୀ ନିଯୁକ୍ତିରେ ଠିକାଦାର ପ୍ରଥା ଆମେରିକା ଓ ରୁଷିଆ ଗ୍ରହଣ କରିଛନ୍ତି, କାରଣ ଇଚ୍ଛୁକ ନାଗରିକ ମିଳୁନାହାନ୍ତି । ଠିକା କର୍ମଚାରୀ ରଖିବା କ'ଣ ଯୁଦ୍ଧ କ୍ଷେତ୍ରକୁ ଠେଲିଦେବା ଭଳି ବ୍ୟବସ୍ଥା । ଠିକାରେ ପରୀକ୍ଷା ପ୍ରଶ୍ନପତ୍ର ଛପାଇବା ଓ ମୂଲ୍ୟାୟନ କରିବା କିଭଳି ଭ୍ରଷ୍ଟାଚାର ସୃଷ୍ଟି କରୁଛି ତାହା ସମସ୍ତେ ଜାଣିଛନ୍ତି– ଏଥିରେ ରାଜନୀତିକ ଓ ଆର୍ଥିକ ଫାଇଦା ଶାସକଦଳ ମାରିନିଏ । ଅତି ଦରକାରୀ, ଅଳ୍ପ ସମୟ ପାଇଁ ବା ଏମିତି ଗୋଟିଏ କାମ ଯାହାର ପୁନରାବୃତ୍ତି ହେବ ନାହିଁ ସେପରି କାମ ବା ସେବା ପାଇଁ ଠିକା କାମ ଦିଆଯାଇପାରେ । କାରଣ ସବୁ ଆଇନ ମାନି ନିଯୁକ୍ତି କଲା ବେଳକୁ ସେ କାମର ଆବଶ୍ୟକତା ସରିଯାଇପାରେ । ନିଯୁକ୍ତି କ୍ଷେତ୍ରରେ ବାଛବିଚାର ରହିବ ନାହିଁ ବୋଲି ସମ୍ବିଧାନର ଧାରା ୧୪ ଓ ୧୬ କହୁଛି । ପୁଣି ଧାରା ୩୦୯ ସରକାରକୁ କ୍ଷମତା ଦେଇଛି ନିଯୁକ୍ତି ଲାଗି ରୁଲ୍‌ସ (ନିୟମାବଳୀ) ତିଆରି କରିପାରିବେ । ତା'ମାନେ ନୁହେଁ ଯେ ସ୍ଥାୟୀ ଓ ଆବଶ୍ୟକ ପଦ ପାଇଁ ଲୋକଙ୍କୁ ଠିକାରେ ରଖିବ ଆଉ ବହୁ ଦିନ ଧରି ଠିକାରେ ରହି ସେମାନଙ୍କ କାମକୁ ନିୟମିତ ଓ ସବୁଦିନିଆ ପ୍ରମାଣିତ କରୁଥିବା କର୍ମଚାରୀଙ୍କୁ ପୋଲିସ(ଯେଉଁମାନଙ୍କ ଭିତରେ ବି ଠିକା କର୍ମଚାରୀ ଥିବେ) ଲଗାଇ ଲାଠିମାଡ ଦେବ!

ରାଜନୈତିକ ଦଳର ସ୍ୱାର୍ଥରେ ଦଳର ବିଧାୟକମାନେ କାର୍ଯ୍ୟପାଳିକା (ଏଗ୍‌ଜିକ୍ୟୁଟିଭ୍) ଉପରେ କର୍ତ୍ତୃତ୍ୱ ଜାହିର କରିବାକୁ ଚାହାନ୍ତି । ଏହାର ଗୋଟିଏ ଦିଗ ହୋଇପଡିଛି ନିଜେ ପଦାଧିକାରୀ ହେବା ଏବଂ କିଛି ଅନୁଗତଙ୍କୁ ସରକାରୀ ଚାକିରି ଯୋଗାଇବା –ସମ୍ବିଧାନରେ ପ୍ରାବଧାନ ଅଛି ଯେ କର୍ମଚାରୀ ନିଯୁକ୍ତିର ଆଇନ ତିଆରି କରିହେବ । ସେମାନେ ଔଚିତ୍ୟ ଓ ନୈତିକତା ଭୁଲି ସରକାରୀ ଅଧିକାରୀ ହେବାକୁ ଚାହାନ୍ତି । ସମ୍ବିଧାନରେ ଅଛି ଯେ ସରକାରୀ ଚାକିରି (ଅଫିସ୍ ଅଫ୍ ପ୍ରଫିଟ୍)ରେ ଥିଲେ କୌଣସି ବ୍ୟକ୍ତି ଜନପ୍ରତିନିଧି ହୋଇପାରିବ ନାହିଁ, ନିର୍ବାଚିତ ହୋଇଥିଲେ ବି ଏମ୍‌ଏଲ୍‌ଏ କି ଏମ୍‌ପି ହୋଇପାରିବେ ନାହିଁ । ଆମ ବିଧାୟକମାନେ ତାହା ମାନିବାକୁ ରାଜିନୁହନ୍ତି– ସେମାନେ ନିଜେ ଥିବା ଅଫିସ୍ ଅଫ୍ ପ୍ରଫିଟକୁ ଅଫିସ୍ ଅଫ୍ ପ୍ରଫିଟ୍ ନୁହେଁ ବୋଲି ଆଇନ କରିନେଉଛନ୍ତି: ଭାଷାର ଅଭିଧାନ ଭୁଲିଯାଉଛନ୍ତି । ବିଭିନ୍ନ ସଂସ୍ଥାର ଅଧ୍ୟକ୍ଷ ହୋଇ ଦରମା ଓ ଭତ୍ତା ତ ପାଉଛନ୍ତି, ଆଉ ଠିକା କର୍ମଚାରୀ ନିଯୁକ୍ତ କରିବାର କ୍ଷମତା ପାଉଛନ୍ତି । ଆଉ ଆଭିଧାନିକ ଅପଭ୍ରଂଶ ହେଉଛି ପେନସନ୍ ଶବ୍ଦର ବହୁବଚନ: ଯେତେଥର ଏମ୍‌ଏଲ୍‌ଏ ବା ସାଂସଦ ହେବେ ସେତେଥର ଅଧିକା ପେନ୍‌ସନ ପାଇବେ ବୋଲି ସେମାନେ ହିଁ ନିୟମ କରିନେଇଛନ୍ତି । ଅଫିସ୍ (ସଭାଗୃହ) ନ ଯାଇ ମଧ୍ୟ ଦରମା ନେବେ । ସଭାଗୃହକୁ ଯାଇ ଚୌକି ବେଞ୍ଚ ଫୋପଡାଫୋପଡି କରି ବି ସେ ଦିନର ଦରମା ସାଙ୍ଗକୁ ସେ ଦିନର ଭତ୍ତା ପାଇବେ । କାହିଁ ପିଅନ ଜମାଦାର ହେଲେ ପିଅନର ପେନ୍‌ସନ ସାଙ୍ଗକୁ ଜମାଦାରର ପେନ୍‌ସନ ପାଉନାହିଁ ତ । ଅଧ୍ୟାପକରୁ କୁଳପତି ହେଲେ ଅଧ୍ୟାପକର ପେନ୍‌ସନ ସାଙ୍ଗକୁ କୁଳପତିର ପେନ୍‌ସନ ମିଳୁନାହିଁ ତ । ଏମ୍‌ଏଲ୍‌ଏ, ଏମ୍‌ପି ହେଲେ ଦୁଇଟା ଯାକର ପେନ୍‌ସନ ପାଉଛି । ସରକାରୀ କର୍ମଚାରୀମାନେ ମାସିକ ଦରମାରୁ କମ୍ ପେନସନ ପାଉଥିବା ବେଳେ ୧୦ ଥର ହୋଇଥିବା ଲୋକପ୍ରତିନିଧି ମୂଳ ଦରମାର ଛ ସାତ ଗୁଣ ପେନ୍‌ସନ ପାଇବାରେ ଟିକିଏ ହେଲେ ଦ୍ୱିଧା କରୁନାହାନ୍ତି । ଏଭଳି ସ୍ଥଳେ କହିବା କି ରାଜନେତାମାନେ ପଇସା ମାରିବାର ଠିକା ନେଇଛନ୍ତି!

–sahadevas@yahoo.com

# ଶିଶୁକୈନ୍ଦ୍ରିକ ଶିକ୍ଷା



ରାଜୀବ କୁମାର ନାୟକ

ଅନେକ ସମୟରେ ମନକୁ ଆସେ ଆଜି ପର୍ଯ୍ୟନ୍ତ ଆମେ ଏମିତି ପରିବେଶଟେ ସୃଷ୍ଟି କରିପାରିଲେନି ଯେଉଁଠି ବିଦ୍ୟାଳୟ ଖୋଲିବାର ସମୟ ଏବଂ ଛୁଟି ସମୟର ଚିତ୍ର ପ୍ରାୟତଃ ସମାନ ମନେହେଉଥିବ । ଆମେ କିନ୍ତୁ ବୁଝିପାରି ନ ଥାଉ ଯେ ଏହି କାରଣରୁ ଅନେକ ପିଲା ଅଧାରୁ ପାଠ ଛାଡି ଦେଉଛନ୍ତି, ସେମାନେ ବିଦ୍ୟାଳୟକୁ ପଢି ଯିବାର ନାଁ ଧରିଲେ କାନ୍ଦୁଛନ୍ତି, ଅଝଟ କରୁଛନ୍ତି, ଲୁଚୁଛନ୍ତି କିନ୍ତୁ ବିଦ୍ୟାଳୟରୁ ଛୁଟି ହେଲେ ବହୁତ ଜୋରରେ ସ୍କୁଲରୁ ଦୌଡି ଦୌଡି ଘରେ ହାଜର । ଏଥିରୁ ସହଜରେ ଅନୁମେୟ ଯେ ସେମାନେ ପାଠକୁ ଉପଭୋଗ କରିପାରୁ ନାହାନ୍ତି ଏବଂ ପାଠ ତାଙ୍କ ପାଇଁ ଏକ ବୋଝ ଭଳି ପ୍ରତୀୟମାନ ହେଉଛି । ଅନେକ ସମୟରେ ଏହା ମଧ୍ୟ ମନକୁ ଆସେ ସତରେ କ'ଣ ୫/୭ ବର୍ଷର ଶିଶୁଟିଏ ବିଦ୍ୟାଳୟରେ ଏକାଧିକାଳ ଛଅ ଘଣ୍ଟା ରହିବା ନିହାତି ଦରକାର । ଠିକ୍ ସେହିପରି ଶିଶୁର ଓଜନଠାରୁ ତା'ର ବ୍ୟାଗର ଓଜନ ଅଧିକା ହେବା କେତେଦୂର ଯଥାର୍ଥ । ଅନେକ ସମୟରେ ଏହା ମଧ୍ୟ ଦେଖା ଯାଇଥାଏ ଯେ 'ଆଜିର ଶିଶୁ କାଲିର ନାଗରିକ' କହି ଆମେ ଶିଶୁ ପାଇଁ କ'ଣ ଉପଯୁକ୍ତ, କ'ଣ ଅନୁପଯୁକ୍ତ ତା'ର ମତାମତ ନ ନେଇ ନିଜେ ନିର୍ଦ୍ଧାରଣ କରୁ । ଏହି ସବୁ ପ୍ରଶ୍ନକୁ ଆଖି ଆଗରେ ରଖି ଜାପାନର ଜଣେ ପ୍ରଖ୍ୟାତ ଟେଲିଭିଜନ ବ୍ୟକ୍ତିତ୍ୱ ଟେଟସୁକୋ କୁରୁୟୋନାଗୀ ନିଜ ପିଲାଦିନକୁ ନେଇ ଶିଶୁ କୈନ୍ଦ୍ରିକ ଶିକ୍ଷା ଉପରେ ଏକ ସୁନ୍ଦର ପୁସ୍ତକ ରଚନା କରିଛନ୍ତି ଯାହାର ନାମ 'ତତ୍ତୋଚାନ–ଝରକା ସମୀପରେ ଏକ ଛୋଟ ଝିଅ' । ପୁସ୍ତକଟି ୧୯୮୧ରେ ପ୍ରଥମଥର ସକାଶେ ପ୍ରକାଶିତ ହୋଇଥିବାବେଳେ ଏହା ଏକ ଅଧିକ ବିକ୍ରି ହୋଇଥିବା ବହି ନାମରେ ବେଶ୍ ଖ୍ୟାତି ଅର୍ଜନ କରିଛି ।

ବହିଟି ହେଉଛି ଲେଖକଙ୍କ ନିଜସ୍ୱ ବାଲ୍ୟାବସ୍ଥାର କାହାଣୀ, ଯେଉଁଠି ତାଙ୍କର ଶିକ୍ଷାଲାଭର ଆଦ୍ୟାବସ୍ଥାରେ ଅତ୍ୟଧିକ ଜାଣିବାର ଆଗ୍ରହ ତଥା ଉତ୍ସାହ କାରଣରୁ ଏକ ବିଦ୍ୟାଳୟରୁ ବାହାର କରି ଦିଆଯାଏ ଏବଂ ତାଙ୍କ ମାଆ ତାଙ୍କର ନାମ ନେଇ ଲେଖାନ୍ତି 'ତୋମୋଇ ଗାକୁନ' ବିଦ୍ୟାଳୟରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନରେ ସ୍ଥାପିତ ଏହା ଏକ ଆଦର୍ଶ ବିଦ୍ୟାଳୟ, ଯେଉଁଠି ଶିକ୍ଷା, କୌତୁକ, ସ୍ୱାଧୀନତା ତଥା ପ୍ରେମକୁ ଗୁରୁତ୍ୱ ଦିଆଯିବା ଉପରେ ପର୍ଯ୍ୟବସିତ ଥିଲା । ଏହି ବିଦ୍ୟାଳୟ ଚାଲୁଥିଲା ସୋସାକୁ କୋବାୟାସିଙ୍କ ନେତୃତ୍ୱରେ, ଯିଏକି ଏହାର ପ୍ରଧାନଶିକ୍ଷକ ଥିଲେ । ଏହି ବିଦ୍ୟାଳୟର ଅଭିନବ ପଦ୍ଧତିରେ ଶିକ୍ଷାଦାନ ଅନେକଙ୍କୁ ଆକର୍ଷିତ କରିଥାଏ । ଏହି କ୍ରମରେ ରେଳଡବାରେ ଶ୍ରେଣୀଗୃହ ଦ୍ୱାରା ତତ୍ତୋଚାନ ପରି ଶିଶୁ ବିଶେଷ ଭାବରେ ଅଭିଭୂତ ହେଉଥିଲେ ।

ଶିଶୁ କୈନ୍ଦ୍ରିକ ଶିକ୍ଷା କ୍ରମରେ ଏଠାରେ ପ୍ରତ୍ୟେକ ଶିଶୁକୁ ସ୍ୱତନ୍ତ୍ର ଭାବରେ ବିବେଚନା କରାଯାଉଥିଲା । ଉଦାହରଣ ସ୍ୱରୂପ–ତତ୍ତୋଚାନ ଏହି ବିଦ୍ୟାଳୟରେ ପାଦ ଦେବାର ପ୍ରଥମଦିନ ହିଁ



ପ୍ରଧାନଶିକ୍ଷକ ତାଙ୍କୁ ପାଖରେ ବସାଇ ପାଖାପାଖି ଚାରିଘଣ୍ଟା ଧରି ଶୁଣିଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏଠାରେ ଶିଶୁଙ୍କର ସ୍ୱରକୁ ଶୁଣିବାକୁ ସମ୍ମାନ ଦିଆଯାଉଥିଲା, ଯାହାକି ଶିଶୁ କୈନ୍ଦ୍ରିକ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । କଥା ହେଲା ପ୍ରତ୍ୟେକ ଶିଶୁକୁ ଶୁଣାଯିବା ଦରକାର,ଆକଳନ କରାଯିବା ଉଚିତ ନୁହେଁ । ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ପ୍ରତିଦିନ କେଉଁ କ୍ରମରେ ପଢିବେ ତାହା ନିଜେ ସ୍ଥିର କରିବା ଫଳରେ ତାଙ୍କୁ ସ୍ୱତ୍ୱାଧିକାର, ଦାୟିତ୍ୱବୋଧ ତଥା ଆନ୍ତରିକ ପ୍ରେରଣା ମିଳିବ ବୋଲି ହୃଦ୍‌ବୋଧ କରାଯାଉଥିଲା । ଏହାର ଉଦ୍ଦେଶ୍ୟ ବାଧ୍ୟବାଧକତାରେ ଶୃଙ୍ଖଳା ବଦଳରେ ଶିକ୍ଷା ଗ୍ରହଣ ଆନନ୍ଦଦାୟକ ହେବା ସହିତ ଆତ୍ମ ନିର୍ଦ୍ଦେଶିତ ହେବ ।

ଏହି ବିଦ୍ୟାଳୟରେ ତତ୍ତୋଚାନଙ୍କର ଜିଜ୍ଞାସାକୁ ନିରୁତ୍ସାହିତ କରା ନ ଯାଇ ପ୍ରଶଂସା କରାଯାଉଥିଲା । ମଧ୍ୟାହ୍ନଭୋଜନରେ ସନ୍ତୁଳିତ ଆହାର ଯେମିତି କିଛି ନଦୀ, ପୋଖରୀ, ସମୁଦ୍ରରୁ ଏବଂ କିଛି ପାହାଡରୁ ଅର୍ଥାତ୍ ମାଛ, ମାଂସ, ଅଣ୍ଡା ସହିତ ପନିପରିବା, ଛତୁ ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯାଉଥିଲା । ବାର୍ଷିକ କ୍ରୀଡାକୁ ଏପରି ଭାବରେ ପ୍ରସ୍ତୁତ କରାଯାଉଥାଏ ଯେ ପ୍ରତ୍ୟେକ ଶିଶୁ ଯେପରି ପ୍ରତିଯୋଗିତାରେ ପୁରସ୍କାର ନିଶ୍ଚିତ ପାଇବ । ତହିଁରେ ପୁଣି ପନିପରିବା ପୁରସ୍କାର ଦେବାର ଅର୍ଥ ପରିବାରର ରୋଷେଇରେ ଶିଶୁର କିଛି ଯୋଗଦାନ ସାମ୍ନାକୁ ଆସିବ । ଲାଇବ୍ରେରୀରେ ଯାହା ମନକୁ ଯାହା ଇଚ୍ଛାହେଲା ପଢିବାକୁ ଉତ୍ସାହିତ କରା ଯାଉଥିଲା । ଏଥିସହିତ ବିଦ୍ୟାଳୟ ବାହାରେ ଶିବିରର ଆୟୋଜନ ସ୍ୱାଧୀନ ଭାବରେ ଚଳି ଶିଖିବାର ଶିକ୍ଷା ଦେବା ସକାଶେ ଅଭିପ୍ରେତ । ତତ୍ତୋଚାନ ଜଳକୁଣ୍ଡରେ ପଡିଯିବା ମଧ୍ୟ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଶିକ୍ଷା ଦେଇଛି । ପ୍ରଧାନଶିକ୍ଷକ ସବୁବେଳେ ବିଚାର କରନ୍ତି ଯେ ପ୍ରତ୍ୟେକ ଶିଶୁ ସ୍ୱାଭାବିକ ଭାବରେ ଭଲ । ତେଣୁ ଦଣ୍ଡବିଧାନର ଆବଶ୍ୟକ ନାହିଁ । ଏହା ଶିଶୁକୁ ଆତ୍ମବିଶ୍ୱାସ ତଥା ଆବେଗିକ ସୁରକ୍ଷା ପ୍ରଦାନ କରିବ । ଶିଶୁମାନେ ବିନା ଦ୍ୱିଧାରେ ସେମାନଙ୍କୁ ମୁକ୍ତ ଭାବରେ ପ୍ରକାଶ କରିପାରିବେ । ଏହାଦ୍ୱାରା ସୃଜନଶୀଳତାର ମଧ୍ୟ ବିକାଶ ଘଟିବ । ସୁରକ୍ଷିତ ଏବଂ ଶିଶୁ ଅନୁକୂଳ ପରିବେଶ ଶିକ୍ଷା ବୃଦ୍ଧିରେ ସହାୟକ ହେବା ସହିତ ପରୀକ୍ଷା ବାହାରକୁ ଯାଇ ଚରିତ୍ର ଗଠନ, ସମାନୁଭୂତି, ସହଯୋଗ ଏବଂ ଖୁସିକୁ ଘୋଷା ଶିକ୍ଷା ବା ପ୍ରତିଯୋଗିତା ଅପେକ୍ଷା ଏଠାରେ ବେଶି ଗୁରୁତ୍ୱ ଦିଆଯାଉଥିଲା ।

ମୋଟାମୋଟି ଭାବରେ ଏଠାରେ ଏଠାରେ ୧. ବୁଝିବା ଏବଂ ଶିକ୍ଷାଦେବା ଉପରେ ଗୁରୁତ୍ୱ, ୨.କଠୋର ଅନୁଶାସନ ବଦଳରେ ଅଭିଜ୍ଞତା ମାଧ୍ୟମରେ ଶିକ୍ଷା, ୩. ଭିନ୍ନକ୍ଷମ ଶିଶୁମାନଙ୍କ ପ୍ରତି ସମାନୁଭୂତି ପ୍ରଦର୍ଶନ ତଥା ୪.ଶିକ୍ଷାରେ ଧୈର୍ଯ୍ୟ ଏବଂ ଉଦାର ଚିତ୍ତର ଭୂମିକାକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ପୁସ୍ତକଟି ଶିଶୁ ଅନୁକୂଳ ତଥା ସମାବେଶୀ ଶିକ୍ଷା ନିମନ୍ତେ ପରିବେଶ ସୃଷ୍ଟି ଦିଗରେ ଅଭିଭାବକ, ଶିକ୍ଷକ ତଥା ଶିଶୁ ଅଧିକାର କର୍ମୀମାନଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଯୋଗାଇବ ।

ମୋ: ୯୪୩୭୫୭୧୮୩୧

## ଏଇ ଭାରତରେ

ପାରମ୍ପରିକ ମେଶିନଗୁଡ଼ିକ ଦ୍ୱାରା ଧାନରୁ ଚୋପା ଛଡ଼ାଯାଇ ଚାଉଳ କରାଯିବା ବେଳେ ପ୍ରଚୁର ଧୂସ ବା କୁଣ୍ଡା ବାହାରେ । ଏହି ଧୂସ ବାୟୁରେ ମିଶି ପ୍ରଦୂଷଣ ବୃଦ୍ଧି କରୁଛି । ଏହି ସମସ୍ୟାକୁ ନିରୀକ୍ଷଣ କରି ତାହାର ସମାଧାନର ଉପାୟ ବାହାର କରିଛନ୍ତି ପୂଜା ପାଲ । ଉତ୍ତରପ୍ରଦେଶର ପୂଜା ୨୦୨୩ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସେ ଶସ୍ୟରୁ ଚୋପା ଛଡ଼ାଇବା ଲାଗି ଏକ ଧୂସବିହୀନ ମେଶିନ (ଥ୍ରେସର ମେଶିନ) ନିର୍ମାଣ କରିଥିଲେ । ପୂଜାଙ୍କୁ ଏହି କାର୍ଯ୍ୟରେ ସଫଳ ହେବା ପାଇଁ ତାଙ୍କ ସ୍କୁଲର ବିଜ୍ଞାନ ଶିକ୍ଷକ ସହଯୋଗ କରିଛନ୍ତି । ପୂଜା ତିଆରି କରିଥିବା ମେଶିନରେ ଜଳ–ଆଧାରିତ ପ୍ରକ୍ରିୟା ରହିଛି, ଯାହା ଧୂଳିଧୂସକୁ ଧରି ରଖୁଛି । ଫଳରେ ତାହା ବାୟୁମଣ୍ଡଳକୁ ଆସିପାରୁନାହିଁ । ସ୍କୁଲ ତରଫରୁ ଏହି ମେଶିନକୁ ସେ ବିଭିନ୍ନ ବିଜ୍ଞାନ ମେଳାରେ ପ୍ରଦର୍ଶନ କରିଥିଲେ । ପରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ସହଯୋଗରେ ଏହା ପ୍ୟାଟେଣ୍ଟ ପାଇଛି । ଭାରତର ଅନେକ କୁନି ବୈଜ୍ଞାନିକଙ୍କ ସହିତ ସେ ଜାପାନର ଟୋକିଓରେ ଆୟୋଜିତ ବିଜ୍ଞାନମେଳାରେ ଭାଗ ନେଇଥିଲେ । ସେ ଏବେ ଦଶମ ଶ୍ରେଣୀର ଛାତ୍ରୀ । ପୂଜାଙ୍କ ବାପା ଜଣେ ଦିନ ମଜୁରିଆ ଓ ସରକାରୀ ସ୍କୁଲରେ ରୋଷେୟା ଭାବେ କାମ କରନ୍ତି । ତେବେ ଏହି ମେଶିନ ତିଆରି କରିବା ପାଇଁ ପୂଜାଙ୍କୁ ସେମାନେ ତାଙ୍କ ରୋଜଗାରରୁ ୩୦୦୦ ଟଙ୍କା ଦେଇଥିଲେ, ଯାହାକୁ ନେଇ ପୂଜା ତାଙ୍କ ଲକ୍ଷ୍ୟ ପଥରେ ଆଗେଇଥିଲେ ଏବଂ ସଫଳ ହୋଇଥିଲେ ।

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ ଯାତନା
ହେଲା ସେ କି ।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| 9 | | | | 4 | | | 1 | |
| 4 | | 5 | 2 | 9 | | | | 7 |
| 1 | | 7 | | | | | | 2 |
| | | | | 6 | | | | 4 |
| 2 | | 9 | | | 7 | | | 3 |
| | | | 8 | | 1 | | | |
| | | | 5 | | | 2 | | |
| | 5 | | | | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 1 | 7 | 3 | 2 | 9 | 4 |
| 4 | 9 | 1 | 2 | 8 | 5 | 7 | 3 | 6 |
| 7 | 2 | 3 | 6 | 9 | 4 | 1 | 5 | 8 |
| 8 | 3 | 9 | 4 | 1 | 2 | 5 | 6 | 7 |
| 2 | 5 | 6 | 7 | 3 | 8 | 4 | 1 | 9 |
| 1 | 7 | 4 | 5 | 6 | 9 | 3 | 8 | 2 |
| 9 | 4 | 7 | 8 | 5 | 1 | 6 | 2 | 3 |
| 3 | 1 | 2 | 9 | 4 | 6 | 8 | 7 | 5 |
| 5 | 6 | 8 | 3 | 2 | 7 | 9 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ଷ୍ଟାଣ୍ଡ କାହିଁକି, ହେଲ୍‌ମେଟ କଥା ବି କୁହନ୍ତୁ

ମହାଶୟ,

ରାସ୍ତାରେ ଗଲାବେଳେ ପ୍ରାୟତଃ ଦେଖାଯାଏ ଯେ କେହି ଯଦି ବାଇକରେ ଯାଉଥିବା ସମୟରେ ଭୁଲ୍‌ବଶତଃ ଗାଡ଼ିର ଷ୍ଟାଣ୍ଡଟିକୁ ଉପରକୁ ଉଠେଇ ନ ଥାଏ, ତେବେ ଏହାକୁ ଯଦି ରାସ୍ତାରେ ଯାଉଥିବା ଅନ୍ୟ ବ୍ୟକ୍ତି ଦେଖନ୍ତି ତେବେ ସେହି ବାଇକ ଚାଳକଙ୍କୁ ଷ୍ଟାଣ୍ଡଟିକୁ ଉପରକୁ ଟେକିବାକୁ କହିଥା'ନ୍ତି । ପରବର୍ତ୍ତୀ ସମୟରେ ବାଇକ ଚାଳକ ତାଙ୍କ କଥାକୁ ମାନି ଷ୍ଟାଣ୍ଡଟିକୁ ଉଠେଇଦିଅନ୍ତି । ଅଜଣା ବ୍ୟକ୍ତି ହେଲେ ବି ଏହି ସାହାଯ୍ୟ ପ୍ରାୟତଃ ସମସ୍ତେ କରିଥା'ନ୍ତି । ଏହାକୁ ଜାତୀୟ ସାହାଯ୍ୟ ବୋଲି ଆଖ୍ୟା ମଧ ଦିଆଯାଇପାରେ । କାରଣ ଷ୍ଟାଣ୍ଡ ଝୁଲିକି ରହିଥିଲେ ବା ତଳକୁ ରହିଥିଲେ ଏହାଦ୍ୱାରା ବାଇକ ହମ୍ପସ କିମ୍ବା ଖାଲଖମାରେ ବାଜି ଗାଡିଚାଳକଙ୍କୁ କ୍ଷତି ପହଞ୍ଚାଇପାରେ । ଏ ବାବଦରେ ଅନ୍ୟକୁ ଜଣେଇଦେବା ଅଥବା ସାହାଯ୍ୟ କରିବା ଖୁବ୍ ଭଲ କଥା, ମାତ୍ର ଯଦି ଦୁଇଚକିଆ ଯାନରେ ଯାଉଥିବା ବ୍ୟକ୍ତି ହେଲ୍‌ମେଟ ପିନ୍ଧି ନ ଥା'ନ୍ତି ତେବେ ଆମେ ତାଙ୍କୁ ହେଲ୍‌ମେଟ ପିନ୍ଧିବାକୁ କହି ନ ଥାଉ କାହିଁକି ? ଷ୍ଟାଣ୍ଡ ନ ମାରିଲେ ଯଦି କହିପାରୁଛୁ ତେବେ ହେଲ୍‌ମେଟ ନ ପିନ୍ଧିଥିଲେ ସଚେତନ କରାଇବାରେ ବାଧା କେଉଁଠି ? ଯଦି ପ୍ରକୃତରେ ଆମେ ବାଇକଚାଳକଙ୍କ ହିତ କଥା ଚିନ୍ତା କରି ବାଇକ ଷ୍ଟାଣ୍ଡ ଉଠେଇବାକୁ କହିପାରୁଛୁ ତେବେ ହେଲ୍‌ମେଟ ପିନ୍ଧିବାକୁ କହିଲେ ହୁଏତ ସଡ଼କ ଦୁର୍ଘଟଣାରୁ ଅନେକ ଜୀବନ ରକ୍ଷା କରାଯାଇପାରିବ । ତେବେ ଆସନ୍ତୁ ଆମେ ଆଜିଠାରୁ ଷ୍ଟାଣ୍ଡ ସହିତ ହେଲ୍‌ମେଟ ପିନ୍ଧିବାକୁ ସମସ୍ତଙ୍କୁ ମନେପକାଇଦେବା । କାରଣ ହେଲ୍‌ମେଟ ଆମ ପାଇଁ ବୋଝ ନୁହେଁ, ଏହା ଆମର ସୁରକ୍ଷା କବଚ ।

**–ଦେବେନ୍ଦ୍ର କୁମାର ରାଉଳ, କୁଣଗଡ
ରାଜନଗର, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଛଧରାକୁ ନେଇ ରାଣୀଗାଁ ଅଶାନ୍ତ

■ ଏସ୍‌ଏଚ୍‌ଜିକୁ ଗ୍ରାମବାସୀଙ୍କ ବିରୋଧ
■ ପୋଲିସ ଉପସ୍ଥିତିରେ ଶାନ୍ତି କମିଟି ଗଠନ

ପୁରୁଷୋତ୍ତମପୁର,୬।୩(ସବିତା ମିଶ୍ର)

ପୋଖରୀରୁ ମାଛ ଧରିବାକୁ କେନ୍ଦ୍ର କରି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁରେ ଅଶାନ୍ତ ହୋଇପଡ଼ିଛି। କାନକାଟି ପୋଖରୀରୁ ମାଛ ଧରିବାକୁ ନେଇ ତିନିଦିନ ହେଲା ଲାଗି ରହିଥିବା ବିବାଦ ଶୁକ୍ରବାର ଉଗ୍ରରୂପ ନେଇଛି। ମାଛ ଧରୁଥିବା ଗୁଣେଶ୍ୱର ମହିଳା ସଂଘ(ଏସ୍‌ଏଚ୍‌ଜି) ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ବିନୋଦ ବେହେରା, ଏସ୍‌ଡିପିଓ ସୁଜିତ ନାୟକ,ଆଇଆଇସି କୁଳମଣି ସେଠୀ ପୋଲିସ ଫୋର୍ସ ସହ ଗ୍ରାମରେ ପହଞ୍ଚି ସରପଞ୍ଚ ଏନ. ଭାସ୍କରଦୋରା, ପିଇଓ ଏଲ ବାଲାୟାଙ୍କ ସମେତ ଉଭୟ ପକ୍ଷଙ୍କୁ ବୁଝାସୁଝା କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗ୍ରାମରେ ଶାନ୍ତି ପ୍ରତିଷ୍ଠାଲାଗି ଉଭୟ ପକ୍ଷଙ୍କୁ ନେଇ ଶାନ୍ତିକମିଟି ଗଠନ କରି ବୁଧବାର ମାଛଧରିବା ଲାଗି ସ୍ଥିର ହୋଇଛି। ଖବରରୁ ଜଣାପଡ଼ିଛି, ଗ୍ରାମରେ ଥିବା ସମସ୍ତ ପୋଖରୀକୁ ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ନିଜ ଅଧୀନରେ ରଖି ମାଛଚାଷ କରି ଏଥିରୁ ମିଳୁଥିବା ଲାଭାଂଶରୁ କିଛି ପରିମାଣ ମନ୍ଦିର ଉନ୍ନୟନରେ ବିନିଯୋଗ କରିଆସୁଥିଲେ। ମାତ୍ର ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାଲାଗି ଯୋଜନା କରି ଗତବର୍ଷ ମାଛଚାଷ ପାଇଁ କାନକାଟି ପୋଖରୀକୁ ଅନୁସୂଚିତଜାତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଲିଜ ଦେଇଥିଲେ। ଲିଜ୍ ପାଇବା ପରେ ଗତ ଜୁଲାଇରେ ସେମାନେ ପୋଖରୀରେ ମାଛ ଯାଆଁଳ ଛାଡ଼ିଥିଲେ। ଏନେଇ କେତେ ଜଣ ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ। ଏପରିକି ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଏହି ପୋଖରୀରୁ ମାଛ ଧରିବାକୁ ଏସ୍‌ଏଚ୍‌ଜି ସଦସ୍ୟାମାନେ ଗତ ତିନି ଦିନ ଧରି ଉଦ୍ୟମ କରି ଆସୁଥିଲେ। ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବାରୁ ବାଧା ଉପୁଜୁଥିଲା। ଶୁକ୍ରବାର ସମ୍ପୃକ୍ତ ଏସ୍‌ଏଚ୍‌ଜି ସଦସ୍ୟାମାନେ ମାଛ ଧରିବା ବେଳେ ଅସନ୍ତୋଷ ପ୍ରକାଶ ପାଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଶାନ୍ତିକମିଟି ଗଠନ କରି ଆସନ୍ତା ବୁଧବାର ମାଛ ଧରିବାକୁ ନିଷ୍ପତ୍ତି ହୋଇଛି। ଏସ୍‌ଏଚ୍‌ଜି ଖର୍ଚ୍ଚ ଓ ତଦାରଖ ଟଙ୍କା ସହ ଲାଭାଂଶର ୬୦ ପ୍ରତିଶତ ନେବେ। ୪୦ ପ୍ରତିଶତ ଗ୍ରାମରେ ଥିବା ମୁକ୍ତେଶ୍ୱର ମନ୍ଦିର ଉନ୍ନୟନ ଲାଗି ଦେବାକୁ ଆଲୋଚନା ବେଳେ ସ୍ଥିର କରାଯାଇଛି। ଏ ସମ୍ପର୍କରେ ସରପଞ୍ଚ ଭାସ୍କରଦୋରାଙ୍କୁ ପଚାରିବାରୁ ସେ କହିଲେ, ଏସ୍‌ଏଚ୍‌ଜି ନିୟମ ଅନୁସାରେ ପୋଖରୀ ଲିଜ୍ ନେଇଛନ୍ତି। ଅସୁବିଧା କିଛିନାହିଁ। ଗ୍ରାମର କେତେଜଣ ଅସନ୍ତୁଷ୍ଟ ହୋଇ ସେମାନଙ୍କୁ ମାଛ ଧରିବା ବେଳେ ପଚରାଉଚରା କରିଛନ୍ତି। ଏନେଇ ବିଡିଓ ଶତଘ୍ନ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ହାଇକୋର୍ଟରେ କରାଯାଇଥିବା ମାମଲା ଅନୁସାରେ ନିଲାମ କାର୍ଯ୍ୟ ଠିକ ହୋଇଛି କି ନାହିଁ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ, ଥାନା ଆଇଆଇସି, ଅଭିଯୋଗକାରୀ, କର୍ମଚାରୀ ଓ ଉଭୟ ପକ୍ଷଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟାର ସମସ୍ତ କାଗଜପତ୍ର ଯାଞ୍ଚ କରି ସବୁ ଠିକ ରହିଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାତ୍ର ମାଛ ଧରିବା ବନ୍ଦ ଲାଗି ହାଇକୋର୍ଟଙ୍କ ପକ୍ଷରୁ ସେମିତି କିଛି ନିର୍ଦ୍ଦେଶ ଆସିନାହିଁ। ଯେ ହେତୁ ମହିଳାସଂଘ ନିୟମ ଅନୁସାରେ ଲିଜ ନେଇ ପୋଖରୀରେ ଯାଆଁଳ ଛାଡ଼ିଛନ୍ତି ସେମାନଙ୍କର ମାଛ ଧରିବାର ଅଧିକାର ରହିଛି ବୋଲି ବିଡିଓ ପାତ୍ର କହିଛନ୍ତି।

## ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ୪ ଗୁରୁତର


ଗୁରୁତରଙ୍କୁ ଚିକିତ୍ସା କରାଯାଉଛି।

ପଦ୍ମପୁର,୬।୩(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଖିଲାପଦର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ୪ଜଣ ସଦସ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଖିଲାପଦର ଗ୍ରାମର ରଜନୀ ଗମାଙ୍ଗ (୨୭), ମୁକେଶ ଗମାଙ୍ଗ (୨୯), କସ୍ତୁରୀ ଗମାଙ୍ଗ (୨୨), ତ୍ରିନାଥ ଗମାଙ୍ଗ (୬୦)। ଗୁରୁବାର ରାତ୍ରିଭୋଜନରେ ଭାତ ତରକାରି ଖାଇ ଶୋଇବା ପରେ ଶୁକ୍ରବାର ଭୋରରୁ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଖାଦ୍ୟ ବିଷାକ୍ତ ହୋଇପଡ଼ିଲା ପରିବାର ଲୋକେ ଜାଣିପାରି ନ ଥିବା କହିଛନ୍ତି। ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ପଦ୍ମପୁର ଡାକ୍ତର ଚିନ୍ମୟୀ ସାମଲ କହିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ସୁନ୍ଦରଗଡ଼,୬।୩ (ଜୟ ନାରାୟଣ ମେହେର)

ସୁନ୍ଦରଗଡ଼ ଜିଲା କାରାଗାରରେ ବିଚାରାଧୀନ ଜଣେ କଏଦୀଙ୍କ ଗୁରୁବାର ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ହେମଗିର ଥାନା ଅନ୍ତର୍ଗତ ବରପାଲି ଗ୍ରାମର ସରୋଜ ରାଉତ ଓରଫ ବନ (୨୭)। ସୁନ୍ଦରଗଡ଼ ଟାଉନଥାନା ପୋଲିସ ଶୁକ୍ରବାର ସକାଳେ ମୃତଦେହ ଜବତ କରି କେସ୍ ନମ୍ବର ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସରୋଜ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ରହୁଥିଲେ। ସେ ଅସୁସ୍ଥ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗତ ମାସ ୧୪ତାରିଖରେ ପ୍ରଥମେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ୧୫ତାରିଖରେ ସ୍ଥାନାନ୍ତର କରାଯାଇଥିଲା। ହେଲେ ଗୁରୁବାର ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜିଲା କାରାଗାର ଅଧୀକ୍ଷକ ଜୀବନ ଙ୍ଗ ପୁଷ୍ପାଙ୍କ ସୂଚନା ମୁତାବକ, ହେମଗିର ଥାନା ଅଞ୍ଚଳରେ ଘଟିଥିବା ସତ୍ୟରାମ କୁଜୁର ହତ୍ୟା ମାମଲାରେ ପୋଲିସ ଗତ ମାସ ୯ତାରିଖରେ ସରୋଜଙ୍କ ସମେତ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜିଲା କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଜେଲରେ ସେ ଅସୁସ୍ଥ ଥିବାରୁ ପ୍ରଥମେ ଜେଲ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ। ସେ ଜଣ୍ଡିସ ଓ ଅନ୍ୟାନ୍ୟ ଜଟିଳ ରୋଗରେ ପଡ଼ିତ ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ୧୪ ତାରିଖରେ ଭର୍ତ୍ତି କରାଯାଇଥିଲା ଓ ୧୫ତାରିଖରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ କିଛିଦିନ ହେବ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ହେଲେ ଗୁରୁବାର ରାତି ୧୦ଟା୪୫ରେ ତାଙ୍କର ମୃତ୍ୟୁ ଘଟିଛି।

## ପିଲାଙ୍କୁ ଭଡ଼ାରେ ଭିକ୍ଷାବୃତ୍ତି କରାଉଥିବା ଦଲାଲ ଗିରଫ




# ୨୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଭୋଗରାଇ,୬।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଜଳେଶ୍ୱର ଓ ଭୋଗରାଇ ବ୍ଲକ୍‌ରେ ଗୁରୁବାର ଅବକାରୀ ବିଭାଗ ଚଢ଼ାଉ କରି ୨୧୦ଗ୍ରାମ ବ୍ରାଉନସୁଗାର ଓ ୨ ବାଇକ୍ ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମିର୍ଜାପୁର ଥାନା ଅଞ୍ଚଳର ଅନୁରୁଦ୍ଧ ଦାସ( ୨୪) ଓ ଜଗତସିଂପୁର ଜିଲା ବାଲିକୁଦ ଥାନା ନଲରା ଗ୍ରାମର ସତ୍ୟବ୍ରତ ସ୍ୱାଇଁ (୨୮)। ପ୍ରକାଶ ଯେ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶକ୍ତିକାନ୍ତ ଦତ୍ତଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଅବକାରୀ ଥାନା ଅଧିକାରୀ ଦେବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶିଖରପୁର ପୋଲଠାରେ ଯାଞ୍ଚ କରାଯାଉଥିଲା। ସେଠାରେ ଅନୁରୁଦ୍ଧ ଦାସଙ୍କଠାରୁ ୧୩୦ ଗ୍ରାମ ଓ ଭୋଗରାଇ ଅବକାରୀ ଥାନାଧିକାରୀ ସୁନୀଲ ମାଝୀଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀମାନେ ତାଳସାରୀଠାରେ ସତ୍ୟବ୍ରତଙ୍କଠାରୁ ୮୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ବିଭାଗ ପୃଥକ ମାମଲା(ନଂ. ୨୭୩ ଓ ୨୨୯/୨୬) ରୁଜୁ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ କଟକ ସହିତ ପଶ୍ଚିମବଙ୍ଗକୁ ବ୍ରାଉନ୍‌ସୁଗାର ଚୋରାଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଅପରପକ୍ଷରେ ଶୁକ୍ରବାର ସକାଳେ ଭୋଗରାଇ ବାଟଗ୍ରାମ ପୋଲଠାରେ ପୋଲିସ ଯାଞ୍ଚ କରୁଥିଲା।

## ତୃତୀୟ ପୃଷ୍ଠାରୁ

### ଅନୁଜ ଅଗ୍ନିହୋତ୍ରୀ...

ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସିଭିଲ ସର୍ଭିସ୍ ପାଇଁ ୟୁପିଏସ୍‌ସି ଅଫିସର ଚୟନ କରିଥାଏ। ସୁପାରିସ ହୋଇଥିବା ୩୪୮ ଜଣଙ୍କ ପ୍ରାର୍ଥିତ୍ୱକୁ ଅସ୍ଥାୟୀ ଭାବେ ରଖାଯାଇଥିବା କମିଶନ କହିଛି। କେନ୍ଦ୍ର ସରକାର ସିଭିଲ ସର୍ଭିସ୍ ପରୀକ୍ଷା ଜରିଆରେ ୧,୦୮୭ଟି ଖାଲି ପଦବୀ ପୂରଣ କରିବେ ବୋଲି ପୂର୍ବରୁ ରିପୋର୍ଟ କରିଥିଲେ।

ପରୀକ୍ଷାରେ ଟପ୍ପର ହୋଇଥିବା ଅଗ୍ନିହୋତ୍ରୀ ମେଡିକାଲ ସାଇନ୍ସକୁ ତାଙ୍କର ଇଚ୍ଛାଧୀନ ବିଷୟ ରଖିଥିଲେ। ସେ ଯୋଧପୁରସ୍ଥିତ ଏମ୍ସରୁ ଏମ୍‌ବିବିଏସ୍ କରିଛନ୍ତି। ରାଜେଶ୍ୱରୀ ଚେନ୍ନାଇର ଆନ୍ନା ୟୁନିଭର୍ସିଟିରୁ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ସୋସିଓଲୋଜିକୁ ଇଚ୍ଛାଧୀନ ବିଷୟ ରଖି ସେ ଦ୍ୱିତୀୟ ର୍‌ୟାଙ୍କ୍ ହାସଲ କରିଛନ୍ତି। ସେହିପରି ୟୁନିଭର୍ସିଟି ଅଫ୍ ଦିଲ୍ଲୀରୁ ବିକମ୍ କରିଥିବା ଆକାଂଶ କମର୍ସ ଏବଂ ଆକାଉଣ୍ଟାନ୍ସିକୁ ଇଚ୍ଛାଧୀନ ବିଷୟ ରଖି ସିଭିଲ ସର୍ଭିସ୍ ପରୀକ୍ଷାରେ ତୃତୀୟ ର୍‌ୟାଙ୍କ ରଖିଛନ୍ତି। ଶୀର୍ଷ ୫ ଜଣଙ୍କ ମଧ୍ୟରେ ଜଣେ ମହିଳା ଓ ୩ ପୁରୁଷ ପ୍ରାର୍ଥୀ ରହିଛନ୍ତି। ରାଘବ ଝୁନ୍‌ଝୁନ୍‌ୱାଲା ଏବଂ ଇଶାନ୍ ଭଟନାଗର ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ର୍‌ୟାଙ୍କ ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ୯୫୮ ଜଣଙ୍କ ମଧ୍ୟରୁ ୬୫୯ ଜଣ ପୁରୁଷ ଓ ୨୯୯ ଜଣ ମହିଳା।

ସିଭିଲ ସର୍ଭିସ୍ ପ୍ରିଲିମିନାରି ପରୀକ୍ଷା ଗତବର୍ଷ ମେ' ୨୫ରେ ହୋଇଥିଲା। ମୋଟ ୯,୩୭,୮୭୬ ଜଣ ଆବେଦନ କରିଥିବାବେଳେ ୫,୭୬,୭୯୩ ଜଣ ପରୀକ୍ଷା ଦେଇଥିଲେ। ମୁଖ୍ୟ ପରୀକ୍ଷା ଅଗଷ୍ଟରେ ହୋଇଥିବାବେଳେ ଏଥିପାଇଁ ମୋଟ ୧୪,୧୬୧ ଜଣ ଏହି ପରୀକ୍ଷା ଦେବା ପାଇଁ କୃତକାର୍ଯ୍ୟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨,୭୩୬ ଜଣ ସାକ୍ଷାତ୍କାର ପରୀକ୍ଷା ପାଇଁ କୃତକାର୍ଯ୍ୟ ହୋଇଥିଲେ।

### ରାଜ୍ୟ ସଭା ନିର୍ବାଚନ...

୫ ଜଣ ପ୍ରାର୍ଥୀ ଏବେ ମଇଦାନରେ ରହିଛନ୍ତି। ୯ ତାରିଖରେ ନାମାଙ୍କନ ପ୍ରତ୍ୟାହାରର ଶେଷଦିନ ରହିଛି। ସେଦିନ ଯଦି କେହି ନାମାଙ୍କନ ପ୍ରତ୍ୟାହାର କରିବେ ନାହିଁ, ତେବେ ୪ର୍ଥ ଆସନ ଲାଗି ୨ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟ ୩ ଜଣ ପ୍ରାର୍ଥୀ ସଂଖ୍ୟା ବଳରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ଆସନ୍ତା ୧୬ ତାରିଖରେ ଓଡ଼ିଶାର ୪ ରାଜ୍ୟ ସଭା ଆସନ ପାଇଁ ଭୋଟ ହେବ।

### ସାତ୍ତ୍ୱିକ ଓଡ଼ିଶା...

୨୧୧ତମ ସ୍ଥାନରେ ଓଡ଼ିଶାର ତନିଶା ମିଶ୍ର, ୨୧୭ରେ ଅଙ୍କିତ ଅଗ୍ରୱାଲ୍, ୨୭୪ରେ ଅଞ୍ଜନୀ ମିଶ୍ର, ୨୮୫ରେ ସାଇ ରମଣ ପାତ୍ର, ୩୩୭ରେ ଉତ୍କର୍ଷ ମିଶ୍ର, ୪୨୩ରେ ଶୁଭମ୍ ମିଶ୍ର, ୪୨୮ରେ ଅନିମେଶ ମିଶ୍ର, ୪୪୫ରେ ଅନିଲ୍ ମିଶ୍ର ଏବଂ ୭୯୫ତମ ସ୍ଥାନରେ ଗୋପୀନାଥ ସାହୁ ରହିଛନ୍ତି। ନିଜ ସଫଳତା ସମ୍ପର୍କରେ ସାତ୍ତ୍ୱିକ କହିଛନ୍ତି, ମୁଁ ୫ଥର ଭାରତୀୟ ପ୍ରଶାସନିକ ସେବା ୟୁପିଏସ୍‌ସି ପରୀକ୍ଷା ଦେଇ ନିରାଶ ହୋଇଥିଲି। ଏହା ମୋର ଷଷ୍ଠ ବା ଶେଷ ପରୀକ୍ଷା ଥିଲା। ଚାକିରି କରିବା ସହ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲି। ଏଥିରେ ସଫଳତା ପାଇଥିବାରୁ ବହୁତ ଖୁସିଲାଗୁଛି। ଏଥିପାଇଁ ବାପା ଓ ମାଆ ମୋର ପ୍ରେରଣା ସାଜିଥିଲେ। ଲୋକଙ୍କ ସହ ଯୋଡ଼ିହୋଇ ସେମାନଙ୍କ ସମସ୍ୟାକୁ ବୁଝି ସମାଧାନ କରିବାକୁ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି।

### ଦ୍ୱିତୀୟ ଦିନ ବର୍ଷା...

ଅନ୍ୟପକ୍ଷରେ ଶୁକ୍ରବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏଠାରେ ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ୫ ସ୍ଥାନରେ ୩୭ ଡିଗ୍ରୀ ଟପିଥିଲା। ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ ରହିଥିବାବେଳେ କିରେଇ ୩୭.୨ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୨ ଡିଗ୍ରୀ, ଢେଙ୍କାନାଳ ୩୭.୧ ଡିଗ୍ରୀ, ଗୋପାଳପୁର ୩୭.୧ ଡିଗ୍ରୀ, ଅନୁଗୋଳ ୩୬.୯ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ସମ୍ବଲପୁର ୩୬.୬ ଡିଗ୍ରୀ, ଭବାନୀପାଟଣା ୩୬.୫ ଡିଗ୍ରୀ, ଭୁବନେଶ୍ୱର ୩୬.୪ ଡିଗ୍ରୀ ଓ ତାଳଚେରରେ ୩୬.୪ ଡିଗ୍ରୀ ରେକର୍ଡ ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି ଜିଲାରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଶନିବାର ମଧ ଏହିସବୁ ଜିଲାରେ ଗରମ ଓ ଗୁଳୁଗୁଳି ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ କେତେକ ଜିଲାକୁ କୁହୁଡ଼ି ନେଇ ସତର୍କ ସୂଚନା ଦିଆଯାଇଛି।

### ଜିଲାପାଳଙ୍କ ଅଫିସ୍...

ଧାରଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚିଥିବାବେଳେ କୌଣସି ବିଭାଗୀୟ ଅଧିକାରୀ ଧାରଣାରତ ଚାଷୀଙ୍କ ସହିତ ଆଲୋଚନା କରିବା ପାଇଁ ପହଞ୍ଚି ନ ଥିଲେ। ସନ୍ଧ୍ୟାରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଦା ହୋଇଥିବା ଧାନ ଛାଡି ଘରକୁ ଫେରିଥିଲେ। ଶୁକ୍ରବାର ସକାଳୁ ଚାଷୀମାନେ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ସେଠାରେ ଧାନ ନ ଥିବା ଦେଖି ଟାଉନ ଥାନା ପୋଲିସ ଓ ଡିଆର୍‌ସିଏସ୍‌ଙ୍କୁ ପଚାରି ବୁଝିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଥାନାରେ ଏତଲା ଦିଆଯାଇଛି ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ଚାଷୀଙ୍କ ଦୁଃଖ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଧାନ ଗାଏବ୍ ହେବା ଘଟଣା ପରିତାପର ବିଷୟ ବୋଲି ଚାଷୀ ସୁଦାମ ପାତ୍ର, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ ପ୍ରକାଶ କରିଛନ୍ତି।


**PARADIP PORT AUTHORITY**
Tender No.ENG/CE/1607/IOB/2025/458, Dt.27.02.2026
**Augmentation of Iron Ore Berth (IOB) and construction of South Quay-II (SQ-II) Berth on BOT basis**
**INVITATION OF REQUEST FOR QUALIFICATION (RFQ) & REQUEST FOR PROPOSAL (RFP)**
Paradip Port Authority (PPA) invites bids from interested Bidders in accordance with the RFQ & RFP documents which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of Bids is 13.05.2026 till 1400 hours.
Executive Engineer (C), Project Implementation Office, PPA.
PPA/PR/72/2025-2026, dt.05/03/2026

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/23, ତା.02.03.2026ରିଖ
କ୍ରମ ସଂ. 01 : ଟେଣ୍ଡର ନଂ. 03253978, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମାନୁଆଲ ଅନ୍‌କପଲିଙ୍ଗ ଡିଭାଇସ୍ ଆସେମ୍ବ୍ଲି, ପରିମାଣ : 492 ସଂଖ୍ୟକ ।
କ୍ରମ ସଂ. 02 : ଟେଣ୍ଡର ନଂ. 02261123, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : AOH ମେଣ୍ଟେନାନ୍ସ ସିଡ୍ୟୁଲ ସବ୍ କିଟ୍ AOH-1, ପରିମାଣ : TS ଅନୁସାରେ ।
କ୍ରମ ସଂ. 03 : ଟେଣ୍ଡର ନଂ. 04261307, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4.5KW ଅଣ୍ଡରସ୍ଲଙ୍ଗ କନଷ୍ଟାଣ୍ଟ ଭୋଲ୍ଟେଜ ରେଗୁଲେଟେଡ କମ ଇମରଜେନ୍ସି ବ୍ୟାଟେରି ଚାର୍ଜର, ପରିମାଣ : 295 ସଂଖ୍ୟକ ।
କ୍ରମ ସଂ. 04 : ଟେଣ୍ଡର ନଂ. 03261615, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନନ୍-ଆସ୍‌ବେଷ୍ଟସ L-ଟାଇପ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ F, ପରିମାଣ : TS ଅନୁସାରେ ।
କ୍ରମ ସଂ. 05 : ଟେଣ୍ଡର ନଂ. 02261633, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡ୍ରାଇଭର ସିଟ୍ ଏବଂ ପେଡେଷ୍ଟାଲ ଆସେମ୍ବ୍ଲି, ପରିମାଣ : TS ଅନୁସାରେ ।
କ୍ରମ ସଂ. 06 : ଟେଣ୍ଡର ନଂ. 05265039, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ୟେଲୋ ଆସ୍ପେକ୍ଟ ମେନ୍ LED ସିଗ୍ନାଲ ଲାଇଟିଙ୍ଗ, ପରିମାଣ : TS ଅନୁସାରେ ।
କ୍ରମ ସଂ. 07 : ଟେଣ୍ଡର ନଂ. 05255216B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡରଗ୍ରାଉଣ୍ଡ 20 ଯୋଡ଼ା PIJF କେବୁଲ 0.5 MM ଡାୟାମିଟରର ଯୋଗାଣ, ପରିମାଣ : TS ଅନୁସାରେ ।
କ୍ରମ ସଂ. 08 : ଟେଣ୍ଡର ନଂ. 05255495, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡର ଗ୍ରାଉଣ୍ଡ ରେଲୱେ ସିଗ୍ନାଲିଙ୍ଗ କେବୁଲ ସାଇଜ୍ 19 କୋର X 1.5 SQ MM, ପରିମାଣ : TS ଅନୁସାରେ ।
କ୍ରମ ସଂ. 09 : ଟେଣ୍ଡର ନଂ. 05265061, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡରଗ୍ରାଉଣ୍ଡ 20 ଯୋଡ଼ା PIJF କେବୁଲ 0.5 MM ଡାୟାମିଟର, ପରିମାଣ : TS ଅନୁସାରେ ।
କ୍ରମ ସଂ. 10 : ଟେଣ୍ଡର ନଂ. 07261001, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ ପର୍ଫମାନ୍ସ ଆଣ୍ଟି କୋରେଜୋନ ଏପୋକ୍ସି କୋଟିଙ୍ଗ, ପରିମାଣ : 85143 ଲିଟର ।
କ୍ରମ ସଂ. 11 : ଟେଣ୍ଡର ନଂ. 08263390, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡିଜଲଭ୍‌ଡ ଏସିଟିଲେନ୍ ଗ୍ୟାସ, ପରିମାଣ : TS ଅନୁସାରେ ।
ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01 ପାଇଁ 10.03.2026, କ୍ରମ ସଂ. 02 ପାଇଁ 11.03.2026, କ୍ରମ ସଂ. 03 ପାଇଁ 13.03.2026, କ୍ରମ ସଂ. 04 ପାଇଁ 12.03.2026, କ୍ରମ ସଂ. 05, 06, 10 ପାଇଁ 16.03.2026, କ୍ରମ ସଂ. 07 ପାଇଁ 19.03.2026, କ୍ରମ ସଂ. 08 ପାଇଁ 18.03.2026 ଏବଂ କ୍ରମ ସଂ. 09 ଓ 11 ପାଇଁ 23.03.2026.
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଭୁବନେଶ୍ୱର
PR-1194/Q/25-26

**राष्ट्रीय प्रौद्योगिकी संस्थान राउरकेला, ओडिशा**
**National Institute of Technology Rourkela, Odisha**
(An Institute of National Importance under Ministry of Education)
**NOTICE INVITING TENDER**
Tender Notice No. : NITR/PW/GH/2026/372 Date : 02.03.2026
National Institute of Technology Rourkela invites bids from the eligible bidders for Operation and Maintenance of Institute Guest House (South & North Block) at NIT Rourkela.
Contact Details : Prof. A. Thirugnanam, PIC (Guest House)
Ph. No. : 0661-246-4040/2292
Email : pic-gh@nitrkl.ac.in / thirugnanam.a@nitrkl.ac.in
Bidding through : https://eprocure.gov.in/eprocure/app

| | |
|---|---|
| Bid Submission End Date | 24th March 2026, 10:00 hrs. (Tuesday) |
| Bid Opening Date | 25th March 2026, 10:00 hrs. (Wednesday) |

Sd./- Registrar

**ଦକ୍ଷିଣ ପୂର୍ବ ରେଳପଥରେ ଟ୍ରେନ୍ ସାଇଡ୍ ଭେଣ୍ଡିଂ-କ୍ୟାଟରିଂ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ପି.ଏସ୍., ଦକ୍ଷିଣ ପୂର୍ବ ରେଳପଥ/ଏଚ୍‌କ୍ୟୁ ୧୨ ଯୋଡ଼ା ଟ୍ରେନ୍, ଯଥା- ୧୮୧୮୧/୮୨; ୧୮୬୨୧/୨୨; ୧୮୦୩୫/୩୬; ୧୮୧୦୫/୦୬; ୧୮୧୮୫/୮୬; ୧୮୬୩୫/୩୬; ୧୮୦୧୧/୧୨; ୧୮୬୦୧/୦୨; ୧୮୬୨୩/୨୪; ୧୮୬୦୩/୦୪; ୧୮୧୦୭/୦୮; ୧୨୮୮୩/୮୪ରେ ଏକ ବର୍ଷ ଅବଧି ପାଇଁ ଟ୍ରେନ୍ ସାଇଡ୍ ଭେଣ୍ଡିଂ-କ୍ୟାଟରିଂ ଠିକା ଲାଗି ଆଇଆରଇପିଏସ୍ ପୋର୍ଟାଲରେ ଉପ-ବର୍ଗ "ବିବିଧ-ଭ୍ରାମ୍ୟମାଣ-ସେବା" ଅଧୀନରେ ଇ-ନିଲାମ ଆହ୍ୱାନ କରୁଛନ୍ତି; ଇ-ନିଲାମ କାଟାଲଗ୍ ନଂ.: ଟିଏସ୍‌ଭି-ସିଏଟିଜି-ଏଚ୍‌କ୍ୟୁ; ଇ-ନିଲାମ ଖୋଲାଯିବାର ତାରିଖ ଓ ସମୟ: ତା୨୦।୦୩।୨୦୨୬ରିଖ ୧୨.୦୦ ଘଣ୍ଟିକା; ଇ-ନିଲାମ ବନ୍ଦ ହେବାର ତାରିଖ ଓ ସମୟ: ତା୨୦।୦୩।୨୦୨୬ରିଖ ୧୪.୨୦ ଘଣ୍ଟିକା; ଆଗ୍ରହୀ ବିଡରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ଟେଣ୍ଡର ବିଜ୍ଞପ୍ତି ସମ୍ପର୍କିତ ବିବରଣୀ ଓ ପ୍ରାସଙ୍ଗିକ ସୂଚନା ପାଇଁ ୱେବ୍‌ସାଇଟ୍: https://www.ireps.gov.in ଦେଖିବା ଆବଶ୍ୟକ । କୌଣସି ଅଧିକ ସ୍ପଷ୍ଟୀକରଣ/ଅନୁସନ୍ଧାନ ପାଇଁ ଦୟାକରି ଯେକୌଣସି କାର୍ଯ୍ୟଦିବସରେ ୧୧.୦୦ ଘଣ୍ଟିକାରୁ ୧୭.୦୦ ଘଣ୍ଟିକା ମଧ୍ୟରେ ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ଦକ୍ଷିଣ ପୂର୍ବ ରେଳପଥ, ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୨ୟ ମହଲା, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦ ୦୪୩ର କ୍ୟାଟରିଂ ବିଭାଗ ପରିଦର୍ଶନ କରନ୍ତୁ ।
(PR-1274) ଉପମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ପି.ଏସ୍.
ଦକ୍ଷିଣ ପୂର୍ବ ରେଳପଥ — ହର୍ଷର ସହିତ ଆମେ ସେବାରତ

**कार्यपालक अभियंता का कार्यालय, सुवर्णरेखा नहर प्रमंडल, चांडिल।**
(Email id – eescd.chandil@gmail.com)
**ई0 प्रोक्युरमेंट नोटिस**
ई0 निविदा प्रसंग सं0 : WRD/IGC/SCD-CHANDIL/SBD-03/2025-26
दिनांक : 05.03.2026

| | | | |
|---|---|---|---|
| 1. | कार्य का नाम | : | Construction of Additional Structures SLR Bridge at Km. 5.10 & 7.15, Foot Bridge at Km 11.40 AND WBM Service Road from Km. 14.10 to 17.22 including Desilting, uprooting of Jungles and shrubs and repair and restoration work from Km. 0.00 to 17.22 of KRMC. |
| 2. | प्राक्कलित राशि | : | Rs. 2,64,17,946.00 (रूपय दो करोड़ चौसठ लाख सतरह हजार नौ सौ छियालिस) मात्र। |
| 3. | परिमाण विपत्र का मूल्य | : | Rs. 10,000.00 (Only online payment allowed) |
| 4. | अग्रधन की राशि | : | Rs. 2,65,000.00 (Only online payment allowed) |
| 5. | कार्य समाप्ति की अवधि | : | 10 माह (300 दिन) |
| 6. | वेबसाईट पर निविदा प्रकाशन की तिथि | : | दिनांक 13.03.2026 को अपराहन 5.00 बजे |
| 7. | निविदा अपलोड एवं डाउनलोड करने की तिथि एवं समय | : | दिनांक 13.03.2026 को अपराहन 5 .00 बजे से 28.03.2026 को अपराहन 5.00 बजे तक |
| 8. | निविदा प्राप्त करने की अंतिम तिथि एवं समय | : | दिनांक 28.03.2026 को अपराहन 5:00 बजे तक। |
| 9. | निविदा खोलने की तिथि | : | दिनांक 30.03.2026 को अपराहन 5.00 बजे। |
| 10. | निविदा प्रकाशित करने वाले पदाधिकारी का नाम एवं पता | : | ई0 शिवराम गागराई , कार्यपालक अभियंता, सुवर्णरेखा नहर प्रमंडल, चांडिल। |
| 11. | ई0 प्रोक्युरमेंट पदाधिकारी का दूरभाष संख्या | : | 0657-3510191 |
| 12. | ई0 प्रोक्युरमेंट सेल का दूरभाष संख्या | : | 0657-3510191 |

नोट : 1.सिर्फ ई0 निविदा स्वीकार किया जायेगा।
2. प्राक्कलित राशि कम या अधिक हो सकती है तदनुसार अग्रधन की राशि मान्य होगी। अधिक जानकारी के लिए हमारे वेबसाईट http://jharkhandtenders.gov.in देखें।
कार्यपालक अभियंता, सुवर्णरेखा नहर प्रमंडल, चांडिल।
PR 374188 (Water Resource) 25-26 (D)

**OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in, Ph : 06622-272280 (off)
**1st Corrigendum to Bid Identification No. Online-SESNG-24 of 2025-26**
No.25001/290/2526 : In continuation to this office bid Identification No. : Online-SESNG-24 of 2025-26 invited vide this office notice no.782 dt.06.02.2026 is partial modified in TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 18.02.2026 at 11.00 A.M. to 06.03.2026 up to 05.00 P.M. | Extended up to 18.03.2026 up to 5.00 P.M. |
| 2 | Last date of seeking clarification | 05.03.2026 at 11.00 A.M. | Extended up to 17.03.2026 up to 11.00 A.M. |
| 3 | Date of Opening of Tender | 06.03.2026 at 05.10 P.M. | Extended up to 18.03.2026 at 05.10 P.M. |

All other terms & conditions remain unchanged.
Sd./- Superintending Engineer R.W.Division, Sundargarh
OIPR-25001/25046/1/25-26/0007

**झारखण्ड शिक्षा परियोजना परिषद्**
जे.एस.सी.ए. स्टेडियम रोड, सेक्टर–3, धुर्वा, राँची – 834 004
दूरभाष – 0651-2444501, 2444502, फैक्स –2444506
ई–मेल: jepcranchi1@gmail.com
An ISO 9001:2015 certified
**e-Procurement Notice**
Jharkhand Education Project Council invites proposal for Selection of agency for establishment of Smart Class which includes Supply, Installation and 3 year maintenance of Hardware, Software & Connected accessories in the 288 Selected PM Shree Schools. The detail Bid document can be seen in the portal www.gem.gov.in with Bid Reference number – GEM/2026/B/7266094 only. Interested bidder can submit their bid through the portal www.gem.gov.in latest by **27.03.2026 till 3:00 PM**
*Notice Ref No. JEPC/ICT/52/88/2025/1048., dated 06./03//2026.*
Sd/- (Shashi Ranjan) State Project Director
PR 374264 (School Education and Literacy) 25-26 (D)

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm, Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385, Email : advt@dharitri.com

**ଡ୍ରାଇଭର ଆବଶ୍ୟକ**
Bhubaneswar ରେ Construction Company Office ରେ କାର୍ଯ୍ୟ କରିବା ପାଇଁ Driver, Accountant ଏବଂ Data Entry Operator ଆବଶ୍ୟକ । ରହିବା ଏବଂ ଖାଇବାର ସୁବିଧା ଅଛି ।
— ଯୋଗାଯୋଗ —
9937499625

**ଆବଶ୍ୟକ**
Marketing Boy, Marketing Superviser, Auto Driver, Helper
SUPRAVA BAKERY
B-17, Chandaka I.E, Patia, BBSR-24
Mob : 9337663136

**URGENT REQUIRES**
1. Experienced Driver: 2 Nos
2. House Keeping Boy: 2 Nos
3. Indian Cook: 2 Nos
For a Guest House at Bhubaneswar
CONTACT: 7656915989

**WANTED**
Good knowledge in computer skills having DCA and PGDCA certificates, candidates are requested to submit the Biodata with computer course certificate to the Mobile Number : 9437342045

**WANTED**
Urgently required. 4 nos Sales Officer for sales of Sumeet Mixer cum Grinder, Air Cooler, Fan & Lapkon Wire throughout Odisha. And also need Office boy, Receptionist, Technician :
Contact- Manpreet Enterprises
Plot No-58, Bapujinagar, 2nd floor, BBSR-751009
7008485542

**JOB OPENING**
MARKETING EXECUTIVE at SAI ENGINEERING INFRA SOLUTIONS
TRISULIA, BELAGACHHIA, BARANG, CUTTACK-754005
- We seek a Marketing Executive with Graduation or equivalent qualification
- 3+ years of experience in marketing PEB or Rice Mill Machinery
- Expertise in Rice Mill Machinery & Pre Engineering Building
CONTACT DETAILS
Email: info.saieng@gmail.com
Mob: 9658562646, 8480808309

See Career Appointment on every Wednesday & Saturday

**केन्द्रीय विद्यालय आनंदपुर**
BRAJABANDHU VIDYAPITHA, ANANDAPUR,KEONJHAR, ODISHA-758021
**WALK-IN-INTERVIEW FOR ENGAGING CONTRACTUAL TEACHERS**
Eligible candidates are invited to attend the walk-in-interview on **18.03.2026** (Wednesday) at KV Anandapur for the post of **TGT-Maths, Science, Sanskrit, Social Sc., PRT, Special educator, Comp.Instructor, Nurse and Counsellor** for the session 2026-27.
For detail log on to - **https://anandapur.kvs.ac.in**
PRINCIPAL

**OFFICE OF THE DIVISIONAL FOREST OFFICER, ANGUL FOREST DIVISION**
Tele Fax No-06762226717, e-mail Id : dfo.Angul@odisha.gov.in
**NOTICE**
No.2465/1F/Accts/2026/Dt.03.03.2026
***EXTENSION OF DATELINE FOR SUBMISSION OF APPLICATION FOR THE POST OF "WILDLIFE VETERINARY OFFICER"***
**No.8001/124/2526** : In continuation to the Advertisement published earlier, the Divisional Forest Officer, Angul Forest Division has been pleased to extend the last date for submission of offline application for the post of **"WILDLIFE VETERINARY OFFICER"** as given below.

| Important dates | | |
|---|---|---|
| Event | Start date | End date |
| Submission of Offline application | 31.01.2026 | 17.03.2026 (up to 5 P.M.) |
| Tentative Date of written examination | 18.03.2026 (Wednesday) from 11.00 A.M. to 12.30 P.M. | |
| Tentative date of Interview | 18.03.2026 (Wednesday) from 4.00 P.M. to 06.00 P.M. | |

All other terms and conditions of the Advertisement remain unaltered.
**N.B :- Candidates are advised to visit the websites www.angul.odisha.gov.in/www.odishaforest.in**
Sd./- Divisional Forest Officer-cum Wildlife Warden, Angul Forest Division
OIPR-8001/8027/1/25-26/0004

**DISTRICT PROJECT OFFICE SAMAGRA SIKSHYA (SS) : JAGATSINGHPUR**
Near Court Chhak, Badabazar, PO/Dist - Jagatsinghpur (Odisha), Pin - 754103
**TENDER CALL NOTICE**
Sealed quotations/ bids in plain papers are invited from reputed firms/ supplier for supply and installation of IT and other equipments at 115 number of CRC points of this District as per the terms and conditions and specifications enclosed along with this tender call notice. The quotations/ bids shall be received at DPO, SS, Jagatsinghpur on or before 17th March, 2026 by 1.00 PM through SPEED POST only and this shall be opened on the same day at 3.00 PM in presence of the bidders/ authorised representatives. Any delay in receipt of tender papers shall not be accepted.
The authority reserves the right to accept or reject any or all the bids or otherwise at any time without assigning any reasons thereof.
The details of Tender Call Notice, Terms and Conditions and Specifications may be referred and downloaded from the Website **https://jagatsinghpur.odisha.gov.in**.
Sd./- District Education Officer-cum-DPC, SS, Jagatsinghpur

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ) – ପାଲଲହଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୬୪/୨୦୨୬ରେ ଏକ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

# ରାସ୍ତା ମଝିରେ ଆଣ୍ଠୁଏ ପାଣି

**୯ ନମ୍ବର ୱାର୍ଡ ବଣିଆବାହାଳ-ମିଶ୍ରପଡ଼ା ରାସ୍ତା**




ନିଷ୍କାସନ ପଥ ନ ଥିବାରୁ ଅନୁଗୋଳ ସହର ୯ ନମ୍ବର ୱାର୍ଡ ବଣିଆବାହାଳ-ମିଶ୍ରପଡ଼ା ମୁଖ୍ୟ ରାସ୍ତାରେ ନାଳପାଣି ଜମି ରହିଛି।

**ଅନୁଗୋଳ,୬।୩ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ୯ ନମ୍ବର ୱାର୍ଡର ବଣିଆବାହାଳରୁ ମିଶ୍ରପଡ଼ାକୁ ଯାଇଥିବା ମୁଖ୍ୟ ରାସ୍ତାରେ ବର୍ଷ ସାରା ଆଣ୍ଠୁଏ ପାଣି ଜମୁଛି। ଏହି ରାସ୍ତା ଦେଇ ପ୍ରତିଦିନ ହୁଲୁରୁସିଙ୍ଗା, ବଣିଆବାହାଳ ଏବଂ ଲିଙ୍ଗରାଯୋଡ଼ି ଗାଁର ପ୍ରାୟ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ପିଲାମାନେ ସ୍କୁଲ, କଲେଜ ଯାଉଛନ୍ତି। ନିକଟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ମଞ୍ଜୁରୀ ପାଇଥିବା ଶ୍ରୀବିହାର ଭିଲା ଭଳି ନୂତନ ଆବାସିକପଡ଼ା ମଧ୍ୟ ଏଠାରେ ଗଢି ଉଠିଛି। ହେଲେ ନିକଟସ୍ଥ ନାଳର ପାଣି ଏହି ରାସ୍ତା ଉପରେ ଜମି ରହୁଛି। ମାର୍ଚ୍ଚ ମାସରେ ଯଦି ଏପରି ସ୍ଥିତି ସୃଷ୍ଟି ହେଉଛି, ତା'ହେଲେ ରାଜ୍ୟରେ ୧ ନମ୍ବର ବୋଲାଉଥିବା ଅନୁଗୋଳ ପୌରପାଳିକାର ଏହି ରାସ୍ତାରେ ବର୍ଷାଦିନେ କିପରି ସମସ୍ୟା ଦେଖାଦେଉଥିବ ତାହା ଅନୁମାନ ଲଗାଯାଇପାରେ। ସ୍ଥାନୀୟ ବାସିନ୍ଦା ବହୁବାର ଏ ନେଇ ପୌରପାଳିକାକୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟା ସମାଧାନ କରାଯାଉ ନ ଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ପୂର୍ବରୁ ଉକ୍ତ ଅଞ୍ଚଳ ଚାଷ ଜମି ଥିଲା। ସମୟକ୍ରମେ ସେହି ଚାଷ ଜମିକୁ ପ୍ଲଟିଂ କରାଯାଇ ବିକ୍ରି କରାଯିବା ପରେ ସେଠାରେ ଜନବସତି ଗଢି ଉଠିଛି। କିନ୍ତୁ ନାଳ ପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ନାଳ ପାଣି ରାସ୍ତାରେ ପ୍ରବାହିତ ହେଉଛି। ଜମି ବ୍ୟବସାୟୀମାନେ କେବଳ ପ୍ଲଟିଂ କରି ଜମି ବିକ୍ରି କରି ଦେଉଥିବାବେଳେ ସ୍ଥାନୀୟ ରାଜସ୍ୱ ବିଭାଗ କୌଣସି ତଦନ୍ତ ନ କରି ନକ୍ସା ଦେଖି ଜମିର କିସମ ପରିବର୍ତ୍ତନ କରିଦେଉଛି। ଫଳରେ ରାସ୍ତାରେ ନାଳ ପାଣି ପ୍ରବାହିତ ଭଳି ସମସ୍ୟା ସୃଷ୍ଟି ହେଉଛି। ବର୍ଷାଦିନେ ଏହି ନାଳ ଅଧିକ ଉଚ୍ଛୁଳିଲେ ବଣିଆବାହାଳ ଓ ଦକ୍ଷିଣକାଳୀ ମନ୍ଦିର ପାର୍ଶ୍ୱରେ ଥିବା ୧୦୦ରୁ ଅଧିକ ଘର ପାଣି ଘେରରେ ରହୁଛି। ଏ ସମ୍ପର୍କରେ ଅଞ୍ଚଳର ରଶ୍ମି ରଞ୍ଜନ ସାହୁ କହିଛନ୍ତି, ଏଠାରେ ଦିନକୁ ଦିନ ଅଧିକରୁ ଅଧିକ ପକ୍କା ଘର ତିଆରି ହେଉଛି। ଫଳରେ ନାଳ ପାଣି ନିଷ୍କାସିତ ହୋଇ ନ ପାରି ଜମିରହୁଛି। ଏଥିଯୋଗୁ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯୋଜନାବଦ୍ଧ ଭାବେ ନାଳ ପାଣି ନିଷ୍କାସନ ପାଇଁ ପୌର ପ୍ରଶାସନ ପକ୍ଷରୁ ଆବଶ୍ୟକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ସମସ୍ୟା ନେଇ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ କହିଛନ୍ତି, ଉକ୍ତ ଅଞ୍ଚଳରେ କିଛି ଘର ନିର୍ମାଣ ହେବା ଫଳରେ ନାଳ ପାଣି ସମ୍ପୂର୍ଣ୍ଣ ଭାବରେ ଅବରୋଧ ହୋଇଯାଉଛି। ପୂର୍ବରୁ ଥିବା ଏକ ବନ୍ଧକୁ ଲୋକମାନେ ପୋତି ଦେଲେଣି। ଫଳରେ ଉକ୍ତ ଅଞ୍ଚଳରେ ପାଣି ଜମି ରହି ସମସ୍ୟା ସୃଷ୍ଟି କରୁଛି। ଏଥିପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନରେ ୩ କୋଟି ୯୪ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ମଞ୍ଜୁର କରାଯାଇ ବିଭାଗୀୟ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପତ୍ର ଆସିଲେ ଜିଲାପାଳ ଟେଣ୍ଡର କରିବେ। ପରେ କାର୍ଯ୍ୟ ଆରମ୍ଭ ହେବ।

# ମହିଳାଙ୍କ ଗଳିତ ମୃତଦେହ ଜବତ

**ବନ୍ତଳା,୬।୩ (ସୁଶିତ ସାହୁ)**



ମୃତ ସୁପ୍ରିୟା ନାଏକ।

ଅନୁଗୋଳ ଜିଲା ବନ୍ତଳା ଥାନା ତଳଗଡ଼ ଗାଁରୁ ୪୦ ଦିନ ଧରି ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ମହିଳା ହେଲେ ତାଳସାହିର ସୁରେନ ନାଏକଙ୍କ ସ୍ତ୍ରୀ ସୁପ୍ରିୟା ନାଏକ। ଘର ଠାରୁ ପ୍ରାୟ ୫ଶହ ମିଟର ଦୂର ଜଙ୍ଗଲର ଏକ ଗଛରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

ସୂଚନା ଅନୁଯାୟୀ, ତାଳସାହିର ସୁପ୍ରିୟା ଗତ ଜାନୁଆରୀ ମାସରୁ ନିଖୋଜ ଥିଲେ। ଏ ନେଇ ପରିବାର ପକ୍ଷରୁ ୨୬ ଜାନୁଆରୀ ୨୦୨୬ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶୁକ୍ରବାର ସକାଳୁ ତାଳସାହିର କେତେଜଣ ଲୋକ ଉକ୍ତ ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବାବେଳେ ଦୁର୍ଗନ୍ଧ ବାରିଥିଲେ। ଜଣେ ମହିଳାଙ୍କ ଗଳିତ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇ ସୁରେନଙ୍କ ପରିବାରକୁ ଖବର ଦେଇଥିଲେ। ସୁରେନଙ୍କ ସହ ପରିବାର ଲୋକ ପହଞ୍ଚି ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହ ସୁପ୍ରିୟାଙ୍କର ବୋଲି ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୁରେନଙ୍କ କହିବା ଅନୁଯାୟୀ, କିଛି ଦିନ ପୂର୍ବରୁ ସୁପ୍ରିୟାଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହାପରେ ସୁପ୍ରିୟା ରାଗିଯାଇ ଜଙ୍ଗଲଆଡ଼େ ପଳାଇ ଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ନ ମିଳିବାରୁ ବନ୍ତଳା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଥିବା ବନ୍ତଳା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଧୁମଧାମରେ ପାଳିତ ହେଲା ଦୋଳ ମହୋତ୍ସବ

**ବଅଁରପାଳ,୬।୩(ସୁବାସ ସାହୁ)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମରେ ଶ୍ରୀଦୋଳଗୋବିନ୍ଦ ଜୀଉ ବିଜେ ଟ୍ରଷ୍ଟ ବୋର୍ଡ ଓ ବଳରାମପ୍ରସାଦ ଗୋପାଳ ସମାଜ ପକ୍ଷରୁ ଶ୍ରୀଦୋଳ ଗୋବିନ୍ଦ ଜୀଉଙ୍କ ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ଗୋପାଳ ସମାଜର ବଡ଼ ବେହେରାଙ୍କ ନିର୍ଦ୍ଦେଶରେ ରାଧାକୃଷ୍ଣଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ବଳରାମପ୍ରସାଦ ଗ୍ରାମବାସୀ, ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭରତ ଚନ୍ଦ୍ର ରାଉତ, ଗୋପାଳ ସମାଜର ସମସ୍ତ ବେହେରା ଓ ସଦସ୍ୟଙ୍କୁ ବହୁ ପ୍ରଶଂସା କରାଯାଇଥିଲା। ଗୋପାଳଙ୍କ ବଡ଼ ବେହେରା ଶିବରାମ ରାଉତ, ଚନ୍ଦ୍ରମଣି ରାଉତ, କେଶବ ରାଉତ, ପ୍ରଫୁଲ୍ଲ ବେହେରା, ଦୁଃଖବନ୍ଧୁ ରାଉତ, ଅରୁଣ ବେହେରା, ପଞ୍ଚୁ ରାଉତ, ବସନ୍ତ ବେହେରା, ଶିବରାମ ଦାସ, ଗୋବିନ୍ଦ ରାଉତ, ବରୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଅଜିତ କୁମାର ଧର, ସମ୍ମାନିତ ଅତିଥି ଭାବେ ଅନୀଲ କୁମାର ମହାନ୍ତି, ଭଗବାନ ଭୋଇ, ନାଲ୍କୋ ଆଦର୍ଶ ଥାନା ଅଧିକାରୀ ନମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ନାଲ୍କୋ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ରୁପା ପାଲିଙ୍କିରେ ମଣ୍ଡପକୁ ଗଲେ ମାହେଶ୍ୱରୀ



ମା' ମାହେଶ୍ୱରୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ଆଠମଲ୍ଲିକ,୬।୩(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ଓ ପ୍ରଭୁ ଦୋଳ ଗୋବିନ୍ଦଙ୍କ ଦୋଳ ଯାତ୍ରା ପାଳିତ ହୋଇଯାଇଛି। ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ପୂଜା ରୀତିନୀତି କଲା ପରେ ରାତି ୯ ଟାରେ ରୁପା ପାଲିଙ୍କିରେ ମା' ମାହେଶ୍ୱରୀ ପ୍ରଭୁ ଦୋଳ ଗୋବିନ୍ଦଙ୍କୁ ଧରି ଶୋଭାଯାତ୍ରାରେ ଦୋଳ ମଣ୍ଡପକୁ ବାହାରି ଥିଲେ। ଦୋଳ ମଣ୍ଡପରେ ପୂଜା ରୀତିନୀତି ପରେ ମନ୍ଦିରକୁ ଫେରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଆଡିସିନାଲ ତହସିଲଦାର ପାର୍ଥ ସାରଥୀ ବିଶ୍ୱାଳ ଥିବାବେଳେ ଆଇନ ଶୃଙ୍ଖଳାରେ ଆଠମଲ୍ଲିକ ପୋଲିସ ମୁତୟନ ହୋଇଥିଲେ।

# ବାବା ପାୱାର କ୍ରିକେଟ: ବଲାସିଂହା ଚାମ୍ପିୟନ

**ବନ୍ତଳା,୬।୩(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ବାବା ପାୱାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏମ୍‌ଜିସିସି ହମାମୀରା ଓ ବଲାସିଂହା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ହମାମୀରାକୁ ହରାଇ ବଲାସିଂହା ଟିମ୍ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜଟଣୀର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ପିସିସି ଉପ ସଭାପତି ସସ୍ମିତା ବେହେରା, ଅନୁଗୋଳ ଜିଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ, ମୁଖପାତ୍ର ରୂପାଦୀପ୍ତି ମହାପାତ୍ର, ଅମ୍ବିକା ଭଞ୍ଜ, ରାକେଶ ମିଶ୍ର, ବିନୋଦ ମାଝୀ, ଲୁଲୁ ପାଣିଗ୍ରାହୀ, ଅଳକା ରାଣୀ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଯୋଗଦେଇ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ବାବା ପାୱାର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଶପଥ

**ବଇଣ୍ଡା,୬।୩(ପରିକ୍ଷିତ ସାହୁ)**

ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ତରଫରୁ ଗୋଷ୍ଠୀ ସଚେତନତା ବୈଠକ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଧଣ୍ଡାତୋପା ବନାଞ୍ଚଳ ତାଳମଳିହା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀଙ୍କ ବାସସ୍ଥାନ, ରହଣି, ଚାଲିଚଳଣି ଓ ସେମାନଙ୍କ ସୁରକ୍ଷା ସହିତ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରାଯିବା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ ପାଇଁ ଜଙ୍ଗଲ ପୋଡ଼ି ଆରମ୍ଭ ସହ ପକ୍ଷୀ, ଜୀବଜନ୍ତୁ, ଔଷଧୀୟ ବୃକ୍ଷ, ଗୁଳ୍ମ ଆଦି ନଷ୍ଟ ହେଉଥିବା ନଜରକୁ ଆସୁଛି। ସେଥିପାଇଁ ବନ ସଂରକ୍ଷଣ ସମିତି, ଗ୍ରାମ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଉନ୍ନୟନ ଅଧିକାରୀ ଶ୍ୱେତାମ୍ବର ମଲ୍ଲିକ, ଗୁଲସନ ସାହୁ, ପ୍ରକଳ୍ପ ସହାୟକ ଅଭୟ ଚରଣ ସ୍ୱାଇଁଙ୍କ ସମେତ ଆମ୍ବସରମୁଣ୍ଡା ବନପାଳ ଗୌରୀ ବେହେରା ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ଗ୍ରାମବାସୀ ଜଙ୍ଗଲକୁ ଅଗ୍ନି ଦାଉରୁ ରକ୍ଷା କରିବା ଓ ଜୀବଜନ୍ତୁଙ୍କ ସୁରକ୍ଷା କରିବାକୁ ଶପଥ ଗ୍ରହଣ କରିଥିଲେ।

# ବୁଢ଼ାପଙ୍କ ଗ୍ରାମରେ ଭାଗବତ ପାରାୟଣ

**ସନ୍ତ୍ରୀଛକ, ୬।୩(ସନ୍ତୋଷ ପରିଡ଼ା)/ ବଅଁରପାଳ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମରେ ଭାଗବତ ପାରାୟଣ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗ୍ରାମର ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଛୋଟ ବାଳକଙ୍କୁ ଖିରି ପ୍ରସାଦ ଦିଆଯାଉଛି। ଆସନ୍ତା ୧୨ରେ ଏହି ଭାଗବତ ପାରାୟଣର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଯୁବ ସମାଜ ସଂସ୍କାରକ, ହରିନାମ ପ୍ରଚାରକ ତଥା ଆଧ୍ୟାତ୍ମିକ ଦିଗ୍‌ଦର୍ଶକ ଶୁଭେନ୍ଦୁ କୁମାର ବେଉରାଙ୍କ ମାର୍ଗଦର୍ଶନରେ ବୁଢ଼ାପଙ୍କ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ପାରାୟଣ ସମାପନ ହେବ ବୋଲି ଆୟୋଜିତ ମଣ୍ଡଳୀ ପ୍ରକାଶ କରିବା ସହ ସମସ୍ତେ ଏଥିରେ ସାମିଲ ହେବାକୁ ଅନୁରୋଧ କରାଯାଇଛି।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ପୁରୁଷ।

# ବନ୍ୟପ୍ରାଣୀଙ୍କ ସୁରକ୍ଷାନେଇ ସଂକଳ୍ପ



ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ବନ ବିଭାଗ ଅଧିକାରୀଙ୍କ ସହ ଅନ୍ୟମାନେ।

**ବନ୍ତଳା,୬।୩(ସୁଶିତ ସାହୁ)**

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବନ୍ତଳା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ସ୍ନେହା ଏନ୍‌ଜିଓ ସହଭାଗିତରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟରଖି ବନାଗ୍ନି ନିବାରଣ ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ନେଇ ଅଧିକ ଜନ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଙ୍ଗଲ, ଜୈବ ବିବିଧତାର ସୁରକ୍ଷା ସହ ପରିବେଶର ସ୍ଥାୟିତ୍ୱ ନେଇ ସମସ୍ତେ ମିଳିମିଶି କାମ କରିବାର ଅଛି ବୋଲି ରେଞ୍ଜର ସାହୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଫରେଷ୍ଟର, ଗାର୍ଡ, ଗଜସାଥୀ, ହାତୀ ସ୍କ୍ୱାଡ୍ ଓ ସ୍ନେହା ଏନ୍‌ଜିଓର ସଦସ୍ୟ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସଂକଳ୍ପ ନେଇ କାର୍ଯ୍ୟକରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

**ବଅଁରପାଳ,୬।୩(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପ୍ରତିନିଧି ସଞ୍ଜୀବ କୁମାର ଦେହୁରୀ ଯୋଗଦେଇଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଙ୍କର୍ଷଣ ଗାଆଣ ପରିଚାଳନା କରିଥିଲେ। ଟିକା ନେଇଥିବା ୧୪ ଜଣ କିଶୋରୀଙ୍କୁ ଟିକା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

**ଅନୁଗୋଳ, ୬।୩ (ମାନସ ବିଶ୍ୱାଳ)**

ଅନୁଗୋଳ ବ୍ଲକ ରନ୍ତୁଲେଇ ପଞ୍ଚାୟତର ମୂଷାପାପୁଲି ଗ୍ରାମଠାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ କରକମଳରେ ଏକ ଥଣ୍ଡା ପାନୀୟଜଳ ପ୍ରକଳ୍ପ, ଏକ ଗୋଷ୍ଠୀକେନ୍ଦ୍ର ଓ ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବାଙ୍କନିଧି ବେହେରା, ପୂର୍ବତନ ସମିତି ସଭ୍ୟ ସୁଜିତ ସାହୁ, ଗ୍ରାମ୍ୟ କମିଟି ସଭାପତି ଅର୍ଜୁନ ସାହୁ, ସମ୍ପାଦକ ସଂଗ୍ରାମ ସାହୁ, କୃଷ୍ଣ ସାହୁ, ଦିଲୁ ସାହୁ, ସିନ୍ଧୁ ସାହୁ, କୁନା ସାହୁ, ମଙ୍ଗୁଲୁ ସାହୁ, ଜନ୍ମେଶ୍ୱର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

# ବିଜୁବାବୁଙ୍କ ଜୟନ୍ତୀ ପାଳିତ

**ପାଲଲହଡ଼ା,୬।୩(ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ସଦର ମହକୁମାରେ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବୁଧୁରାମ ବୈପାଇ, ପୂର୍ବତନ ଜିଲା ପରିଷଦ ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ପାଲଲହଡ଼ା ବ୍ଲକ ବିଜେଡି ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ କୁମାର ଉଦାବଳ, ସଂଗ୍ରାମ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାମଲ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟିତ



ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସକୁ ଉଦ୍‌ଘାଟନ କରାଯାଉଛି।

**ଅନୁଗୋଳ,୬।୩ (ମାନସ ବିଶ୍ୱାଳ)**

ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ୬ ତାରିଖରୁ ଆରମ୍ଭ ହୋଇଥିବାବେଳେ ୮ ତାରିଖରେ ଉଦ୍‌ଯାପିତ ହେବ। ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ଜିଲା ପ୍ରଶାସନ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଗୁରୁ ଅଭୟ ରାୟ, ମୁଖ୍ୟବକ୍ତା ଭାବେ ଡ.ଗୌରୀ ଶଙ୍କର ଯୁଗ ପ୍ରକାଶ, ସତ୍ୟବ୍ରତ ନାଥ, ଅନ୍ତର୍ଜାତୀୟ ପର୍ବତ ଆରୋହିଣୀ ବିଭାରାଣୀ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ ରୁ ଅଧିକ ଛାତ୍ରୀ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଧନ୍ୟବାଦ ଜଣାଇଥିଲେ।

# ବିଭିନ୍ନ ସ୍ଥାନରେ ହୋଲି, ଦୋଳଯାତ୍ରା

**ବଇଣ୍ଡା,୬।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକରେ ହୋଲିଉତ୍ସବ ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ବଇଣ୍ଡା ନଗର ପରିକ୍ରମା କରାଯାଇ ଚନ୍ଦନ ପୋଖରୀରେ ସ୍ନାନ କରାଯିବା ପରେ ମନ୍ଦିରକୁ ନିଆଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପଣା ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତେ ପରସ୍ପର ଦେହରେ ରଙ୍ଗ ବୋଳିଥିଲେ। ଗ୍ରାମର ଅରବିନ୍ଦ ସାହୁ, ଲକ୍ଷ୍ମୀଧର ବେହେରା, ରମାକାନ୍ତ ବେହେରା, ସଞ୍ଜୟ ସାହୁ, ପରିକ୍ଷିତ ସାହୁ, ରମେଶ ସାହୁ, ଶୁଭେନ୍ଦୁ ମୋହନ ସାହୁଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ। ସେହିପରି ସାନ ଗୋବିନ୍ଦପୁର ଗ୍ରାମରେ ପ୍ରଭୁ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ପ୍ରଭୁଙ୍କୁ ଯାତ୍ରା ପଡିଆକୁ ଅଣା ଯାଇଥିଲା। ପରେ ସେଠାରେ ଯାତ୍ରା ଆରମ୍ଭ ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିବାବେଳେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# କୁପୋଷଣ ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ଲୋଡ଼ା



ଅନୁଗୋଳ ଜିଲାକୁ ସୁପୋଷିତ ଜିଲା ଭାବେ ଗଢି ତୋଳିବାକୁ ଶପଥ ପାଠ।

**ଅନୁଗୋଳ,୬।୩(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଶୁକ୍ରବାର ପୂର୍ବାହ୍ନରେ ସୁପୋଷିତ ଲକ୍ଷ୍ୟ ଦିଗରେ ଜିଲାସ୍ତରୀୟ କର୍ମଶାଳା ଜିଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ମାତୃ ଓ ଶିଶୁ ପୋଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୁପୋଷଣ ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ନେବା ହେଉଛି ଏହି କର୍ମଶାଳାର ଲକ୍ଷ୍ୟ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସମେତ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍)ର ସୁପର ଭାଇଜର, ଜିଲା ସମାଜ କଲ୍ୟାଣ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟସ୍ତରରୁ ଆସିଥିବା ପ୍ରଶିକ୍ଷକ ଇଶିକା ଦାଶ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ପୋଷଣ, ସ୍ୱାସ୍ଥ୍ୟ ସଚେତନତା ଏବଂ ସମୁଦାୟ ଭିତ୍ତିକ ପଦକ୍ଷେପ ନେବା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସମସ୍ୟା ଓ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଉପଲକ୍ଷେ ଅନୁଗୋଳ ଜିଲାକୁ ସୁପୋଷିତ ଜିଲା ଭାବେ ଗଢି ତୋଳିବାକୁ ଶପଥ ପାଠ କରାଯାଇଥିଲା।

**ସଂକ୍ଷେପରେ**

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୬।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା କୃଷ୍ଣପୁର ଗ୍ରାମର ସସ୍ମିତା ସାହୁ ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ସାହୁଙ୍କୁ ସେହି ଗ୍ରାମର ସୁଶୀଲ ସାହୁ ଓ ତାଙ୍କ ଭାଇ ଆକ୍ରମଣ କରିଥିବା ସସ୍ମିତା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୯୬/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ସସ୍ମିତା ଘରେ ଥିବାବେଳେ ସୁଶୀଲ ଆସି ରଙ୍ଗ ମାରିବେ ବୋଲି କହିଥିଲେ। ସେ ମନା କରିବାରୁ ଘରେ ଜବରଦସ୍ତ ପଶିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ତାଙ୍କ ସ୍ୱାମୀ ପ୍ରଶାନ୍ତ ପ୍ରତିବାଦ କରିବାରୁ ଅଭିଯୁକ୍ତ ଦ୍ୱୟ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୬।୩(ଦିବ୍ୟଶାନ୍ତନୁ ନାଥ)

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ବେଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ସମିତି ସଭାପତି ହେମନ୍ତ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ଆସନ୍ତା ୧୯ ତାରିଖରେ ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚ୍ଚିଦାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେବେ ବୋଲି ସ୍ଥିର କରାଯାଇଥିଲା। ଏଥିସହ ଏକ କମିଟି ଗଠନ କରାଯାଇଥିଲା। ମାର୍ଗଦର୍ଶକ ଭାବେ ବାସୁଦେବ ହୋତା, ସଭାପତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ହେମନ୍ତ କୁମାର ଦାଶ, ଉପସଭାପତି ରୋହିତ କୁମାର ଦାଶ, ରାମକୃଷ୍ଣ ତ୍ରିପାଠୀ, ଚନ୍ଦ୍ରକାନ୍ତ ଧଳ, ସମ୍ପାଦକ ପଦ୍ମ ଚରଣ ପ୍ରଧାନ, ସହ ସମ୍ପାଦକ ରବୀନ୍ଦ୍ର ଧର, ଚିତ୍ତରଞ୍ଜନ ମିଶ୍ର, ଲଳିତ କୁମାର ଦାଶ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ସଭ୍ୟ ଦ୍ୱାରିକା ପ୍ରସାଦ ନନ୍ଦ, ଅଭୟ ରାୟ, ମନୋଜ ଅଗ୍ରୱାଲ, ଅଶୋକ ଦାଶ, ରଞ୍ଜନ ବେହେରା, ସ୍ମିତା ପଟ୍ଟନାୟକ, ବରଦାକାନ୍ତ ପାଳ, ସାଇ ସ୍ୱରୂପ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ବୈଠକରେ ବିଜୟ ମୋଦି, ବିଜୟ ସାହୁ, କରୁଣାକର ହୋତା, ବିଜୟ କୁମାର ତ୍ରିପାଠୀ, ସାର୍ଥକ ମଲ୍ଲିକ, ତପନ ଦତ୍ତ ଦାସ, ମନ୍ମଥ ଦାଶଙ୍କ ସମେତ ଅନୁଗୋଳର ପ୍ରାୟ ୨୦ଟି ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗଛରୁ ପଡ଼ି ବାଳକ ଗୁରୁତର

ଛେଣ୍ଡିପଦା,୬।୩ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ଗ୍ରାମରେ ବେଲ ଗଛରୁ ପଡ଼ି ଶୁକ୍ରବାର ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାନାମ୍ବର ବେହେରାଙ୍କ ୧୧ ବର୍ଷର ପୁଅ ପ୍ରଦୀପ ବେହେରା। ଅପରାହ୍ନରେ ସ୍କୁଲ ଛୁଟି ହେବା ପରେ ପ୍ରଦୀପ ଅନ୍ୟ ୩ ଜଣ ସାଙ୍ଗଙ୍କ ସହ ଗାଁ ସ୍କୁଲ ପରିସରକୁ ଖେଳିବାକୁ ଯାଇଥିଲେ। ସେଠାରେ ସେ ଏକ ବେଲଗଛକୁ ଚଢ଼ି ବେଲ ତୋଳୁଥିବା ବେଳେ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

ପାଲଲହଡା,୬।୩ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଥାନା ବନ୍ଧାଭୂଇଁ ପଞ୍ଚାୟତ ଜମରଡିହ ଗୋପପୁର ଗ୍ରାମର ଜଣେ ଯୁବତୀ ଗୁରୁବାର ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ସେ ଘର ସିଲିଂ ଫ୍ୟାନରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏ ସଂକ୍ରାନ୍ତରେ ଥାନାରେ ନମ୍ବର ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଛି। ପାରିବାରିକ କଳହକୁ କେନ୍ଦ୍ରକରି ଯୁବତୀ ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ପୋଲିସ ସୂଚନା ଦେଇଛି।

# ଗୋପାଳ ସମାଜ ପକ୍ଷରୁ ଦୋଳ ପୂର୍ଣ୍ଣିମା ଉତ୍ସବ

ସନ୍ତ୍ରିଛକ, ୬।୩ (ସନ୍ତୋଷ ପରିଡ଼ା)



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ଗୋପାଳ ସମାଜ ପକ୍ଷରୁ ଦୋଳ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଗ୍ରାମର ରାଧାକୃଷ୍ଣ ମନ୍ଦିର ଠାରୁ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଧରି ଗ୍ରାମର ବିଭିନ୍ନ ସାହି ପରିକ୍ରମା କରାଯାଇଥିଲା। ଗୋପାଳଭାଇମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଲଉଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା। ସେହିପରି ବୁଢାପଙ୍କ ବୃନ୍ଦାବନପୁର ଗ୍ରାମରେ ଗୋପାଳ ସମାଜ ଦ୍ୱାରା ଦୋଳଯାତ୍ରା ପାଳିତ ହୋଇଯାଇଛି। ରାଧାକୃଷ୍ଣ ମନ୍ଦିର ଠାରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଅପର୍ତ୍ତିପୁର ଗ୍ରାମ ଠାରୁ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା କରି ଦୋଳମଣ୍ଡପ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ଭୀମସେନ ପରିଡ଼ା ଯୋଗ ଦେଇଥିଲେ। ବଅଁରପାଳ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

## ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୬।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଚାକୁଣ୍ଡାମୁଣ୍ଡା ଗ୍ରାମର ମୁନା ନାୟକଙ୍କୁ ତୁଳିଆପୁର ଗ୍ରାମର ପିଣ୍ଟୁ ବେହେରା, ରିଙ୍କୁ ବେହେରା, କାହ୍ନା ବେହେରା, ଅମର ବେହେରା ମାଡ଼ ମାରିଥିବା ମୁନା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୯୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁନା ପାଗବନ୍ଧା ନିକଟ ଏକ ଢାବା ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ଟି ବାଇକରେ ୪ ଅଭିଯୁକ୍ତ ଆସି ଢାବା ବନ୍ଦର କାରଣ ପଚାରିଥିଲେ। ଏହାପରେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ବିଜୁ ବାବୁଙ୍କୁ ଭାରତ ରତ୍ନ ଦେବାକୁ ଦାବି

ତାଳଚେର, ୬।୩ (ମନୋଜ ନନ୍ଦ)

ତାଳଚେରର ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ଓ ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ଦେଉଳବେଡ଼ାସ୍ଥିତ ମହେଶ ସାହୁଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ସାହୁ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟମାନେ ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କୁ ଭାରତ ରତ୍ନରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏଥିସହ କେନ୍ଦ୍ର ସରକାର ତୁରନ୍ତ ଏହା ଉପରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇବାକୁ ସହମତ ହୋଇଥିଲେ। ଅନୁଷ୍ଠାନ ସଭାପତି ଆଇନଜୀବୀ ହରେକୃଷ୍ଣ ପାତ୍ର, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ଡ. ରଶ୍ମି ରଞ୍ଜନ ମିଶ୍ର, ବୁଦ୍ଧିଜୀବୀ ଫୋରମ ସଭାପତି ଗିରିଜା ଶଙ୍କର ମିଶ୍ର, ବିଜେଡି ପୂର୍ବତନ ନଗର ସଭାପତି ଜ୍ୟୋତି ରଞ୍ଜନ ଦାସ, ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସୋଭାଗିନୀ ଦେବୀ, ଜିତେନ୍ଦ୍ର ମହାପାତ୍ର, ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହାବିରୋଡ ଥାନା ଲୋକାର୍ପିତ



ପରଜଙ୍ଗ, ୬।୩(ନିଗମାନନ୍ଦ ଦଳବେହେରା)

କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ କରକମଳରେ ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀ ସହ ଲୋକାର୍ପିତ ହୋଇଛି ୩ ହଜାର ୨୭୫ କୋଟି ଟଙ୍କାର ପ୍ରକଳ୍ପ। ୨୪ ପୁଲିସ ଷ୍ଟେଶନ ଭିତରେ ଢେଙ୍କାନାଳର ବହୁ ପ୍ରତିକ୍ଷିତ ମହାବିରୋଡ ଥାନା ଲୋକାର୍ପିତ ହୋଇଛି। ଏହାଦ୍ୱାରା ଆଖପାଖ ଅଞ୍ଚଳର ପ୍ରାୟ ୧୦ଟି ପଞ୍ଚାୟତର ଲୋକ ଉପକୃତ ହୋଇପାରିବେ। ଦେଶର ନୂତନ ନ୍ୟାୟ ସଂହିତା ସହ ଅଭିଯୋଗପତ୍ର ଏବଂ କେସ୍‌ଗୁଡିକର ସମାଧାନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶରେ ଯେ କୌଣସି ଥାନାରେ ଅଭିଯୋଗ ପତ୍ର ରେଜେଷ୍ଟ୍ରି କରାଯିବା ସହିତ ତଳ କୋର୍ଟଠାରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ବ୍ୟବସ୍ଥା ତ୍ୱରାନ୍ୱିତ ହେବ। କେସ୍‌ଗୁଡିକ ୩ ବର୍ଷ ମଧ୍ୟରେ ସମାଧାନ ହେବ ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶାହ। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ମଣ୍ଡଳ ସଭାପତି ଜିତେନ୍ଦ୍ର କର, କଙ୍କଡ଼ାହାଡ ବିଡିଓ ଯଶବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ, ଥାନାଧିକାରୀ କାଶୀନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ସାଗର ସାହିତ୍ୟ ସଂସଦର ହୋଲି କବିତା ଆସର

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସାଗର ସାହିତ୍ୟ ସଂସଦର ହୋଲି କବିତା ଆସର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଜ୍ୟୋତିର୍ବିଦ ଶ୍ରୀବସ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ, ଇନ୍ଦିପୁର ଗ୍ରାମ ବିକାଶ ପରିଷଦର ଉପସଭାପତି ପୀତବାସ ପୃଷ୍ଟି, ସହ ସମ୍ପାଦକ ଅଜୟ କୁମାର ପୃଷ୍ଟି, ପ୍ରଶାନ୍ତ ଗାଁଆଣ ପ୍ରମୁଖ ଯୋଗଦେଇ ହୋଲି ଉତ୍ସବ ଏକତାର ପ୍ରତୀକ ହୋଲି ଆଲୋଚନା କରିଥିଲେ। ସଂସଦର ସମ୍ପାଦକ ତ୍ରିଲୋଚନ ମହାରଣା ହୋଲି କବିତା ଆସରର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ସଂସଦର ଓଡିଆ ନବବର୍ଷ ବିଶେଷାଙ୍କ 'ମଧୁ ବିକାଶ'ର ଷଷ୍ଠସଂଖ୍ୟା ନିମନ୍ତେ କ୍ଷୁଦ୍ର କବିତା ସ୍ଥାନିତ କରି ଅଧିକ ଲେଖକ ଲେଖିକାମାନଙ୍କୁ ସାମିଲ କରିବା ପାଇଁ ମତ ରଖିଥିଲେ। କବି ଦୁଃଶାସନ ସାହୁ ଏବଂ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ କବିତା ଭାବରେ କବି ସୁବାସ ଚନ୍ଦ୍ର ନାୟକଙ୍କ କବିତା 'ହୋଲି' ଆଦୃତ ଲାଭ କରିଥିଲା। ସଂସଦର ସହସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂସଦର ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରଜଙ୍ଗରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ

ପରଜଙ୍ଗ, ୬।୩ (ନିଗମାନନ୍ଦ ଦଳବେହେରା)




ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପରଜଙ୍ଗ ବଜାର ନିକଟସ୍ଥ ସତ୍ୟ ପ୍ୟାଲେସ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଦଳର ବରିଷ୍ଠ ନେତା ତଥା ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ପରିଷଦ ସଦସ୍ୟ ରୁନୁ ବର୍ମା, ପରଜଙ୍ଗ ବ୍ଲକ ନବନିଯୁକ୍ତ ବ୍ଲକ ବିଜେଡି ସଭାପତି କାରଣ ବେହେରା, କଙ୍କଡ଼ାହାଡ଼ ବ୍ଲକ ବିଜେଡି ସଭାପତି ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଦସ୍ୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରଜଙ୍ଗ ବ୍ଲକ ବିଜେଡି ସଭାପତି କାରଣ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଯୁବନେତା ସୁବ୍ରତ କୁମାର ଦାସ, ପ୍ରୀୟଜିତ ସାମଲ, ଜିଲା ସାଧାରଣ ସମ୍ପାଦକ ଉଦୟନାଥ ମହାଭୋଇ, ନିର୍ମଳ ବାରିକ, ତାପସ ପାଣି, ଟିକମ ହାତୀ, ଭ୍ରମରବର ସାସମଲଙ୍କ ସମେତ ଦଳର ଶତାଧିକ ବିଜୁ ଯୁବ ଛାତ୍ର ମହିଳା କର୍ମୀ ଉପସ୍ଥିତ ଥିଲେ।


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ | pnb punjab national bank (Together for the better) | Oriental United

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର**
ବାଲାଜୀ ମିଡ୍ ଟାଉନ୍, ପ୍ରଥମ ମହଲା, ଦେହେରୀପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪,
ଇମେଲ୍: cs8310@pnb.co.in, କ୍ଷମତାପ୍ରାପ୍ତ ଅଧିକାରୀ ଯୋଗାଯୋଗ ନଂ.: ୯୯୫୫୬୩୯୩୭୫

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାର ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

**ଇ-ନିଲାମ ତାରିଖ ଏବଂ ସମୟ : ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା**

**ଅମାନତ ରାଶି ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୫.୦୩.୨୦୨୬, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା**

**ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ୨୩.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା**

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ/ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ / ଖ) ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ପରିମାଣ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ / ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଟଙ୍କାରେ) / ଖ) ଅମାନତ ରାଶି / ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
| --- | --- | --- | --- | --- | --- |
| ୧. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତାମାନେ: ୧) ସୌରଭ ଜଗଦଲା, ପିତା: ରାମଦାସ ଜଗଦଲା, ୨) ଶ୍ରୀମତୀ ଗୀତାଞ୍ଜଳି ଜଗଦଲା, ସ୍ୱାମୀ: ରାମଦାସ ଜଗଦଲା, ଉଭୟଙ୍କ ଠିକଣା: ସା: ଥପାପାଲି, ପୋ: ଗୋଛାପଡା, ଜିଲ୍ଲା: ବୌଦ୍ଧ - ୭୬୨୦୧୫ | ଶ୍ରୀମତୀ ଗୀତାଞ୍ଜଳି ଜଗଦଲା, ସ୍ୱାମୀ: ରାମଦାସ ଜଗଦଲାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨, ପ୍ଲଟ୍ ନଂ.: ୧୯୭/୪୫୩, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: ଥପାପାଲି, ତହସିଲ/ଜିଲ୍ଲା: ବୌଦ୍ଧ | କ) ୦୧.୦୮.୨୦୨୪ ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୧୧,୨୮,୧୭୯.୦୪ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୦୨.୧୨.୨୦୨୪ ଘ) ସାଙ୍କେତିକ | କ) ଟ.୫,୫୮,୦୦୦/- ଖ) ଟ.୫୫,୮୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୨. | ଲାଇକେରା ଶାଖା (୨୦୬୨୦୦) / ଋଣଗ୍ରହୀତାମାନେ: ୧) ଶ୍ରୀ ସଚ୍ଚିଦାନନ୍ଦ ସରାଫ୍, ପିତା: ପ୍ରଫୁଲ୍ଲ ସରାଫ୍, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫, ୨) ଶ୍ରୀ ଶ୍ରୀମନ୍ତ ସରାଫ୍, ପିତା: ସଚ୍ଚିଦାନନ୍ଦ ସରାଫ୍, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ | ଶ୍ରୀ ସଚ୍ଚିଦାନନ୍ଦ ସରାଫ୍, ପିତା: ପ୍ରଫୁଲ୍ଲ ସରାଫ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୦୭/୫୧୪, ପ୍ଲଟ୍ ନଂ.: ୯୭୭/୩୫୯୧, କ୍ଷେତ୍ର: ଏକର ୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୭୭/୩୫୯୨, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ମୌଜା: ଲାଇକେରା, ଥାନା: ଲାଇକେରା, ତହସିଲ: ଲାଇକେରା, ଜିଲ୍ଲା: ଝାରସୁଗୁଡା | କ) ୧୪.୦୬.୨୦୨୪ ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୭,୧୫,୯୮୦.୧୪ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୨୭.୦୮.୨୦୨୪ ଘ) ସାଙ୍କେତିକ | କ) ଟ.୬,୧୭,୦୦୦/- ଖ) ଟ.୬୧,୭୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୩. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତା: ଶ୍ରୀ ପ୍ରଦୀପ ମେହେର, ପିତା: ଶ୍ରୀ ଜଗନ୍ନାଥ ମେହେର / ଗ୍ୟାରେଣ୍ଟିଦାତା: ଶ୍ରୀ ଧନୀ ମେହେର, ପିତା: ଶ୍ରୀ ଘାସିରାମ ମେହେର, ଉଭୟଙ୍କ ଠିକଣା- ସା/ଗ୍ରାମ: ସାଗରପାଲି, ପୋ: ମଲିକମୁଣ୍ଡା, ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର, ଓଡିଶା-୭୬୭୦୧୭ | ଶ୍ରୀ ଧନୀ ମେହେର, ପିତା: ଶ୍ରୀ ଘାସିରାମ ମେହେରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୯, ପ୍ଲଟ୍ ନଂ.: ୧୦୨୯, କ୍ଷେତ୍ର: ଏକର୦.୦୭୧ ଡିସିମିଲି, ମୌଜା: ସାଗରପାଲି, ତହସିଲ: ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର | କ) ୩୧.୦୫.୨୦୧୬ ଖ) ୩୧.୦୩.୨୦୨୫ ସୁଦ୍ଧା ଟ.୧୨,୪୬,୫୭୪/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୧୯.୧୨.୨୦୧୮ ଘ) ସାଙ୍କେତିକ | କ) ଟ.୧୮,୧୩,୦୦୦/- ଖ) ଟ.୧,୮୧,୩୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୪. | ବରପାଲି ଶାଖା (୭୩୭୪୦୦) / ଋଣଗ୍ରହୀତା: ମେସର୍ସ ସହେପାଲ ମେନ୍ସ ଉୟର, ସ୍ୱତ୍ୱାଧିକାରୀ: ସୀତାରାମ ସହେପାଲ / ଗ୍ୟାରେଣ୍ଟିଦାତା: ଶ୍ରୀ ଲମ୍ବୋଦର ସହେପାଲ, ପିତା: ଋଷି ସହେପାଲ, ଉଭୟଙ୍କ ଠିକଣା- ସା: ଶାନ୍ତିନଗର, ୱାର୍ଡ ନଂ.: ୨, ପୋ/ଥାନା: ବରପାଲି, ଜିଲ୍ଲା: ବରଗଡ, ପିନ୍ -୭୬୮୦୨୯ | ଶ୍ରୀ ଲମ୍ବୋଦର ସହେପାଲଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୧୦/୨୯୭୬, ପ୍ଲଟ୍ ନଂ.: ୪୨୬/୫୮୬୩/୭୭୫୭, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ମୌଜା: ବରପାଲି, ତହସିଲ: ବରପାଲି, ଜିଲ୍ଲା: ବରଗଡ | କ) ୧୨.୦୮.୨୦୨୨ ଖ) ୩୧.୦୯.୨୦୨୫ ସୁଦ୍ଧା ଟ.୭,୨୨,୯୭୨/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୦୨.୧୧.୨୦୨୨ ଘ) ସାଙ୍କେତିକ | କ) ଟ.୫,୪୦,୦୦୦/- ଖ) ଟ.୫୪,୩୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୫. | ଟିଟିଲାଗଡ ଶାଖା (୬୮୦୮୦୦) / ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଘୁନାଥ କୁମ୍ଭାର, ପିତା: ଶ୍ରୀ ଭୁବନେଶ୍ୱର କୁମ୍ଭାର / ଗ୍ୟାରେଣ୍ଟିଦାତା: ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନିଳମଣୀ କୁମ୍ଭାର, ଉଭୟଙ୍କ ଠିକଣା ସା: ବାନ୍ଦୁପଲା, ପୋ: ଦେଶିଲ, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା, ପିନ୍ - ୭୬୭୦୩୩ | ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନିଳମଣୀ କୁମ୍ଭାରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୩/୩୪୪, ପ୍ଲଟ୍ ନଂ.: ୪୭୧, କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଏବଂ ଖାତା ନଂ.: ୧୨୩/୩୬୫, ପ୍ଲଟ୍ ନଂ.: ୪୭୫, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୋଟ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ବାନ୍ଦୁପଲା, ତହସିଲ/ଥାନା: ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର | କ) ୦୭.୦୨.୨୦୨୫ ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୬,୯୪,୯୦୩/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୨୪.୦୯.୨୦୨୫ ଘ) ସାଙ୍କେତିକ | କ) ଟ.୭,୭୫,୦୦୦/- ଖ) ଟ.୭୭,୫୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୬. | ଟିଟିଲାଗଡ ଶାଖା (୬୮୦୮୦୦) / ଋଣଗ୍ରହୀତା: ମେସର୍ସ ଏ ଏମ୍ ଟଏଜ୍ ଗିଫ୍ଟସ୍ ଆଣ୍ଡ ବେଲ୍ଟସ୍, ସ୍ୱତ୍ୱାଧିକାରୀ: ମହମ୍ମଦ ଜାଭେଦ୍ ଅକ୍ତାର, ସା: ହାଟପଦା, ପୋ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ପିନ୍ - ୭୬୭୦୩୩ / ବନ୍ଧକଦାତା: ଶ୍ରୀମତୀ ତାହିରୁନ୍ ନିଶା, ସ୍ୱାମୀ: ମୁସ୍ତାଫା ଖାନ୍, ସା: ବୋହିଦାରପଡା, ପୋ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ପିନ୍ - ୭୬୭୦୩୩ | ଶ୍ରୀମତୀ ତାହିରୁନ୍ ନିଶାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୮୫୨/୧୨୧୯, ପ୍ଲଟ୍ ନଂ.: ୫୨/୫୪୧୦, କ୍ଷେତ୍ର: ଏକର ୦.୦୮୯ ଡିସିମିଲି, ମୌଜା: ଟିଟିଲାଗଡ କ, ତହସିଲ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର | କ) ୧୨.୦୧.୨୦୨୪ ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୯,୯୨,୧୨୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୦୫.୦୭.୨୦୨୪ ଘ) ସାଙ୍କେତିକ | କ) ଟ.୭୭,୯୪,୦୦୦/- ଖ) ଟ.୭,୭୯,୪୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୭. | ଦେବଗଡ ଶାଖା (୧୬୯୯୨୦) / ଋଣଗ୍ରହୀତା: ଶ୍ରୀ ସୁଦାମ କୁମାର ପ୍ରଧାନ, ପିତା: ବଙ୍ଗାଳି ପ୍ରଧାନ, ସା: ଭୁକବେଡା, ଗ୍ରା.ପ.: ଟାଇଁସର, ଥାନା/ଜିଲ୍ଲା: ଦେବଗଡ, ପିନ୍ - ୭୬୮୦୦୫ / ବନ୍ଧକଦାତା: ଶ୍ରୀ ବଙ୍ଗାଳି ପ୍ରଧାନ, ପିତା: ଶ୍ରୀ ହରି ପ୍ରଧାନ, ସା: ଭୁକବେଡା, ଗ୍ରା.ପ.: ଟାଇଁସର, ଥାନା/ଜିଲ୍ଲା: ଦେବଗଡ, ପିନ୍ - ୭୬୮୦୦୫ | ଶ୍ରୀ ବଙ୍ଗାଳି ପ୍ରଧାନ, ପିତା: ଶ୍ରୀ ହରି ପ୍ରଧାନଙ୍କ ନାମରେ ହାଇ-ଟେକ୍‌ରେ ଥିବା ଜମି ଏବଂ ଗୃହ ସମ୍ପତ୍ତି ଯାହାର ଖାତା ନଂ.: ୫୬, ପ୍ଲଟ୍ ନଂ.: ୩୩୮, କ୍ଷେତ୍ର: ଏକର ୦.୦୯ ଡିସିମିଲି, ପ୍ଲଟ୍ ନଂ.: ୫୧୯, କ୍ଷେତ୍ର: ଏକର ୦.୦୨ ଡିସିମିଲି, ପ୍ଲଟ୍ ନଂ.: ୫୩୫, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୫୩୬, କ୍ଷେତ୍ର: ଏକର ୦.୦୪ ଡିସିମିଲି ଏବଂ ପ୍ଲଟ୍ ନଂ.: ୫୩୭, କ୍ଷେତ୍ର: ଏକର ୦.୦୧ ଡିସିମିଲି, ମୋଟ କ୍ଷେତ୍ର: ଏକର ୦.୧୭ ଡିସିମିଲି, ମୌଜା: ଭୁକବେଡା, ତହସିଲ/ଜିଲ୍ଲା: ଦେବଗଡ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରମେଶ ପ୍ରଧାନଙ୍କ ଜମି, ଦକ୍ଷିଣ: ନିଜସ୍ୱ ଜମି, ପୂର୍ବ: ପ୍ରକାଶ ପ୍ରଧାନଙ୍କ ଜମି, ପଶ୍ଚିମ: ରାସ୍ତା | କ) ୦୩.୦୨.୨୦୨୫ ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୧୧,୭୧,୩୩୬.୦୩ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୦୩.୦୯.୨୦୨୫ ଘ) ସାଙ୍କେତିକ | କ) ଟ.୧୭,୬୫,୦୦୦/- ଖ) ଟ.୧,୭୬,୫୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୮. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତାମାନେ: ୧) କୁଞ୍ଜ ବିହାରୀ ପ୍ରଧାନ, ପିତା: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଶ୍ରୀ ଅକ୍ଷୟ କୁମାର ପ୍ରଧାନ / ବନ୍ଧକଦାତାମାନେ: ୧) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ପଙ୍କଜିନୀ ପ୍ରଧାନ, ପିତା: ଶ୍ରୀ ଗୌର ପ୍ରଧାନ, ୩) ଶ୍ରୀମତୀ ସୁମିତ୍ରା ପ୍ରଧାନ, ସ୍ୱାମୀ: ଗୌର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ସିଙ୍ଗାରୀ, ପୋ: କଳାପଥର, ଜିଲ୍ଲା: ସୋନପୁର, ପିନ୍-୭୬୭୦୧୬ | ୧) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ପଙ୍କଜିନୀ ପ୍ରଧାନ, ପିତା: ଶ୍ରୀ ଗୌର ପ୍ରଧାନ, ୩) ଶ୍ରୀମତୀ ସୁମିତ୍ରା ପ୍ରଧାନ, ସ୍ୱାମୀ: ଗୌର ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧, ପ୍ଲଟ୍ ନଂ.: ୨୭୮ ଏବଂ ୨୭୯, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ସିଙ୍ଗାରୀ, ପୋ: କଳାପଥର, ଥାନା: ସୋନପୁର, ଜିଲ୍ଲା: ସୋନପୁର | କ) ୨୧.୧୨.୨୦୨୪ ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୯,୮୨,୦୬୩.୩୮ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଗ) ୨୪.୦୪.୨୦୨୫ ଘ) ସାଙ୍କେତିକ | କ) ଟ.୧୮,୮୦,୦୦୦/- ଖ) ଟ.୧,୮୮,୦୦୦/- ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |

**ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଉପରଲିଖିତ ସମସ୍ତ ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ : ଜ୍ଞାତ ନାହିଁ**

ନିୟମ ଓ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।୧) ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି " ଏବଂ "ଯାହା ଯେପରି ଅଛି "ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ ହୋଇଅଛି, କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବ୍ୟାଖ୍ୟା ନିମନ୍ତେ ଦାୟୀ ନୁହନ୍ତି। ୩) କ୍ଷମତାପ୍ରାପ୍ତ ଅଧିକାରୀ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍ https://baanknet.com ଜରିଆରେ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ସମୟ ଅନୁଯାୟୀ ତା.୨୬.୦୩.୨୦୨୬ରିଖରେ ଏହି ବିକ୍ରୟ ଅନୁଷ୍ଠିତ ହେବ। ୫) ପ୍ରଯୁଜ୍ୟ ଜିଏସ୍‌ଟି ଅତିରିକ୍ତ । ୬) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବସାଇଟ୍ https://baanknet.com ଏବଂ www.pnbindia.in ଦେଖନ୍ତୁ।

**ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ସ୍ଥାନ: ସମ୍ବଲପୁର, ତାରିଖ : ୦୬.୦୩.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ଚିରିଯାଇଥିବା ରଫ୍‌ଖାତା

**ଗଳ୍ପ**

**ଦୀପ୍ତି ଖଣ୍ଡୁଆଳ**

ବୁଢ଼ୀର ନିରୁଦ୍ଦିଷ୍ଟ ଖବର ପ୍ରଘଟ ହେବା ପରେ ପ୍ରିୟଜନମାନେ ଯେତିକି ସନ୍ତାପିତ ହେଲେ ତା'ଠାରୁ ଅଧିକ ତା' ପୁଅ ବୋହୂଙ୍କୁ ଏହି ସମ୍ବେଦନଶୀଳ ଘଟଣା ପାଇଁ ଦୋଷାରୋପ କଲେ। ଅବଶ୍ୟ ଏହା ପଛରେ ବିଶେଷ କିଛି ମନାନ୍ତର ନଥିଲା, ଥିଲା ଏକ ଅପ୍ରୀତିକର ମତାନ୍ତର। ତଥାପି ଏକଥା କାନରେ ପଡ଼ିବା ମାତ୍ରେ ବୁଢ଼ୀ ପ୍ରତି ଗଢ଼ିଉଠିଥିବା ମମତ୍ୱବୋଧ ଯୋଗୁ ପଡ଼ୋଶୀ ବ୍ୟତିବ୍ୟସ୍ତ ହୋଇପଡ଼ିଲେ।

ବୁଢ଼ୀର ବଅସ ବେଳେ ସହିଥିବା କଷ୍ଟକୁ ଉଖାରି ପୁଅ ହେମନ୍ତକୁ କିଏ ଗୋଟେ ଚେତେଇଦେଲା– ''ଏଡ଼େ ଟିକେ ହେଇଥିଲୁରେ, ତୋ' ବାପା ଚାଲିଯିବା ପରେ ବୋଉ କେତେ ଦୁଃଖ କଷ୍ଟ ସହି ତୋତେ ମଣିଷ କଲା, ତା'ର ପରିଣାମ କ'ଣ ଏଇଆ? ଜଗତ କ'ଣ କହିବ?''

ଆଉ କିଏ ବୟୋଜ୍ୟେଷ୍ଠ ବୁଝାଇଦେଲେ– ''ଆରେ, ବାପା ସୂର୍ଯ୍ୟ ହେଲେ ମା' ପରା ଚନ୍ଦ୍ର। ତୋ' ଭାଗ୍ୟରେ ତ ସୂର୍ଯ୍ୟାଲୋକ ଜୁଟିଲା ନାହିଁ। ମା'ର ଜୋଛନାରେ ତୋ' ଜୀବନ ଗଛ ଏତେ ବଡ଼ ହୋଇଛିରେ...।''


ହେମନ୍ତବାବୁ ଅତିଷ୍ଠ ହୋଇଗଲେଣି। ଏଥର ବାଇକ୍ ଧରି ଭୁସ୍‌କିନା ମାଇଲେ ଷ୍ଟାର୍ଟ। ଲୋକଲଜ୍ଜାକୁ ଦୁଇ ଚାରି ଦିନ ଆଖପାଖ ମୌଜା ଘୂରିଆସିବା ପରେ ଘରେ ପହଞ୍ଚି ଦୀର୍ଘଶ୍ୱାସଟିଏ ପକାଇଲେ। ଏବେ ନିଜକୁ କିଛି ମାତ୍ରାରେ ଦୋଷମୁକ୍ତ ମନେକଲେ। ଦମ୍ଭଧରି ଭର୍ତ୍ସନାକାରୀଙ୍କ ପ୍ରତି ମୁହଁ ଖୋଲିଲେ– ''ମୁଁ କ'ଣ କରିବି? ମୁଁ କ'ଣ ବୋଉକୁ କହିଲି ଘର ଛାଡ଼ି କୁଆଡ଼େ ପଳା? ହାଁ? ଆଚ୍ଛା କଥା, କେଉଁଥିରେ ଅଭାବ ଥିଲା ତା'ର? ସେ ଯଦି ତାକୁ ଗୋଡ଼ରେ ଆଡ଼େଇଦବ, ମୁଁ କ'ଣ କରିବି? ବହୁତ ଖୋଜିଲିଣି, ତା' ପତା ପାଇନି। କାଲି ହୋଲ୍ ନାଇଟ୍ ଆଖି କଷା କରିନି। ବାଧ ହୋଇ ଥାନାରେ ଏଫଆୟାର ଦେଇଛି।''

ପତ୍ନୀ ମନୋରମା ପଡ଼ୋଶୀଙ୍କ ଉଦ୍ଦେଶ୍ୟରେ ମୁହଁ ଛିଞ୍ଚାଡ଼ି ସ୍ୱାମୀଙ୍କୁ ଆଶ୍ୱାସନା ଦେଲେ– ''ପର ଉପରେ ପଡ଼ିଲେ ଲୋକ ସେମିତି ବହକାଲିଆ କଥା କହନ୍ତି।''

ପତ୍ନୀଙ୍କ ଏ କଥା ଶୁଣି ହେମନ୍ତବାବୁ ପୁନଶ୍ଚ ଆଶ୍ୱସ୍ତ ହେଲେ। ଫାଇଭର ଚଉକିରେ ଅଜାଡ଼ି ହୋଇପଡ଼ିଲେ। ମୁଣ୍ଡ ଚଉକି ପଛ ବାଡ଼ାକୁ ଥୁଙ୍କେଇଦେଲେ। ଘର ଛାତକୁ ମିଟିମିଟି କରି ଅନାଇ ନିଖୋଜ ବୋଉ ପ୍ରତି ଯଥାର୍ଥ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି ବୋଲି କିଛିଟା ଆତ୍ମସନ୍ତୋଷ ଲାଭ କଲେ।

ବୋଉ ଇମିତି କାହିଁ ହଉଚି? ତୋର କ'ଣ ଆଉ ଯୁଗ ଅଛି? ଅବିଗୁଣ ମଣିଷକୁ ଚଳେଇବାକୁ ଆଜିକାଲି କେଉଁ ବୋହୂଟା ଚାହୁଁଛି ଭଲା! ତୁ ପର ଘରେ ପାଇଟି କରି ମୋତେ ମୋ' ଗୋଡ଼ରେ ଠିଆ କରେଇଛୁ ସତ, ହେଲେ ସେଇଆକୁ ନେଇ ସବୁ କଥାରେ ଏମିତି ହେଲେ କ'ଣ ହବ କି!

ହେମନ୍ତବାବୁ କ'ଣ କରିବେ, କ'ଣ କରିବେ, ଏମିତି ମନସ୍ତାପ ଭିତରେ ଥାଆନ୍ତି। ଥରେ ସନ୍ଧ୍ୟାବେଳେ ସେ ଠାକୁର ଘରେ ମନ୍ତ୍ର ପଢ଼ି ହାତ ଘଣ୍ଟି ଟିଂ ଟିଂ କରୁଥିଲେ। ହଠାତ୍ ଫୋନ୍ ରିଂ ହେଲା। ଭକ୍ତି, ଭାବ, ମନ୍ତ୍ର, ଘଣ୍ଟି ଶବ୍ଦ ସବୁ ବେସୁରା ହେଇଗଲା। ଥରେ... ଦୁଇଥର... ତିନିଥର... ରିଂ ହେଲା। ହେମନ୍ତବାବୁ ଅଗତ୍ୟା ପତ୍ନୀଙ୍କୁ ଡାକ ପକାଇଲେ– 'ମନା... କୁଆଡ଼େଗଲ, ଫୋନ୍ ରିସିଭ କର।'



ମନୋରମା ମୋବାଇଲ କାନରେ ଲଗାଇବା ପରେ ତାଙ୍କ ମଥା କୁଞ୍ଚିତ ହୋଇଗଲା। କଥା ହେଇ ସାରିବା ପରେ କାନ୍ଦ କାନ୍ଦ ଗଳାରେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରକାର ଚିତ୍କାର କଲା ପରି କହିଲେ– ''ଓଃ ଗଡ୍... ଶୁଣୁଛ, ଆକ୍ସିଡେଣ୍ଟ ହୋଇଥିବା ଟ୍ରେନ୍‌ରେ ବୋଉ ଯାଉଥିଲେ। କି ଧର୍ମ ସଙ୍କଟରେ ପକାଇଲ ପ୍ରଭୁ!''

ହେମନ୍ତବାବୁ ଠାକୁର ଘରୁ ଝଡ଼ପରି ବାହାରି ଆସିଲେ।

ହଠାତ୍ ଏକ ଅପ୍ରତ୍ୟାଶିତ ଘଟଣା ପ୍ରବାହରେ ସେ ଶତପ୍ରତିଶତ ବିଚଳିତ ହୋଇପଡ଼ିଲେ। ଡିଙ୍ଗ ପାହାର ପରି ଛାତି ଦୁଲ୍‌ଦୁଲ୍ ପଡୁଥିଲା।

ହେମନ୍ତବାବୁ ମୁହୂର୍ତ୍ତକ ପାଇଁ ବାକ୍‌ଶୂନ୍ୟ ହୋଇଗଲେ। ପରେ ସ୍ଥିର ଚିତ୍ତରେ ଘଟଣାକୁ ଭଲଭାବରେ ମନୋରମାଠାରୁ ବୁଝି, କଥାଟାକୁ ମଗଜକୁ ନେଲେ। ଆଉ ମନୋରମାଙ୍କୁ ସାନ୍ତ୍ୱନା ଦେଲେ ହେମନ୍ତବାବୁ– 'ରୁହ ରୁହ...।'

ବୋଉ ଯେଉଁଦିନ ଘରୁ ରୁଷି ପଳାଇଗଲା, ସେଦିନ ମେଘା ଘାଟିଠାରେ ଟ୍ରେନ୍ ଦୁର୍ଘଟଣା ହେଲା। ବୋଉ ନିଶ୍ଚୟ ସେହି ଟ୍ରେନ୍‌ରେ କେଉଁଆଡ଼େ ପଳାଇଯିବାକୁ ଉଦ୍ୟମ କରୁଥିଲା। ବୋଉ କୁଆଡ଼େ ଗଲୁ! ମୁଣ୍ଡରେ ହାତ ଦେଲେ ହେମନ୍ତବାବୁ।

ମନୋରମା ଲୁଗାକାନି ବୁଲାଇ ଆଣି ବାମ ଅଣ୍ଟାରେ ଖୋସି ଦେଇ ଦୃଢ଼ ହେଇଗଲେ। ହେମନ୍ତବାବୁଙ୍କୁ ଚେତେଇ ଦେଇ କହିଲେ– ''ତେବେ ସେ ଯାହାହେଉ, ଏହା ହିଁ ଉପଯୁକ୍ତ ସମୟ। ବୁଝିବାକୁ ଚେଷ୍ଟାକର।''

ବୋଉ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିବା ପାଇଁ ଅଗଣାକୁ ଚାଲିଆସିଲେ ହେମନ୍ତବାବୁ। ଆଉ ସମସ୍ତଙ୍କୁ ଶୁଭିଲା ଭଳି ଦୁଇ ହାତ ମେଲାଇ ଭୋ ଭୋ ହୋଇ ଶିଶୁ ପରି କାନ୍ଦିଲେ– ''ବୋଉ, ଆମକୁ ଛାଡ଼ି କୁଆଡ଼େ ଗଲୁ, କ'ଣ ଗୋଟେ କହିଦେଲା ବୋଲି...।''

ତାଙ୍କ ଆକୁଳ କ୍ରନ୍ଦନ ପଡ଼ୋଶୀଙ୍କୁ ହତବାକ୍ କରିଦେଲା। ପଡ଼ାପଡ଼ୋଶୀ ସମବେତ ହେଇଗଲେ। ଘଟଣା ବୁଝିବା ପରେ ଦୁଃଖରେ ସ୍ୱଗତୋକ୍ତି କଲେ– 'ଆହା! ବିଚରା..।' ଆଉ କିଏ କହିଲା– 'କେମିତି ଦୁର୍ଯୋଗ ଦେଖ!' ଆଉ କିଏ ନିକଟତମ ପଡ଼ୋଶୀ ତାଙ୍କ ଦୁଆରକୁ ଆସି ଖୁଣ୍ଟକୁ ଆଉଜି ଭାବପ୍ରବଣତାରେ ଲୁହ ଝରେଇଲା।

ଫୋନ୍‌ରେ ଏ ଘଟଣା ଜଣାଇଥିବା ଅଜଣା ଖବରଦାତାଙ୍କ ସହିତ ମନୋରମା ଭଲଭାବରେ କଥା ହୋଇ ଶବ କେମିତି ଚିହ୍ନଟ ହେବ ଜାଣିବାକୁ ଉଦ୍ୟମ କରୁଥିଲେ। ଏଥିସହିତ ଉଦ୍ଧାରକାରୀ ଯବାନଙ୍କୁ ଶାଶୁଙ୍କ ବାମହସ୍ତରେ ଅଙ୍କା ହୋଇଥିବା ଶୁକଶାରୀ ଚିତ୍ର ସହିତ ଶୁକ ଦେଇ ବୋଲି ଲିଖିତ ନାମକୁ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ।


ପୁନଶ୍ଚ ରିଂ ହେଉଥିବା କଲ୍‌କୁ ମନୋରମା ରିସିଭ୍ କରିବା ପରେ ଗୁମ୍ ଖାଇଗଲେ। କିଛି ସମୟ ପରେ ତାଙ୍କ ମୁହଁରେ ଘୋଟିଗଲା ବିତୃଷ୍ଣାର କାଳିମା। ସେ ବୁଢ଼ୀ ଉପରକୁ ଦାନ୍ତ ରଗଡ଼ିଲେ। ତେବେ କେଉଁ ଖବରଟା ତାଙ୍କ ପାଇଁ ହିତକର? ସେ ଚିତ୍କାର କଲେ– ''ହେଇଟି ଶୁଣୁଛ, ବୋଉ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କର କିଛି ହୋଇ ନାହିଁ। ତାଙ୍କୁ ଯାଇ ଆଣିବା ପାଇଁ ଖବର ଆସିଛି।''

ହେମନ୍ତବାବୁ ଏକଥା ଶୁଣିବା ପରେ ତାଙ୍କ ଭିତରେ ଉଛୁଳି ପଡ଼ିଲା ନିଃଶବ୍ଦ କ୍ରନ୍ଦନରୋଳ। ସବୁଆଡ଼େ ପଡ଼ୋଶୀମାନଙ୍କ ଯୋଡ଼ା ଯୋଡ଼ା ତୀକ୍ଷ୍ଣ ବିସ୍ମୟଭରା ଦୃଷ୍ଟିର ରଜ୍ଜୁରେ ସେ ଯେମିତି ନିବିଡ଼ ଭାବରେ ବନ୍ଧାହୋଇ ଯାଇଛନ୍ତି! ମନୋରମାଙ୍କୁ ଟିକିଏ ବି ଅନାଇ ପାରୁନାହାନ୍ତି! ଘରୁ ଛିଟିକି ଆସୁଥିବା ଗୋଟାଏ ସଁ ସଁ ଶବ୍ଦର ପ୍ରଭାବରେ ହେମନ୍ତବାବୁଙ୍କ ନାକ ଦୁଇ ପୁଡ଼ାଠାରୁ ପାଟିର ଦୁଇ କଡ଼କୁ ନୋସଡ଼ି ଆସୁଥିଲା ଦୁଇଟା ଗଭୀର କ୍ଷତ ପରି ଲମ୍ବା ଗାର। ସେ ମନେମନେ କହିଲେ– ''ବୋଉ, ତୁ ଚିରିଯାଇଥିବା ରଫ୍‌ଖାତା ପାଲଟିଯାଇଛୁ...।''

– ପଦ୍ମ ଅରଣ୍ୟ, ସିହା, ଏରସମା,
ଜଗତ୍‌ସିଂହପୁର
ମୋ: ୯୯୩୮୧୪୫୫୩୪

## ପୁସ୍ତକ ପରିଚୟ


### ଅତୁଲ୍ୟ ନୋବେଲ ୨୦୨୩



**ସଂପାଦନା:** ପ୍ର. ହରିହର ମିଶ୍ର, ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡ. ଗୌରୀଶଙ୍କର ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୦୦/–

ପ୍ରକାଶ ପାଇଛି 'ଅତୁଲ୍ୟ ନୋବେଲ ୨୦୨୩'। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ଅର୍ଥନୀତିରେ ୨୦୨୩ ବର୍ଷ ପାଇଁ ନୋବେଲ ପୁରସ୍କାର ବିଜେତା ଓ ସେମାନଙ୍କର ଅବଦାନ ସମ୍ପର୍କରେ ଆକଳନମାନ ଏହି ପୁସ୍ତକରେ ସ୍ଥାନିତ। ବିଭାଗଗୁଡ଼ିକ ସମ୍ପର୍କରେ ଯଥାକ୍ରମେ ଆଲୋଚନା କରିଛନ୍ତି ଡ. କିଶୋର ଚନ୍ଦ୍ର ଦାଶ, ଡ. ଗଣନାଥ ଦାଶ, ଡା. ଜିତେନ୍ଦ୍ର ପ୍ରସାଦ ରାୟ, ଡ. ଅନିଲ୍ କୁମାର ମିଶ୍ର, ଶ୍ରୀ ଜିତେନ୍ଦ୍ର କୁମାର ନାୟକ ଓ ଶ୍ରୀ ରୁଦ୍ର ପ୍ରସନ୍ନ ମିଶ୍ର। ଆଲୋଚ୍ୟ ବର୍ଷରେ ପଦାର୍ଥ ବିଜ୍ଞାନରେ ୟୁରୋପୀୟ ପଦାର୍ଥ ବିଜ୍ଞାନୀ ପି.ଆର୍. ଅଗୋଷ୍ଟିନି, ଫେରେନ୍ସ କ୍ରାଉଜ, ଆନ୍. ଏଲ୍. ହୁଇଲିଅର (ଆଟୋ ସେକେଣ୍ଡ ବିଜ୍ଞାନ), ରସାୟନ ବିଜ୍ଞାନରେ ମୌଙ୍ଗି ଜି. ବାୱେଣ୍ଡି, ଲୁଇସ୍ ଇ. ବ୍ରସ୍ ଓ ଆଲେକ୍‌ସ ୟେକିମୋଭ୍ (କ୍ୱାଣ୍ଟମ୍ ଡଟ୍), ଭେଷଜ ବିଜ୍ଞାନରେ କାଟାଲିନ୍ କାରିକୋ, ଡ୍ରିଉ ୱାଇସ୍‌ମାନ୍ (କୋଭିଡ୍–୧୯ର କବଚ), ସାହିତ୍ୟରେ ୟୋନ୍ ଫୋସ୍ (ଅସ୍ତିତ୍ୱବାଦ ଓ ନ୍ୟୁନତାବାଦର ପ୍ରୟୋଗ), ଶାନ୍ତିରେ ନର୍ଗିସ ମୋହାମ୍ମଦି (ଇରାନ ସ୍ୱାଧୀନତାର ନିର୍ଭୀକ ସ୍ୱର) ଏବଂ ଅର୍ଥନୀତିରେ କ୍ଲୋଡିଆ ଗୋଲ୍ଡିନ୍ (ଶ୍ରମ ଅର୍ଥନୀତି ଓ ଲିଙ୍ଗଭେଦର ଅବବୋଧ)ଙ୍କୁ ନୋବେଲ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏହି ଛ'ଟିଯାକ ନିବନ୍ଧ ପାଠକଲେ ନୋବେଲ ପୁରସ୍କାର ସମ୍ପର୍କରେ ଆଗ୍ରହୀ ପାଠିକାପାଠକ ସବିଶେଷ ଧାରଣା କରିପାରିବେ। ଶେଷଲେଖା ଭାବେ ସ୍ଥାନିତ ହୋଇଛି 'ଆପଣ କେମିତି ପାଇବେ ନୋବେଲ?' ଏଥିରେ ନୋବେଲ ପୁରସ୍କାରର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। 'ସଂପାଦକୀୟ'ରେ ବିଭିନ୍ନ ବିଭାଗରେ ନୋବେଲ ବିଜେତାଙ୍କର ସଂକ୍ଷିପ୍ତ ପରିଚୟ ସାଙ୍ଗକୁ ତାଙ୍କ ଅବଦାନ ସମ୍ପର୍କରେ ସମ୍ୟକ୍ ସୂଚନା ଦିଆଯାଇଛି, ଯାହା ପାଠିକାପାଠକଙ୍କ ପାଇଁ ପ୍ରବେଶିକାର ଦାୟିତ୍ୱ ତୁଲାଏ। ଆଲୋଚ୍ୟ ପୁସ୍ତକର ସମ୍ପାଦକ ରହିଛନ୍ତି ପ୍ର. ହରିହର ମିଶ୍ର, ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଡ. ଗୌରୀଶଙ୍କର ସାହୁ। ପୂର୍ବ ବର୍ଷ ପରି ଏ ବର୍ଷର ଏହି ପୁସ୍ତକ ଛାତ୍ରୀଛାତ୍ର ଓ ଗବେଷିକାଗବେଷକଙ୍କ ପାଇଁ ଯେ ଉପାଦେୟ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

### ଶୈଶବରେ ଶବ୍ଦ



**କବୟିତ୍ରୀ:** ବବିତା ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୨୫/–

ମୋଟ ୩୮ଟି କବିତା ଆଲୋଚ୍ୟ କବିତା ସଂକଳନରେ ସ୍ଥାନିତ। ଏହା କବୟିତ୍ରୀଙ୍କ ପ୍ରଥମ କବିତା ସଂକଳନ। କବି ଆଶୁତୋଷ ପରିଡ଼ା 'ପ୍ରଚ୍ଛଦଲେଖ'ରେ କହିଛନ୍ତି: ''ଜୀବନକୁ ଓ ତା'ର ପରିପାର୍ଶ୍ୱକୁ କାବ୍ୟାୟିତ କରିବା ଦିଗରେ କବି ଗଭୀର ନିଷ୍ଠା ପ୍ରକଟ କରିଛନ୍ତି ଓ ତାଙ୍କ କାବ୍ୟସ୍ୱରରେ ଥିବା ନୂତନତ୍ୱ ବାରିହୋଇ ପଡୁଛି। x x କବି ମଣିଷ ଜୀବନର ସଂଘର୍ଷକୁ ଦେଖନ୍ତି ଓ ଅନୁଭବ କରନ୍ତି ପକ୍ଷୀର ଉଡ଼ାଣ ପରି ତା'ର ବଞ୍ଚିରହିବାର ସ୍ପର୍ଦ୍ଧାକୁ। ହୁଏତ ଜୀବନ ପାଲଟିଯାଏ ଏକ ରାସ୍ତା ଓ କବି ଆବିଷ୍କାର କରିବାକୁ ଆସନ୍ତି ତା' ଉପରେ ଯିବାଆସିବାର ରହସ୍ୟକୁ। x x ଏଇ ଭାବେ ପ୍ରତିଷ୍ଠା ପାଏ ନାରୀର ଅସ୍ମିତା।'' ତେବେ ପାଠକଙ୍କ ସାମ୍ନାରେ ବବିତାଙ୍କ କାବ୍ୟଚେତନା ଓ କାବ୍ୟଭାଷାକୁ ତୋଳିଧରିବା ପାଇଁ ସଂକଳନରୁ ଆମେ କେତୋଟି ଦୃଷ୍ଟାନ୍ତ ନେଇପାରିବା– ୧. ''ମୁଁ କାନ୍ଦିଲେ ଝରେ ବର୍ଷା/ ଜୀବନର ରଙ୍ଗ ମୁଁ, ସଭିଙ୍କ ଭରସା/ ତୁ ମୋର ଅସ୍ତିତ୍ୱ, ମୁଁ ତୋର ସତ୍ତା/ ତୁ ସତ୍ୟ ହେଲେ ମୁଁ ତୋ ଅସ୍ମିତା।'' (ନାରୀ–ପୃ:୬୭), ୨. ''ଅଢ଼େଇ ଦିନକୁ ଜୀବନର ମୋହ/ କେତେ ଖର୍ଚ୍ଚିଲୁ କେତେ ଅର୍ଜିଲୁ/ ଅଛିଣ୍ଡା ଗଣିତ କଷୁଚୁ ବସି/ ସମୟ ମୁଠିରେ ପ୍ରତ୍ୟେକ ଫର୍ଦ୍ଦ ତୋ/ ଲେଖୁଚି ଅଳପ ହସୁଚି ବେଶି।'' (ସମୟ– ପୃ:୯୦), ୩. ''ପୂରୁବ ନାଉଚି ସିନ୍ଦୂରର ଟିକା/ ପଶ୍ଚିମ ଲାଗେ ସିନ୍ଦୂରୀ/ ଶଙ୍କରାଭରଣ ଗାଉଛି ଦକ୍ଷିଣ/ ପବନ ମାରେ ସୁଷୁରୀ।'' (ଭାରତ– ପୃ:୧୦୩)। ହତହୁଙ୍କାର କ୍ଷେତ ପରି ପୁଷ୍ଟ ହେଇ ବଢ଼ିଉଠିଛି ବବିତାଙ୍କ କବିତା ଠାଏ ଠାଏ, ମାତ୍ର ସର୍ବତ୍ର ସୃଜନଶୀଳତାର ସୌଷମ୍ୟ ରକ୍ଷା କରିପାରିନାହାନ୍ତି ସେ। ନିଷ୍ଠା ଅବ୍ୟାହତ ରଖିଲେ ସେ ଯେ ଅନତିବିଳମ୍ବେ ଓଡ଼ିଆ କବିତାରେ ଯଶସ୍ୱିନୀ ହୋଇଉଠିବେ, ଆଲୋଚ୍ୟ ବହିର ଆଧାରରେ ଏ ଆଶା ରଖାଯାଇପାରେ।

## କବିତା

### ଶୂନ୍ୟସ୍ଥାନ

**ଇପ୍ସିତା ଷଡ଼ଙ୍ଗୀ**

ବାର୍ଦ୍ଧକ୍ୟ: ବୟସ୍କ ମାଟି ଉପରେ
ନଇଁପଡ଼ିଥିବା ସଂଜବେଳ।

ରାସ୍ତା ଉପରେ ଦୋଛକି: ଜଂଜାଳର
ଏପଟେ କି ସେପଟେ
କେହି ନ ଥାଆନ୍ତି,
କିଏ କିନ୍ତୁ ହଲେଇ ଦେଉଥାଏ ଗଛକୁ,
ସ୍ମୃତିର ତାଳପତ୍ରରୁ ଖସିପଡୁଥାଏ
ସୁନାରୀ ଫୁଲର ଅଳସ।

ଚଷମା ଫ୍ରେମ୍ ଧାରରୁ
ସବୁଜ–ନୀଳ ରଙ୍ଗର ଅତୀତ
କୁହୁଡ଼ି ପହଁରି
ଖୋଜୁଥାଏ ଏମିତି ଏମିତି ଶୂନ୍ୟସ୍ଥାନ
ଯା' ପାଇଁ ଗୋଟାକଯାକ ଆକାଶ ବି କମ୍...
ଠିକ୍ ଏତିକିବେଳେ ଶୂନ୍ୟତାର ଜାଗା ଖୋଜା
କବାଟରେ ଠକ୍ ଠକ୍ ଶବ୍ଦ
ସମୟ ଚେତେଇ ଦେଉଥାଏ।

କିଏ ବୋଲି ପୁଚ୍ଛିଲାବେଳକୁ
ଆମ ଭିତରୁ ଜଣେ କେହି ଅନୁପସ୍ଥିତ।
ବୋଧହୁଏ ବୁଲି ଆସୁଥିବେ
ସାଙ୍ଗରେ ଅଦ୍ଭୁତ ଲୋକ,
ଫାଶ ଗୋଟେ ନେଇ।

ପୁଣି ଥରେ କବାଟରେ ଠକ୍ ଠକ୍ ଶବ୍ଦ
କିଏ ବୋଲି ପୁଚ୍ଛିଲାବେଳକୁ
ସମସ୍ତେ ଉଭାନ!
ଆମେ ଏବେ ଆକାଶର ତାରା ସହ
ତାରା ହୋଇ ମଗ୍ନ କଥାବାର୍ତ୍ତାରେ।

– ସତ୍ୟଭାମାପୁର, ଭୁବନେଶ୍ୱର
ମୋ: ୯୯୩୮୩୭୦୨୮୯

### ଲୁହ

**ପିନାକୀ ମିଶ୍ର**

କାନ୍ଦିବା କ'ଣ ଖାଲି ଭାଙ୍ଗିପଡ଼ିବା?
ଖାଲି ହାରିଯିବା ନା କ୍ଷତି?

କାନ୍ଦିବା
ପୁନଶ୍ଚ ଉଠିବାର ଉପକ୍ରମ,
କାନ୍ଦିବାଲୋକକୁ ମନାକରନି
ଏକା ଲୁହ ଝରାଉଥାଉ
ସେ ଏବେ ଈଶ୍ୱରଙ୍କ ପାଖରେ ଠିଆ।

ସେ ରାସ୍ତାରେ ଭୋଗିଛି କେତେ ଘାତପ୍ରତିଘାତ
ଶୁଣିଛି କଥା ଅକଥା, କ୍ଷତି କ୍ଷତ ଅତିଷ୍ଠ କରୁଛି,
ମର୍ମଦାହ ଛାତି କୋରୁଛି
ଅସ୍ଥିରତା ବଢୁଛି, ଅର୍ଥହୀନ ଲାଗୁଛି ଜୀବନ,
ବେଶୀ ବେଶୀ ଚୁପ୍ ରହିଛି।

ବାହାରିଯାଉ ଲୁହତକ
ଈଶ୍ୱର ବି ତ ଦୁଃଖଦରିଆର ନିଃସ୍ୱ ନିରୁପାୟ।
ଅନ୍ତତଃ ମନ ବୁଝିବାକୁ ଚାଲୁ ଈଶ୍ୱରଙ୍କ ସହ–
ଲୁହମିଶା ଅଭିମାନ ଅଭିଯୋଗ।
ଜାଣିଛି, କିଛି ବଦଳିବନି
ତଥାପି ବଦଳିବ ସମୟ,
ପୋଡ଼ାପାଉଁଶ ଉପରେ ବର୍ଷାବିନ୍ଦୁ ଖସିବ
ଦୂବ କଅଁଳିବ,
ସାନ୍ତ୍ୱନାର କଅଁଳଖରା କହିବ–
ଉଠୁ, ମାଟିରେ ଅଛୁ ପା' ଦୁଃଖ ନିଶ୍ଚିତ
ସୀତାମାତାଙ୍କୁ ପଚାରନା କିଛି,
ଛାତିଫାଟିବା ବଡ଼କଥା ନୁହେଁ,
ମାଟି ଫାଟେ, ବାଦଲ ବି ଫାଟେ।

ସବୁ ସରିଯିବା ପରେ
ମାଛି ପିମ୍ପୁଡ଼ିଙ୍କୁ ବି ନିଜର କରିବାକୁ ପଡ଼େ
ଗଧକୁ ମିତ
ଶୁଖିଲାବାଲିକୁ ବି ଘର କହିବାକୁ ପଡ଼େ।

କାନ୍ଦୁନୁ, ଖୋଳପା ଭିତରେ ତୋ ଅନ୍ତର୍ଦାହ
ଗାମୁଛା ଚିପୁଡ଼ି ଦେ
ଖରାକୁ ପିଠିକରି ବସିପଡ଼।

ଦୁଃଖ କେତେବେଳେ ଓ କାହିଁକି
କାହାକୁ କେବେ ପଚାରିବୁନି
ନ ଶୁଣନ୍ତୁ ଈଶ୍ୱର, ନ ଯାଉ ଦୁଃଖ
ତୁ ସେ ରହସ୍ୟ ବୁଝିପାରିବୁନି,
ସ୍ନେହରେ ବଢ଼ିଛୁ ପା'।

ମୋ: ୯୪୩୮୧୧୮୩୯୭

**ଗୀତି–କବିତା**

### ତମେ ଥିଲେ

**ସତ୍ୟବ୍ରତ ସାହୁ**


ତମେ ଥିଲେ ସବୁ ପୂରା ପୂରା ଲାଗେ
ତମେ ଗଲାପରେ ଏକା
ତମ ପରଶରେ ଜୀବନ ରଙ୍ଗିନ
ତମେ ନ ରହିଲେ ଫିକା।

ଫୁଲଟିଏ ଭାବି ତମ ମୁହଁପରେ
ପ୍ରଜାପତି ଆସି ବସେ
ମଧୁ ଆଶାକରି ମଧୁପ ବିଚରା
ପ୍ରଜାପତି ଠାରେ ରୁଷେ
ମଳୟ ମଳୟ ଅଗଣା ମୋ' ବାସେ
ପିକ ଆସି ଦିଏ ଦେଖା।
ତମେ ଥିଲେ...

ସିନ୍ଥିରେ ସିନ୍ଦୂର ଓଠେ ହସଧାର
ମନଜିଣା ତମ କଥା
ସଜନୀ ରଜନୀ ଚିବୁକ ପରଶ
ଉପଶମ କରେ ବ୍ୟଥା
ତମେ ପାଶେ ଥିଲେ ଭାରି ସିଆଣା ମୁଁ
ତମେ ଗଲାପରେ ବୋକା।
ତମେ ଥିଲେ...

ମୋ: ୮୯୧୭୨୭୩୫୪୫

## କାଳକାଳକୁ



''କବିତା ଶବ୍ଦରେ ସେତେ ଉଦ୍ଧୃରେ ନାହିଁ, ଯେତେ ଉଦ୍ଧୃରେ ଶବ୍ଦଙ୍କ ମଝିରେ ଥିବା ଫାଙ୍କରେ।''
–ଅଜ୍ଞେୟ

**ଅଜ୍ଞେୟ** (ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ)ଙ୍କ ଜନ୍ମ ୭ ମାର୍ଚ୍ଚ ୧୯୧୧ରେ କୁଶୀନଗରରେ ଓ ପରଲୋକ ୪ ଏପ୍ରିଲ ୧୯୮୭ରେ ନୂଆଦିଲ୍ଲୀରେ। ସେ ଏକାଧାରରେ ଔପନ୍ୟାସିକ, ସାହିତ୍ୟ–ଆଲୋଚକ, ପତ୍ରକାର ଓ ଅନୁବାଦକ। ଆଧୁନିକ ହିନ୍ଦୀ ସାହିତ୍ୟରେ ସେ 'ପ୍ରୟୋଗବାଦ' ଆନ୍ଦୋଳନର ପ୍ରବର୍ତ୍ତକ। ତାଙ୍କର ବହୁଚର୍ଚ୍ଚିତ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଶେଖର: ଏକ ଜୀବନୀ', 'ତ୍ରିଶଙ୍କୁ', 'ଆଙ୍ଗନ କେ ପର ଦ୍ୱାର' ଓ 'ତାର ସପ୍ତକ'। ହିନ୍ଦୀ ଓ ସର୍ବୋପରି ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୬୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୮ରେ ଜ୍ଞାନପୀଠ ପୁରସ୍କାର ଦ୍ୱାରା ସେ ସମ୍ମାନିତ। ହିନ୍ଦୀ ସାପ୍ତାହିକ 'ଦିନମାନ' ପ୍ରକାଶ କରି ହିନ୍ଦୀ ପତ୍ରକାରିତାରେ ସେ ନୂଆ ଧାରା ସୃଷ୍ଟି କରିଥିଲେ। ତାଙ୍କ ଉକ୍ତି: ୧. ''ଥରକର ଦେଖା କଳାକାରର ଦେଖା ନୁହେଁ'', ୨. ''କବିର କାବ୍ୟ ତା' ଆତ୍ମାର ସତ୍ୟ'', ୩. ''ସୃଜନ ଏକ ଯନ୍ତ୍ରଣାଭରା ପ୍ରକ୍ରିୟା।''

# ଜୀବନ ଯନ୍ତ୍ରଣା

**ଲଘୁ ଗଳ୍ପ**

**ଅଲେଖ ଚରଣ ପଟ୍ଟନାୟକ**

ଏହା କାହାଣୀ ନୁହେଁ, ଅଙ୍ଗେନିଭା ଏକ ଦୁଃଖଦ ସାଉଁଟା ଅନୁଭୂତିରୁ ପଦେ। ସବୁଦିନ ପରି ସେଦିନ ବି ସୂର୍ଯ୍ୟ ଉଇଁଲେ। ମୁଁ ତରବର ହୋଇ ନିତ୍ୟକର୍ମ ସାରି କର୍ମକ୍ଷେତ୍ର(ପୁରୀ)କୁ ଯିବା ପାଇଁ ରେଲଷ୍ଟେଶନ ଅଭିମୁଖେ ବାହାରିଲି।

ଭୁବନେଶ୍ୱର ରେଲଷ୍ଟେଶନ। ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମରେ ଅଲଗା ଟ୍ରେନ୍ ଆସିବା ଘୋଷଣା ଷ୍ଟେଶନର କୋଳାହଳକୁ ଦ୍ୱିଗୁଣିତ କରୁଥାଏ। ଜାଣିବାକୁ ପାଇଲି ମୋର ପୁରୀ ଯିବାକୁ ଉଦ୍ଦିଷ୍ଟ ଟ୍ରେନ୍‌ଟି ଅଧଘଣ୍ଟା ବିଳମ୍ବରେ ଆସିବ। ମୋର ଦୃଷ୍ଟିପଥାରୂଢ଼ ହେଲା ଏକ କରୁଣ ଚିତ୍ର।


ରେଲଷ୍ଟେଶନର ପରିତ୍ୟକ୍ତ ପ୍ଲାଟ୍‌ଫର୍ମରେ ଏକ ଅସହାୟ ବୃଦ୍ଧ। ବୟସ ପ୍ରାୟ ପଞ୍ଚସ୍ତରି ହେବ, ରୋଗଗ୍ରସ୍ତ। ଜୀର୍ଣ୍ଣ–ଶୀର୍ଣ୍ଣ କଙ୍କାଳସାର ଶରୀର। ଗୋଟିଏ ଚିରା–ଛିଣ୍ଡା ଅଖାକୁ ଆଶ୍ରୟ କରି ଶୋଇଥା'ନ୍ତି। ଏପରି ଦୃଶ୍ୟ ଦେଖି ମନ ବ୍ୟସ୍ତ ଲାଗିଲା। ଏହା ଏକ ହୃଦୟବିଦାରକ ଦୃଶ୍ୟ। ନିକଟକୁ ଯାଇ ଡାକିଲି। ତଥାପି ଉତ୍ତର ନାହିଁ। ଠିକ୍ ସମୟରେ ରେଳ ବିଭାଗର ଜଣେ ପୋଲିସ କର୍ମଚାରୀ ସେଠାରେ ପହଞ୍ଚିଗଲେ। ସେ ବଡ଼ପାଟିରେ ବୃଦ୍ଧକୁ ଡାକିଲେ। ବୃଦ୍ଧ ଜଣକ ସାମାନ୍ୟ ହଲ୍‌ଚଲ୍ ହେଲେ। ଟିକିଏ ଆଖି ଖୋଲିଲେ। ତା'ପରେ ତାଙ୍କ ଆଖିପତା ବନ୍ଦ ହୋଇଗଲା। ଏକପାଖିଆ ନିଜ କହୁଣିକୁ ମୁଣ୍ଡପାଖରେ ତକିଆ ପରି ଭରାଦେଇ ଶୋଇଥାଆନ୍ତି। ପ୍ରଶ୍ୱାସ, ନିଃଶ୍ୱାସର ମନ୍ଥର ଗତି, ଅଜାଣତରେ କହିପକାଇଲି– ଏପରି ଅବସ୍ଥାରେ ଏହି ବୃଦ୍ଧ ଜଣକ ଏଠାକୁ କିପରି ଆସିଲେ? ପୋଲିସବାବୁ ପ୍ରଚଣ୍ଡ ଭାବରେ କ୍ରୋଧର ସୀମା ବାହାରକୁ ଚାଲିଗଲେ। ବୁଢ଼ାଟିର ଘରଲୋକଙ୍କୁ ଅନେକ ଅସଭ୍ୟ ମନ୍ତବ୍ୟ ଦେଇ କହିଲେ– ''ଦେଖୁଛନ୍ତି ଆଜ୍ଞା! ବାପା, କୋଉ କୁଳାଙ୍ଗାରଙ୍କୁ ଜନ୍ମ ଦେଇଥିଲା ଯେ ବୁଢ଼ାଟିକୁ ଏମିତି ଅବସ୍ଥାରେ ପ୍ଲାଟ୍‌ଫର୍ମରେ ଫୋପାଡ଼ି ଦେଇଛନ୍ତି। ସେମାନଙ୍କ ଧାରଣା, ଏଠାରେ ମଲେ ରେଲବାଇ ସେ କଥା ବୁଝିବ। ସେମାନେ ନିଶ୍ଚିନ୍ତ। ଏପରି ବୁଢ଼ାକୁ ଛାଡ଼ିଦେଇ ସେମାନେ ପଳାଇଛନ୍ତି। ଅଥବା, ଏଠାରୁ କିଛି ଦୂରରେ ଥାଇ ମଜା ଦେଖୁଥିବେ। ଏହିପରି ଅନେକ ଘଟଣା ଘଟୁଛି ଆଜ୍ଞା।''

ପୋଲିସବାବୁଙ୍କର କମ୍ପିତ ଓ କ୍ରୋଧିତ କଣ୍ଠସ୍ୱର, ଚକ୍ଷୁରେ ବିପ୍ଲବର ବହ୍ନି। ସାମାଜିକ ଜୀବନଶୈଳୀରେ ଅସାମାଜିକ ପୁତ୍ରମାନଙ୍କର କଳା କାରନାମା। ଆମେ ଦେଖୁଛୁ କିଛି ଅସୁସ୍ଥ, ରୁଗ୍‌ଣ ବୃଦ୍ଧଙ୍କୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଟ୍ରେନ୍‌ରେ ଛାଡ଼ିଦେଇ ଆତ୍ମୀୟମାନେ ଉଭାନ୍ ହୋଇଯାଆନ୍ତି। ସେଇ କ୍ଷୀଣ ନିଃଶ୍ୱାସପ୍ରଶ୍ୱାସ ଟିକକର କେଉଁ ସମୟରେ ପରିସମାପ୍ତି ଘଟିବ ତାହା କିଏ ଜାଣେ? ପୋଲିସ ସେହିପରି ଅଜଣା ଶବ ଟ୍ରେନ୍ ବଗିରେ ପାଏ। ଅଧା ରାସ୍ତାରେ, ଯାହାର କେହି ଦାବିଦାର ନଥା'ନ୍ତି। କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଇ ଶବଟିକୁ ନେଇ ବିଧିମତେ ସଂସ୍କାର କରନ୍ତି।

ଧନ୍ୟ ସେ ପିତା! ଧନ୍ୟ ତା'ର ସନ୍ତାନ! ହଠାତ୍ ପୋଲିସବାବୁ ଜଣକ କେଉଁଆଡ଼େ ଚାଲିଗଲେ। କିଛି ସମୟ ପରେ ଚା' କପ୍‌ଟିଏ ଆଣି ସେ ବୃଦ୍ଧକୁ ଦେଲେ। ପୋଲିସବାବୁ କହିଲେ 'ମଉସା ଉଠ'।

ଶୋଇକରି ତ ଆଉ ଚା' ପିଇପାରିବ ନାହିଁ। ନିକଟରେ ଥିବା ଏକ ପିଣ୍ଡି ପାଖରେ ବୃଦ୍ଧଙ୍କୁ ଭରାଦେଇ ବସାଇବା ନିମନ୍ତେ ପୋଲିସବାବୁ ଜଣକ ଚେଷ୍ଟା କଲେ। ଅତି ନିକଟରେ ଥିବାରୁ ମୁଁ ବି ବୃଦ୍ଧଙ୍କର ଅନ୍ୟ ହାତଟିକୁ ଧରି ପିଣ୍ଡିପାଖକୁ ନେବା ପାଇଁ ସାହାଯ୍ୟ କଲି। କୌଣସି ପ୍ରକାରେ ପିଣ୍ଡିରେ ଆଉଜାଇ ବସାଇଲୁ। ବୃଦ୍ଧ ଜଣକ ଚା' କପ୍ ଧରିଲେ। ଓଠରେ ଲଗାଇଲେ। ସାମାନ୍ୟ ଟିକିଏ...। ତା'ପରେ ହାତରୁ ଚା' କପ୍‌ଟି ଖସିପଡ଼ିଲା। ଖାଦ୍ୟ ପ୍ରତି ତାଙ୍କର ଯେପରି ଆଗ୍ରହ ନ ଥିଲା। ଠିକ୍ ସେହି ସମୟରେ ମୋର ଗନ୍ତବ୍ୟ ପୁରୀକୁ ଯିବା ଟ୍ରେନ୍‌ଟି ଆସିଯାଇଥିଲା। ମୁଁ ଏକ ଭାରାକ୍ରାନ୍ତ ମନ ନେଇ ଟ୍ରେନ୍‌ରେ ବସିଲି। ଝରକା ଫାଙ୍କରେ ଗତିଶୀଳ ବୃକ୍ଷଲତା, ପାହାଡ଼, ଶସ୍ୟକ୍ଷେତ୍ର, ଆକାଶ, ସବୁଠାରେ ସେହି ବୃଦ୍ଧଙ୍କର କରୁଣ ମୁଖମଣ୍ଡଳର ଚିତ୍ର ଦିଶିଯାଉଥାଏ।

ବାର୍ଦ୍ଧକ୍ୟରେ ଏତେ ହତାଦର କାହିଁକି? ସେହି ବୃଦ୍ଧଙ୍କର କେହି ନା କେହି ତ ଥିବେ। ସେ ବି କାହାର ପିତା। କାହାର ଭାଇ ଏବଂ କାହାର ସ୍ୱାମୀ। ସେ ସମ୍ପର୍କୀୟମାନେ ଆଜି କାହାନ୍ତି? ରେଲଷ୍ଟେଶନରେ ଏପରି ଅବହେଳିତ ଅବସ୍ଥାରେ କାହିଁକି ଛାଡ଼ି ଦେଇଛନ୍ତି। ମିଛମାୟା ସଂସାରରେ ଏହା ଏକ ଦାରୁଣ ପଟଚିତ୍ର। ବୁଢ଼ିଆଣୀ ଜାଲ ପରି ଅଡୁଆତଡୁଆ ପ୍ରଶ୍ନ ସବୁ ମୋ' ମନକୁ ଆନ୍ଦୋଳିତ କରୁଥାଏ। ସନ୍ଧ୍ୟାରେ ଫେରନ୍ତା ଟ୍ରେନ୍‌ରେ ପୁରୀରୁ ଫେରି ଷ୍ଟେଶନରେ ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇ ଦୌଡ଼ିଗଲି।



ବୃଦ୍ଧ ଜଣକ ସେହି ସ୍ଥାନରେ ନ ଥିଲେ। ପଡ଼ିଥିଲା କେବଳ ଛିଣ୍ଡା ଅଖା ଖଣ୍ଡିକ। ଆଉ କିଛି ଶୁଖିଲା ରଙ୍ଗ ବଦଳିଯାଇଥିବା ରକ୍ତ। ଜଣେ ପଇଡ଼ବାଲା ମୋ' ଆଡ଼କୁ ଅଗ୍ରସର ହେଉଥିଲା। ପଚାରିଲି– ଆରେ ବାବୁ! ବୁଢ଼ା ଜଣକ କାହାନ୍ତି? ଉତ୍ତରରେ ପଇଡ଼ବାଲା କହିଲା– ଆଜ୍ଞା! ବୁଢ଼ା ମରିଗଲା। ରେଲବାଇ ପୋଲିସ ଏଇ କିଛି ସମୟ ଆଗରୁ ଶବକୁ ପ୍ଲାଟ୍‌ଫର୍ମରୁ ହଟାଇ ଦେଇଛି।

ମୁଁ ବଞ୍ଚିଥାଇ ବି ଏକ ପଥର ମୂର୍ତ୍ତିପରି ସ୍ଥାଣୁ, ନିର୍ବିକାର ପାଲଟିଯାଇଥିଲି। ନିରବ ସ୍ପନ୍ଦନହୀନ। ହାୟରେ ଜୀବନ। କୈଶୋର... ଯୌବନ... ଜରା, ଆଉ କେଉଁଠି ମୃତ୍ୟୁ। ଜୀବନ ଯନ୍ତ୍ରଣାର... ସ୍ୱର।

ମନେମନେ ମୁଦ୍ରିତ ଚକ୍ଷୁରେ ସେ ଅପରିଚିତ ବୃଦ୍ଧଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ସେ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କଲି। ଅଦୂରରେ ଯୋଗୀଟିଏ କେନ୍ଦରା ବଜାଇ ବୋଲୁଥିଲା। 'ଭଜୁ କିନା ରାମ ନାମରେ ଗୋବିନ୍ଦ, ଭଜୁ କିନା ରାମ ନାମ...'।

ମୋ: ୯୮୫୩୮୯୨୧୨୪

# ଖବରକାଗଜ ବିତରକ ଜୀବନ୍ତ ଦଗ୍ଧ

ଆନନ୍ଦପୁର,୬।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବଡ଼ବାଣ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗୁରୁବାର ରାତିରେ ସାହିରେ ଏକ ଘରେ ନିଆଁ ଲାଗି ଜଣେ ଖବରକାଗଜ ବିତରକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ସାହିର ଦେବେନ୍ଦ୍ର ମିଶ୍ର। ସୂଚନା ମୁତାବକ, ଗୁରୁବାର ରାତିରେ ଦେବେନ୍ଦ୍ର ଘରକୁ ଫେରି ସେ ଏକା ରହୁଥିବା କୋଠରିକୁ ଯାଇଥିଲେ। ଏହାର କିଛି ସମୟ ପରେ ଘରେ ନିଆଁ ଲାଗିଯାଇଥିଲା। ପଡ଼ୋଶୀ ଦେଖି ଆନନ୍ଦପୁର ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେବା ସହ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ତେବେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଦେବେନ୍ଦ୍ରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ଘର ସହ ଦେବେନ୍ଦ୍ର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦେବେନ୍ଦ୍ରଙ୍କର ବିଡ଼ି ପିଇବା ଅଭ୍ୟାସ ରହିଛି। ବିଡ଼ି ନିଆଁରୁ ଘରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସମ୍ପର୍କୀୟ ସନ୍ଦେହ କରୁଛନ୍ତି। ଘଟଣାସ୍ଥଳରେ ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଆନନ୍ଦପୁର ଥାନାରେ ଏକ ମାମଲା(ନଂ. ୯/୨୬)ରୁଜୁ ହୋଇଛି। ମୃତକ ବିଡ଼ି ଖାଉଥିବା ପରିବାର ଲୋକେ କହିଛନ୍ତି। ସେଣୁ ବିଡ଼ି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନାରାୟଣ ପ୍ରସାଦ ମହାପାତ୍ର କହିଛନ୍ତି।


ଦେବେନ୍ଦ୍ର ମିଶ୍ର

# ସ୍କୁଟରରେ ଚାଲିଗଲା ଲାଇନମ୍ୟାନଙ୍କ ଜୀବନ

କେନ୍ଦୁଝର,୬।୩(ନରେଶ ଚନ୍ଦ୍ର ପଙ୍କନାୟକ)

କେନ୍ଦୁଝର ବିଦ୍ୟୁତ୍ ବିଭାଗ (ଟାଟା ପାୱାର)ରେ କାର୍ଯ୍ୟ କରୁଥିବା ଲାଇନମ୍ୟାନଙ୍କ ମୃତଦେହ ଶୁକ୍ରବାର କେନ୍ଦୁଝର ଟାଉନ, ସାମଲ ଅଟୋ ଓଭର ବ୍ରିଜ୍ ନିକଟରୁ ଜବତ ହୋଇଛି। ସ୍କୁଟରରେ ବସିଥିବା ଅବସ୍ଥାରେ ମୃତ୍ୟୁକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ମୟୂରଭଞ୍ଜ ଜିଲ୍ଲା ବେତନଟି ଗ୍ରାମର ଦେବାଶିଷ ସ୍ୱାଇଁ (୪୧)। ସେ ଏଠାରେ ରହି ଟାଟା ପାୱାରରେ କାର୍ଯ୍ୟ କରୁଥିଲେ। ସୂଚନା ମୁତାବକ, ଦେବାଶିଷ ଗୁରୁବାର ରାତି ୯ ଟାରେ ମାଇନିଂ ରୋଡ଼ରେ ଚା' ପିଉଥିବା ନେଇ ସହ କର୍ମଚାରୀ ଦେଖିଥିଲେ। ଶୁକ୍ରବାର ସକାଳେ ସାମଲ ଅଟୋ ଓଭର ବ୍ରିଜ୍ ନିକଟରେ ସ୍କୁଟର ଉପରେ ଶୋଇ ରହିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଟାଟା ପାୱାରର କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ଉକ୍ତ ସ୍ଥାନକୁ କାହିଁକି ଯାଇଥିଲେ ଏବଂ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କର ସ୍ତ୍ରୀ ଓ ଗୋଟିଏ ଝିଅ ରହିଥିବା ବେଳେ ବାପା ଓ ମା' ତାଙ୍କ ଉପରେ ନିର୍ଭରଶୀଳ। ଏଣୁ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହୃଦ୍‌ଘାତ କାରଣରୁ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।


## ODISHA PUBLIC SERVICE COMMISSION
### CUTTACK
### NOTICE

No. 1367/P.S.C., Dt. 05.03.2026
(2PG-12-25/26, DR-I)

**3rd Addendum to Advt. No.05 of 2025-26 for Odisha Civil Services Examination-2025**

No.12001/41/2526 : It is for information of all concerned that, as per this Office Notice No. 1123/PSC, Dt. 19.02.2026, the link for registration and payment of Examination fee for OCSE-2025 was extended till 27.02.2026 and 07.03.2026 was the last date for submission of registered Online Application Form.
2. There appears to be some confusion among the candidates regarding two dates for submission of Online Application Form.
3. In view of this, the Commission has decided to further extend the date for registration, payment of Examination fee & submission of registered Online Application Form for OCSE-2025 till **12.03.2026 (5.00 P.M.)**.
4. No further extension of date shall be allowed under any circumstances.
5. Besides this, all other terms and conditions of Advt. No. 05 of 2025-26 shall remain unchanged.

OIPR-12001/12002/1/25-26/0015 Sd./- Secretary

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR AT JARAKA

**1st CORRIGENDUM TO TENDER CALL NOTICE NO. TENDER ONLINE JJPR-II -08 OF 2025-26**

No.25001/289/2526 : The following modifications are made in respect of the Tender Call Notice No. "Tender Online JJPR-II-08 of 2025-26" due to some unavoidable circumstances.
1. The Tender Call Notice No. Tender Online JJPR-II-08 of 2025-26 will be available for online bidding from 06.03.2026 at 11.00 A.M to 12.03.2026 upto 5.00 P.M instead of 26.02.2026 at 11.00 A.M to 07.03.2026 upto 5.00 P.M.
2. The last date & time of seeking tender clarification will be 11.03.2026 upto 5.00 P.M instead of 06.03.2026 upto 4.00 P.M. The date of opening of tender shall be 13.03.2026 at 11.00 A.M. instead of 07.03.2026 at 5.30 P.M.

All other terms & conditions remain unchanged.
The above corrigendum shall only be published in the Govt. website **www.tendersodisha.gov.in**

Sd./- Superintending Engineer
Rural Works Division-II
Jajpur At Jaraka
OIPR-25001/25080/1/25-26/0028

## MUNICIPAL OFFICE : JEYPORE

Ph. No.06854-321098, Fax No. 06854-230104,
Email - jeyporem.hud@nic.in

Letter. No.1070/jm Date : 27.02.2026

### JM-TCN06/2025-26

No.13001/445/2526 : Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No. of works | 01 |
| Estimated cost | As per DTCN |
| Date & Time of Bidding in portal | From 28.02.2026 at 11:00 Hours to 09.03.2026 Upto 16:00 Hours |
| Last date & time for receipt of bids in portal | 09.03.2026 Upto 16:00 Hours |
| Offline Documents Received through Speed Post | 09.03.2026 at 16:00 Hours to 11.03.2026 Up to 11:00 Hours (Working Days Only) |
| Bids received online shall be opened on | 11.03.2026 at 11:00 Hours onwards |
| Offline Documents shall be opened in presence of the Participate Bidders | 11.03.2026 at 11:00 Hours onwards |

Sd./- Executive Officer
Jeypore Municipality
OIPR-13001/13079/1/25-26/0023

## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO.-II, RAYAGADA

E-mail ID: eepwd765017@gmail.com, Phone : (06856)233066
Letter No.1380 Date : 24.02.2026

### CANCELLATION OF BID

No.34001/147/2526 : The bid for the work-Supplying, Fitting & Fixing of Metal Crash Barrier on Gunupur-Padmapur-road at Ch.0/0 to 22/700 Km during 2025-26 is hereby cancelled which was invited vide this office TCN No-RC (RANDB) RGD NO-II 19/2025-26 dated 16.01.2026 (Online) due to the bidder has no response to this office letter.

Sd./- Superintending Engineer
Rayagada (R&B) Division No-II
OIPR-34001/34139/1/25-26/0001

## OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY

PLOT NO- 493(P), PALASPALI, KHURDA, BHUBANESWAR-751020

**Tender Call NOTICE NO.345/CDA/2026 , DT. 23.02.2026**

No.8001/115/2526 : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the **supply of Hydrophone for Dolphin Habitat Monitoring**. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority
OIPR-8001/8138/1/25-26/0009

## OFFICE OF THE MUNICIPAL COUNCIL, TALCHER

### 'e' - Procurement Notice

Tender Reference No. TCRM-14/2025-26
Bid Identification No. 2026_ORULB_126211

No. 813 Dt.23.02.2026

No. 13001/496/2526: Bid documents consisting of works with their estimated cost, cost of tender paper, EMD, time of completion, class of contractor, court affidavit and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Name of the Work : Civil work as mentioned in the website
2. No. of works : 14 Nos.
3. Estimated cost : Rs.5.22 to 19.99 lakhs
4. Period of Completion : As per DTCN
5. Date & time of availability of Bid document in the portal : Dt.25.02.2026 at 4.00 P.M.
6. Last date & time for receipt of Bid: in the portal : Dt.07.03.2026 at 5.00 P.M.
7. Date of Opening of Bid : Dt.09.03.2026 at 11.00 A.M.
8. Name & address of the Officer Inviting the Bid : Executive Officer, Talcher Municipality
9. The bidders have to participate in ONLINE bidding only.

Further details can be seen from the procurement portal i.e. **www.tendersorissa.gov.in.**

Sd./- Executive Officer, Talcher Municipality
OIPR-13001/13077/1/25-26/0017

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR

AT/PO/PS : Padampur, Dist-Bargarh (Odisha), Pin-768036
E_Mail ID : nac.padampur@gmail.com
No.495/NACP Dt.27.02.2026

### "e"-procurement Notice

**Bid Identification No. NAC-PDP-14/2025-26**

No.13001/464/2526 : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**
1. Nature of Work : Civil works
2. No. of works : 01 No.
3. Estimate Cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 10.00 hours of 02.03.2026 to 17.00 hours of 11.03.2026
6. Last date/time for receipt of Bids in the portal : Dt.11.03.2026 up to 17 hours
7. Bids received online shall be opened on : Dt.12.03.2026 at 11 hours
8. Name and address of the Officer inviting Bid : Executive Officer, Padampur NAC

Further the details can be seen from the e-procurement Portal **www.tendersodisha.gov.in**

Sd./- Executive Officer
Padampur NAC
OIPR-13001/13118/1/25-26/0034

## OFFICE OF THE BASUDEVPUR MUNICIPALITY, BHADRAK

No.13001/499/2526
No. 258(w) Date : 02.03.2026

### E-Procurement Notice

**BID Identification No. BM_TCN_09_2025-26**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app
1. Name of the Work : Civil Const works as mentioned in DTCN
2. No. of works : 02 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 06.03.2026(10 AM) to 15.03.2026
6. Last date and time for receipt : 15.03.2026 up to 5.00 PM
7. Bids received online shall be opened on : 16.03.2026 from 11 AM onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality
OIPR-13001/13135/1/25-26/0003

## ପୌରପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: 1101 ତା: 26.02.26ରିଖ

No. 13001/453/2526: ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ. ୦୯, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପାର୍ଶ୍ଵରେ ଥିବା ୨୫ଗୋଟି ଦୋକାନ ଗୃହ (Vending Zone)ର ୨୦୨୫-୨୬ ଆର୍ଥିକ ବର୍ଷ ଆବଣ୍ଟନ ପାଇଁ ନିର୍ଦ୍ଧାରିତ ଫର୍ମ ଦ୍ୱାରା ବନ୍ଦ ଲଫାପାରେ ଆବାହନ କରାଯାଉଅଛି। ଆଗ୍ରହୀ/ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ଆବେଦନର ସର୍ତ୍ତାବଳୀ ନିମ୍ନମତେ ପ୍ରଦାନ କରାଗଲା।

**ସର୍ତ୍ତାବଳୀ:**
୧. ଆବେଦନକାରୀ ଅତିକମ୍‌ରେ ସୁନ୍ଦରଗଡ଼ ପୌରପାଳିକାରେ ୨୦ବର୍ଷର ବାସିନ୍ଦା ହୋଇଥିବା ଆବଶ୍ୟକ। (ଜମି ପଟ୍ଟା କିମ୍ବା ବାସିନ୍ଦା ପ୍ରମାଣପତ୍ର କିମ୍ବା ଓଡ଼ିଶା ସରକାରଙ୍କ ରାଜସ୍ୱ ଦେୟର ରସିଦ)।
୨. ପୂର୍ବ ପୌର ବକେୟା ଦେୟ ଥିବା ବ୍ୟକ୍ତି ଆବେଦନ କରିପାରିବେ ନାହିଁ।
୩. ଇଚ୍ଛୁକ ବ୍ୟକ୍ତି ଫର୍ମ ବିକ୍ରି ମୂଲ୍ୟ ବାବଦରେ ଟ.୫୦୦ଙ୍କା (ପାଞ୍ଚ ଶତ ଟଙ୍କା) ଜମା କରି ପୌର କୋଷାଧ୍ୟକ୍ଷଙ୍କଠାରୁ ପ୍ରାପ୍ତ କରି ନିର୍ଦ୍ଧାରିତ ତାରିଖ ପୂର୍ବରୁ ଫର୍ମକୁ ନିର୍ଭୁଲ ଭାବରେ ପୂରଣ କରି ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ଭିତରେ ଥିବା ବନ୍ଦ ବାକ୍ସରେ ପକେଇ ପାରିବେ।
୪. ଯୋଗ୍ୟ ବିବେଚିତ ବ୍ୟକ୍ତି ଟ.୫,୦୦୦.୦୦ (ପାଞ୍ଚ ହଜାର) ଟଙ୍କା ପୌର ପାଣ୍ଠିରେ ପଇଠ କରିବା ପରେ ନିର୍ବାହୀ ଅଧିକାରୀଙ୍କ ସହିତ ଚୁକ୍ତିନାମା କରିବେ।
୫. ଗୋଟିଏ ପରିବାରର ଜଣେ ମାତ୍ର ବ୍ୟକ୍ତି ଏକ ଗୋଟି ଦୋକାନ ଗୃହ ପାଇଁ ଆବେଦନ କରିପାରିବେ।
୬. ଆବେଦନକାରୀ ନିଜର (ବାର୍ଷିକ ଆୟ ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କାରୁ କମ୍) ତହସିଲ ପ୍ରଦତ୍ତ ବାର୍ଷିକ ଆୟର ଅସଲ ପ୍ରମାଣପତ୍ର ସଂଲଗ୍ନ କରିବେ।
୭. ଆବେଦନକାରୀ ନିଜେ କିମ୍ବା ନିଜ ଘରର କୌଣସି ବ୍ୟକ୍ତି ସରକାରୀ ଚାକିରି କରୁ ନଥିବେ।
୮. ଆବେଦନରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୯. ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ମାଦକ ଦ୍ରବ୍ୟ ଓ ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ।
୧୦. ତହସିଲଭୁକ୍ତ ଜାତି ପାଇଁ ୩% (ତିନି ପ୍ରତିଶତ)/୧ଟି (ଏକ ଗୋଟି), ତହସିଲଭୁକ୍ତ ଜନଜାତି ପାଇଁ ୩% (ତିନି ପ୍ରତିଶତ)/୧ଟି (ଏକ ଗୋଟି), ବିଧବା ପାଇଁ ୧ଟି (ଏକ ଗୋଟି), ଭିନ୍ନକ୍ଷମ ପାଇଁ ୧ଟି(ଏକ ଗୋଟି) ଦୋକାନ ଆରକ୍ଷଣ ରଖାଯାଇଅଛି।
୧୧. ସୁନ୍ଦରଗଡ଼ ପୌରପାଳିକା ଅନ୍ତର୍ଗତ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। (ସର୍ତ୍ତାବଳୀ ଲାଗୁ)।
୧୨. ପ୍ରତି ୧ ବର୍ଷରେ ଥରେ ଲିଜ୍ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡ଼ା ବୃଦ୍ଧି କରାଯିବ।
୧୩. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ.୫୦୦/- ଭଡ଼ା ବାବଦକୁ ନିଆଯିବ।
୧୪. ଆବେଦନକାରୀଙ୍କର ଭୋଟ ପରିଚୟ ପତ୍ର, ଆଧାର କାର୍ଡ଼ ଏବଂ ବିଦ୍ୟୁତ୍ ବିଲ୍ ଥିବା ଆବଶ୍ୟକ।
୧୫. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି (ସରକାରୀ/ବେସରକାରୀ/RDA)ରେ ଦୋକାନ ନଥିବ। (ସ୍ୱୟଂ ଘୋଷଣା ପତ୍ର)
୧୬. କାର୍ଯ୍ୟନିର୍ବାହୀ ଅଧିକାରୀ ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୧୭. ଆବଣ୍ଟନ ସଂକ୍ରାନ୍ତୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ।
୧୮. ବିଶଦ ବିବରଣୀ ପାଇଁ ସୁନ୍ଦରଗଡ଼ ପୌରପାଳିକାର ଟିକସ ବିଭାଗ ସହିତ ଯୋଗାଯୋଗ କରିପାରିବେ।
 କ) ତା୨୭।୦୨।୨୬ରିଖରୁ ତା୧୩।୦୩।୨୬ରିଖ ଆବେଦନ ପେପର ବିକ୍ରୟ କରାଯିବ।
 ଖ) ତା୧୩।୦୩।୨୬ରିଖ ସମୟ: ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ ଆବେଦନ ପେପର ଗ୍ରହଣ କରାଯିବ (ପୋଷ୍ଟ/କୋରିଅର ସେବା/ବାକ୍ସ ଦ୍ୱାରା)।
 ଗ) ତା୧୫।୦୩।୨୬ରିଖ ସମୟ: ପୂର୍ବାହ୍ନ ୧୧ଟାରେ ଆବେଦନ ଖୋଲାଯିବ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପରିଷଦ
OIPR-13001/13130/1/25-26/0003

## OFFICE OF THE MUNICIPAL COUNCIL, BELPAHAR

No. 529 Date: 24.02.2026

### QUOTATION CALL NOTICE

No. 13001/472/2526: Sealed quotations are invited from Registered/ Experienced/reputed supplier/farm/agency having valid GST Registration Certificates, who are supplying and doing installation of internet materials may apply to the undersigned as mentioned below. The quotation shall be submitted on or before Dt.06.02.2026 at 2.00 P.M. from the date of issue of quotation call notice and the sealed quotation will be opened on same day at Dt.06.02.2026 on 4.00 P.M. in the presence of the bidders or their authorized representative. The undersigned reserves all right to rejects any or all quotations without assigning any reason thereof. No changes in the quoted rate. The details can be downloaded from the website i.e. **www.belpaharmunicipality.co.in** & **www.jharsuguda.odisha.gov.in**.

| Sl. No. | Particulars | Unit in No. | Rate per Unit including all taxes delivery |
|---|---|---|---|
| 1 | Monitor | 1 | |
| 2 | SMPS | 1 | |
| 3 | 16 Port Switch | 1 | |
| 4 | Camera | 1 | |
| 5 | HDD | 1 | |
| 6 | Cable | 1 | |
| 7 | Power Supply & Others | 1 | |
| 8 | Labour, Installation & Configuration Charges | Per 1 Mtr. Cable | |

Sd./- Executive Officer
Belpahar Municipality
OIPR-13001/13050/1/25-26/0040

## ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର

ବିଜ୍ଞାପନ ସଂଖ୍ୟା: ୭୦୧ ତାରିଖ: ୨୭।୦୨।୨୦୨୬

### ନିଲାମ ଇସ୍ତାହାର

No. 1001/45/2526: ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନବରଙ୍ଗପୁର ଜିଲ୍ଲାରେ ଥିବା ସରକାରୀ ଫଳ ବଗିଚାର ଫଳଗୁଡ଼ିକ 2025-26 ବର୍ଷ ପାଇଁ ପୁନଃ ନିଲାମ କରାଯିବ। ନିଲାମ ସମ୍ବନ୍ଧୀୟ ସମସ୍ତ ବିବରଣୀ ସାରଣୀ-କରେ ଦିଆଗଲା। ଇଚ୍ଛୁକ ବ୍ୟକ୍ତି ନିଲାମ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଟ୨୦.୦୦ଙ୍କା ବିନିମୟରେ ସଂଗ୍ରହକରି, ଯେକୌଣସି ସରକାରୀ କାର୍ଯ୍ୟଦିବସ ମଧ୍ୟରେ ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି ନେଇ ବଗିଚାର ପର୍ଯ୍ୟବେକ୍ଷଣ କରିପାରିବେ।
ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ଫର୍ମ ପୂରଣକରି ତା୦୯।୦୩।୨୦୨୬ରିଖ ଘ୦୫.୩୦ଟିକା ମଧ୍ୟରେ ଉପଯୁକ୍ତ ଅମାନତ ରାଶିର ଡ୍ରାଫ୍ଟ ସହିତ ଏକ ଜଉମୁଦ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ରେଜିଷ୍ଟ୍ରି ଡାକ/କୋରିଅର ସେବା ମାଧ୍ୟମରେ ପଠାଇ ପାରିବେ। ଅମାନତ ରାଶି ''ଉଦ୍ୟାନ ଉପ-ନିର୍ଦ୍ଦେଶକ, ନବରଙ୍ଗପୁର (Deputy Director of Horticulture, Nabarangpur)''ଙ୍କ ନାମରେ ଆକାଉଣ୍ଟ ପେଇ ଡ୍ରାଫ୍ଟ (A/c Payee Bank Draft) ନବରଙ୍ଗପୁରରେ ଦେୟ ହେବ। ଜଉମୁଦ୍ରିତ ଲଫାପାଗୁଡ଼ିକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖ ତା୧୧।୦୩।୨୦୨୬ରିଖ ସମୟ ପୂର୍ବାହ୍ନ ଘ୧୧.୦୦ଟିକାରେ ଖୋଲାଯିବ। ସର୍ବାଧିକ ନିଲାମ ଡାକିଥିବା ବ୍ୟକ୍ତି ନିଲାମର ସମ୍ପୂର୍ଣ୍ଣ ନିଲାମ ଧନରାଶି ସେହିଦିନ ଦାଖଲକରି ଫଳ ସଂଗ୍ରହ କରିବାର ଅନୁମତି ପତ୍ର ପ୍ରାପ୍ତ କରିବେ।
ଯେକୌଣସି ନିଲାମକୁ କୌଣସି କାରଣ ନ ଦର୍ଶାଇ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି।

ସ୍ୱା./- (ଶ୍ରୀ ସୁବ୍ରତ ମହାନ୍ତି), ୨୭।୦୨।୨୦୨୬
ଉଦ୍ୟାନ ଉପନିର୍ଦ୍ଦେଶକ, ନବରଙ୍ଗପୁର
OIPR-1001/1524/1/25-26/0001

## OFFICE OF THE SUPERINTENDING ENGINEER KENDRAPARA (R&B) DIVISION-I, KENDRAPARA

No. 34001/149/2526 E-Mail ID: eernbkdp@gmail.com
Tel.: (06727) 220268, Fax No.: (06727) 220862

### GOVERNMENT OF ODISHA "e" Procurement Notice (Short Notice)
### e-Procurement Notice for Road Works

Bid Identification No. S.E., R&B KDP-25/2025-26

50. No. of Work : 1 No. of Building Works
51. Estimated Cost : Rs.51.00 lakhs (Approximately)
52. Period of Completion : 2 (Two) Months
53. Date and time of sale and receipt of bid document : From 11.00 A.M. of 07.03.2026 to 5.30 P.M. of 23.03.2026
54. Last date/time of receipt of bids : 5.30 P.M. of 23.03.2026
55. Date and time of Opening of bids : 11.00 A.M. of 24.03.2026
56. Name and address of the Officer Inviting Bid : Superintending Engineer, Kendrapara (R&B) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in**.

Sd./- Superintending Engineer
Kendrapara (R&B) Division-I
OIPR-34001/34097/1/25-26/0002

## BRAHMAPUR MUNICIPAL CORPORATION, GANJAM
## INVITATIONS FOR BIDS (IFB)

Letter No.4484/ Date:24.02.26

### Invitation for Bids

COMPETITIVE BIDDING THROUGH E-PROCUREMENT
Bid Identification No.BMC (BAM) 321/ 2025-2026
No.13001/443/2526

| | | |
|---|---|---|
| 1 | **The Municipal Commissioner, Berhampur invites percentage rate bids in ONLINE MODE only, as per annexure "A"** | |
| 2 | **Nature of Work** | Works |
| 3 | **No. of Work** | 22 Nos. |
| 4 | **Bid Cost** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | **Class of Contractor** | As per the Annexure "A" |
| 7 | **Availability of Bid documents in the website** | From 15.05 hrs. of Dt.09.03.26 to 17.00 hrs. of 23.03.26 |
| 8 | **Date & Time of Opening of the Bids** | 11.30 hrs. onwards on Dt.24.03.26 |
| 9 | **Mode of Submission of tender** | Tender should be submitted Online in www.tendersorissa.gov.in |
| 10 | **The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website only.** | |

Sd./- Commissioner
Brahmapur Municipal Corporation,
Berhampur, Odisha
OIPR-13001/13035/1/25-26/0006

## Office of District Manager
## Odisha State Civil Supplies Corporation Ltd. (OSCSC) GANJAM, Chatrapur

Phone:06811-263931, District Website:https://ganjam.odisha.gov.in
Tender No.1240 Dated:05.03.2026

**No.7001/27/2526:** District Manager, Odisha State Civil Supplies Corporation Ltd., Ganjam, Chatrapur invites tender in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at the RRCs in the district of the State of Odisha. |
| 2 | Availability of bid document in the portal | From Date 06.03.2026 Downloadable from website www.oscsc.in, www.foododisha.in & www.tendersodisha.gov.in. |
| 3 | Last Date/Time for receipt of bids in the portal | Through e-Procurement Portal: www.tendersodisha.gov.in Dt.20.03.2026 Upto 5.30 PM |
| 4 | Date/Time of Opening of Technical Bid | On Dt.24.03.2026 at 10.00 AM, Place- Jaugada Conference Hall, Zilla Parishad Office, Chatrapur, Ganjam. |
| 5 | Name and address of the Officer Inviting Tender | District Manager, OSCSC Ltd., **Ganjam, Chatrapur** |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendments/ Corrigendum/Cancellation/ retenders etc. if any shall be published only in above websites.

Sd./- District Manager
OSCSC Ltd., Ganjam, Chatrapur
OIPR-7001/7033/1/25-26/0001

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

No.25001/288/2526
E-mail:ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**
"E" PROCUREMENT NOTICE NO. RWDSC_MKG_II_ONLINE_21/2025-26

1. Name of the Work : Roads works in the District of Malkangiri for the year 2025-26
2. Total No. of Work : 06 Number of Road Work
3. Estimated Cost : Rs.3.47 Lakhs to Rs.33.45 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows:**
a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 07.03.2026 at 11.00 AM to 13.03.2026 upto 5.30 P.M.
c) Last date & time of seeking of Tender Clarification : 12.03.2026 upto 5.00 PM
d) Technical Bid Opening : 16.03.2026 at 11.00 AM
e) Financial Bid Opening : To be intimated Separately
f) Decision to conduct Lottery : If required to decide the agency, transparent Lottery shall be conducted on date 18.03.2026 at 11.00 AM in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Rural Works Division-II,
Malkangiri
OIPR-25001/25079/1/25-26/0025

## Odisha Tourism

Paryatan Bhawan, Lewis Road
Bhubaneswar-751014
Fax No.+91 674 2430887
E-mail:info@odishatourism.gov.in

ଓଡ଼ିଶା ସରକାର ପର୍ଯ୍ୟଟନ ବିଭାଗ
Government of Odisha Tourism Department

ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର-୭୫୧୦୧୪

No.4671/TSM, Bhubaneswar, Dated 03.03.2026
TCT-TSP-MISC-0028-2026

**EXPRESSION OF INTEREST (EOI) FOR SETTING UP AND OPERATIONALIZING RESTAURANTS SERVING AUTHENTIC ODIA CUISINE AT SELECTED LOCATIONS WITHIN ODISHA AND OUTSIDE ODISHA TO PROMOTE ODISHA CULINARY HERITAGE**

**No.37001/6/2526:** Department of Tourism (DoT) invites proposals from prospective applicant(s) for 'Expression of Interest (EOI) for setting up and operationalizing restaurants serving authentic Odia cuisine at selected locations within Odisha and outside Odisha to promote Odisha Culinary Heritage' in accordance with the conditions and manner prescribed in the Expression of Interest (EoI) document.

The Proposals should be submitted by interested applicant(s) to the Director, Tourism, Paryatan Bhawan, Lewis Road, Bhubaneswar- 751014 on or before 18.03.2026 upto 15.00 Hrs. Detailed terms of the RFP may be downloaded from our website: **https://odishatourism.gov.in/content/tourism/en/dot/quickLinks/tender.html.**

Sd./- Director, Tourism
OIPR-37001/37001/1/25-26/0003

## OFFICE OF THE MUNICIPAL COUNCIL, TALCHER, DIST.: ANGUL

Phone No. (06760) 240259, E-Mail ID: e.o.talcher@gmail.com
No. 831 Date: 24.02.2026

### EXPRESSION OF INTEREST

No. 13001/490/2526: Expression of Interest in the sealed cover and invited from the intending organization/firms/persons/NGOs/SHG Groups for **"To take, Management and day to days maintenance of the 3 Nos. of Kalyani Mandap for a period of Two years on lease basis under Talcher Municipality"**. The sale of tender paper shall be commenced from Dt.25.02.2026 to Dt.09.03.2026 during office hours. The cost of tender paper is Rs.2,000/- (rupees two thousand) only. The last date of receipt sealed cover is Dt.10.03.2026 upto 1.30 P.M. and the same will be opened at 3.30 P.M. The EMD for each Mandap Rs.50,000/- (Rupees fifty thousand) only in shape of Cash Deposit Money Receipt/Demand Draft should be enclosed duly in favour of Executive Officer, Talcher Municipality which will be refunded to the unsuccessful bidder after finalization of E.O.I. process. They are required to quote the amount of lease for one year to be paid in favour of Executive Officer, Talcher Municipality before execution of agreement in one time. The upset price of the Kalyani Mandap is mention below. They should quote the rate both in words and figures. The copy of PAN Card, Aadhaar Card, GST uptodate should be enclosed along with E.O.I. The details of terms and conditions are mentioned in the tender paper. The undersigned has the right to accept/reject any or all E.O.I. paper without assigning any reason thereof.

| Sl. No. | Location of the Kalyani Mandap | Unit | Offset Price |
|---|---|---|---|
| 1 | Handidhua Kalyani Mandap | Per One Year | Rs.5,00,000/- |
| 2 | Baghuabol Kalyani Mandap | Per One Year | Rs.4,00,000/- |
| 3 | Mandapal Kalyani Mandap | Per One Year | Rs.3,00,000/- |

**Terms & Conditions:**
1. The period of lease is for two years.
2. No addition and alteration of the building will be taken up by the lessee without the permission of Municipal Authority.
3. He should keep the building as well as premises neat and clean in all times.
4. He should bear the monthly energy charges of the building.
5. Repair of water pumps and electric equipments will be borne by the lessee.
6. The lessee should hand over the building in good condition at the time of completion of lease period.
7. Disobedience the above terms and conditions will attract cancellation of work order and forfeit of security deposit.

The authority reserved the right to reject or cancel the above E.O.I. without assigning any reason thereof.

OIPR-13001/13077/1/25-26/0016 Sd./- Executive Officer, Talcher Municipality

## ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ପୁରୀ
## OFFICE OF THE COLLECTOR & DISTRICT MAGISTRATE, PURI

(Social Welfare Section)
Letter No. 1269/SW dtd-02.03.2026

### TENDER CALL NOTICE

**No.19001/67/2526** : Sealed tenders are invited from intending agencies/ firms/ printing press for supply of approximately 50000 numbers of New Arunima Work Books- I & II, Child Assessment card & picture/ numeracy book from each category for Pre-School students to be used in all 2599 Anganwadi Centres of the district. The tender documents should reach in the office of the District Social Welfare Officer, Puri by only Speed Post/Courier by 5PM of dtd-23.03.2026 and the tender will be opened at 11:30 AM of dtd-25.03.2026 in the office chamber of the undersigned in the presence of the Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay.

The details regarding sample, colour / specification of the Arunima Work Book-I & II & Child Assessment Card & picture/ numeracy book should be of exact specifications as per the samples available in **https://www.wcdodisha.gov.in/ & https://www.puri.odisha.gov.in/**. The selected agency has to supply the printed materials to all the 12 ICDS Project offices of the District at its own cost. The agency has to supply the samples of Arunima Work Book-I & II & Child Assessment Card & picture/ numeracy book as per specification detailed in terms and conditions in Tender meeting to be held on dtd:25:03 2026. The detail tender papers and terms and conditions can be downloaded from the district website **https://www.puri.odisha.gov.in/** or can be seen in the tender notice displayed in the notice board of DSWO, Puri. In no case, these books shall be redesigned or modified.

The firms/ agencies/ printing press submitting tender paper by downloading from website have to enclose a Bank Draft amounting Rs.3,000/- (Rupees Three Thousand) only as cost of Tender Paper including GST in favour of DSWO, Puri payable at SBI Main Branch, Puri failing which the tender paper will be rejected. An amount of Rs.1,00,000/-(Rs. One Lakh) as EMD has to be paid by the tenderers **in favour of DSWO, Puri Payable at SBI Main Branch**(under pledged to DSWO, Puri). The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.

The undersigned reserves the right to accept/ reject any or all tender papers without assigning any reason thereof.

OIPR-19001/19331/1/25-26/0001 Sd./- COLLECTOR, PURI

## BRAHMAPUR MUNICIPAL CORPORATION, GANJAM
## INVITATIONS FOR BIDS (IFB)

Letter No.4359/ Date:23.02.26

### Invitation for Bids

COMPETITIVE BIDDING THROUGH E-PROCUREMENT
Bid Identification No.BMC (BAM) 317/ 2025-2026
No.13001/494/2526

| | | |
|---|---|---|
| 1 | **The Municipal Commissioner, Berhampur invites percentage rate bids in ONLINE MODE only, as per annexure "A"** | |
| 2 | **Nature of Work** | Works |
| 3 | **No. of Work** | 109 Nos. |
| 4 | **Bid Cost** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | **Class of Contractor** | As per the Annexure "A" |
| 7 | **Availability of Bid documents in the website** | From 15.05 hrs. of Dt.02.03.26 to 17.00 hrs. of 16.03.26 |
| 8 | **Date & Time of Opening of the Bids** | 11.30 hrs. onwards on Dt.17.03.26 |
| 9 | **Mode of Submission of tender** | Tender should be submitted Online in www.tendersorissa.gov.in |
| 10 | **The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any Addendum/ Corrigendum/ Cancellation of tender can also be seen in the said website only.** | |

Sd./- Commissioner
Brahmapur Municipal Corporation,
Berhampur, Odisha
OIPR-13001/13035/1/25-26/0009

## ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ.
(ରାଜ୍ୟ ସରକାରଙ୍କ ଏକ ସଂସ୍ଥା)
## ODISHA STATE CASHEW DEVELOPMENT CORPORATION LTD.

(A Government of Odisha Undertaking)
HEAD OFFICE: Kaju Bhawan, At/P.O.: Ghatikia, Near Kalinga Studio, Bhubaneswar - 751029,
Phone: 0674-2387193, 2387290, 2387195 & 2387194
Website: www.oscdc.nic.in, E-mail: contact@oscdc.com
CIN: U01133OR1979SGC000818

No. /OSCDC Date:......................

### e-TENDER CALL NOTICE

**Bid Reference No. OSCDC-ESTT-ESTT-0122-202**

Tender Call Notice No. 628/OSCDC Date: 02.03.2026

No. 1001/47/2526: The Managing Director, OSCDC Ltd., Kaju Bhawan Bhubaneswar invites bids through e-procurement process under two-bid system from reputed and experienced Human Resource service provider for providing Hospitality Services/Office Support Services/Light Vehicle Driving Services for Odisha State Cashew Development Corporation Ltd. (OSCDC), Kaju Bhawan, At/P.O.: Ghatikia, Near Kalinga Studio, Bhubaneswar - 751029. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 05.03.2026 |
| 2 | Bid due Date and Time | 20.03.2026 |
| 3 | Opening of Technical Bid | 23.03.2026 |
| 4 | Opening of Financial Bid | 24.03.2026 |

The bid should be submitted online in the Website: **www.tendersodisha.gov.in.** Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover superscribed "Bid for Outsourcing for providing Hospitaltiy Services/Office Support Services/ Light Vehicle Driving Services" must reach the undersigned on or before **20.03.2026 by Speed Post/ Registered Post/Courier & may also be dropped in the Tender Box placed in the Office of the Managing Director, OSCDC Ltd., Kaju Bhawan, At/P.O.: Ghatikia, Near Kalinga Studio, Bhubaneswar - 751029**.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website **https://oscdc.nic.in**. Further details can be seen from the website: **www.tendersodisha.gov.in**.

Complete address for submission of bid
**The Managing Director**
**Odisha State Cashew Development Corporation Ltd.**
**Kaju Bhawan, At/P.O.: Ghatikia, Near Kalinga Studio**
**Bhubaneswar - 751029**

OIPR-1001/1049/1/25-26/0010 Sd./- Managing Director

# ଉପଖଣ୍ଡ ବସନ୍ତ ମହୋତ୍ସବ ଉଦ୍‌ଘାଟିତ



କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ସଙ୍ଗୀତ ପରିବେଷଣ କରୁଛନ୍ତି ।



ବସନ୍ତ ମହୋତ୍ସବ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଏମ୍‌ପି ରୁଦ୍ରନାରାୟଣ ପାଣି, ଜିଲାର ସମସ୍ତ ବିଧାୟକ, ବିଧାୟିକା ଓ ଅନ୍ୟମାନେ।

■ ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର

■ ସିଙ୍ଗାରୀ ନୃତ୍ୟ ଓ ବର୍ଣ୍ଣାଳୀ ହୋତାଙ୍କ ସଙ୍ଗୀତରେ ଝୁମିଲା କାମାକ୍ଷାନଗର

**କାମାକ୍ଷାନଗର,୬ା୩(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମସ୍ଥିତ ବାଜି ରାଉତ ମଞ୍ଚରେ ଶୁକ୍ରବାର ଉପଖଣ୍ଡ ବସନ୍ତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ତିନିଦିନ ଧରି ଚାଲିବ। ଏଥିସହିତ ପଲ୍ଲିଶ୍ରୀ ମେଳା ମଧ୍ୟ ୫ଦିନ ଧରି ଚାଲିବ। ମହୋତ୍ସବ ଅବସରରେ ଅପରାହ୍ନରେ ଏକ ସାଂସ୍କୃତିକ ଶୋଭାଯାତ୍ରା ତାରିଣୀ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା। ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ଉପସ୍ଥିତ ରହି ମହୋତ୍ସବର ଶୋଭାବର୍ଦ୍ଧନ କରିଥିଲେ। ସନ୍ଧ୍ୟାରେ ଉପଜିଲାପାଳ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ଦୀନମଣି ନାଏକଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ପାଣି ଯୋଗଦେଇ କହିଲେ, ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ପାଇଁ ଆମ ଅଞ୍ଚଳ କେବଳ ଦେଶ ନୁହେଁ, ସମଗ୍ର ବିଶ୍ୱରେ ପରିଚିତ ହୋଇପାରିଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ଭାଜପା ଜିଲ୍ଲା ସଭାପତି ରାସବିହାରୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମହୋତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ, ଏହାଦ୍ୱାରା ଭାଇଚାରା ବୃଦ୍ଧି ହେବ। ମହୋତ୍ସବ କମିଟିର ସମ୍ପାଦକ ତଥା ବିଡିଓ ପ୍ରଭୁକଲ୍ୟାଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର ସହଯୋଗ କରିଥିଲେ। ମହୋତ୍ସବର ସ୍ମରଣିକା 'କାମାକ୍ଷୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# କଟକ: ୫ ବସ୍‌ର କଟିଲା ଚାଲାଣ

## ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ ବିରୋଧରେ ଯାଞ୍ଚ

**କଟକ,୬ା୩(କାର୍ତ୍ତିକ ସାହୁ)**

ରାଜ୍ୟ ପରିବହନ ବିଭାଗର ଭଡ଼ା ବିରୋଧରେ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନର ଶୁକ୍ରବାର ପ୍ରଥମ ଦିନରେ କଟକର ୫ଟି ବସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ ଆରଟିଓଙ୍କ ଏନଫୋର୍ସମେଣ୍ଟ ଟିମ୍ ନିୟମ ଉଲ୍ଲଂଘନ କରିଥିବା ମୋଟରଯାନ ଆଇନର ଧାରା ୧୯୨(କ)ଅନୁଯାୟୀ ସମ୍ପୃକ୍ତ ବସ୍‌ଗୁଡ଼ିକ ବିରୋଧରେ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଚାଲାଣ କାଟିଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଦ୍ୱାରା ଧାର୍ଯ୍ୟ ଦରଠାରୁ କୌଣସି ଯାତ୍ରୀବାହୀ ବସ୍ ଅଧିକ ଭଡ଼ା ଆଦାୟ କରିପାରିବେ ନାହିଁ। ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଂଘନ କରୁଥିବା ବସ୍ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ବିଭିନ୍ନ ଆରଟିଓଙ୍କ ଦ୍ୱାରା ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବସ୍‌ଗୁଡ଼ିକରେ ଅଚାନକ ଯାଞ୍ଚ କରାଯାଉଛି। ଯାତ୍ରୀବାହୀ ବସରେ ଧାର୍ଯ୍ୟ ସୀମାଠାରୁ ଅଧିକ ଭଡ଼ା ଆଦାୟ ନେଇ ଅନେକ ସମୟରେ ଯାତ୍ରୀଙ୍କଠାରୁ ଅଭିଯୋଗ ହୋଇଆସୁଛି। ତେଣୁ ଏହା ଉପରେ କଡ଼ା ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ କୁହାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆରଟିଓ ଟିମ୍ ବସ୍ ଯାଞ୍ଚ କରୁଛି। ଯାତ୍ରୀମାନଙ୍କ ସହ ଆଲୋଚନା କରୁଛି। ସରକାରଙ୍କ ଦ୍ୱାରା ବସ୍ ବର୍ଗ ଅନୁଯାୟୀ କିଲୋମିଟର ପିଛା ଭଡ଼ା ଧାର୍ଯ୍ୟ କରାଯାଇଛି। ଉଭୟ ଅଫଲାଇନ ଓ ଅନଲାଇନ ଟିକଟ ପାଇଁ ଏହା ଲାଗୁ ହୋଇଥାଏ। ଏହାକୁ ପାଳନ କରିବାକୁ ସମସ୍ତ ବସ ମାଲିକ ତଥା ପରିଚାଳକମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ବସରେ ଭଡ଼ା ବିବରଣୀ ପ୍ରଦର୍ଶିତ କରିବାକୁ ମଧ୍ୟ କୁହାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ। କୌଣସି ବସ୍ ଦ୍ୱାରା ଯଦି ନିୟମ ଉଲ୍ଲଂଘନ ପରିଲକ୍ଷିତ ହେଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ କେବଳ ଅଧିକ ଭଡ଼ା ବିଷୟରେ ନୁହେଁ, ସଡ଼କ ସୁରକ୍ଷାର ସମସ୍ତ ନିୟମ ଠିକ ଭାବରେ ପାଳନ କରାଯାଉଛି କି ନାହିଁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗୋଷ୍ଠୀ ସଂଘର୍ଷ ଘଟଣାରେ ୫ ଗିରଫ

**ବଇଣ୍ଡା,୬ା୩(ପରିକ୍ଷିତ ସାହୁ)**

## ଗ୍ରାମରେ ବ୍ୟାପକ ପୋଲିସ ମୁତୟନ

ଅନୁଗୋଳ ଜିଲା କିଶୋରନଗର ଥାନା ଝାରବନ୍ଧଲି ଓ ମାଣିକପୁର ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗୁରୁବାର ସଂଘର୍ଷ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ଝାରବନ୍ଧଲି ଗ୍ରାମର ସୁମନ୍ତ ମିର୍ଦ୍ଧାଙ୍କ ଅଭିଯୋଗ କ୍ରମେ ପୋଲିସ ନମ୍ବର ୬୦/୨୬ରେ ଏକ ମାମଲା ରୁଜୁ କରି ମାଣିକପୁର ଗ୍ରାମର ଅକାଶ ମହାନନ୍ଦିଆ, ପ୍ରଦୀପ ମହାନନ୍ଦିଆ, ନେହେରୁ ବେହେରା, ସୁଧୀର ବେହେରା, ସନ୍ତୋଷ ମହାନନ୍ଦିଆଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଚାଲିଥିବା ବେଳେ ଅନେକେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବାରୁ ଉଭୟ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ବାମୁର ଅଞ୍ଚଳରେ ଦୋଳଯାତ୍ରା ଚାଲିଥିବାବେଳେ ମାଣିକପୁର ଗ୍ରାମର ୨ ଜଣ ଯୁବକଙ୍କୁ ଝାରବନ୍ଧଲି ଅଞ୍ଚଳର କେତେଜଣ ଯୁବକ ମାଡ ମାରିଥିଲେ। ଏହାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏ ନେଇ ମାଣିକପୁର ଗ୍ରାମରେ ବୈଠକ କରାଯିବା ପରେ କେତେଜଣ ମହିଳା ପୁରୁଷ ଗୁରୁବାର ଝାରବନ୍ଧଲି ଗ୍ରାମକୁ ଯାଇଥିଲେ। ସେଠାରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ କେତୋଟି ଠେଙ୍ଗା ଜବତ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛି।

# ଖଇରା ମେଡିକାଲ ଟିମ୍ ପକ୍ଷରୁ ସଚେତନତା

# ଜଣ୍ଡିସ୍‌ରେ ୬ ସ୍କୁଲ ପିଲା ଆକ୍ରାନ୍ତ



ମେଡିକାଲ ଟିମ୍ ପକ୍ଷରୁ ବିଦ୍ୟାଳୟରେ ସଚେତନ କରାଯାଉଛି।

**ଖଇରା,୬ା୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଝିଙ୍କିରିଆ ପଞ୍ଚାୟତ ଅଧୀନ ଅରଖପଦା ଗାଁରେ ଜଣ୍ଡିସ ଆତଙ୍କ ଦେଖାଦେଇଛି। ପ୍ରଥମେ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ର ଆକ୍ରାନ୍ତ ହେବା ପରେ ଏବେ ପୁରା ଗ୍ରାମକୁ ଏହା ବ୍ୟାପିବାରେ ଲାଗିଛି। ୭ ଦିନ ତଳେ ୫ମ ଶ୍ରେଣୀର ଛାତ୍ର ଅଶୋକ ଜେନା, ୩ୟ ଶ୍ରେଣୀର ରୁଦ୍ର ପ୍ରତାପ ଜେନା, ୭ମ ଶ୍ରେଣୀର ଜ୍ୟୋସ୍ନାରାଣି ଦାସ, କିଶୋର କୁମାର ଜେନା ଓ ଶୁଭଲକ୍ଷ୍ମୀ ଜେନା ଜ୍ୱରରେ ଆକ୍ରାନ୍ତ ହେବା ପରେ ସେମାନଙ୍କର ବାନ୍ତି ହୋଇଥିଲା। ପରୀକ୍ଷା ପରେ ଏହା ଜଣ୍ଡିସ ବୋଲି ଜଣାପଡ଼ିଥିଲା। ଧିରେଧିରେ ଏହା କାୟା ବିସ୍ତାର କରି ପାଚିକା ପୂଜା ଦାସ, କାଜଲ ଜେନା ମଧ୍ୟ ଆକ୍ରାନ୍ତ ହୋଇଥିଲେ। ପାଇପ ପାଣିରୁ ଏହା ବ୍ୟାପୁଥିବା ନେଇ ଗ୍ରାମବାସୀ ଉପଲବ୍ଧି କରିବା ପରେ ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ବନ୍ଦ ରଖାଯାଇଛି। ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ ଏ ସମ୍ପର୍କରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରିବା ପରେ ଶୁକ୍ରବାର ଡା. ମାନସ କୁମାର ଦାସ ଓ ସୋମବାର ଡା. ଜ୍ୟୋତି ରଞ୍ଜନ ଶିଅଳଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ ବିଦ୍ୟାଳୟକୁ ଯାଇ ନମୁନା ସଂଗ୍ରହ କରିବା ସହ ପ୍ରତିଷେଧକ ଏବଂ ସଚେତନ କରାଇଛନ୍ତି।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରୁ ଯୁବକଙ୍କ ମୃତଦେହ ଜବତ

**କୋରାପୁଟ,୬ା୩(ଅମିତାଭ ବେହେରା)**

## ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ

ଭୁବନେଶ୍ୱରରୁ କୋରାପୁଟ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ରୁ ରେଲୱେ ପୋଲିସ କୋରାପୁଟ ଷ୍ଟେଶନରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ କରିଛି। ମୃତକ ହେଲେ କଟକ କଣ୍ଟିଲୋ ନୂଆବଜାର ଅଞ୍ଚଳର ମନୀଷ ଦାସ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମନୀଷ ରାୟଗଡ଼ା ଜିଲା ଟିକିରି ଅଞ୍ଚଳରେ ଏକ କମ୍ପାନୀରେ ଚାକିରି କରୁଥିଲେ। ଗୁରୁବାର ଭୁବନେଶ୍ୱରରୁ ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ ଯୋଗ ଟିକିରି ଆସୁଥିବା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କୋରାପୁଟ ଷ୍ଟେଶନରେ ଆର୍‌ପିଏଫ୍ ଓ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରେଲୱେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିବା ଜିଆର୍‌ପି ଥାନାଧିକାରୀ ସନ୍ତୋଷୀ ମହନ୍ତ ପ୍ରକାଶ କରିଛନ୍ତି। ଏ ନେଇ ଜିଆର୍‌ପି ଥାନାରେ କେସ୍ ନଂ. ୨/୨୦୨୬ରେ ମାମଲା ରୁଜୁ କରାଯାଇଛି। ପୋଲିସ ଏଏସ୍‌ଆଇ ଅମର ସେଠୀ ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଛି। ମୃତକଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଯାଇଥିବା ଥାନାଧିକାରୀ ମହନ୍ତ କହିଛନ୍ତି।

# ଘର ଭାଙ୍ଗି ପଶିଗଲା ଟ୍ରକ୍, ୧ ମୃତ

**ଢେଙ୍କାନାଳ,୬ା୩(ରତନ ନାୟାର):** ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କରମୂଳ ହାତୀବାରି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ରେ ଥିବା ଗୋଟିଏ ଘର ଭିତରେ ପଶିଯାଇଥିଲା । ଫଳରେ ଘର ଭିତରେ ଶୋଇଥିବା ଅସ୍ଥିର ତରାଇ(୫୨)ଙ୍କ ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ଏକ ୧୮ଚକିଆ ଟ୍ରକ୍ ଅନ୍ୟ ଏକ ଟ୍ରାକ୍ଟରକୁ ଧକ୍କାଦେଇ ଅସ୍ଥିରଙ୍କ ଘର ଭିତରେ ପଶିଯାଇଥିଲା । ଖବରପାଇ ଶୁକ୍ରବାର ସକାଳେ ଯୋରନ୍ଦା ଫାଣ୍ଡି ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।



ଘରଭାଙ୍ଗି ଟ୍ରକ୍ ପଶିଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION : KORAPUT
No.25001/285/2526
PHONE : OFF : (06852)251263, email : eerwkoraput@yahoo.com
Bid Identification No. : SERWKPT-ONLINE-12/2025-26
Letter No.934 Dtd. : 02.03.2026
1. Name of the Work : Repair & Renovation of Building Works for the Year 2025-26., 2. Total Numbers of Works : 06 Nos., 3. Approximate Estimate Cost : Rs.2.54 to Rs.8.47 Lakhs (Approximately), 4. Class of Contractor : "D" & "C" Class, 5. Period of Completion : 1 Month, 6. Detail Projects : As per Annexure attached, Other Details as follows :

| Procurement Officer | Bid Identification No. | No. of Works | Availability of Tender online Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-12/2025-26 | 06 (Six) Nos | 06.03.2026 at 11.00 A.M. | 13.03.2026 upto 3.30 P.M. | 13.03.2026 at 5.30 A.M. |

Further details can be seen from the website : www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd./- Executive Engineer, Rural Works Division, Koraput
OIPR-25001/25088/1/25-26/0038



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୨୦୫୪ ତାରିଖ: ୨୪।୦୨।୨୦୨୬
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୪)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୨୧୫୬୯୧୪ | ୟୁ୨୮୯୯୦ଓଆର୍୨୦୧୭ପିଟିସି୦୨୬୬୭୮ | ସୋଫିଷ୍ଟିକେଟେଡ୍ ମେଟାଲ୍ ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୨୧୮୮୪୯୯ | ୟୁ୭୦୧୦୧ଓଆର୍୨୦୧୨ପିଟିସି୦୧୪୮୬୯ | ପ୍ରାଇଡ୍‌ମାର୍କ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏସି୨୨୪୯୪୧୫ | ୟୁ୧୦୬୧୨ଓଡି୨୦୨୫ପିଟିସି୦୫୧୩୬୦ | ଶ୍ୟାମକାଞ୍ଚନ ଫୁଡ୍ ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏସି୨୩୦୪୫୯୬ | ୟୁ୧୩୧୦୦ଓଆର୍୨୦୧୪ପିଟିସି୦୧୮୧୩୫ | ଗ୍ରେୱାଲ ପାୱାର ଆଣ୍ଡ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପେଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ଇର୍କନ ତିର୍କୀ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0746/2526



ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
OHPC ISO 9001-14001 18001 Certified
BALIMELA HYDRO ELECTRIC PROJECT, POST : BALIMELA, DIST. : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022, Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963
TENDER CALL NOTICE
NOTICE INVITING TENDER NO. BHEP/69/2025-26/DATED 27.02.2026
No.4001/46/2526 : Sealed tenders are invited in single part bid (i.e. Techno-Commercial bid) basis for "Procurement of Safety Materials for BHEP, Balimela for the year 2025-26" from Firms/Authorized dealers/Channel partners/Reputed Suppliers for the following.

| Sl. No. | Description of materials | Estimated Cost | Cost of tender paper (Non-refundable in Rs.) | EMD in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Procurement of Safety Materials for BHEP, Balimela for the year 2025-26 | Rs.50,967/- | 472/- (400/- GST@18%) | 440/- | 05.03.2026 to 10:30 Hrs. of 16.03.2026 | Up to 11:30 Hrs. of dated 16.03.2026 | 12:00 Hrs. on Dated 16.03.2026 |

For details of the tender documents, terms & conditions please visit our website www.ohpcltd.com
OIPR-4001/4019/1/25-26/0004 Sd./- C&P Head, BHEP, Balimela



OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL), BHEP
AT/POST: BALIMELA, DIST.: MALKANGIRI (ODISHA), PIN:764051
Phones:06861-232581(O)/232641(R), Fax-06861-232541, E-mail: unit.head_balimela@yahoo.com/bhep.balimela@gmail.com
TENDER CALL NOTICE
NOTICE INVITING TENDER NO: BHEP/67/2025-26, DTD. 26.02.2026
No.4001/49/2526: The Sealed tenders are invited in single part bid basis (i.e. Techno-commercial bid) in percentage wise basis from the Electrical Contractors/ Firms/Agencies having experience in the execution of any electrical works under State/Central Govt./PSU of Govt. of India/PSU of Govt. of Odisha & having valid Electrical Contractor License (MV) & fulfilling the eligibility criteria as per the tender specification for the work as mentioned below.

| Sl. No. | Name of the Work | Estimated Cost in Rs. | E.M.D. (Refunded) in Rs. | Cost of Bid documents in Rs. |
|---|---|---|---|---|
| 1 | Supply, Installation, Testing & Commissioning of Lawn Lights at BPR Club Children's Park, BHEP, Balimela. | 5,71,328.00 | 5,800.00 | Rs.4,000.00+ (GST@18%) Rs.720.00 = Rs.4,720.00 |

Availability of bid document: From 10.00 Hrs. of 06.03.2026 to 12.00 Hrs. of 16.03.2026
Last date & time of submission of bid: Upto 12.00 Hrs. of 16.03.2026
The date & time of opening of the bid : 12.30 Hrs. onwards of 16.03.2026
For details of the tender documents, terms & conditions, please visit our website www.ohpcltd.com
OIPR-4001/4019/1/25-26/0007 Sd./- C & P Head, BHEP, Balimela



OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL), BHEP
AT/POST: BALIMELA, DIST.: MALKANGIRI (ODISHA), PIN:764051,
Phones:06861-232581(O)/232641(R), Fax-06861-232541, E-mail: unit.head_balimela@yahoo.com/bhep.balimela@gmail.com
TENDER CALL NOTICE
NOTICE INVITING TENDER NO: BHEP/68/2025-26, DTD. 27.02.2026
No.4001/48/2526: The Sealed tenders are invited in single part bid basis (i.e. Techno-commercial bid) & in itemwise basis from the Reputed Firms/ Agencies & fulfilling the eligibility criteria as per the tender specification for the supply as mentioned below.

| Sl. No. | Name of the Supply | E.M.D. (Refunded) | Cost of bid documents in Rs. |
|---|---|---|---|
| 1 | Procurement of Laboratory Technical Equipments, Kit, Chemicals and Apparatus for OHPC Health Centre, BHEP, Balimela | 1% of the Quoted Value exclusive of GST | Rs.600.00+ (GST @ 18%) Rs.108.00 = Rs.708.00 |

Availability of bid document: From 10.00 Hrs. of 02.03.2026 to 12.00 Hrs of 11.03.2026
Last date & time of submission of bid: Upto 12.00 Hrs. of 11.03.2026
The date & time of opening of the bid : 12.30 Hrs. onwards of 11.03.2026
For details of the tender documents, terms & conditions, please visit our website www.ohpcltd.com
OIPR-4001/4019/1/25-26/0006 Sd./- C&P Head, BHEP, Balimela



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
No.25001/282/2526
E-mail : rwdmohana@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender 11/MOHANA/2025-26
1. Name of the work : Building works, 2. Total No. of work : 02 (Two) Nos., 3. Estimated cost : 8.40 Lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 13/MOHANA/2025-26 | 02 (Two) Nos. | 02.03.2026 from 11.00 A.M. | 11.03.2026 upto 5.00 P.M. | 10.03.2026 upto 5.00 P.M. | 12.03.2026 at 11.00 A.M. |

Further details can be seen from the Website www.tenderodisha.gov.in
Sd./- Executive Engineer R.W. Division, Mohana
OIPR-25001/25148/1/25-26/0001



OFFICE OF THE MUNICIPAL COUNCIL, BALASORE
BALASORE (ODISHA), PIN-756003
Tel. No. 06782-251267(O), Fax No.06782-251267
e-mail : balasoremunicipality@rediffmail.com
Notification No.1238/Dt.26.02.2026
No.13001/466/2526 : The details can be downloaded from official website of Balasore District, http://balasore.odisha.gov.in.
Sd./- Executive Officer, Balasore Municipality
OIPR-13001/13154/1/25-26/0017



OFFICE OF THE CHIEF EXECUTIVE
CHILIKA DEVELOPMENT AUTHORITY
PLOT NO- 493(P), PALASPALI, KHURDA, BHUBANESWAR-751020
Tender Call NOTICE NO. 349/CDA/2026, DT. 23.02.2026
No.8001/118/2526 : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of Surface Velocity Radar. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.
Sd./- Addl. Chief Executive Chilika Development Authority
OIPR-8001/8138/1/25-26/0012



OFFICE OF THE MUNICIPAL COUNCIL, BARBIL
No.13001/482/2526 "e"-Procurement Notice
BID REFERENCE MUNICIPALITY (BBLM-7/2025-26)
TENDER CALL NOTICE NO.809/BBL MPLTY DATE.26.02.2026
1. Name of the work : Civil construction works as mentioned in website
2. No. of work : 23 (Twenty three)
3. Bid value : Rs.5,75,000/- to Rs.45,32,000/-
4. Period of completion : 90 days
5. Period of availability of tenders online : From 10.00 A.M. of 09.03.2026 to 5.00 P.M. of 19.03.2026
6. Last Date & time of bidding online : 5.00 P.M. of 19.03.2026
7. Date & time of opening of Technical Bid : 11.00 A.M. of dt.20.03.2026
8. Name and address of the officer inviting bid : EXECUTIVE OFFICER, BARBIL MUNICIPALITY
Further details can be seen from the procurement portal : www.tendersorissa.gov.in
Sd./- Executive Officer, Barbil Municipality
OIPR-13001/13108/1/25-26/0014



Office of District Manager
Odisha State Civil Supplies Corporation Ltd.
(OSCSC Ltd.), Sambalpur
Phone :9438200058, District Website : http://sambalpur.odisha.gov.in
Tender No. : 900 Dt. : 24.02.2026
No.7001/30/2526 : District Manager, Odisha State Civil Supplies Corporation Ltd., Sambalpur District invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at the RRCs in the district of the State of Odisha |
| 2 | Availability of bid document in the portal | From **26.02.2026** |
| 3 | Last Date / Time for receipt of bids in the portal | Dt.**12.03.2026** up to **6.00 P.M.** |
| 4 | Date/Time of Opening of Technical Bid | Dt.**13.03.2026** at **10.30 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., Sambalpur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager OSCSC Ltd. Angul
OIPR-7001/7086/1/25-26/0002

# ବେକରେ ଧୋତି ବାନ୍ଧି ଝୁଲିପଡ଼ିଲେ ଜେଲ ୱାର୍ଡର

ଭୁବନେଶ୍ୱର,୬।୩(ତ୍ରିନାଥ ମହାନ୍ତି)


ସାରଥୀ ପ୍ରଧାନ

ଝାରପଡ଼ା ଜେଲ ପରିସର ସରକାରୀ କ୍ୱାର୍ଟର୍ସରେ ଜଣେ ଜେଲ ୱାର୍ଡର ବେକରେ ଧୋତି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ୱାର୍ଡର ଜଣକ ହେଲେ ନୟାଗଡ଼ ଜେଲରେ କାର୍ଯ୍ୟରତ ସାରଥୀ ପ୍ରଧାନ। ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପାରିବାରିକ କଳହ ପାଇଁ ସାରଥୀ ଆତ୍ମହତ୍ୟା କରିଥିବା ଥାନା ଅଧିକାରୀ ପି.ଶ୍ୟାମ ସୁନ୍ଦର କହିଛନ୍ତି।

ତାଙ୍କ ସୂଚନାନୁସାରେ, ସାରଥୀ ୨ବର୍ଷ ହେବ ଝାରପଡା ଜେଲ୍‌ରୁ ନୟାଗଡ଼ ଜେଲ୍‌କୁ ବଦଳି ହୋଇଯାଇଥିଲେ ମଧ୍ୟ ଏଠାରେ ପୂର୍ବରୁ ଥିବା କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ଗତ କିଛିମାସ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ସବୁବେଳେ ଝଗଡ଼ା ହେଉଥିଲା। ଗୁରୁବାର ସାରଥୀ ଛୁଟି ନେଇ ଘରକୁ ଆସିଥିବା ବେଳେ ରାତି ୯ଟାରେ ପୁଣି ସ୍ତ୍ରୀଙ୍କ ସହ ଭୀଷଣ ଝଗଡ଼ା ହୋଇଥିଲା। ସ୍ତ୍ରୀ ଓ ପିଲାମାନେ ଗୋଟିଏ ରୁମ୍‌ରେ ଏବଂ ଅନ୍ୟ ରୁମ୍‌ରେ ସାରଥୀ ଶୋଇଥିଲେ। ପରିବାର ଲୋକ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ଅନ୍ୟ ଏକ ରୁମ୍‌ରେ ସାରଥି ଶୋଇଥିଲେ। ଶୁକ୍ରବାର ସକାଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସାରଥୀ ଶୋଇ ରହିଥିବା ଦେଖିବ ପୁଅ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରିବାର ଲୋକେ ସନ୍ଦେହ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଲା ତାଡ଼ି କବାଟ ଖୋଲିବା ପରେ ସାରଥୀଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବଡ଼ କଥା ହେଲା ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ହଠାତ୍ ତାଙ୍କ ଫଟୋକୁ ସୋସିଆଲ ମିଡିଆ ଆକାଉଣ୍ଟରେ ଷ୍ଟାଟସ୍ ରଖିବାକୁ ନେଇ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ସାରଥୀଙ୍କ ଭାଇ ଏବଂ ସମ୍ପର୍କୀୟମାନେ ପ୍ରଶ୍ନ ଉଠାଇଛନ୍ତି। ସାରଥୀଙ୍କ ମୃତ୍ୟୁର ଠିକ୍ ତଦନ୍ତ କରାଗଲେ ସତ ପଦାକୁ ଆସିବ ବୋଲି ସେମାନେ ଦାବି କରିଛନ୍ତି।

## ମୃତ୍ୟୁ ପଛରେ କ୍ୱାର୍ଟର୍ସ ବିବାଦ, ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ଜେଲ୍ ଅଧିକାରୀଙ୍କ ସରକାରୀ କ୍ୱାର୍ଟର୍ସକୁ ନେଇ ଏବେ ବିବାଦ ଉପୁଜିଛି। ବହୁ ୱାର୍ଡର ଏବଂ ଜେଲ କର୍ମଚାରୀ ଝାରପଡା ଜେଲ୍‌ରୁ ବଦଳି ହୋଇ ଅନ୍ୟ ଜେଲରେ କାର୍ଯ୍ୟ କରୁଥିଲେ ମଧ୍ୟ ଏଠାରୁ କ୍ୱାର୍ଟର୍ସ ଛାଡୁନାହାନ୍ତି। ଏନେଇ ମଧ୍ୟ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ କରାଯାଇଛି। ସାରଥୀ ଆତ୍ମହତ୍ୟା ପରେ ଏଭଳି ବିବାଦକୁ ନେଇ ମଧ୍ୟ ନାନା ଆଲୋଚନା ଚାଲିଛି। ଏହି ମୃତ୍ୟୁ ପଛରେ କ୍ୱାର୍ଟର୍ସ ବିବାଦ ସହ ଅନେକ ଲୋକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ସାରଥୀଙ୍କ ପରିବାର ଭୁବନେଶ୍ୱରରେ ରହୁଥିବା ବେଳେ ସେ ନୟାଗଡ଼ରେ କାର୍ଯ୍ୟ କରୁଥିଲେ। ଏଠାରୁ କ୍ୱାର୍ଟର୍ସ ଛାଡ଼ିବାକୁ କିଏ ବାରଣ କରିଥିଲେ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସାରଥୀଙ୍କ ଆତ୍ମହତ୍ୟା ପଛରେ ତାଙ୍କ ପରିବାର ସହ ନିବିଡ଼ ସମ୍ପର୍କ ରଖିଥିବା ବଡ଼ ଅଫିସରଙ୍କ ହାତ ଥିବା ମଧ୍ୟ ଚର୍ଚ୍ଚା ହେଉଛି।

# କୋର୍ଟ ପରିସରରୁ ବିଚାରାଧୀନ ବନ୍ଦୀ ଚମ୍ପଟ

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)

ପୋଲିସ ହେପାଜତରୁ ଖସିଗଲେ ଜଣେ ବଳାତ୍କାର ଅଭିଯୁକ୍ତ। ଏକ ବଳାତ୍କାର ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀ ଶୁକ୍ରବାର ପୋଲିସକୁ ଚକ୍‌ମା ଦେଇ ଏସ୍‌ସିଏସ୍‌ଟି କୋର୍ଟ ପରିସରରୁ ଚମ୍ପଟ ମାରିଛନ୍ତି। ଫେରାର ଅଭିଯୁକ୍ତ ହେଉଛନ୍ତି ସିଂଲା ଥାନା ଅଧୀନ ଗୋପୀନାଥପୁର ଅଞ୍ଚଳର ସେକ୍ ଇସ୍ତେଖାର।

ସୂଚନା ଅନୁସାରେ, ୨୦୨୫ ଏପ୍ରିଲ ୯ରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ଇସ୍ତେଖାର ବଳାତ୍କାର କରିଥିବା ନେଇ କଷାଫଳ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୩୧/୨୫) ରୁଜୁ କରି ଅଭିଯୁକ୍ତ ସେକ ଇସ୍ତେଖାରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମାମଲାଟି ଏସ୍‌ସିଏସ୍‌ଟି କୋର୍ଟରେ ବିଚାରାଧୀନ ଥିଲା। ସେବେଠାରୁ ସେ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ପ୍ରତି ତାରିଖ ଅନୁସାରେ ସେ କୋର୍ଟରେ ହାଜର ହୋଇ ପୁଣି ଜେଲକୁ ଫେରିଯାଆନ୍ତି। ଶୁକ୍ରବାର ତାରିଖ ରହିଥିବା ବେଳେ ସେ କୋର୍ଟରେ ପୋଲିସ ଏସ୍କର୍ଟ ସହ ହାଜର ହୋଇଥିଲେ। ପୋଲିସ ଏସ୍କର୍ଟ ଜଣକ ତାଙ୍କ ହାତରେ ହ୍ୟାଣ୍ଡକଫ୍ ପକାଇ ନ ଥିଲେ। ତାଙ୍କ ଓକିଲଙ୍କ ପକ୍ଷରୁ ବେଲ୍ ପାଇଁ ଆବେଦନ କରାଯାଇଥିଲା। କୋର୍ଟରେ ଗହଳି ଥିବା ଏବଂ ଏସ୍କର୍ଟରେ ଆଣିଥିବା ପୋଲିସ କର୍ମଚାରୀଙ୍କ ଅସାବଧାନତାର ସୁଯୋଗ ନେଇ ସେ କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ। ସେ ଫେରାର ହୋଇଯିବା ପରେ ପୋଲିସର ଟେନ୍‌ସନ ବଢ଼ିଯାଇଛି। ୮ଜଣିଆ ଏକ ପୋଲିସ ଟିମ୍ ଗଠନ କରାଯାଇ ଛାନଭିନ୍ ଆରମ୍ଭ ହୋଇଛି। ଅନ୍ୟପଟେ ଏସ୍କର୍ଟରେ ଆଣିଥିବା ପୋଲିସ କର୍ମଚାରୀଙ୍କ ପାଇଁ ଅଡୁଆ ବଢ଼ିଯାଇଛି। କୋର୍ଟ ପରିସରରେ ପୋଲିସର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଗଠନ ହେଲା ୮ଜଣିଆ ପୋଲିସ ଟିମ୍

# ହୋଟେଲ ବ୍ୟବସାୟକୁ କେନ୍ଦ୍ରକରି ଭୁଜାଲି ମାଡ଼, ୧ ଗୁରୁତର

ବିଞ୍ଝାରପୁର,୬।୩(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ବଜାରରେ ହୋଟେଲ ବ୍ୟବସାୟକୁ କେନ୍ଦ୍ରକରି ଶୁକ୍ରବାର ସନ୍ଧ୍ୟାରେ ବଚସା ଓ ପରେ ଭୁଜାଲି ମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହିଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି।

ମିଳିଥିବା ସୂଚନା ମୁତାବକ, ବାଲମୁକୁଳି ବଜାରରେ ମା' ଚଣ୍ଡୀ ହୋଟେଲର ମାଲିକ କୁନା ସାହୁ ହୋଇଥିଲାବେଳେ ମା'ହୋଟେଲର ମାଲିକ ହେଉଛନ୍ତି ଅକ୍ଷୟ ଦାସ। ଏହି ଦୁଇ ହୋଟେଲ ବ୍ୟବସାୟୀଙ୍କ ମଧ୍ୟରେ ବ୍ୟବସାୟମୂଳକ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ମା'ଚଣ୍ଡୀ ହୋଟେଲର ମାଲିକ ଉତ୍‌କ୍ଷିପ୍ତ ହୋଇ ମା'ହୋଟେଲ ମାଲିକ ଅକ୍ଷୟଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗିଥିଲା। ସେ ଗୁରୁତର ହୋଇ ପଡ଼ିଥିଲେ। ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠାରେ ପହଞ୍ଚି ଗୁରୁତର ଅକ୍ଷୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନାଙ୍କୁ କାବୁ କରି ଥାନାକୁ ନେଇଥିଲେ। ଅକ୍ଷୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ବାଲମୁକୁଳି ବଜାରରେ ଉତ୍ତେଜନା ଲାଗିରହିଛି। ପୋଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଥାନାର କୌଣସି ଅଭିଯୋଗ ହୋଇନାହିଁ।

# ୫ ନାବାଳକ ଅଟକ, ୨ ଗିରଫ

### ସୁରଜ ବେହେରା ହତ୍ୟା ଘଟଣା

ବାଲେଶ୍ୱର,୬।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)



ପୋଲିସର ଖବରଦାତା ସମ୍ମିଳନୀ।

ବାଲେଶ୍ୱର ପୌରପାଳିକା ଅଧୀନ ବାରବାଟୀ ଅଞ୍ଚଳର ସୁରଜ ବେହେରାଙ୍କ ହତ୍ୟା ଘଟଣାରେ ଟାଉନ ପୋଲିସ ୫ ନାବାଳକଙ୍କୁ ଅଟକ ରଖିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଆକତପୁରର ଛୋଟୁ ଓରଫ କ୍ଷିତୀଶ କୁମାର ଦାସ (୨୩) ଏବଂ ସଦର ଥାନା ଜୟଦେବକସବା ଗ୍ରାମର ସଚିନ ଗୋଛାୟତ (୨୨)। ଟାଉନ ଥାନାରେ ଏକ ମାମଲା (ନଂ.୯୫/୨୬) ରୁଜୁହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ କହିଥିଲେ।

ସୂଚନା ଅନୁଯାୟୀ, ବୁଧବାର ହୋଲି ଉତ୍ସବରେ ବାଲେଶ୍ୱର ପୌରପାଳିକାର ଆକତପୁର ଛକରେ ସୁରଜ ବେହେରା(୨୭) ତାଙ୍କ ସାଙ୍ଗମାନଙ୍କ ସହିତ ରଙ୍ଗ ଖେଳୁଥିଲେ। ମଧ୍ୟାହ୍ନ ୧୨ଟା ୩୦ ସମୟରେ ଅଭିଯୁକ୍ତ କ୍ଷିତୀଶ ଓ ସଚିନଙ୍କ ସମେତ ଅନ୍ୟ ୫ ନାବାଳକ ବାଇକ୍‌ରେ ଆକତପୁର ଛକ ଦେଇ ଯାଉଥିଲେ। ସୁରଜ ଓ ତାଙ୍କ ସାଙ୍ଗ ରଙ୍ଗ ଖେଳୁ ଥିବାର ଦେଖି ହୋହାଲ୍ଲା କରିଥିଲେ। ସୁରଜ ପ୍ରତିବାଦ କରିବାରୁ ଅଭିଯୁକ୍ତଙ୍କ ସହିତ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତମାନେ ସୁରଜଙ୍କୁ ମରଣାନ୍ତକ ଆକ୍ରମଣକରି ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ ସୁରଜ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଓ ସାଙ୍ଗ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପୂର୍ବାହ୍ନରେ ସୁରଜଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଛୋଟୁ ଓରଫ କ୍ଷିତୀଶ ଜଣେ ଅପରାଧୀ ମାନସିକତାର ବୋଲି ଡିଏସ୍‌ପି ଗୋଛାୟତ କହିଛନ୍ତି। ନାବାଳକଙ୍କୁ କୋର୍ଟରେ ହାଜର କରାଯାଇଥିବା ଡିଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ବିଜୟ ଦାସ ଉପସ୍ଥିତ ଥିଲେ।

# ତାମିଲନାଡୁକୁ ଚାଲାଣ ବେଳେ ଗଞ୍ଜେଇ ଜବତ, ୪ ଗିରଫ

ଭଦ୍ରକ, ୬।୩(ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ଶୁକ୍ରବାର ଅପରାହ୍ନରେ ଚରମ୍ପା ରେଳ ଷ୍ଟେଶନରୋଡ୍‌ରୁ ୨୪ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ମହିଳା ଓ ଜଣେ ଯୁବକ ମୋଟ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ତିହିଡ଼ି ଅଞ୍ଚଳର ଚନ୍ଦ୍ରକାନ୍ତ ମଲିକ, ଗଞ୍ଜାମ ଜିଲା ଖଲ୍ଲିକୋଟର ରଜନୀ ବିଶୋଇ, ଯାଜପୁର ଜିଲା ଜେନାପୁରର ଝିଲ୍ଲି ମଲ୍ଲିକ ଓ କଟକ ମାହାଙ୍ଗାର ଲିଲି ମଲିକ। ସୂଚନା ଅନୁଯାୟୀ, ତାମିଲନାଡୁକୁ ଗଞ୍ଜେଇ ଚାଲାଣ କରିବା ପାଇଁ ୪ଜଣ ତିହିଡ଼ି ବ୍ଲକ ନନ୍ଦପୁର ଅଞ୍ଚଳରୁ ଚରମ୍ପା ରେଳ ଷ୍ଟେଶନକୁ ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଟାଉନ ପୋଲିସର ଏକ ଟିମ୍ ଷ୍ଟେଶନ ରୋଡ୍‌ରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବା ପରେ ୩ଟି ଟ୍ରଲି ବ୍ୟାଗ୍‌ରୁ ଗଞ୍ଜେଇ ବାହାରିଥିଲା। ଏଥିସହ ସେମାନଙ୍କଠାରୁ ୪ ମୋବାଇଲ ଓ ନଗଦ ୨ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୬୮/୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

## Business

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ନାରୀତ୍ୱର ଉତ୍ସବ

KHIMJI
JEWELLERS SINCE 1936

### ସ୍ୱତନ୍ତ୍ର ହୀରା ଅଫର ଘୋଷଣା

ଭୁବନେଶ୍ୱର, ୬।୩ (ଅନୁରାଧା ମହାରଣା)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ୩ ଦିନିଆ ଅଭିଯାନ ଘୋଷଣା କରାଯାଇଛି, ଯେଉଁଥିରେ ଏହାର ଚମତ୍କାର ପ୍ରାକୃତିକ ହୀରା ସଂଗ୍ରହ ଉପରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାର୍ଚ୍ଚ ୮ ପର୍ଯ୍ୟନ୍ତ ସମସ୍ତ ଖିମ୍‌ଜୀ ଜୁଏଲର୍ସ ଷ୍ଟୋରରେ ଉପଲବ୍ଧ ହେବ। ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ଖିମ୍‌ଜୀ ଜୁଏଲର୍ସ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୧୦୦% ରିହାତି ପ୍ରଦାନ କରୁଛି। ଆକର୍ଷଣୀୟ ହୀରା ନେକ୍‌ଲେସ୍ ଏବଂ ଆଧୁନିକ ମୁଦିଠାରୁ ଆରମ୍ଭକରି ସୂକ୍ଷ୍ମ ପେଣ୍ଡେଣ୍ଟ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଳାସପୂର୍ଣ୍ଣ ଗହଣା ପର୍ଯ୍ୟନ୍ତ ଏହି ସଂଗ୍ରହକୁ ସୂକ୍ଷ୍ମ ଅଳଙ୍କାରର ଚିରନ୍ତନ ଆକର୍ଷଣ ବଜାୟ ରଖିବା ସହ ଆଧୁନିକ ଜୀବନଶୈଳୀକୁ ସୁହାଇବା ଭଳି ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ଷ୍ଟୋରଗୁଡ଼ିକରେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ, ସେଲିବ୍ରେଶନ ଏବଂ ଗ୍ରାହକମାନଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଖିମ୍‌ଜୀ ଜୁଏଲର୍ସରେ ଆମେ ବିଶ୍ୱାସକରୁ ଯେ ପ୍ରତ୍ୟେକ ମହିଳା ଏକ ପ୍ରାକୃତିକ ହୀରା ପରି ବିରଳ ଏବଂ ଦୀପ୍ତିମାନ। ଏହି ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ଆମେ ମହିଳାମାନଙ୍କର ଶକ୍ତି, ଗରିମା ଏବଂ ସଫଳତାକୁ ସମ୍ମାନ ଜଣାଇବାକୁ ଚାହୁଁଥିବାବେଳେ ସେମାନଙ୍କୁ ଏପରି ଅଳଙ୍କାର ପ୍ରଦାନ କରୁଛୁ ଯାହା ସେମାନଙ୍କ ପ୍ରତିଭାକୁ ପ୍ରତିଫଳିତ କରିବ। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ଯାଜପୁର ରୋଡ୍ ଓ ଅନ୍ୟାନ୍ୟ ସହରରେ ଏହି ୩ଦିନିଆ ଉତ୍ସବ ଜାରିରହିଛି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର 'ଆର୍ଟିଷ୍ଟ୍ରି ଶୋ'



ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

### ୩୦% ପର୍ଯ୍ୟନ୍ତ ରିହାତି

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ହୋଇଛି। ଶୁକ୍ରବାର ସ୍ଥିତ ଷ୍ଟୋରରେ ଉଦ୍ୟୋଗୀ ଲୋପାମୁଦ୍ରା ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ମାର୍ଚ୍ଚ ୯ ପର୍ଯ୍ୟନ୍ତ ଏହି ଶୋ' ଚାଲିବ। ପାରମ୍ପରିକ ଏବଂ ଆଧୁନିକ ଶୈଳୀର ହସ୍ତକଳାଯୁକ୍ତ ସ୍ୱତନ୍ତ୍ର ଗହଣା ଉପଲବ୍ଧ କରାଯାଇଛି। ଏହି ଅବସରରେ ପ୍ରଦର୍ଶିତ ହୋଇଥିବା ପ୍ରତ୍ୟେକଟି ଗହଣାରେ ଭାରତୀୟ କଳାର ଝଲକ ଦେଖିବାକୁ ମିଳୁଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ୍ ଡାଇମଣ୍ଡ ଜୁଏଲେରି, ଏଥ୍‌ନିକ୍ସ ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରି, ଏରା ଅନ୍‌କଟ୍ ଡାଇମଣ୍ଡସ୍, ପ୍ରସିଆ ଜେମ୍‌ଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଆଦି ରହିଛି। ଏହି ଅଭିଯାନ ଅଧୀନରେ ସୁନା ଓ ଷ୍ଟଡେଡ୍ ଉତ୍ପାଦର ଗଢ଼ା ମଜୁରି ଉପରେ ଗ୍ରାହକ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମଦ କହିଛନ୍ତି, ଭୁବନେଶ୍ୱର ଶୋ'ରୁମ୍‌ରେ ଆର୍ଟିଷ୍ଟ୍ରି ଶୋ' ମାଧ୍ୟମରେ ଗ୍ରାହକଙ୍କୁ ଚାହିଦା ମୁତାବକ ଶୁଦ୍ଧ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ଗହଣା ଉଚିତ ଦାମରେ ଯୋଗାଇଦେବା ଲକ୍ଷ୍ୟ ରହିଛି।

# ଡାଇକିନ୍ ଇଣ୍ଡିଆ ଆଣିଲା ନୂଆ ଏସି ରେଞ୍ଜ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)


କନ୍‌ୱଲଜିତ୍ ଜାୱା

ଡାଇକିନ୍ ଏୟାରକଣ୍ଡିଶନିଂ ଇଣ୍ଡିଆ ଶୁକ୍ରବାର ଏହାର୨୦୨୬ ଉତ୍ପାଦ ଲଞ୍ଚ କରିଛି। ଏହି ନୂଆ ରେଞ୍ଜରେ ବିଇଇ ୨୦୨୬ ଷ୍ଟାର୍ ରେଟିଂ ମାନଦଣ୍ଡ ଅନୁସାରେ ସମ୍ପୂର୍ଣ୍ଣ ନବୀକରଣ ହୋଇଥିବା ରୁମ୍ ଏୟାର କଣ୍ଡିଶନର ସିରିଜ ଏବଂ ଏଆଇ ଓ ଆଇଓଟି ସମ୍ଭାବନା ସହ ପେଟେଣ୍ଟଯୁକ୍ତ ଭିଆର୍‌ଭି ଟେକ୍ନୋଲୋଜିରେ ନିର୍ମିତ ଭିଆର୍‌ଭି ଆଲ୍‌ଫା ସିରିଜ ରହିଛି। ନୂଆ ରୁମ୍ ଏସିଗୁଡ଼ିକ ବିଶେଷକରି ୫-ଷ୍ଟାର୍ ଇନ୍‌ଭର୍ଟର ମଡେଲଗୁଡ଼ିକରେ ଅଧିକ ଶକ୍ତି ଦକ୍ଷତା, ଷ୍ଟ୍ରିମର ଡିସ୍‌ଚାର୍ଜ, ସ୍ୱିଙ୍ଗ କମ୍ପ୍ରେସର, ସ୍ମାର୍ଟ ଆଇଓଟି ସଂଯୋଗ ଓ ୫୪ଓସେଲସିୟସ ପର୍ଯ୍ୟନ୍ତ ଉଚ୍ଚ ତାପମାତ୍ରାରେ ବିଶ୍ୱସନୀୟ ଶୀତଳୀକରଣ ପ୍ରଦାନ କରୁଛି। ଭିଆର୍‌ଭି ଆଲ୍ଫା ସିରିଜ ଏଆଇ ଆଧାରିତ ନିୟନ୍ତ୍ରଣ ସହ ବ୍ୟବସାୟିକ ଓ ଉଚ୍ଚଶ୍ରେଣୀର ଆବାସିକ କ୍ଷେତ୍ରରେ ଶକ୍ତି ଦକ୍ଷତା ଓ ଆରାମକୁ ସର୍ବୋତ୍ତମ କରୁଛି। ଡାଇକିନ୍ ଇଣ୍ଡିଆର ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର କନ୍‌ୱଲଜିତ୍ ଜାୱା କହିଛନ୍ତି, ୬୦ରୁ ଅଧିକ ମଡେଲଯୁକ୍ତ ଏହି ରେଞ୍ଜ ଜାପାନୀ ଉଦ୍ଭାବନକୁ ଭାରତୀୟ ଆବଶ୍ୟକତା ଅନୁଯାୟୀ ଅନୁକୂଳକରି ଗ୍ରାହକଙ୍କୁ ଅତ୍ୟାଧୁନିକ, ବିଶ୍ୱସନୀୟ ଓ ପରିବେଶ ଅନୁକୂଳ ସମାଧାନ ପ୍ରଦାନ କରୁଛି। ଏପ୍ରିଲ ୨୦୨୬ରୁ କଞ୍ଚାମାଲ ଓ ସପ୍ଲାଇ ଚେନ୍ ଖର୍ଚ୍ଚ ବୃଦ୍ଧି ଯୋଗୁ ସମସ୍ତ ଉତ୍ପାଦରେ ୭ରୁ ୧୨% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରାଯିବ।

# ଜାନ୍‌ଭି ଶୋ'ରୁମ୍‌ରେ ନୂଆ ନିଶାନ ଗ୍ରାଭାଇଟ୍ ଲଞ୍ଚ

ଭୁବନେଶ୍ୱର/ ଫୁଲନଖରା, ୬।୩
(ଅନୁରାଧା ମହାରଣା/ ସତ୍ୟରଞ୍ଜନ ଦାଶମହାପାତ୍ର)




ନିଶାନ ମୋଟର ଇଣ୍ଡିଆ ପକ୍ଷରୁ ନୂଆ ନିଶାନ ଗ୍ରାଭାଇଟ୍ କାର୍‌ର ଅନାବରଣ କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୫.୬୫ଲକ୍ଷ ରହିଥିବାବେଳେ ନିଶାନର ସ୍ୱତନ୍ତ୍ର 'ସି' ଡିଜାଇନ ସହ ଏହାକୁ ଏକ ବୋଲ୍ଡ ଓ ଆକର୍ଷଣୀୟ ଲୁକ୍ ଦିଆଯାଇଛି। ଏହି କାର୍‌ରେ ୨ ରୁ ୭ ଜଣ ପର୍ଯ୍ୟନ୍ତ ବସିବା ସୁବିଧା ରହିଛି। ଏଥିରେ ୩୦ରୁ ଅଧିକ ଷ୍ଟାଣ୍ଡାର୍ଡ ସେଫ୍ଟି ଫିଚର ରହିଛି, ଯେଉଁଥିରେ ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି କଣ୍ଟ୍ରୋଲ ଓ ହିଲ୍ ଷ୍ଟାର୍ଟ ଆସିଷ୍ଟ ଭଳି ସୁବିଧା ଅନ୍ତର୍ଭୁକ୍ତ ରହିଛି। କାର୍‌ଟି ଫରେଷ୍ଟ ଗ୍ରୀନ୍, ଅନିକ୍ସ ବ୍ଲାକ୍, ବ୍ଲେଡ୍ ସିଲ୍‌ଭର, ଷ୍ଟର୍ମ ଷ୍ଟ୍ରାଇଟ ଓ ମେଟାଲିକ୍ ଗ୍ରେ ରଙ୍ଗରେ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାହାଳ ଗ୍ରାମ୍ୟ ବଜାର ସଭାପତି ପ୍ରଦ୍ୟୁମ୍ନଭ ପଟ୍ଟନାୟକ ଓ ଅନ୍ୟତମ ଅତିଥି ରୂପେ ଯୋଗଥିଲେ ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଡିଜିଏମ୍ ପ୍ରଶାନ୍ତ ଭଟନାଗର, ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଇଷ୍ଟ ଜୋନ୍ ରିଜିଓନାଲ ହେଡ୍ ଯୁବରାଜ ପାଟିଲ. ଜାନ୍‌ଭି ନିଶାନ ତଥା ଜାନଭି ଅଟୋ ମୋବାଇଲ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଜୟସ୍ୱାଲ ଏବଂ ଜାନ୍‌ଭି ନିଶାନ ଅଟୋ ମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସେଲ୍‌ସ ଆଣ୍ଡ ଅପରେଶନ ଜିଏମ୍ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଟାଙ୍ଗୀରେ ଓମ୍‌ଫେଡ୍‌ର ଦୁଗ୍ଧ କାରଖାନା ଉଦ୍‌ଘାଟିତ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଖୋର୍ଦ୍ଧା ଜିଲା ଟାଙ୍ଗୀ ଅନ୍ତର୍ଗତ ଚଣ୍ଡେଶ୍ୱରଠାରେ ଓମ୍‌ଫେଡ୍‌ର ୩୦ ହଜାର ଲିଟର ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାର ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧା ଜିଲାବାସୀଙ୍କ ଆର୍ଥିକ ବିକାଶରେ ଏହି କାରଖାନା ବେଶ୍ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ନୂତନ ଭାବେ ଅନୁବନ୍ଧିତ କିଛି ସମବାୟ ସମିତିକୁ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମଇଁଷି ଉଦ୍ୟୋଗୀ ବିକାଶ ଯୋଜନା ଓ ଘାସ ଉଦ୍ୟୋଗୀ ବିକାଶ ଯୋଜନାରେ ଚାଷୀମାନଙ୍କୁ ସବ୍‌ସିଡି ଅର୍ଥ ମଧ୍ୟ ଶାହା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ଗ୍ରାମରେ ପତଞ୍ଜଳିର ଯୋଗ ଶିବିର



ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର 'ଆଦିବାସୀ ଆଦି ଗ୍ରାମ' ପ୍ରକଳ୍ପ ଅନ୍ତର୍ଗତ ଉତ୍ତରାଖଣ୍ଡର ୬୪ଟି ଗ୍ରାମରେ ଆଦିବାସୀ ସମୁଦାୟର ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବନ ଏବଂ ସାମାଜିକ ସଶକ୍ତୀକରଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପତଞ୍ଜଳିଦିବ୍ୟ ଯୋଗ ମନ୍ଦିର ଟ୍ରଷ୍ଟ, ହରିଦ୍ୱାର ଦ୍ୱାରା କରାଯାଉଛି। ଏହି ଶୃଙ୍ଖଳାରେ ମହିଳା ପତଞ୍ଜଳି ଯୋଗ ସମିତିର ସହଯୋଗରେ ଗ୍ରାମ ବନାସଖେଡ଼ାରେ ଏକ ନିଃଶୁଳ୍କ ଯୋଗ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ସ୍ଥାନୀୟ ଆଦିବାସୀ ସମୁଦାୟର ଲୋକ ବିଶେଷକରି ମହିଳା, ଯୁବକ ଏବଂ ବରିଷ୍ଠ ନାଗରିକମାନେ ଉତ୍ସାହର ସହ ଭାଗ ନେଇଥିଲେ। ଯୋଗ ଶିବିରରେ ପ୍ରତିଭାଗୀମାନଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ, ଧ୍ୟାନ ଏବଂ ପ୍ରାକୃତିକ ସ୍ୱାସ୍ଥ୍ୟ ପଦ୍ଧତିର ଅଭ୍ୟାସ କରାଯାଇଥିଲା ଏବଂ ସ୍ୱାସ୍ଥ୍ୟକର ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣେଇବା ପାଇଁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ଯୋଗ ଭାରତର ପ୍ରାଚୀନ ଏବଂ ଦିବ୍ୟଜୀବନ ପଦ୍ଧତି, ଯାହା ବ୍ୟକ୍ତିକୁ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ରୂପରେ ସଶକ୍ତ କରେ। ଆଚାର୍ଯ୍ୟ ବାଲକ୍ରିଷ୍ଣା ମହାରାଜ କହିଛନ୍ତି, ଆଦିବାସୀ ସମାଜ ଆମର ସମୃଦ୍ଧ ସାଂସ୍କୃତିକ ବିରାସତର ମହତ୍ତ୍ୱପୂର୍ଣ୍ଣ ଆଧାର। ଗ୍ରାମ ବନାସଖେଡ଼ାରେ ଆୟୋଜିତ ଏହି ଯୋଗ ଶିବିର ଆଦିବାସୀ ସମାଜରେ ସକାରାତ୍ମକ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀର ପ୍ରସାର ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

# Classified Everyday

0674-2580101, 9692975378



## REAL ESTATE SALE

PlotsaleAIIMS Hospital, Bhubaneswar, Duplex near Retang Station. 9777433701. D-24

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

ପାହାଲ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540




Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544




Newly opening full body massage best therapist. Contact- 7608935949. D-3504

All types of physiotherapy and massage contact 9556924059 / 7656969134. D-3523

## AFFIDAVIT

I, Iswara Chandra Sahoo, aged about 59 years, S/o.- Late Indramani Sahoo, resident of Sailojharapada, Govindpur, Cuttack, Odisha, PIN- 754003 do hereby declare by this affidavit No. 202 dtd. 05.03.2026 that now onwards I shall be known as ISWAR CHANDRA SAHOO for all future purposes. D-3555

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 390, dtd. 5.3.26

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦିପ କୁମାର ନାୟକ, ଆଇ.ଏ.ଏସ୍.)ଙ୍କ ଅଦାଲତ ନଂ୪ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର୨୦୩/୨୦୧୫

ନୋଟିସ

୧. ଅନିଲ କୁମାର ସ୍ୱାଇଁ, ୨. କଳ୍ପନାରାଣୀ ସ୍ୱାଇଁ, ୩. ରଚନା ନାୟକ, ୪. ସ୍ୱପ୍ନାରାଣୀ ସ୍ୱାଇଁ, ଏ ସମସ୍ତଙ୍କ ମାତା- ବାସନ୍ତିଲତା ସ୍ୱାଇଁ, ମୃତ୍ୟୁ ଓ ପିତା- ଅକୃର ସ୍ୱାଇଁ- ମୃତ, ସା-ଏଣ୍ଡରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା .... ବାଦୀମାନେ

ବନାମ

ଯୋଗୀ ହରିଚନ୍ଦନ ଓଗେର .... ପ୍ରତିବାଦୀମାନେ

(ଅର୍ଡର ୫, ରୁଲ୍ ସି.ପି.ସି. -୨୦ ମୁତାବକ)

ପ୍ରାପ୍ତେଷୁ:

ପ୍ରତିବାଦୀ ନଂ ୧ମ୍ବର: ଯୋଗୀ ହରିଚନ୍ଦନ, ପିତା- ବୀରବର ହରିଚନ୍ଦନ, ୨: ନାଗା ହରିଚନ୍ଦନ, ମୃତ (କ) ରାଣୀ ବେଓ୍ୱା (ସ୍ତ୍ରୀ), ୩: ଝରୀ ହରିଚନ୍ଦନ, ୨ ଓ ୩ ମାନଙ୍କର ପିତା- ନାଥ ହରିଚନ୍ଦନ, ୪: ଗୋଲେଖ ବିହାରି ହରିଚନ୍ଦନ, ମୃତ (କ) ରାଜ କିଶୋର ହରିଚନ୍ଦନ, (ଖ) ଦୁଷ୍ମନ୍ତ ହରିଚନ୍ଦନ (ପୁତ୍ରମାନେ)(ଗ) ଖୁଲଣା ବଳିଆରସିଂହ, (ଘ) ମମତା ସାମନ୍ତରାୟ, (ଙ) ମଞ୍ଜୁଲତା ପ୍ରଧାନ, (ଚ) କୁନିବାଳା ସାମନ୍ତରାୟ, (କନ୍ୟାମାନେ), ୫: ବ୍ରଜ ବିହାରି ହରିଚନ୍ଦନ, ପିତା- କ୍ଷେତ୍ରବାସୀ ହରିଚନ୍ଦନ, ୬: ମହେନ୍ଦ୍ରନାଥ ହରିଚନ୍ଦନ, ୭: ଭାସ୍କର ହରିଚନ୍ଦନ, କ୍ରମିକ ନଂ୬ମ୍ବର ଓ ନଂ୭ମ୍ବରଙ୍କ ପିତା- କୈଳାସ ହରିଚନ୍ଦନ, ୮: ଦେବରାଜ ହରିଚନ୍ଦନ, ମୃତ (କ) ପ୍ରମୋଦ କୁମାର ହରିଚନ୍ଦନ, (ଖ) ଖିରୋଦ କୁମାର ହରିଚନ୍ଦନ ପୁତ୍ରମାନେ, ୯: ବିଷ୍ଣୁ ହରିଚନ୍ଦନ, ୧୦: ନବ ହରିଚନ୍ଦନ, ୧୧: ରାଜ ହରିଚନ୍ଦନ, କ୍ରମିକ ନମ୍ବର ୮ରୁ ୧୧ ମାନଙ୍କର ପିତା- ଅଧିକାରୀ ହରିଚନ୍ଦନ, ୧୨: ହାଡ଼ିବନ୍ଧୁ ହରିଚନ୍ଦନ, ମୃତ (କ) ଦିଲିପ କୁମାର ହରିଚନ୍ଦନ, ପିତା-ପ୍ରହଲ୍ଲାଦ, ହରିଚନ୍ଦନ (ନାତି), (ଖ) ହରଷମଣୀ ହରିଚନ୍ଦନ, ସ୍ୱାମୀ- ସ୍ୱର୍ଗତ ପ୍ରହଲ୍ଲାଦ ହରିଚନ୍ଦନ (ପୁତ୍ର ବଧୂ), (ଗ) ଶ୍ରୀ ଉର୍ମିଳା ହରିଚନ୍ଦନ, ସ୍ୱାମୀ- ସ୍ୱର୍ଗତ ହୁଲ୍ଲାସ ହରିଚନ୍ଦନ (ପୁତ୍ର ବଧୂ), (ଘ) ପ୍ରକାଶ ଚନ୍ଦ୍ର ହରିଚନ୍ଦନ, (ଙ) ସନ୍ତୋଷ କୁମାର ହରିଚନ୍ଦନ, (ଚ) ପ୍ରତାପ ଚନ୍ଦ୍ର ହରିଚନ୍ଦନ, (ଛ) ଝୁନୁଲତା ହରିଚନ୍ଦନ, (ଜ) କିଷ୍ଟା କୁମାରୀ ହରିଚନ୍ଦନ, ପ୍ରତିବାଦୀ ନମ୍ବର-୧୨ (ଘ)ରୁ ୧୨(ଜ) ପର୍ଯ୍ୟନ୍ତ ସମସ୍ତଙ୍କର ପିତା- ସ୍ୱର୍ଗତ ହୁଲ୍ଲାସ ହରିଚନ୍ଦନ (ନାତି ଓ ନାତୁଣୀମାନେ), ୧୩: ପଠାଣି ହରିଚନ୍ଦନ, ୧୪: ସାହାବାଣୀ ହରିଚନ୍ଦନ, କ୍ରମିକ ନମ୍ବର ୧୩ ଓ ୧୪ଙ୍କର, ପିତା-ଅଇଁଠୁ ହରିଚନ୍ଦନ, ୧୫: ରତ୍ନାକର ବଳିଆରସିଂ, ପିତା-ଦିନବନ୍ଧୁ ବଳିଆରସିଂ, କ୍ରମିକ ନମ୍ବର ୧ରୁ ୧୫ମାନଙ୍କ ବା/ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୧୬: ଶ୍ରୀଧର ସାହୁ, ପିତା-ଚୈତନ୍ୟ ଚରଣ ସାହୁ, ସା-ରାବଣା, ଥାନା- ତୁବୁରି, ଜିଲ୍ଲା-ଯାଜପୁର, ବର୍ତ୍ତମାନ ଠିକଣା:- ପ୍ଲଟ ନଂ୬/୩/୪୭, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶର, ଜିଲ୍ଲା-ଖୋର୍ଦ୍ଧା, ୧୭: ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା-ଚୌଧୁରୀ ତ୍ରୈଲକ୍ୟନାଥ ମିଶ୍ର, ସା- ଜେଲ ରୋଡ୍, ଦରଘାବଜାର, ଜିଲ୍ଲା-କଟକ, ୧୮: ବିଶ୍ୱନାଥ ରାଉତ, ପିତା- ଜୟରାମ ରାଉତ, ୧୯: ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ଚନ୍ଦ୍ର ପାଢ଼ୀ, ସା-ପ୍ରତାପ ନଗର, ଥାନା-କଟକ ସଦର, ଜିଲ୍ଲା-କଟକ, ୨୦: ଏସ୍ ସୌଭାଗ୍ୟମୟି, ପିତା-ସୁରେନ୍ଦ୍ରନାଥ ସେଠୀ, ସା- ବଳିପାଳ, ଥାନା-ମହାକାଳପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା, ୨୧: ପ୍ରତାପ ଚନ୍ଦ୍ର ଦାସ, ପିତା-ସୁରେନ୍ଦ୍ରନାଥ ଦାସ, ସା- ଶ୍ରୀବିହାର କଲୋନୀ, କନିକା ରାଜବାଟି, ତୁଳସୀପୁର, ଜିଲ୍ଲା-କଟକ, ୨୨: ଭଗବାନ ପ୍ରଧାନ, ପିତା- ପରସୁ ପ୍ରଧାନ, ସା-ଗୁଣ୍ଡିଚାବାଡ଼ି, ଥାନା- ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୨୩: ରମେଶ ଚନ୍ଦ୍ର ପଲ୍ଲାଇ, ପିତା- ଲକ୍ଷ୍ମୀଧର ପଲ୍ଲାଇ, ସା-ନୁଆଗାଁ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ୨୪: ମିନାକ୍ଷୀ ରାଣୀ ପ୍ରଧାନ, ସ୍ୱାମୀ- କୃଷ୍ଣଚନ୍ଦ୍ର ପ୍ରଧାନ, ସା-ସୁନାକେରା, ଥାନା- ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ୨୫: ନିରଞ୍ଜନ ସାହୁ, ପିତା- ଗୋବିନ୍ଦ୍ର ଚନ୍ଦ୍ର ସାହୁ, ସା-ଫକୀରପଡ଼ା, ଜିଲ୍ଲା- କଟକ, ୨୬: ପ୍ରଶାନ୍ତ କୁମାର ରାଉତ, ପିତା- ଶ୍ୟାମସୁନ୍ଦର ରାଉତ, ସା- ସୁଜନପୁର, ଥାନା/ଜିଲ୍ଲା- ଯାଜପୁର, ୨୭: ରେଣୁବାଳା ମହାପାତ୍ର, ସ୍ୱାମୀ-ପ୍ରଫୁଲ୍ଲ କୁମାର ମହାପାତ୍ର, ସା-ଅରେଇକଣା, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୨୮: ବସନ୍ତ କୁମାର ଦାସ, ପିତା-ଉପେନ୍ଦ୍ର କୁମାର ଦାସ, ସା- ମୁଷାଡ଼ିଆ, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ୨୯: ବିଜୟ କୁମାର ବେହେରା, ପିତା- କୃଷ୍ଣ ଚରଣ ବେହେରା, ସା- ନଳପଦା, ଥାନା- ମହାକାଳପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା, ୩୦: ପରେଶନାଥ ମହାପାତ୍ର, ପିତା-ବଳରାମ ମହାପାତ୍ର, ସା- ତେନ୍ତୋଇ, ଥାନା- ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ୩୧: ଗୋଲେଖ ବିହାରୀ ଦାସ, ପିତା- ଭଗିରଥି ଦାସ, ସା-ନନ୍ଦପୁର, ଥାନା-ତିଗିରିଆ, ଜିଲ୍ଲା-କଟକ, ୩୨: ଯାଦବ ଚନ୍ଦ୍ର ସାହୁ, ପିତା-ଅନ୍ତର୍ଯ୍ୟାମୀ ସାହୁ, ସା-ଟିଙ୍କବିର, ଥାନା-ରିଆମାଳ, ଜିଲ୍ଲା-ଦେବଗଡ଼, ୩୩: ମନୋଜ କୁମାର ଛୁଆଳସିଂହ, ପିତା-ଯୁଧିଷ୍ଠିର ଛୁଆଳସିଂହ, ସା- ସାନନୁଆଗାଁ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୩୪: ଅନୁସୂୟା ସେଠି, ସ୍ୱାମୀ-ରଣଜିତ ସେଠି, ସା-ବଡ଼ଭାତ, ଥାନା-ତିଗିରିଆ, ଜିଲ୍ଲା-କଟକ, ୩୫: ଅମତୁଲ କୟୁମ, ସ୍ୱାମୀ- ଶେଖ ଅବଦୁଲ ଓସୀମ, ସା- କରଡ଼ାପଲ୍ଲୀ, ଥାନା-ତିଗିରିଆ, ଜିଲ୍ଲା-କଟକ, ୩୬: ଅରୁନ୍ଧତି ସାମଲ, ସ୍ୱାମୀ- ରଘୁନାଥ ସାମଲ, ସା-ଗହଗାଓଁ, ନରସିଂହପୁର, ଥାନା/ଜିଲ୍ଲା-କେନ୍ଦ୍ରାପଡ଼ା, ବର୍ତ୍ତମାନ ଠିକଣା-ଘର ନମ୍ବର MIG-II-୧୮/୪୪, ତୁଳସୀପୁର, କଟକ, ୩୭: ଦେବାଶିଷ ବାରିକ, ପିତା-ଜୟକୃଷ୍ଣ ବାରିକ, ସା-ସୂର୍ଯ୍ୟପୁର, ଥାନା- ଧାମନଗର, ଜିଲ୍ଲା-ବାଲେଶ୍ୱର, ୩୮: ନିରାକର ସାମଲ, ପିତା-ବୈଦ୍ୟନାଥ ସାମଲ, ସା-ନୂଆଶାସନ, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ୩୯: ନୃସିଂହ ଚରଣ ଦାସ, ୪୦: ରାଜ କିଶୋର ଦାସ, ଏ ଦୁଇ ଜଣଙ୍କ ପିତା-ଅଗାଧୁ ଦାଶ, ସା- ତରଡ଼ାପଡ଼ା, ନିମାପଡ଼ା, ପୁରୀ, ୪୧: ପଦ୍ମିନୀ ପାତ୍ର, ସ୍ୱାମୀ-ଲକ୍ଷ୍ମୀଧର ପାତ୍ର, ସା-ପାରିକ୍ଷେତା, ଥାନା-ଧର୍ମଶାଳା, ଜିଲ୍ଲା-ଯାଜପୁର, ୪୨: ପ୍ରମିଳା ମଲ୍ଲିକ, ସ୍ୱାମୀ-ଧ୍ରୁସାସନ ମଲ୍ଲିକ, ସା- ଓଉପଦା, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡ଼ା, ୪୩: ପ୍ରିୟଦର୍ଶି ପଟ୍ଟନାୟକ, ୪୪: ପ୍ରିତଦର୍ଶି ପଟ୍ଟନାୟକ, ଏ ଦୁଇଜଣଙ୍କ ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ସା-ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୪୫: ବସନ୍ତ କୁମାର ମହାନ୍ତି, ପିତା-ଗୋପବନ୍ଧୁ ମହାନ୍ତି, ସା- ପୁହାଳ, ଜିଲ୍ଲା-କଟକ, ୪୬: ମନୋରମା ମହାନ୍ତି, ସ୍ୱାମୀ-କିର୍ତ୍ତନ ସାହୁ, ସା-ଘଣ୍ଟାପଡ଼ା, ଥାନା-ନରସିଂହପୁର, ଜିଲ୍ଲା-କଟକ, ୪୭: ଜୟନ୍ତ କୁମାର ପାଣ୍ଡବ, ପିତା-ଦୈତାରୀ ପ୍ରସାଦ ପାଣ୍ଡବ, ସା-ବଟିପଡ଼ା, ଥାନା-ଆଳି, ଜିଲ୍ଲା-କେନ୍ଦ୍ରାପଡ଼ା, ୪୮: ବିପିନ ବିହାରୀ ମହାନ୍ତି, ପିତା-ଆର୍ତ୍ତବନ୍ଧୁ ମହାନ୍ତି, ସା-ଡଗରାସାହି, ଥା-ନିମାପଡ଼ା, ଜିଲ୍ଲା-ପୁରୀ, ୪୯: ବିଭୁତି ଭୂଷଣ ସାହୁ, ପିତା-ଯହନ ସାହୁ, ସା-ଗୋପିକାନ୍ତପୁର, ଥାନା-କାକଟପୁର, ଜିଲ୍ଲା-ପୁରୀ, ୫୦: ବୀରେନ୍ଦ୍ର ଚନ୍ଦ୍ର ଦାସପଟ୍ଟନାୟକ, ପିତା-ରାମଚନ୍ଦ୍ର ଦାସପଟ୍ଟନାୟକ, ସା- ଜମୁନା, ଥାନା-ବଡ଼ିସାହି, ଜିଲ୍ଲା-ମୟୂରଭଞ୍ଜ, ବର୍ତ୍ତମାନ ଠିକଣା:- ପ୍ଲଟ୍ ନଂ ୯ମର, ସାଇସ୍ ରୋଡି ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୫୧: ବୁଲି ସାହୁ, ସ୍ୱାମୀ-ନିରଞ୍ଜନ ସାହୁ, ସା- ଫକିରପଡ଼ା, ଥାନା-କଟକ ସଦର, ଜିଲ୍ଲା-କଟକ, ୫୨: ଅବିନାସ ସାମଲ, ପିତା-ଅରବିନ୍ଦ ସାମଲ, ସା-ଗଣେଶ୍ୱରପୁର, ଥାନା-ଆଳି, ଜିଲ୍ଲା-କେନ୍ଦ୍ରାପଡ଼ା, ୫୩: ରବିନ୍ଦ୍ରନାଥ ଜେନା, ପିତା-ଅବନି ଚରଣ ସାହୁ, ସା- ତଳଧାନଦା, ଥାନା- ବାଲିଆପାଳ, ଜିଲ୍ଲା-ବାଲେଶ୍ୱର, ୫୪ : ରାଜଶ୍ରୀ ସାହୁ, ପିତା-ଚକ୍ରଧର ସାହୁ, ସା-ଆମ୍ବତଳା, ଥା- ରାଣୋଳ, ଜିଲ୍ଲା-ଢେଙ୍କାନାଳ, ୫୫: ସୁଶାନ୍ତ କୁମାର ଜେନା, ପିତା-ଶୁରେନ୍ଦ୍ର ଜେନା, ସା-ଯାଜପୁର ପାଟଣା, ଥାନା-ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୫୬: ପ୍ରଜ୍ଞାପରମିତା ପଣ୍ଡା, ସ୍ୱାମୀ-କଳ୍ପଜିତ ପଣ୍ଡା, ସା-ଶେରଗଡ଼, ଥାନା-ଖନ୍ତପଡ଼ା, ଜିଲ୍ଲା-ବାଲେଶ୍ୱର, ୫୭: ଶରତ ମହାନ୍ତି, ସ୍ୱାମୀ-ଦିଗାମ୍ବର ମହାନ୍ତି, ସା-ମାଳିଂଚ, ଥାନା/ଜିଲ୍ଲା-ଜଗତ୍‌ସିଂହପୁର, ୫୮: ଶୁଭଲକ୍ଷ୍ମୀ କର, ସ୍ୱାମୀ- ମନୋଜକାନ୍ତ କର, ସା- ଇଙ୍ଗ, ଥାନା-କୃଷ୍ଣପ୍ରସାଦ, ଜିଲ୍ଲା-ପୁରୀ, ୫୯ : ସୁଜିତ୍ କୁମାର ବଳ, ୬୦: ସୁବ୍ରତ କୁମାର ବଳ, ଏମାନଙ୍କ ପିତା-ସୁଦାମ ଚନ୍ଦ୍ର ବଳ, ସା-ସିଂହିଟିଆ, ଥାନା-ବଡ଼ସାହି, ଜିଲ୍ଲା-ମୟୂରଭଞ୍ଜ, ବର୍ତ୍ତମାନ ଠିକଣା: ପ୍ଲଟ୍ ନମ୍ବର-୩୨୨, ଜୟଦେବବିହାର, ଭୁବନେଶ୍ୱର, ୬୧: ରମେଶ ଚନ୍ଦ୍ର ଦାସ, ପିତା-ଯୁଧିଷ୍ଠିର ଦାସ, ସା- ମହିପୁର, ଥାନା-ନୁଆଗାଁ, ଜିଲ୍ଲା-ନୟାଗଡ଼, ୬୨: ସୂର୍ଯ୍ୟ ନାରାୟଣ ଦାସ, ପିତା-ଗୌରୀଶଙ୍କର ଦାସ, ସା-ପ୍ଲଟ୍ ନମ୍ବର-୧୪/୫, ୟୁନିଟ୍-୮, ଡେଲ୍ଟା କଲୋନୀ, ଭୁବନେଶ୍ୱର, ୬୩: ସ୍ମୃତିସ୍ମାରକ ସତପଥୀ, ୬୪: ସୌମ୍ୟା ସୁଲଗ୍ନା ସତପଥୀ,ଏମାନଙ୍କ ପିତା ସୁବାଷ ଚନ୍ଦ୍ର ସତପଥୀ, ସା-ଗୋବିନ୍ଦପୁର, ଥାନା-ଢେଙ୍କାନାଳ ସଦର, ଜିଲ୍ଲା- ଢେଙ୍କାନାଳ, ୬୫: ମଧୁସ୍ମିତା ବେହେରା, ସ୍ୱାମୀ-ମଙ୍ଗରାଜ ବେହେରା, ସା- କୁମୁରୀ ସିଂ, ଥାନା-ବାଲିସି, ଜିଲ୍ଲା-ଢେଙ୍କାନାଳ, ୬୬: ମନୋରମା ବାରିକ, ସ୍ୱାମୀ-ଦୁର୍ଯ୍ୟୋଧନ ବାରିକ, ସା-ମୁକୁନ୍ଦପୁର, ଥାନା-ବ୍ରହ୍ମଗିରି, ଜିଲ୍ଲା-ପୁରୀ, ୬୭: ମମତା ପଟ୍ଟନାୟକ, ସ୍ୱାମୀ-ନିମେଇଁ ଚରଣ ମଲ୍ଲ, ସା-ବଡ଼ପାଳ, ଥାନା- କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର, ୬୮: ପ୍ରମିଳା ବେହେରା, ସ୍ୱାମୀ-ଦେବେନ୍ଦ୍ରନାଥ ବେହେରା, ସା-ଆଇତଳଙ୍ଗ, ଥାନା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୬୯: ପ୍ରଭାତ ନଳିନୀ ପଟ୍ଟନାୟକ, ସ୍ୱାମୀ-ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା-ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୦: ପ୍ରତିମା ସାହୁ, ସ୍ୱାମୀ-ପ୍ରାଣବନ୍ଧୁ ସାହୁ, ସା-କୁଆଳେ, ଥାନା- ପରଜଙ୍ଗ, ଜିଲ୍ଲା-ଢେଙ୍କାନାଳ, ୭୧: ନିରୁପମା ମହାନ୍ତି, ସ୍ୱାମୀ-ଅନିଲ କୁମାର ମହାନ୍ତି, ସା-ଭରାଗୋଳ, ଥାନା- ତିର୍ତ୍ତୋଲ, ଜିଲ୍ଲା-ଜଗତ୍‌ସିଂହପୁର, ୭୨: ପୁଷ୍ପରେଣୁ ଛୁଆଳସିଂହ, ସ୍ୱାମୀ-ଯୋଗାନନ୍ଦ ମଲ୍ଲିକ, ସା- ଛଦେଶ, ଥାନା/ ଜିଲ୍ଲା-କେନ୍ଦ୍ରାପଡ଼ା, ୭୩: ପୁଷ୍ପଶ୍ରୀ ପଟ୍ଟନାୟକ, ପିତା-ଶରତ କୁମାର ପଟ୍ଟନାୟକ, ସା/ଥାନା-ଆଠଗଡ଼, ଜିଲ୍ଲା-କଟକ, ୭୪: ନଳିନୀ ନାୟକ, ପିତା-କୁଳମଣି ନାୟକ, ସା-ପାଳସାହି, ଥାନା-ଧୁସୁରି, ଜିଲ୍ଲା-ଭଦ୍ରକ, ୭୫: ନବଘନ ଶତପଥୀ, ପିତା-ପରିକ୍ଷିତ ସତପଥୀ, ସା-ତୁରିନ୍ତରା, ଥାନା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୭୬: ବବିନା ମହାନ୍ତି, ପିତା-ଗଦାଧର ମହାନ୍ତି, ସା-ସୁବଳପୁର, ଥାନା/ ଜିଲ୍ଲା- ପୁରୀ, ୭୭: ଗୁଣବତି ଜେନା, ସ୍ୱାମୀ-ସୁମନ ଚରଣ ରାଉତ, ସା-ନଖରା, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ହାଲ୍ ପ୍ଲଟ୍ ନମ୍ବର-ଗ/୬/୩, ୟୁନିଟ୍ ୯, ଭୁବନେଶ୍ୱର, ୭୮: ଦେବାସିସ ସାହୁ, ପିତା-ବାଇଧର ସାହୁ, ସା-ମାହାଙ୍ଗା, ଥାନା-ନିଆଳି, ଜିଲ୍ଲା- କଟକ, ୭୯: କରୁଣାକର ବିଶ୍ୱାଳ, ପିତା-ମହେଶ୍ୱର ବିଶ୍ୱାଳ, ସା- ରଘୁନାଥପୁର, ଥାନା/ ଜିଲ୍ଲା-ଜଗତ୍‌ସିଂହପୁର, ୮୦: ଜ୍ୟୋସ୍ନାରାଣୀ ସାହୁ, ସ୍ୱାମୀ-ପ୍ରହଲ୍ଲାଦ ସାହୁ, ସା-ଗନ୍ଦିଆ ପାଟଣା, ଥାନା-ଗନ୍ଦିଆ, ଜିଲ୍ଲା-ଢେଙ୍କାନାଳ, ୮୧ : ସମନ ଖାଁ, ପିତା- ଯୋଗୀ ଖାଁ, ସା-ଝାରପଡ଼ା, ଥାନା-ସହିଦ ନଗର, ଭୁବନେଶ୍ୱର, ହା:ବା: କ୍ୱାର୍ଟର ନମ୍ବର-ଇଡବ୍ଲୁଏସ୍ ୨୫/୯, ଚନ୍ଦ୍ରଶେଖରପୁର, ୮୨: ବିଷ୍ଣୁପ୍ରିୟା ମହାରଣା, ସ୍ୱାମୀ- ତ୍ରିନାଥ ମହାରଣା, ୮୩: ମିନତୀ ମହାରଣା, ପିତା-ତ୍ରିନାଥ ମହାରଣା,

ଏ ଦୁହିଙ୍କ ଠିକଣା: ବା-ଦିଲିବା, ଥାନା-ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ

୮୪: ବିଷ୍ଣୁପ୍ରିୟା ସାହୁ, ସ୍ୱାମୀ- ସନ୍ତୋଷ କୁମାର ସାହୁ, ବାସସ୍ଥାନ: ଇଲେଇଜଙ୍ଗ, ଥାନା-ଗନ୍ଦିଆ, ଜିଲ୍ଲା-ଢେଙ୍କାନାଳ, ୮୫: ନବ ପ୍ରଭାତ ଟ୍ରଷ୍ଟ, ଭୁବନେଶ୍ୱର, ସେକ୍ରେଟାରୀ ସରୋଜ କୁମାର ସାହୁ, ପିତା- କୃଷ୍ଣମୋହନ ସାହୁ, ସା-ପ୍ଲଟ୍ ନଂ୧୮୮୧ମ୍ବର, (୩୫୪), ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୮୬: ମ୍ୟାନେଜିଂ ଟ୍ରଷ୍ଟି, ଶ୍ରୀ ନଳିନୀକାନ୍ତ ମୁଦୁଲି, ପିତା-ବିଚିତ୍ରାନନ୍ଦ ମୁଦୁଲି, ସା-ପ୍ଲଟ୍ ନଂ୬୭ମ୍ବର, ଥାନା-ସହିଦନଗର, ଭୁବନେଶ୍ୱର, ୮୭: ଉର୍ମିଳା ପଣ୍ଡା, ପିତା-ମହେନ୍ଦ୍ର କୁମାର ପଣ୍ଡା ବା- ହରିଦାସପୁର, ଥାନା- ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ହା.ବା. କ୍ୱାର୍ଟର ନାମର ୨ ଆରଏଫ୍, ୟୁନିଟ୍-୯, ଭୁବନେଶ୍ୱର, ୮୮: ଅଲେଖ ପରିଡ଼ା, ପିତା- ସଙ୍କୁ ଚରଣ ପରିଡ଼ା, ବା-ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା- ନୟାଗଡ଼, ୮୯: ଶ୍ୟାମସୁନ୍ଦର ପଟ୍ଟନାୟକ, ପିତା-କାହ୍ନୁ ଚରଣ ପଟ୍ଟନାୟକ, ସା/ଥାନା- ସଦେଇପୁର, ଜିଲ୍ଲା-ଜଗତ୍‌ସିଂହପୁର, ୯୦: ସଙ୍ଗ୍ରାମ କିଶୋର ସାହୁ, ପିତା- ଜୟରାମ ସାହୁ, ସା- କଲ୍ୟାଣପୁର, ଥାନା-ମଂଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୯୧: ବିଶ୍ୱନାଥ ପଟ୍ଟନାୟକ, ପିତା-ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା/ଥାନା-ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୯୨: ରାଜ କିଶୋର ପଣ୍ଡା, ପିତା-ମୁରଲିଧର ପଣ୍ଡା, ବା- ଦାରୋଡ଼, ଥାନା-ଆଠଗଡ଼, ଜିଲ୍ଲା-କଟକ, ୯୩ :ବିଦ୍ୟୁତ୍‌ଲତା ପ୍ରଧାନ, ସ୍ୱାମୀ- ଅକୃର ପ୍ରଧାନ, ସା-ଏଣ୍ଡରାପାଳି, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୪: ସୁରେଶ କୁମାର ପ୍ରଧାନ, ପିତା-ସନାତନ ପ୍ରଧାନ ବା-ବିନ୍ଧାଣିମା, ଥାନା-ତିଗିରିଆ, ଜିଲ୍ଲା-କଟକ, ୯୫: ବାଳକୃଷ୍ଣ ହରିଚନ୍ଦନ, ପିତା-କୃପାସିନ୍ଧୁ ହରିଚନ୍ଦନ, ୯୬: ବେଣୁଧର ହରିଚନ୍ଦନ, ପିତା-ଗୋପିନାଥ ହରିଚନ୍ଦନ, ୯୭: ସର୍ବେଶ୍ୱର ହରିଚନ୍ଦନ, ପିତା-ବାଉରିବନ୍ଧୁ ହରିଚନ୍ଦନ,

ଏ ତିନିଜଣଙ୍କ ଠିକଣା-ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୮: ମେନକା ସିଂ, ସ୍ୱାମୀ-କୃପାସିନ୍ଧୁ ଚାନ୍ଦ, ବା-ଲକ୍ଷ୍ମୀନାରାୟଣପୁର, ଥାନା/ଜିଲ୍ଲା-କେନ୍ଦ୍ରାପଡ଼ା, ୯୯: ଗୀତାଞ୍ଜଳି ପଣ୍ଡା, ପିତା-ରଙ୍କନିଧି ପଣ୍ଡା, ସା- କୁଲାଡ଼, ଥାନା-ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୧୦୦: ଦମୟନ୍ତି ପଣ୍ଡା, ସ୍ୱାମୀ-ସୁରେନ୍ଦ୍ର ପଣ୍ଡା, ବାସସ୍ଥାନ-କେଉଁଝର କଲୋନୀ, ତୁଳସୀପୁର, ଜିଲ୍ଲା-କଟକ, ୧୦୧: ବନମାଳି ହରିଚନ୍ଦନ, ପିତା-ଇନ୍ଦ୍ରମଣୀ ହରିଚନ୍ଦନ, ସା ପୋଷ୍ଟ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୧୦୨ : ବନିତା ହରିଚନ୍ଦନ, ସ୍ୱାମୀ- ସନ୍ତୋସ କୁମାର ହରିଚନ୍ଦନ, ସା/ପୋଷ୍ଟ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା

......ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ପ୍ରତିବାଦୀମାନଙ୍କୁ ନୋଟିସ ଜାରି ନହୋଇ ବିଭିନ୍ନ କାରଣ ଦର୍ଶାଯାଇ ଫେରି ଆସିଥିଲା ଏବଂ ଗତ ତା୧୫।୦୯।୨୨ରିଖରେ ଖବରକାଗଜ ବିଜ୍ଞାପନ ଦ୍ୱାରା ନୋଟିସ ଜାରି କରାଯାଇଥିଲା। ଇତ୍ୟବସରରେ ମୁଖ୍ୟ ଅର୍ଜିରେ କିଛି ପରିବର୍ତ୍ତନ ହେତୁ ପୁନଃ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ନୋଟିସ ଦିଆଯାଇଅଛି । ଉକ୍ତ କେସ୍‌ର ଶୁଣାଣି ତା ୦୬।୦୪।୨୦୨୬ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା: ପଥରଗାଡ଼ିଆ, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ଥାନା-୪୦, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ ୧୦୫ମ୍ବର, ସାବିକ ପ୍ଲଟ୍ ନଂ୫୮୯ମ୍ବର (ଅଂଶ), ସାବିକ ରକବା ଏ୫.୮୯୦ ଡି. ସ୍ୱଧରୁ ଏ୨.୧୬୯ ଡି. ହାଲ୍ ଖାତା ନଂ୧୫୫୭ମ୍ବର, ହାଲ୍ ପ୍ଲଟ୍ ନଂ.୨୮୬୫ମ୍ବର (ଅଂଶ), ରକବା ଏ୦.୦୭୨ଡି. ସ୍ୱଧରୁ ଏ୦.୦୪୦ଡି., ପ୍ଲଟ୍ ନଂ୨୮୬୪ମ୍ବର, ରକବା ଏ୦.୦୬୮ଡି. ସ୍ୱଧରୁ ଏ୦.୦୪୦ଡି., ପ୍ଲଟ୍ ନଂ୨୮୬୭ମ୍ବର, ରକବା ଏ୦.୦୫୩ଡି. ସ୍ୱଧରୁ ଏ୦.୦୧୩ଡି., ପ୍ଲଟ୍ ନଂ୨୮୬୮ମ୍ବର, ରକବା ଏ୦.୦୫୩ଡି. ସ୍ୱଧରୁ ଏ୦.୦୨୦ଡି., ପ୍ଲଟ୍ ନଂ୨୮୬୯ମ୍ବର, ରକବା ଏ୦.୦୮୦ଡି. ସ୍ୱଧରୁ ଏ୦.୦୩୫ଡି., ପ୍ଲଟ୍ ନଂ୨୮୪୪ମ୍ବର, ରକବା ଏ୦.୦୭୦ଡି. ସ୍ୱଧରୁ ଏ୦.୦୪୦ଡି., ପ୍ଲଟ୍ ନଂ୨୮୩୭ମ୍ବର, ରକବା ବୃତ୍ତି ଏ୦.୦୬୬ଡି., ପ୍ଲଟ୍ ନଂ୨୮୨୧ମ୍ବର, ରକବା ଏ୦.୦୮୦ଡି. ସ୍ୱଧରୁ ଏ୦.୦୪୦ଡି., ପ୍ଲଟ୍ ନଂ୨୮୫୨ମ୍ବର, ରକବା ଏ୦.୧୯୦ଡି., ପ୍ଲଟ୍ ନଂ୨୮୫୩ମ୍ବର, ରକବା ଏ୦.୧୦୫ଡି., ପ୍ଲଟ୍ ନଂ୨୮୫୪ମ୍ବର, ରକବା ଏ୦.୦୧୦ଡି., ପ୍ଲଟ୍ ନଂ୨୮୫୫ମ୍ବର, ରକବା ଏ୦.୦୮୦ଡି., ପ୍ଲଟ୍ ନଂ୨୮୫୬ମ୍ବର, ରକବା ଏ୦.୦୭୫ଡି., ପ୍ଲଟ୍ ନଂ୨୮୫୮ମ୍ବର, ରକବା ଏ୦.୧୮୧ଡି., ପ୍ଲଟ୍ ନଂ୨୮୫୯ମ୍ବର, ରକବା ଏ୦.୧୦୦ଡି., ପ୍ଲଟ୍ ନଂ୨୮୬୧ମ୍ବର, ରକବା ଏ୦.୦୫୦ଡି., ପ୍ଲଟ୍ ନଂ୨୮୭୬ମ୍ବର, ରକବା ଏ୦.୦୨୦ଡି., ପ୍ଲଟ୍ ନଂ୨୮୭୭ମ୍ବର, ରକବା ଏ୦.୦୨୭ଡି., ପ୍ଲଟ୍ ନଂ୨୮୭୮ମ୍ବର, ରକବା ଏ୦.୦୬୪ଡି., ପ୍ଲଟ୍ ନଂ୨୮୭୯ମ୍ବର, ରକବା ଏ୦.୦୬୩ଡି., ପ୍ଲଟ୍ ନଂ୨୮୮୦ମ୍ବର, ରକବା ଏ୦.୧୧୬ଡି., ପ୍ଲଟ୍ ନଂ୨୮୮୧ମ୍ବର, ରକବା ଏ୦.୦୮୧ଡି., ପ୍ଲଟ୍ ନଂ୨୮୮୪ମ୍ବର, ରକବା ଏ୦.୧୦୫ଡି., ପ୍ଲଟ୍ ନଂ୨୮୮୫ମ୍ବର, ରକବା ଏ୦.୦୯୬ଡି., ପ୍ଲଟ୍ ନଂ୨୮୮୬ମ୍ବର, ରକବା ଏ୦.୦୮୧ଡି.

ଏଣୁ ଉପରୋକ୍ତ ପ୍ରତିବାଦୀମାନେ ଓ ମୃତ ଥିବା ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ୪ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ। ଆଗାମୀ ତାରିଖ- ୦୬।୦୪।୨୦୨୬

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୩୫୫୯

---

Letter No. 395, dtd.- 06.03.2026

ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ (ଭା ପ୍ର ସେ) ଆଡିସିନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର।

ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୦୯୭/୨୦୧୭

ବବିତା ନାହକ .........ବାଦୀ

ବନାମ

ସେଟେଲମେଣ୍ଟ ଅଫିସର ଓଗେର ..........ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୪. ସାଧୁ ଚରଣ ଜଗଦେବ, ପିତା- ବାନାମ୍ବର ଛୋଟରାୟ, ଗ୍ରାମ-ଅନ୍ଧାରୁଆ, ଥାନା- ଚନ୍ଦକା, ପୋଷ୍ଟ- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭. ଟୁନି ବେହେରା, ପିତା- ସୃରଥ ସେନାପତି, ଗ୍ରାମ- ସାମପୁର, ଥାନା- ଖଣ୍ଡଗିରି, ପୋଷ୍ଟ- ଘାଟିକିଆ, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ

ସି.ପି.ସି. ଅର୍ଡର- ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା- ୧୫(ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ଆଡିସିନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତରେ ବାଦୀ ଶ୍ରୀମତୀ ବବିତା ନାହକ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୪, ୭ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୪, ୭ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ କମିଶନର, ଆଡିସିନାଲ ରିଭିଜନ କୋର୍ଟ ନଂ. ୪ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୧୩।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ଥାନା ନମ୍ବର- ୪୪, ସାବିକ ଖାତା- ୫୭୬, ମ୍ୟୁଟେସନ ଖାତା ନମ୍ବର- ୬୨୧/୮, ପ୍ଲଟ୍ ନମ୍ବର- ୨୦୦୫, ଏ ୧.୪୦୫ ଡେସିମିଲ ସମ୍ବନ୍ଧରୁ ଏ୦.୦୪୦.୧୭ଡେସିମିଲ, ଅନୁରୂପ ବର୍ତ୍ତମାନ ବନ୍ଦୋବସ୍ତ ଖାତା ନମ୍ବର-୨୫୨୨, ପ୍ଲଟ୍ ନମ୍ବର- ୪୪୫୫, ଏ୧.୧୮୦ଡେସିମିଲ ସମ୍ବନ୍ଧରୁ ଏ୦.୦୪୦.୧୭ଡେସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୪, ୭ କିମ୍ବା ମୃତ ହୋଇଥିଲେ ଓ୍ୱାରସ ମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାରେ ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସିନାଲ ରିଭିଜନ କୋର୍ଟ ନଂ. ୪ ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୩୫୫୪

---

I. No. 129, dtd.- 21.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଡକ୍ଟର ଆଶୁତୋଷ ସାମଲ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍. (ଏସ୍.ଆର୍.ପି.) କେସ୍ ନମ୍ବର ୮୭୧/୨୦୧୪

(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସ୍ମୃତି ରଞ୍ଜନ ସ୍ୱାଇଁ ..........ବାଦୀ/ଦରଖାସ୍ତକାରୀ

ବନାମ

ନାଥ ବେହେରା ଓ ଅନ୍ୟମାନେ .........ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.- ୧. ନାଥ ବେହେରା, ପିତା- ସ୍ୱର୍ଗତ ବାଜି ବେହେରା, ୨. ଉଛବ ବେହେରା, ପିତା- ସ୍ୱର୍ଗତ ପଞ୍ଚୁ ବେହେରା, ଉଭୟଙ୍କ ଠିକଣା: ଗ୍ରାମ- ଦେଉଳବସ୍ତ, ପୋଷ୍ଟ/ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୩. ସ୍ମୃତି ରଞ୍ଜନ ମହାନ୍ତି, ପିତା- ନିମାଇଁ ଚରଣ ମହାନ୍ତି, ପ୍ଲଟ୍ ନଂ. ୩୧୭/ଡି, ମେନରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୮।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ. ୨୦, ମୌଜା- ସେଉଳଖାଲ। ସାବକ: ଖାତା ନମ୍ବର- ୧୮, ପ୍ଲଟ୍ ନମ୍ବର- ୨୨, କିସମ- ଶାରଦ- ଦୁଇ, ରକବା- ମୋଟ ଏ୦. ୩୪୫ ରୁ ଏ୦.୦୯୨, ସ୍ୱତ୍ୱ- ସ୍ଥିତିବାନ୍, ହାଲ: ଖାତା ନମ୍ବର- ୩୪, ପ୍ଲଟ୍ ନମ୍ବର- ୩୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୩୪୫ ରୁ ଏ୦.୦୯୨, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୩୫୫୩

---

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଂ ବିଣାପାଣି ବଳ**

ବୁଢଙ୍ଗ, ଦୋଳସାହି, ଭଦ୍ରକ

ଆବିର୍ଭାବ: ୧୫।୦୩।୧୯୪୩

ତିରୋଧାନ: ୦୭।୦୩।୨୦୨୫

ଆପଣ ଆମକୁ ଛାଡିଯିବାର ଏକ ବର୍ଷ ବିତିଗଲା। କିନ୍ତୁ ଆଜିବି ଅନୁଭବ ହେଉଛି ଆପଣ ଆମ ପାଖରେ ଅଛନ୍ତି। ଆପଣଙ୍କ ସ୍ନେହ ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ପାଥେୟ ହେଉ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ପରିବାର, ଆତ୍ମୀୟସ୍ୱଜନ, ଓ ବନ୍ଧୁବାନ୍ଧବ

ଧ-୩୫୬୦

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ (ରୋଜି)**

ପିତା: ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ

ପ୍ଲଟ୍ ନଂ.- ୨୯୦୧, ଶୁଭମ୍ ନାଗେଶ୍ୱର ଟାଙ୍ଗି, ଭୁବନେଶ୍ୱର

ତିରୋଧାନ- ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ ତା୧୦।୦୩।୨୦୧୫

ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ, ଭଉଣୀଜ୍ୱାଇଁ, ଭାଇ, ଭାଉଜ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ

ଧ-୭୬୦୯୬

# ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପୀଠ 'ଶରଣ ଶ୍ରୀକ୍ଷେତ୍ର'

## ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ଫର୍ଦ୍ଦ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଏକଗରିଆ ଗ୍ରାମ । ଏହି ଗ୍ରାମ ଭକ୍ତକବି ଦୀନକୃଷ୍ଣ ଦାସଙ୍କର ସାଧନାର ପୀଠ । ବର୍ତ୍ତମାନ ଏକଗରିଆ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ପ୍ରତିଷ୍ଠିତ ହୋଇଛି 'ଶରଣ ଶ୍ରୀକ୍ଷେତ୍ର' । ଏଠାରେ ପୂଜା ପାଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଭଉଣୀ ସୁଭଦ୍ରା ଓ ବଡଭାଇ ବଳଭଦ୍ର । ବହୁବର୍ଷ ହେବ ଶରଣ ଶ୍ରୀକ୍ଷେତ୍ରରୁ ପ୍ରତିଦିନ ନିଜ ବାଇକ୍‌ରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତୁଳସୀ ଲାଗିହେବା ପାଇଁ ଭକ୍ତ ଚିଣ୍ଟୁ ବାବା ଖରା,ବର୍ଷା, ଶୀତ, କାକରରେ ତୁଳସୀ ନେଇ ପୁରୀ ଯାଉଛନ୍ତି । ଚିଣ୍ଟୁ ବାବାଙ୍କର କହିବା ମୁତାବକ ବ୍ରାହ୍ମଣୀ ନଦୀ କୂଳରେ ସାଧନାରତ ଭକ୍ତକବି ଦୀନକୃଷ୍ଣ ଦାସ ୩୭୫ବର୍ଷ ପୂର୍ବେ ମହାପ୍ରଭୁଙ୍କୁ ବିଜେ ହେବା ପାଇଁ ପ୍ରାର୍ଥନା କରିଥିଲେ । ୩୭୫ବର୍ଷ ପରେ ମହାପ୍ରଭୁ ଭକ୍ତ ଦୀନକୃଷ୍ଣଙ୍କ କଥା ରଖି ତାଙ୍କ ସାଧନାର ପୀଠ ଏକଗରିଆ ଗ୍ରାମରେ ପ୍ରତିଷ୍ଠିତ ମନ୍ଦିରରେ ରତ୍ନ ସିଂହାସନ ଉପରେ ଗତ ୨୬ ତାରିଖ ଦିନ ବିଜେକରି ୨୭ ତାରିଖରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ମା' ବିମଳା, ଶନି ଦେବ, ଶ୍ରୀଗଣେଶଙ୍କ ସହ ଅନ୍ୟ ଦେବଦେବୀଙ୍କ ମନ୍ଦିର ମଧ୍ୟ ରହିଛି । ପ୍ରତିଷ୍ଠା ଦିବସ ଫେବୃଆରୀ ୨୦ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ପୀଠରେ ସମାଗମ ହେବା ଏବଂ ମହାପ୍ରସାଦ ସେବନରେ ସାମିଲ ହେବା ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଥିଲା । ମନ୍ଦିର ପ୍ରତିଷ୍ଠା ହୋଇ ମହାପ୍ରଭୁ ରତ୍ନ ସିଂହାସନରେ ବିଜେ ପରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଏକଗରିଆ ଗ୍ରାମ ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ଫର୍ଦ୍ଦ ଭାବେ ଯୋଡି ହୋଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା, ଚତୁଃପାର୍ଶ୍ୱରେ ଆମ୍ବଗଛରେ ପରିପୂର୍ଣ୍ଣ ଓ ବ୍ରାହ୍ମଣୀ ନଦୀ ତଟରେ ଥିବା ଏହି ପୀଠ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷଣ କରିଛି। ପୀଠକୁ ଯିବା ପାଇଁ ଭଲ ରାସ୍ତାଟିଏର ଆବଶ୍ୟକତା ରହିଛି। ଏଥିପାଇଁ ଦୃଷ୍ଟି ଦେବାକୁ ଭକ୍ତମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଭକ୍ତ ଚିଣ୍ଟୁ ବାବା କୁହନ୍ତି ଯେ, ସବୁକିଛି ସେହି କାଳିଆ ସାଆନ୍ତ ହିଁ କରିଛନ୍ତି। ତାଙ୍କ ବିନା ପତ୍ରଟିଏ ହଲିବନି । ମୁଠେ ଚାଉଳ ଓ ଦାନରେ ୧୧ବର୍ଷ ପରିଶ୍ରମ ପରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କର ସାଧନାର ପୀଠରେ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି । ଭକ୍ତକବି ଆଜିକୁ ପ୍ରାୟ ୩୭୫ବର୍ଷ ତଳେ ଠାକୁରଙ୍କୁ ଡାକିଥିଲେ । ଶେଷରେ ଭଗବାନ ଭକ୍ତଙ୍କ ଡାକ ଶୁଣିଛନ୍ତି ବୋଲି ଚିଣ୍ଟୁ ବାବା କୁହନ୍ତି । ଏ ସଂପର୍କରେ ଜୟନ୍ତ ପରିଡା କୁହନ୍ତି ଯେ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଫେବୃଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ୨୬ ତାରିଖରେ ମହାପ୍ରଭୁ ରତ୍ନ ସିଂହାସନରେ ବିଜେକଲେ । ୨୭ ତାରିଖରେ ସର୍ବସାଧାରଣଙ୍କୁ ଦର୍ଶନ ଦେଲେ । ୩୭୫ବର୍ଷର ଅପେକ୍ଷାର ଅନ୍ତ ହୋଇଛି । ଭକ୍ତ ଚିଣ୍ଟୁ ବାବା ଶରଣ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀମନ୍ଦିରରେ ବଡଠାକୁର ମହାପ୍ରଭୁଙ୍କର ଶ୍ରୀଅଙ୍ଗରେ ତୁଳସୀ ସେବା ପାଇଁ ତୁଳସୀ ଯାତ୍ରା ଜାରିରଖିଛନ୍ତି ବୋଲି ଜୟନ୍ତ କୁହନ୍ତି ।



ଓଡ଼ାପଡ଼ା ବ୍ଲକ ଏକଗରିଆ ଗ୍ରାମରେ ପ୍ରତିଷ୍ଠିତ 'ଶରଣ ଶ୍ରୀକ୍ଷେତ୍ର'।

# ଢେଙ୍କାନାଳ ଜିଲାରେ ସାଇବର ଥାନା ଉଦ୍‌ଘାଟିତ

ଢେଙ୍କାନାଳ,୬।୩(ରତନ ନାୟାର)



ଢେଙ୍କାନାଳ ସହରସ୍ଥିତ ଆରଟିଓ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଅପରାହ୍ନ ୫ଟା ୪୫ମିନିଟରେ ଜିଲାର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ନୂତନ ସାଇବର ଥାନାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏସ୍‌ପି ଅଭିନବ ସୋନକର କହିଲେ ଯେ, ଏହି ଥାନା ଜିଲାରେ ସାଇବର ଓ ଅର୍ଥନୈତିକ ଅପରାଧ ନିୟନ୍ତ୍ରଣରେ ବିଶେଷ ଭାବେ ସହାୟକ ହେବ । ଜିଲାବାସୀ କୌଣସି ପ୍ରକାର ସାଇବର ଠକେଇ ଓ ଅର୍ଥନୈତିକ ଠକେଇର ଶିକାର ହେଲେ ଏହି ଥାନାରେ ଅଭିଯୋଗ କରିପାରିବେ । ଦୂରଦୂରାନ୍ତ ଅଞ୍ଚଳବାସୀ ଠକେଇର ଶିକାର ହେଲେ ନିକଟସ୍ଥ ଥାନାରେ ମଧ୍ୟ ଅଭିଯୋଗ କରିପାରିବେ ଏବଂ ଏହାର ପ୍ରତିକାର ପାଇଁ ସାଇବର ଥାନା ଦ୍ୱାରା ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଥିଲେ । ଏହିକାର୍ଯ୍ୟକ୍ରମରେ ଢେଙ୍କାନାଳ ପୌରାଧ୍ୟକ୍ଷ ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢୀ, ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା ପ୍ରମୁଖ ଯୋଗ ଦେଇଥିଲେ ।

# ଜାତୀୟ ଦନ୍ତ ଚିକିତ୍ସକ ଦିବସ ପାଳିତ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶ୍ରୀମୂଳାଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ଦନ୍ତ ଚିକିତ୍ସକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବରିଷ୍ଠ ଦନ୍ତ ବିଶେଷଜ୍ଞ ଡା. ରୟମନ କୁମାର ମିଶ୍ର ଉପସ୍ଥିତ ରହି ଦାନ୍ତ, ଦାନ୍ତର ସମସ୍ୟା ଓ ଏହାର ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଏହି ଦିବସରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଅତ୍ୟାଧୁନିକ ଶୈଳୀରେ ଦାନ୍ତ ଚିକିତ୍ସା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ମିନା କୁମାରୀ ଦ୍ୱାରୀ, ଆୟୁଷ ଡାକ୍ତର ଫାଲଗୁନି ମିଶ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ କଳ୍ପନା ମଲ୍ଲିକ ପ୍ରମୁଖଙ୍କ ସମେତ ଚିକିତ୍ସାଳୟରେ କର୍ମଚାରୀ ଏଥିରେ ସହାୟତା କରିଥିଲେ ।

# ସିମିନଇ ଡିଗ୍ରୀ କଲେଜରେ ଆତ୍ମରକ୍ଷା କୌଶଳ



ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିନଇ ଡିଗ୍ରୀ କଲେଜ ପରିସରରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶନିବାର ଉଦଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ସୁଜିତ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଜିର ସମାଜରେ ପ୍ରତ୍ୟେକ ବର୍ଗର ମହିଳାଙ୍କ ପାଇଁ ଆତ୍ମରକ୍ଷା କୌଶଳ ଆବଶ୍ୟକ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଶୁଭଶ୍ରୀ ରାଉତ ସୂଚନା ପ୍ରଦାନ କରି ଆତ୍ମରକ୍ଷା କୌଶଳର ଉପଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା ଛାତ୍ରୀଛାତ୍ରମାନଙ୍କୁ ତାଲିମ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏଥିରେ ୯୫ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ତାଲିମଦାତା ଭାବେ ବନ୍ଦନା ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ । ମୁଖ୍ୟ କିରାଣି ସଦାନନ୍ଦ ଭୁକ୍ତା, ଅଧ୍ୟାପିକା ଅନିତା ଦାସ, ପ୍ରଜ୍ଞା ପାରମିତା, ଭାରତୀ ବେହେରା, ପାରମିତା ନାୟକ, ଅଧ୍ୟାପକ ଶଶଧର ସାହୁ, ଧରଣୀଧର ସେଠୀ, ଗ୍ରାନ୍ଥାଗାରିକ କିଶୋରଚନ୍ଦ୍ର ନନ୍ଦ, କ୍ରୀଡା ଶିକ୍ଷକ ଅନିଲ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ଅନିମା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ସହର ଗଣେଶ ବଜାର ପୂଜା କମିଟି ପକ୍ଷରୁ ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରତେକ ବର୍ଷ ପରି ଚଳିତବର୍ଷ ଏହି ଉତ୍ସବ ଗଣେଶ ବଜାର ପୂଜା ମଣ୍ଡପଠାରେ ପାଳନ କରାଯାଉଛି। ପବିତ୍ର ହୋଲି ଦିବସରେ ବଳରାମ ମନ୍ଦିର ନିକଟସ୍ଥ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ଶୋଭଯାତ୍ରାରେ ସହର ପରିକ୍ରମା କରି କୁଞ୍ଜରେ କଳସ ସ୍ଥାପନ କରାଯାଇଥିଲା। ପରେ ଅଧିବାସ ପୂଜା ଓ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ କରାଯାଇ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ପରଦିନ ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀଙ୍କ ବିଶେଷ ପୂଜା ପରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ୨୦ଦଳ ସଂକୀର୍ତ୍ତନ ମଣ୍ଡଳି କୀର୍ତ୍ତନ ପରିବେଷଣ କରିଥିଲେ। ନଗର ଭ୍ରମଣ ପରେ ଦହିହାଣ୍ଡି ଭଙ୍ଗାଯାଇ ପୂଜା ସମାପନ କରାଯାଇଥିଲା। ପୂଜକ ଜଗନ୍ନାଥ ତ୍ରିପାଠୀ ପୂଜାକୁ ସୂଚାରୁ ରୂପେ ପାଳନ କରିଥିଲେ। କମିଟି ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ଏମଡି ରଫିକ, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ, କମିଟି ଅଧକ୍ଷ ଶେଖ ହୁସେନ, ଉପଦେଷ୍ଟା ବସନ୍ତ କୁମାର ସାହୁ, ବିଶ୍ୱନାଥ ବେହେରା, ଉପସଭାପତି ଶରତ କୁମାର ସାହୁ, କୋଷାଧକ୍ଷ ବିରଞ୍ଚି ନାରାୟଣ ସେଠୀ, ସୁଶାନ୍ତ ନାୟକ, ଶ୍ରୀକାନ୍ତ କୁମାର ସାହୁ, ମାଧବ ସିଲ୍, ଜଗନ୍ନାଥ ହୋତା, ଭଜମନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବସନ୍ତ କୁମାର ସାହୁ, ଲିକୁ ସିଂଙ୍କ ସମେତ ଗଣେଶ ବଜାର ପୂଜା କମିଟି ସଦସ୍ୟ କାଯ୍ୟକ୍ରମରେ ସହଯୋଗ କରିଥିଲେ ବୋଲି ଗଣେଶ ବଜାର ପୂଜା କମିଟି ମିଡିଆ କୋଡିନେଟର ଶ୍ୟାମ ସୁନ୍ଦର ସାହୁ ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଓଡ଼ାପଡ଼ା, ୬।୩ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସଦାଶିବପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସଦାଶିବପୁର ସରପଞ୍ଚ ତଥା ମହିଳା ଶିଶୁ ସୁରକ୍ଷା ମଞ୍ଚ ଅଧକ୍ଷା ଧରିତ୍ରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ାପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ସମ୍ମାନୀତ ଅତିଥି ରୂପେ ଢ଼େଙ୍କାନାଳ ଏଫଇଏସ ଟିମ୍‌ଲିଡର ଦାୱା ସେର୍ପା, ଓଡ଼ାପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ଅଲକାବତୀ ସାମଲ, ବନ କର୍ମଚାରୀ ଯମୁନା ସ୍ୱାଇଁ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଦୁର ମାଝୀ ଯୋଗଦେଇ ମହିଳା ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଏଫଇଏସ୍ ପ୍ରତିନିଧି ଜଗନ୍ନାଥ ନାୟକ ଓ ମହିଳା ଶିଶୁ ସୁରକ୍ଷା ମଞ୍ଚର ସମ୍ପାଦିକା ପଦ୍ମାଳୟା ମହାପାତ୍ର ପରିଚାଳନା କରୁଥିବା ବେଳେ ସମଲେଶ୍ୱରୀ ପ୍ରସାଦ ମଲ୍ଲିକ, ସମ୍ବିତ କୁମାର ରାଉତ ଓ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ



ଭୁବନ, ୬।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ୭୫ ଲକ୍ଷ ଟଙ୍କାର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ନୂତନ ଗୃହକୁ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ ମଧ୍ୟମରେ ଉଦଘାଟନ କରିଥିଲେ। ଏହି ଅବସରରେ ନୂତନ ଗୃହ ପ୍ରବେଶ ଅବସରରେ କୃଷକମାନଙ୍କୁ ନେଇ ଏକ କୃଷିଭିତ୍ତିକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ତଥା ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇଥିଲେ। ଆଗାମୀ ଦାନରେ ଅଞ୍ଚଳ ଚାଷୀମାନଙ୍କୁ ସରକାରୀ ସହାୟତା ଓ ଉନ୍ନତମାନର ଚାଷ ପାଇଁ ସରକାରଙ୍କ ପାଖରେ ଦାବି ରଖିବେ ବୋଲି କହିଥିଲେ। ସେବା ସମବାୟ ସମିତିର ସଭାପତି ସହଦେବ ପରିଡ଼ା ସଭାପତିତ୍ୱ କରି ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭୁବନ ଏୟୁସିସି ବ୍ୟାଙ୍କର ଶାଖା ପରିଚାଳକ ସୁଦାମ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଭୂଷଳ ସରପଞ୍ଚ ଉତ୍ତମ କୁମାର ପଣ୍ଡା, ବ୍ୟାଙ୍କ ସୁପରଭାଇଜର ପ୍ରତିବର୍ଦ୍ଧନ ମହାନ୍ତି, ସହ ସମ୍ପାଦକ ଅନିଲ ଖୁଣ୍ଟିଆ, ଡାଟାଏଣ୍ଟ୍ରି ଅପରେଟର ଅଖିଳ ମୋହିତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପଙ୍କଜ କୁମାର ନାୟକ ପରିଚାଳନା କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସେବା ସମବାୟ ସମିତିର ସମ୍ପାଦକ ସୁଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବରିଷ୍ଠ କୃଷକ ପ୍ରଭାତ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୧୪ ତାରିଖ ଶନିବାର ବିଚାର ବିଭାଗୀୟ କୋର୍ଟ ପରିସରରେ ଅନୁଷ୍ଠିତ ହେଉଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଆଦିର ଆପୋଷ ସହମତିରେ ସମାଧାନ ହୋଇପାରିବ । କେବଳ ବିଚାରଧୀନ ମକଦ୍ଦମା ନୁହେଁ, ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ବିବାଦର ମଧ୍ୟ ସମାଧାନ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଓ ଅମଲଯୋଗ୍ୟ । ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ଏହି ସୁଯୋଗର ସଦୁପୋଯୋଗ କରନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଢେଙ୍କାନାଳ ଜିଲା ଆଇନସେବା ପ୍ରାଧୀକରଣ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି ।

# ଅର୍ଘ୍ୟ ବନ୍ଦାପନା ମହୋତ୍ସବ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ସହର ଅମଲାପଡ଼ା ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅର୍ଘ୍ୟ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷପରି ଚଳିତବର୍ଷ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ ଓ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଭୂତିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିରରେ ଅର୍ଘ୍ୟ ବନ୍ଦାପନା ସହିତ ମନ୍ଦିର ପରିସରରେ ଥିବା ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ଗୋପାଳ ଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥଲା । ଏହାପରେ ସମସ୍ତ ଗୋପାଳ ଭାଇମାନଙ୍କ ଘରେ ଘରେ ଅର୍ଘ୍ୟ ବନ୍ଦାପନା ସହିତ ଗୋପାଳ ଓଗାଳ କରାଯାଇଥିଲା । ଶେଷରେ ଗୋପାଳ ଭାଇମାନେ ଏକାଠି ହୋଇ ମନ୍ଦିର ପରିସରରେ ପ୍ରସାଦ ସେବନ କରିଥିଲେ । ମହୋତ୍ସବରେ ନାରାୟଣ ବେହେରା, ଘନଶ୍ୟାମ ବେହେରା, ଜୟକୃଷ୍ଣ ବେହେରା, ରଞ୍ଜନ ବେହେରା, ଶ୍ରୀକାନ୍ତ ବେହେରା, ଗଙ୍ଗାଧର ରାଉତ, ସାରଙ୍ଗଧର ଭୂତିଆ, ରମେଶ ବେହେରା, ଜିତେନ୍ଦ୍ର ବେହେରା, ପ୍ରମୋଦ ଭୂତିଆ, ମାୟାଧର ବେହେରା ଓ ମୁନା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଗଁଦିଆ,୬।୩(ବିଶ୍ୱମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୫୦ ଜଣ ରୋଗୀ ପଞ୍ଜୀକରଣ କରିଥିଲେ। ଅସ୍ତିଶଲ୍ୟ ବିଭାଗରେ ୪୭ଜଣ, ଦୃଷ୍ଟି ବାଧିତରେ ୨୮ଜଣ, ଶ୍ରବଣ ବାଧିତରେ ୨୫ଜଣ, ମାନସିକ ଅନଗ୍ରସର ୪୧ଜଣ ଓ ଭେଷଜ ବିଭାଗରେ ୯ଜଣ ପଞ୍ଜିକୃତ ହୋଇଥିଲେ। ୪ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ସ୍ୱାଇଁ ସୂଚନା ଦେଇଥିଲେ। ଏହି ଶିବିରରେ ଗଁଦିଆ ବ୍ଲକ ଅଧକ୍ଷା ରିନାରାଣୀ ଖଟୁଆ ଓ ଅନ୍ୟ ଜନପ୍ରତିନିଧି ଓ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନିମନ୍ତେ ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ଗ୍ରାମରେ ପ୍ରଚାର ପ୍ରସାର କରାଯାଇଥିଲା ବୋଲି ବିଡିଓ ପବିତ୍ର ବେହେରା ସୂଚନା ଦେଇଛନ୍ତି ।

# ମାରୱାଡ଼ି ସମାଜ ପକ୍ଷରୁ ହୋଲି ଉତ୍ସବ

ଢେଙ୍କାନାଳ,୬।୩(ରତନ ନାୟାର)

ଢେଙ୍କାନାଳ ସହର ଅଭିନନ୍ଦନ ଗାର୍ଡେନଠାରେ ମାରୱାଡି ସମାଜ ପକ୍ଷରୁ ବୁଧବାର ଆନନ୍ଦ ଉଲ୍ଲାସର ସହ ହୋଲି ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମାରୱାଡି ସମାଜର ଶତାଧିକ ମହିଳା ଓ ପୁରୁଷ ଏବଂ କୁନିକୁନି ପିଲାମାନେ ଯୋଗଦେଇ ନୃତ୍ୟ ସଙ୍ଗୀତରେ ସାମିଲ ହେବା ସହ ପରସ୍ପରକୁ ବିଭିନ୍ନ ରଙ୍ଗ ଲଗାଇ ଶୁଭ କାମନା ଜଣାଇବା ସହିତ ଗୁରୁଜନମାନଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ । ଏଥିସହ ସୁସ୍ୱାଦୁ ଖାଦ୍ୟର ମଧ ମଜା ନେଇଥିଲେ । ଦୀର୍ଘ ୫୦ବର୍ଷ ହେବ ଢେଙ୍କାନାଳ ମାରୱାଡି ସମାଜ ପକ୍ଷରୁ ଏଭଳି ଉତ୍ସବ ଆୟୋଜିତ ହୋଇଆସୁଥିବା ଅନୁଷ୍ଠାନର ସଦସ୍ୟା ମୋନିକା ଶର୍ମା, ସାଗରମଲ୍ଲ ଅଗ୍ରୱାଲ, ବିନୋଦ କୁମାର ପୋଦାର ଓ ସୁନିଲ କୁମାର ଶର୍ମା ପ୍ରମୁଖ ଜଣାଇଛନ୍ତି ।

# ଦର୍ଶନଶାସ୍ତ୍ର ବିଭାଗର ଜାତୀୟସ୍ତରୀୟ ସମ୍ମାନ

କାମାକ୍ଷାନଗର, ୬।୩ (ସୁଧୀର କୁମାର ପରିଡ଼ା)




ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିବା ବେଳେ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟ, କୋଲକାତାର ସହକାରୀ ପ୍ରଫେସର ଡ଼. ମନୋଜ କୁମାର ପଣ୍ଡା ମୁଖ୍ୟ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ମନୋରଞ୍ଜନ ମଲ୍ଲିକ ମୁଖ୍ୟବକ୍ତା ଓ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ସୁବ୍ରତ କୁମାର ପରିଡ଼ା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଥିଲେ। 'ମାନବ ଓ ପରିବେଶରେ ଦର୍ଶନ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୋମନାଥ ପଣ୍ଡା ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଡ଼. ପଣ୍ଡା ଦର୍ଶନଶାସ୍ତ୍ର କିପରି ମାନବ ସଭ୍ୟତା ସହ ଓତଃପ୍ରୋତ ଭାବେ ଜଡ଼ିତ ତାହା ବ୍ୟାଖ୍ୟା କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପକ ସୁବ୍ରତ ପରିଡ଼ା ଆଧୁନିକ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜିକା ଅଧ୍ୟାପିକା ସ୍ୱପ୍ନିତା ରାଉତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅଧ୍ୟାପିକା ପ୍ରମୋଦିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଦର୍ଶନ ବିଭାଗର ପ୍ରାଚୀର ପତ୍ରିକାରେ ରଶ୍ମିତା ନାୟକ, ମାନସୀ ମହାରଣା, ସୀମା ରାଉଳ, ସରିତା ନାୟକ, ଶୁଭଲକ୍ଷ୍ମୀ ସାହୁ, ସନ୍ଧ୍ୟାରାଣୀ ବେହେରା ଓ ପ୍ରଶାନ୍ତ କୁଅଁର ପ୍ରମୁଖ ଛାତ୍ରୀଛାତ୍ରଙ୍କ ସନ୍ଦର୍ଭ ପ୍ରକାଶିତ ହେବା ସହ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଆମ ଗୌରବ ଆମ କଲେଜର ସଂଯୋଜିକା ଅଧ୍ୟାପିକା ଶୁଭସ୍ମିତା ବିଶାଳ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ମନୋରଞ୍ଜନ ବେହେରା, କୈଳାଶ ଚନ୍ଦ୍ର ପାତ୍ର, ଲଳିତ କୁମାର ବେହେରା, ମାଧୋଇ ଭୁଏ, ଅଧ୍ୟାପିକା ପ୍ରତିଭା ଦାଶ, ଅର୍ଚ୍ଚିତା ମହାମାନସିଂ, ବିଜୟିନୀ ଲେଙ୍କା ଓ ଫକୀର ମୋହନ ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ସହାୟତା ପ୍ରଦାନ କରିଥିଲେ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୬ Bhubaneswar, Saturday, March 7/ 2026

Dr. Juneja's EYE Mantra®
ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା
ପ୍ରୟୋଗ ବିଧି: 2 ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।


12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍‌ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।
24x7 Helpline: 8196822222 • www.eyemantra.com



## ଏପ୍ରିଲ ୧ରେ ଦିବ୍ୟାଙ୍ଗ କ୍ରିକେଟ ଖେଳାଳି ଚୟନ ଟ୍ରାଏଲ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)**

ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଅଜିତ ୱାଦେକରଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜ୍ୟ ଦିବ୍ୟାଙ୍ଗ କ୍ରିକେଟ ଖେଳାଳିଙ୍କ ଚୟନ ଟ୍ରାଏଲ୍ ଆସନ୍ତା ଏପ୍ରିଲ ୧ରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ମାନସିକ ଅନଗ୍ରସର କ୍ରିକେଟ ଆସୋସିଏଶନ ଏବଂ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନର ମିଳିତ ଉଦ୍ୟମରେ ଏହା ଆୟୋଜନ ହେବ। ଏଥିରେ ଯେଉଁ ଖେଳାଳି ଚୟନ ହେବେ ସେମାନେ ପୂର୍ବାଞ୍ଚଳ ମାନସିକ ଅନଗ୍ରସର କ୍ରିକେଟ ଦଳରେ ସାମିଲ ହୋଇ ଆଗାମୀ ଦିନରେ ସର୍ବଭାରତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ତେଣୁ ଟ୍ରାଏଲରେ ଅଧିକରୁ ଅଧିକ ଖେଳାଳି ଯୋଗଦେଇ ପୂର୍ବାଞ୍ଚଳ ଦଳରେ ଚୟନ ହେବାର ସୁଯୋଗ ନେବାକୁ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସବିଶେଷ ବିବରଣୀ ପାଇଁ ନମିତା ସାହୁଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## କଳିଙ୍ଗରେ ଆଜିଠୁ ଜାତୀୟ ୧୫ଏସ୍ ରଗ୍‌ବୀ

### ମହିଳାରେ ୬ ଓ ପୁରୁଷରେ ୧୦ ଦଳ ଭାଗନେବେ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)**



କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଜାତୀୟ ୧୫ଏସ୍ ରଗ୍‌ବୀ (ଡିଭିଜନ-୧) ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୧୩ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଦେଶର ଶୀର୍ଷସ୍ଥାନୀୟ ମହିଳା ଓ ପୁରୁଷ ରଗ୍‌ବୀ କ୍ଲବର ଖେଳାଳିଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସହଯୋଗରେ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରିବ। ପ୍ରତିଯୋଗିତାର ମହିଳା ବିଭାଗରେ ୬ ଓ ପୁରୁଷ ବର୍ଗରେ ୧୦ ଦଳ ଅଂଶଗ୍ରହଣ କରିବେ। ଏଥିରେ ଐତିହାସିକ ରଗ୍‌ବୀ ଅନୁଷ୍ଠାନ ବମ୍ବେ ଜିମ୍‌ଖାନା, କାଲକାଟା କ୍ରିକେଟ ଆଣ୍ଡ ଫୁଟବଲ କ୍ଲବ ସମେତ ଭାରତୀୟ ରଗ୍‌ବୀ ଅନେକ ପାୱାର ହାଉସ କ୍ଲବ ସାମିଲ। ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଆରସି, ରନରଅପ୍ ଦିଲ୍ଲୀ ହୁରିକେନ୍ସ, ଫ୍ୟୁଚର ହୋପ୍ ହର୍ଲେକ୍ୱିନ୍ସ, ସିସି ଆଣ୍ଡ ଏଫ୍‌ସି, ରଗ୍‌ବୀ ୱାରିୟର୍ସ କେରଳ ଏବଂ ଚଣ୍ଡିଗଡ଼ ୟୁନାଇଟେଡ ଦଳ ଭାଗନେବ। ସେହିପରି ପୁରୁଷ ବର୍ଗରେ ସାମିଲ ଥିବା କ୍ଲବଗୁଡ଼ିକ ହେଲେ ଗତଥରର ଚାମ୍ପିୟନ ଦିଲ୍ଲୀ ହୁରିକେନ୍ସ, ରନରଅପ୍ ଫ୍ୟୁଚର ହୋପ୍ ହର୍ଲେକ୍ୱିନ୍ସ, ସିସି ଆଣ୍ଡ ଏଫ୍‌ସି, କିସ୍ ଆରସି, ରିବେଲ୍ସ ରଗ୍‌ବୀ କ୍ଲବ, ବମ୍ବେ ଜିମ୍‌ଖାନା, ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟ, ବେଙ୍ଗାଲୁରୁ ରଗ୍‌ବୀ କ୍ଲବ, ଦିଲ୍ଲୀ ଲାୟନ୍ସ ଓ ଓଡ଼ିଶା ଆରସି।

ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍ ଭାରତରେ ସର୍ବବୃହତ୍ କ୍ଲବ ରଗ୍‌ବୀ ଟୁର୍ନାମେଣ୍ଟ। ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଲାଗି ଏହା ଏକ ଉପଯୋଗୀ ପ୍ଲାଟଫର୍ମ ସଦୃଶ ହୋଇଥାଏ। ଏଥିରେ ନିଜ ପ୍ରତିଭା ଦେଖାଇ ସେମାନେ ଜାତୀୟ ରଗ୍‌ବୀ ୧୫ଏସ୍ ଲାଗି ସୁଯୋଗ ସୃଷ୍ଟିର ସୁଯୋଗ ରହିଥାଏ। ଟୁର୍ନାମେଣ୍ଟ ସମୟରେ ଜାତୀୟ ଚୟନକର୍ତ୍ତାମାନେ ଅତି ନିକଟରୁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ଭାରତୀୟ ରଗ୍‌ବୀ ପ୍ରତିଭା ଅନୁସନ୍ଧାନରେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ୨୦୨୪ରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାର ପୂର୍ବ ସଂସ୍କରଣରେ ଓଡ଼ିଶା ରଗ୍‌ବୀ ଫୁଟବଲ କ୍ଲବ ମହିଳା ବର୍ଗରେ ଏବଂ ଦିଲ୍ଲୀ ହୁରିକେନ୍ସ ପୁରୁଷ ବିଭାଗରେ ଟାଇଟଲ ବଜାୟ ରଖିଥିଲା। ମହିଳା ବର୍ଗ ଫାଇନାଲରେ ଓଡ଼ିଶା ଦଳ ୬୯-୫ରେ ଦିଲ୍ଲୀ ହୁରିକେନ୍ସକୁ ଏବଂ ପୁରୁଷ ବିଭାଗ ଫାଇନାଲରେ ଦିଲ୍ଲୀ ଦଳ ୩୧-୮ରେ ଫ୍ୟୁଚର ହୋପ୍ ହର୍ଲେକ୍ୱିନ୍ସକୁ ପରାସ୍ତ କରିଥିଲା।

## ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସାମସନ

**ଦୁବାଇ, ୬।୩ (ପି.ଟି.)**

ଟି୨୦ ବିଶ୍ୱକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ୮ ଜଣିଆ ଶର୍ଟଲିଷ୍ଟ ଖେଳାଳି ତାଲିକା ପ୍ରକାଶ କରାଯାଇଛି। ଏଥିରେ ଫର୍ମରେ ଥିବା ଭାରତୀୟ ଓପନର ସଞ୍ଜୁ ସାମସନଙ୍କ ନାମ ସ୍ଥାନ ପାଇଛି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡ ଅଲରାଉଣ୍ଡର ୱିଲ୍ ଜ୍ୟାକ୍ସ, ପାକିସ୍ତାନ ଓପନର ସାହିବଜାଦା ଫରହାନ, ଦକ୍ଷିଣ ଆଫ୍ରିକା ପେସ୍ ବୋଲର ଲୁଙ୍ଗି ଏନ୍‌ଗିଡ଼ି ଓ ଅଧିନାୟକ ଏଡେନ ମାରକ୍ରାମ, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ରାଚିନ ରବିନ୍ଦ୍ର ଓ ବ୍ୟାଟର ଟିମ୍ ସିଫର୍ଟ ଏବଂ ଆମେରିକୀୟ ବୋଲର ଶେଡ୍‌ଲି ଭାନ୍ ସ୍କାଲ୍‌ୱିକ୍। ଟୁର୍ନାମେଣ୍ଟ ପ୍ରାରମ୍ଭରେ ଖେଳି ନ ଥିବା ସାମସନ କ୍ରମାଗତ ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରଦର୍ଶନ କରିଛନ୍ତି। ଏହି ଓପନର ବ୍ୟାଟର ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୪୨ ବଲ୍‌ରେ ୮୯ ରନ କରିଥିଲେ। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତର ୭ଉଇକେଟ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ୫୦ ବଲ୍‌ରେ ୯୭ରନର ଏକ ଇନିଂସ ଖେଳି ଭାରତୀୟ ଦଳର ମୂଳଦୁଆ ପକାଇଥିଲେ। ଏଥିରେ ଗତଥରର ଚାମ୍ପିୟନ ଦଳ ୫ଉଇକେଟରେ ବିଜୟ ଲାଭ କରିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ଉଇକେଟକିପର-ବ୍ୟାଟର ସାମସନ ଟୁର୍ନାମେଣ୍ଟରେ ୪ଟି ମ୍ୟାଚ ଖେଳି ୨୦୧.୭୩ ଷ୍ଟ୍ରାଇକ୍‌ରେଟ୍ ଓ ୭୭.୩୩ ଆଭରେଜରେ ୨୩୨ ରନ ସଂଗ୍ରହ କରିଛନ୍ତି। ସେହିପରି ଜ୍ୟାକ୍ସ ଟି୨୦ ବିଶ୍ୱକପ୍‌ର ୮ଟି ମ୍ୟାଚ ମଧ୍ୟରୁ ତାଙ୍କ ଦଳର ୬ଟି ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସେ ୪ଟିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୨୬ ରନ ସ୍କୋର କରିବା ସହ ୮ଟି ମ୍ୟାଚରୁ ୯ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ଫରହାନ ୬ଟି ଇନିଂସରେ ୩୮୩ ରନ ସଂଗ୍ରହ କରିଛନ୍ତି, ଯାହାକି ଟି୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ। ସେ ଆହୁରି ମଧ୍ୟ ଟୁର୍ନାମେଣ୍ଟର ଗୋଟିଏ ସଂସ୍କରଣରେ ଦୁଇଟି ଶତକ ହାସଲ କରିବାରେ ପ୍ରଥମ ଖେଳାଳି। ସେ ଉଭୟ ଶ୍ରୀଲଙ୍କା ଓ ନାମ୍ବିଆ ବିପକ୍ଷରେ ଗୋଟିଏ ଲେଖାଏଁ ଶତକ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏନ୍‌ଗିଡି ତାଙ୍କ ଦଳର ସବୁଠାରୁ ସ୍ଥିର ପ୍ରଦର୍ଶନ କରିଥିବା ପେସ୍ ବୋଲର। ସେ ୭.୧୯ ଇକୋନୋମି ରେଟ୍‌ରେ ୭ଟି ମ୍ୟାଚ୍‌ରୁ ୧୨

**ଟି୨୦ ବିଶ୍ୱକପ୍**

ଉଇକେଟ ଅକ୍ତିଆର କରିଛନ୍ତି। ପୁରସ୍କାର ଦୌଡ଼ରେଥିବା ଅନ୍ୟତମ ଖେଳାଳି ଦକ୍ଷିଣ ଆଫ୍ରିକା ଅଧିନାୟକ ମାରକ୍ରାମ ଟୁର୍ନାମେଣ୍ଟରେ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଏହି ଡାହାଣହାତୀ ବ୍ୟାଟର ୮ଟି ମ୍ୟାଚରେ ୩ ଅର୍ଦ୍ଧଶତକ ସହ ୨୮୬ରନ ସଂଗ୍ରହ କରିବା ସହିତ ଗୋଟିଏ ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ରବିନ୍ଦ୍ର ଉଭୟ ବଲ୍ ଓ ବ୍ୟାଟ୍‌ରେ ତାଙ୍କ ଦଳର ସବୁଠାରୁ ମୂଲ୍ୟବାନ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେ ୮ଟି ମ୍ୟାଚ ଖେଳି ୧୨୮ରନ ସଂଗ୍ରହ କରିବା ସହ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ଆମେରିକା ଯଦିଓ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଭାନ ସ୍କାଲ୍‌ୱିକ୍ ଟି୨୦ ବିଶ୍ୱକପ୍‌ରେ ତାଙ୍କ ଚମତ୍କାର ବୋଲିଂର ଛାପ୍ ଛାଡ଼ିଯାଇଛନ୍ତି। ସେ ୪ଟି ମ୍ୟାଚ ଖେଳି ୬.୮୦ ଇକୋନୋମି ରେଟ୍ ସହ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଉଇକେଟ କିପର-ବ୍ୟାଟର ସିଫର୍ଟ ଚଳିତ ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳ ପାଇଁ ରନ ସଂଗ୍ରହର ମୂଳ ଉତ୍ସ ସାଜିଛନ୍ତି। ଏହି ଡାହାଣହାତୀ ବ୍ୟାଟର ୮ ମ୍ୟାଚରେ ୮ ଅର୍ଦ୍ଧଶତକ ସହ ୨୭୪ ରନ ସଂଗ୍ରହ କରିଛନ୍ତି। ଭାରତ ରବିବାର ଅହମଦାବାଦରେ ଟାଇଟଲ ମୁକାବିଲାରେ ନ୍ୟୁଜିଲାଣ୍ଡକୁ ଭେଟିବ।

**ଆଜିଠୁ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତା**


## ଓଡ଼ିଶାରୁ ଭାଗନେବେ ୪ ଆଥଲେଟ୍

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)**

ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ପଞ୍ଜାବର ପଟିଆଲାରେ ୫ମ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ନାମୀ ଆଥଲେଟ୍‌ମାନେ ଅଂଶଗ୍ରହଣ କରିବେ। ଶଟ୍‌ପୁଟ, ଡିସ୍‌କସ୍, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋରେ ପ୍ରତିଯୋଗୀମାନେ ଆକ୍ସନରେ ଦେଖିବାକୁ ମିଳିବେ। ଏଏଫ୍‌ଆଇ ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ ଓଡ଼ିଶାରୁ ୪ ଆଥଲେଟ୍ ଏଥିରେ ଭାଗ୍ୟ ପରୀକ୍ଷା କରିବେ। ଏହା ମଧ୍ୟରେ ୨ ମହିଳା ଓ ୨ ପୁରୁଷ ଆଥଲେଟ୍ ସାମିଲ। ସେମାନେ ହେଲେ ଅଙ୍କିତା ମହାପାତ୍ର, ଦିବ୍ୟା ସାଣ୍ଡିଲ୍ୟ, କିଶୋର କୁମାର ଜେନା ଏବଂ ଓଁକାର ପ୍ରସାଦ ନନ୍ଦ। ପ୍ରଥମ ଦିବସ ସକାଳ ୮ଟା ୩୦ରେ ୧୮ ବର୍ଷରୁ କମ୍ ମହିଳା ଶଟ୍‌ପୁଟ ଫାଇନାଲରୁ ପ୍ରତିଯୋଗିତା ଆରମ୍ଭ ହେବ। ସମାନ ସମୟରେ ୨୦ ବର୍ଷରୁ କମ୍ ମହିଳା ହାମର ଥ୍ରୋ ଫାଇନାଲ ମଧ୍ୟ ଆରମ୍ଭ ହେବ। ୨୦ ବର୍ଷରୁ କମ୍ ମହିଳା ଶଟ୍‌ପୁଟ୍ ଫାଇନାଲ ପୂର୍ବାହ୍ନ ୯ଟା ୧୦ରେ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଛି। ମହିଳା ବର୍ଗ ଜାଭେଲିନ୍ ଥ୍ରୋ ଫାଇନାଲ ୯ଟା ୪୦ରୁ ଆରମ୍ଭ ହେବ।

## ଭାରତ ୧୯୮: ଅଷ୍ଟ୍ରେଲିଆ ୯୬/୩

**ପର୍ଥ, ୬।୩**



ପ୍ରଥମ ଟେଷ୍ଟ ଉଇକେଟ ହାସଲ ପରେ ଉଲ୍ଲସିତ ଭାରତର ସାୟଲି ସାତଘରେ।

ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭ୍ରମଣକାରୀ ଭାରତ ଏବଂ ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏହାର ପ୍ରଥମ ଇନିଂସରେ ୧୯୮ରନ କରି ଅଲଆଉଟ ହୋଇଯାଇଛି। ଦଳ ତରଫରୁ ଟପ୍ ସ୍କୋରର ଜେମିମା ରୋଡ୍ରିଗ୍ସ ୫୨, ଶେଫାଳି ବର୍ମା ୩୫ ରନ କରିଥିବା ବେଳେ କାସଭି ଗୌତମ ୩୪ ରନ କରି ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ଦଳର ସବୁଠାରୁ ସଫଳ ବୋଲର ଭାବେ ଆନାବେଲ୍ ସଦରଲାଣ୍ଡ ୪୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବାବେଳେ ଲୁସି ହାମିଲଟନ ୩ ଓ ଡାର୍ସି ବ୍ରାଉନ ୨ ଉଇକେଟ ନେଇଛନ୍ତି। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୯୬ ରନ କରିଛି। ଏଲିସ ପେରୀ ୪୩ ଓ ଆନାବେଲ ସଦରଲାଣ୍ଡ ୨୦ରନ କରି ଅପରାଜିତ ଅଛନ୍ତି। ଭାରତ ତରଫରୁ ସାୟଲି ସାତ୍‌ଘରେ ୨୪ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଛନ୍ତି।

## ବ୍ରାଜିଲିଆନ ଫୁଟ୍‌ବଲ ଖେଳାଳି ୧୨ ମ୍ୟାଚରୁ ସସ୍‌ପେଣ୍ଡ

**ସାଓ ପାଉଲୋ (ବ୍ରାଜିଲ), ୬।୩ (ଏପି):** ସାଓ ପାଉଲୋ ଷ୍ଟେଟ୍ ଲିଗ୍‌ର ଏକ ଗେମ୍‌ରେ ଜଣେ ମହିଳା ରେଫରିଙ୍କୁ ଯୌନ ସମ୍ବନ୍ଧୀୟ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବ୍ରାଜିଲର ଏକ ସ୍ପୋର୍ଟ୍ସ କୋର୍ଟ ରେଡ୍‌ବୁଲ୍ ବ୍ରାଗାଣ୍ଟିନୋ କ୍ଲବର ଜଣେ ଡିଫେଣ୍ଡରଙ୍କୁ ୧୨ଟି ମ୍ୟାଚ୍‌ରୁ ସସ୍‌ପେଣ୍ଡ କରିଛନ୍ତି। ଡିଫେଣ୍ଡର ମର୍କ୍ୱେଜଙ୍କୁ ମଧ୍ୟ ୩୦,୦୦୦ ବ୍ରାଜିଲିଆନ ରିଆଲ୍ ଆର୍ଥିକ ଦଣ୍ଡ କରାଯାଇଛି।

## ଲାଇଟନିଂ ଲିଜେଣ୍ଡ ଚଣ୍ଡିଗଡ଼ ବିଜୟୀ

**ଟିଲୋ କପ୍ ଉଦ୍‌ଘାଟିତ**

**ବନ୍ତ,୬।୩ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ଠାରେ ଶୁକ୍ରବାର ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ପୁଲ୍-'ଏ'ର ପ୍ରଥମ ମ୍ୟାଚ୍ ଲାଇଟନିଂ ଲିଜେଣ୍ଡ ଚଣ୍ଡିଗଡ଼ ଓ ଜେ.ପି. ସ୍ପୋର୍ଟ୍ସ ନୋଇଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେ.ପି. ସ୍ପୋର୍ଟ୍ସ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଲାଇଟନିଂ ଲିଜେଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୯.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ରମଣ ବିଷ୍ଣୋଇ ୨୧ ବଲ୍‌ରେ ୩୦ ଓ ଅଙ୍କିତ ନରୱାଲ ୩୩ ବଲ୍‌ରେ ୨୫ ଓ ସୁନୀଲ ଚୋପ୍ରା ୧୬ ବଲ୍‌ରେ ୨୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ସୁନ୍ଦରମ ଦୁବେ ୪, ପ୍ରବୀଣ ଯାଦବ ୨ ଓ କମରାନ୍ ଖାନ୍ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଜେ.ପି. ସ୍ପୋର୍ଟ୍ସ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ଫଳରେ ଏହି ମ୍ୟାଚ୍‌ରେ ଲାଇଟନିଂ ଲିଜେଣ୍ଡ ବିଜୟ ହାସଲ କରିଛି। ଦଳ ପକ୍ଷରୁ ଶୁଭମ ଯାଦବ ୧୭ ବଲ୍‌ରେ ୨୪, ରାହୁଲ ଯାଦବ ୧୧ ବଲ୍‌ରେ ୧୮ ଓ କମରାନ୍ ଖାନ୍ ୬ ବଲ୍‌ରେ ୧୭ ରନ୍ କରିଥିଲେ। ପ୍ରତିପକ୍ଷ ଲାଇଟନିଂ ଲିଜେଣ୍ଡର ବୋଲର ଭଗ୍‌ମେନ୍ଦର ଲାଠେର ୪, ଅଙ୍କିତ୍ ନରୱାଲ ୨ ଓ ଅଭିଷେକ ବାବର ଗୋଟିଏ ଉଇକେଟ ନେଇଥିଲେ। ଅଙ୍କିତ ନରୱାଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ, ବିଭୁ ପ୍ରସାଦ ମିଶ୍ର, ରଞ୍ଜନ ବେହେରା, ଭାଷ୍ୟକାର ଭାବେ ରସିଦ୍ ଉଲ ଓହିଦ୍, ପିଚ୍ କ୍ୟୁରେଟର ପୂର୍ଣ୍ଣେନ୍ଦୁ ଜେନା, ମଳୟ କୁଅଁର, ସ୍କୋରର ଭାବେ ସୌରଜିତ୍ ସାହୁ ଓ ପ୍ରକାଶ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ।

ଅତିଥି ଭାବେ ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଓ ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, କନିଷ୍ଠ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ପୂର୍ବତନ ସରପଞ୍ଚ ନୀହାରିକା ରାଉତ, ବିଜୟ ନାୟକ, ବରିଷ୍ଠ ଉପଦେଷ୍ଟା ଲିଙ୍ଗରାଜ ସ୍ୱାଇଁ, ମନମୋହନ ସାହୁ, ଡ. ମନ୍ମଥ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ନେସ୍କେଜ ହାଇଦ୍ରାବାଦ ଏବଂ ଏ ଆଣ୍ଡ ଏସ୍ କୋଲ୍‌କାତା ମଧ୍ୟରେ ପୁଲ-'ଏ'ର ୨ୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କର ସୂଚନା ଦେଇଛନ୍ତି।




ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## କିଟ୍ ପୁରୁଷ ଦଳକୁ ସର୍ବଭାରତୀୟ ଯୋଗ୍ୟତା

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍**

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ (ପୁରୁଷ) ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍‌ରେ ଏହି ପ୍ରତିଯୋଗିତା ୫ ଦିନଧରି ଆୟୋଜନ ହୋଇଥିଲା। ଏଥିରେ ପୂର୍ବାଞ୍ଚଳରେ ଅବସ୍ଥିତ ୩୦ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ପାଖାପାଖି ୩୦୦ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷ ହେବାପରେ ୪ଟି ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ (ପୁରୁଷ) ପ୍ରତିଯୋଗିତା ଲାଗି ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଦଳଗୁଡ଼ିକ ହେଲେ ପଶ୍ଚିମବଙ୍ଗର ଆଡାମାସ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଅଫ୍ କୋଲକାତା ଏବଂ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଫିଡେ ସିନିୟର ଟ୍ରେନର ଅନ୍ତର୍ଜାତୀୟ ମାଷ୍ଟର ଶେଖର କୁମାର ସାହୁ, ଏଆଇୟୁ ପର୍ଯ୍ୟବେକ୍ଷକ ଧନୁ ଏମ୍.ଆର, କିସ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଟି୨୦ ବିଶ୍ୱକପ୍ ଫାଇନାଲ**

## ମ୍ୟାଚ ପରିଚାଳନା କରିବେ ଇଲିଙ୍ଗୱର୍ଥ ଓ ହ୍ୱାର୍ଫ

**ନୂଆଦିଲ୍ଲୀ, ୬।୩ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଫାଇନାଲ ପରିଚାଳନା କରିବେ ଇଂଲିଶ ଯୋଡ଼ି ରିଚାର୍ଡ ଇଲିଙ୍ଗ ୱର୍ଥ ଓ ଆଲେକ୍ସ ହ୍ୱାର୍ଫ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶନିବାର ଘୋଷଣା କରାଯାଇଛି। ଇଲିଙ୍ଗୱର୍ଥ କ୍ରମାଗତ ଦ୍ୱିତୀୟ ଥର ପାଇଁ ପୁରୁଷ ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ ପରିଚାଳନା କରିବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୨୪ରେ କ୍ରିସ୍ ଗାଫାନିଙ୍କ ସହିତ ମ୍ୟାଚ ପରିଚାଳନା କରିଥିଲେ। ଇଲିଙ୍ଗୱର୍ଥଙ୍କ ସହିତ ଯୋଗଦେବେ ତାଙ୍କ ଦେଶର ହ୍ୱାର୍ଫ। ଏହା ତାଙ୍କର ହେବ ପ୍ରଥମ ଆଇସିସି ବିଶ୍ୱକପ୍ ଫାଇନାଲ। ଏହି ଯୋଡ଼ି ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିଜୟ ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ